**ଅଲ୍ଲାଃତାଲାଙ୍କ ବାଣୀ**

وَاٰخَرِيۡنَ مِنۡهُمۡ لَمَّا يَلۡحَقُوۡا بِهِمۡ وَهُوَ الۡعَزِيۡزُ الۡحَكِيۡمُ ذٰلِكَ فَضۡلُ اللّٰهِ يُؤۡتِيۡهِ مَنۡ يَّشَآءُ‌ؕ وَاللّٰهُ ذُو الۡفَضۡلِ الۡعَظِيۡمِ

**(ଅଲ୍ ଜୁମା-4-5)**

ଅନୁବାଦ : ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସଂପ୍ରଦାୟ-ରେ ମଧ୍ୟ ସେ ତାହାଙ୍କୁ ପ୍ରେରଣ କରିବେ ଯେଉଁମାନେ ଅଦ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରି ନାହାନ୍ତି ଏବଂ ସେ ହିଁ ପରାକ୍-ରମୀ ଏବଂ ତତ୍ତ୍ୱଜ୍ଞଏହା ହିଁ ଅଲ୍-ଲାଃଙ୍କର କୃପା, ସେ ଯାହାକୁ ଇଚ୍ଛା କରନ୍ତି ତାହାକୁ ପ୍ରଦାନ କରନ୍ତି ବାସ୍ତବିକ ଅଲ୍ଲାଃ ହିଁ ଅତ୍ୟନ୍ତ କୃପାଶୀଳ ।


بِسۡمِ اللّٰهِ الرَّحۡمٰنِ الرَّحِيۡمِ   نَحۡمَدُهٗ وَنُصَلِّيۡ عَلٰى رَسُوۡلِهِ الۡكَرِيۡمِ   وَعَلٰى عَبۡدِهِ الۡمَسِيۡحِ الۡمَوۡعُوۡدِ

وَلَقَدۡ نَصَرَكُمُ اللّٰهُ بِبَدۡرٍ وَّاَنۡتُمۡ اَذِلَّةٌ

ଖଣ୍ଡ: 9

**ସମ୍ପାଦକ:**

କମ୍ଫୁଲ୍ ହକ୍ ଖାନ୍

**ସହ ସମ୍ପାଦକ:**

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ

# ବଦର

Weekly

କାଦିଆନ

# BADAR

Qadian

Odia

ସଂଖ୍ୟା: 10-12

ବାର୍ଷିକ ଦେୟ : 600/-

www.akhbarbadr.in

4-18 ଶାବାନ୍ 1445 ହି.କ, 07-21 ତବଲିଗ୍ 1403 ହି.ଶ, 07-21 MARCH 2024 ମସିହା



**ଅହମଦିୟା ଖବର**

ଅଲ୍‌ହମ୍‌ଦୁ ଲିଲ୍ଲାଃ ହୁଜୁର ଅନ୍‌ୱର୍ ଅ.ବ ସକୁଶଳ ଅଛନ୍ତି ।

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ତା- 9 ଫେବୃୟାରୀ 2024 ମସିହାରେ ମସ୍‌ଜିଦ୍ ମୁବାରକ (ଇସ୍‌ଲାମାବାଦ୍) ୟୁ.କେରୁ ଚକ୍ଷୁ ବର୍ଦ୍ଧକ ଖୁତ୍‌ବା ଜୁମା ପ୍ରଦାନ କଲେ ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନିଜର ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର୍ ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## "ଇସ୍‌ଲାମ୍ ଧର୍ମର ବିଦ୍ୱାନ୍ ମନିଷୀଙ୍କ ଦୃଷ୍ଟିରେ ହ. ଇମାମ୍ ମେହଦୀ ଓ ମସିହ୍ ମଉଦ୍ ଅ.ସଙ୍କ ପଦ ମର୍ଯ୍ୟାଦା ।"



### ଇମାମ୍ ମେହ୍‌ଦୀ ଅ.ସଙ୍କ ଆଭ୍ୟନ୍ତରୀଣ ହ. ମୁହମ୍ମଦ୍ ସ.ଅଙ୍କର ଆଭ୍ୟନ୍ତରୀଣ ସହିତ ସମକକ୍ଷ ହେବ

**ହ. ଇମାମ୍ ମୁହିଉଦ୍ଦୀନ୍ ଇବ୍‌ନେ ଅରବି ରହେମତୁଲ୍ଲାଃ ଅଲୈଃ କୁହନ୍ତି:**

"ଶେଷ ଯୁଗରେ ଯେଉଁ ଇମାମ୍ ମେହଦୀ ଆସିବେ ସେ ଧର୍ମବିଧାନର ଏବଂ ଆଁହଜରତ ସ.ଅଙ୍କ ଆଦେଶାବଳୀର ଆଜ୍ଞାଧୀନ ହେବେ (ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍ ଓ ଆଁହଜରତ୍ ସ.ଅଙ୍କର ଆଜ୍ଞା ପାଳନ କରିବେ) । ଜ୍ଞାନ, ବିଦ୍ୟ ଏବଂ ବାସ୍ତବତାରରେ ଆଁହଜରତ ସ.ଅଙ୍କ ବ୍ୟତୀତ ସମସ୍ତ ଅବତାର ଏବଂ ସନ୍ଥମାନେ ଇମାମ୍ ମେହଦୀଙ୍କ ଆଜ୍ଞାଧୀନ (ଅର୍ଥାତ୍ ଇମାମ୍ ମେହ୍‌ଦୀଙ୍କ ଆଜ୍ଞା ପାଳନ କରିବେ) ହେବେ)......କାରଣ ଇମାମ୍ ମେହ୍‌ଦୀଙ୍କ ଆଭ୍ୟନ୍ତରୀଣ ହ. ମୁହମ୍ମଦ ସ.ଅଙ୍କ ଆଭ୍ୟନ୍ତରୀଣ ସହିତ ସମକକ୍ଷ ହେବ ।" (ଶରହ୍ ଫୁସୁସୁଲ୍ ହକମ୍, ପ୍ରକାଶକ-ଅଜ୍ ଜାହିର୍ ମିସ୍ରିୟାହ୍, ପୃ-51)

### ଇମାମ୍ ମେହ୍‌ଦୀ ଓ ମସିହ୍ ମଉଦ୍‌ଙ୍କ ମଧ୍ୟରେ ନବି ଶିରୋମଣି ସ.ଅଙ୍କ ଆଲୋକ ପ୍ରତିବିମ୍ବିତ ହେବ

**ହ. ଶାହ୍ ୱଲିଉଲ୍ଲାଃ ମୁହଦ୍ଦିସ୍ ଦେହେଲ୍‌ୱୀ ରହେମତୁଲ୍ଲାଃ ଅଲୈଃ କୁହନ୍ତି:**

"ମୁହମ୍ମଦୀୟ ସଂପ୍ରଦାୟରେ ଆଗମନକାରୀ ପ୍ରତିଶୃତ ମସିହ୍‌ର ଏହି ଅଧିକାର ହେବ ଯେ, ତା' ମଧ୍ୟରେ ନବି ଶିରୋମଣି ସ.ଅଙ୍କ ଆଲୋକ ପ୍ରତିବିମ୍ବିତ ହେବ । ଜନସାଧାରଣ ଏହି ମନେକରନ୍ତି ଯେ, ଯେତବେଳେ ସେହି ପ୍ରତିଶୃତ ମସିହ୍ ମର୍ତ୍ତ୍ୟମଣ୍ଡଳକୁ ଆସିବେ ସେତେବେଳେ ତାହାଙ୍କର ପ୍ରତିଷ୍ଠା ତଥା ମର୍ଯ୍ୟାଦା କେବଳ ଜଣେ ଉମ୍ମତି (ଧର୍ମାବଲମ୍ବୀଙ୍କ) ପରି ହେବ, ଏପରି କଦାପି ନୁହଁ । ବରଂ ସେହି ପ୍ରତିଶୃତ ମସିହ୍ ମୁହମ୍ମଦ ସ.ଅଙ୍କ ନାମର ପୂର୍ଣ୍ଣ ବ୍ୟାଖ୍ୟାକାରୀ ହେବ ଓ ତାହାଙ୍କର (ଆଁହଜରତ ସ.ଅଙ୍କର) ଦ୍ୱିତୀୟ ପାଣ୍ଡୁଲିପି ହେବ । ସୁତରାଂ ପ୍ରତିଶୃତ ମସିହ୍ ମଧ୍ୟରେ ଏବଂ ଏକ ସାଧାରଣ ମୁସଲମାନ ଧର୍ମାବଲମ୍ବୀ ମଧ୍ୟରେ ଏକ ଜ୍ୱଳନ୍ତ ପାର୍ଥକ୍ୟ ହେବ ।"

(ଅଲ୍ ଖୈରୁଲ୍ କସିର୍, ଲେଖକ- ହ. ଶାହ୍ ୱଲିଉଲ୍ଲାଃ ମୁହଦ୍ଦିସ୍ ଦେହେଲ୍‌ୱୀ, ପୃ-72, ମଦିନା ପ୍ରେସ୍ ବିଜ୍‌ନୌର୍)

### ଇମାମ୍ ମେହ୍‌ଦୀ ଓ ମସିହ୍ ମଉଦ୍‌ଙ୍କର ସମସ୍ତ ଅବତାରମାନଙ୍କ ସହିତ ଥିବା ସଂପର୍କ

**ହ. ଇମାମ୍ ବାକିର୍ ରହେମତୁଲ୍ଲାଃ ଅଲୈଃ କୁହନ୍ତି:**

"ଯେତେବେଳେ ଇମାମ୍ ମେହ୍‌ଦୀ ଆବିର୍ଭୂତ ହେବେ ସେତେବେଳେ ସେ ଏହି ଘୋଷଣା କରିବେ, ହେ ଲୋକମାନେ ! ତୁମମାନଙ୍କୁ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ଇବ୍ରାହିମ୍ ଓ ଇସ୍‌ମାଇଲ୍ ଅ.ସଙ୍କୁ ଦେଖିବାକୁ ଚାହେଁ ତେବେ ସେ ଶୁଣିରଖୁ କି ମୁଁ ହିଁ ଇବ୍ରାହିମ୍ ଅ.ସ ଓ ଇସମାଇଲ୍ ଅ.ସ ଅଟେ । ତୁମମାନଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ମୁସା ଅ.ସ ଓ ୟୁଶାଙ୍କୁ ଦେଖାବାକୁ ଚାହୁଁଛି ତେବେ ସେ ଶୁଣିରଖୁ କି ମୁଁ ହିଁ ମୁସ୍ ଅ.ସ ଓ ୟୁଶା ଅଟେ । ତୁମମାନଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ଇସା ଅ.ସ ଓ ଶମ୍‌ଉନ୍‌ଙ୍କୁ ଦେଖିବାକୁ ଚାହୁଁଛି ତେବେ ସେ ଶୁଣିରଖୁ କି ଇସା ଅ.ସ ଓ ଶମଉନ୍ ମୁଁ ହିଁ ଅଟେ । ସେହିପରି ତୁମମାନଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ହ. ମୁହମ୍ମଦ ମୁସ୍ତଫା ସ.ଅ ଓ ହ. ଅମୀରୁଲ୍ ମୁମିନିନ୍ ଅଲୀ ର.ଅଙ୍କୁ ଦେଖିବାକୁ ଚାହୁଁଛି ତେବେ ସେ ଶୁଣିନେଉ ଯେ, ମୁହମ୍ମଦ୍ ମୁସ୍ତଫା ସ.ଅ ଓ ଅମୀରୁଲ୍ ମୁମିନିନ୍ ମୁଁ ହିଁ ଅଟେ ।

(ବିହାରୁଲ୍ ଅନ୍‌ୱାର୍, ଭାଗ-53, ବାବ୍- ମା ୟକୁନୁ ଇନ୍ଦା ଜୁହୁରି ଅଲୈହି ସଲାମ୍)

لَا اِلٰهَ اِلَّا اللّٰهُ مُحَمَّدٌ رَّسُوْلُ اللّٰهِ

# ସମ୍ପାଦକୀୟ ହ. ମସିହ୍ ମଉଦ୍ ଅ.ସଙ୍କ ମହାନ ପଦ ମର୍ଯ୍ୟାଦା

(ମନ୍ସୁର ଅହେମଦ ମସ୍ରୁର, ସମ୍ପାଦକ ଉର୍ଦ୍ଦୁ ବଦର୍)


| କ୍ର.ନଂ | ସୂଚୀପତ୍ର | ପୃ.ସଂଖ୍ୟା |
|---|---|---|
| ୧. | ସମ୍ପାଦକୀୟ (ହ. ମସିହ୍ ମଉଦ୍ ର.ଅଙ୍କ ମହାନ ପଦ ମର୍ଯ୍ୟାଦା) | ୨,୧୪ |
| ୨ | ଖତୁବା ଜୁମା ହୁଜୁର ଅନୱର୍ ଅ.ବ | ୩-୧୦ |
| ୩. | ଖତୁବା ଜୁମା ହୁଜୁର ଅନୱର୍ ଅ.ବ | ୧୧-୧୬ |
| ୪. | ରମଜାନୁଲ୍ ମୁବାରକର ସମସ୍ତ ରୋଜା ଅନିର୍ବାର୍ଯ୍ୟ ଅଟେ | ୧୭, ୧୬-୧୦ |
| ୫. | ପୁଣ୍ୟଶ୍ଳୋକ ହ. ମସିହ୍ ମୁଦ୍ ଅ.ସଙ୍କ ମର୍ଯ୍ୟାଦା | ୧୮-୨୨ |
| ୬. | ହ. ମୁସଲେହ୍ ମଉଦ୍ ର.ଅଙ୍କ ମହାନ ପଦ ମର୍ଯ୍ୟାଦା | ୧୩,୧୨ |
| ୭. | ଖୁଲାସା ଖୁତବା ଜୁମା (୨୪-୦୩-୨୦୨୩) | ୨୨-୨୪ |


ପବିତ୍ର କୁରଆନ୍ କରୀମ୍, ଆହଦିସ୍ ଓ ବିଗତ ଧର୍ମ ଗ୍ରନ୍ଥମାନଙ୍କରେ ବର୍ଣ୍ଣିତ ଭବିଷ୍ୟବାଣୀ ଅନୁଯାୟୀ ଅଲ୍ଲାଃତାଲା ସୟେଦିନା (ପୁଣ୍ୟଶ୍ଳୋକ) ହ. ମସିହ୍ ମଉଦ୍ ଅ.ସଙ୍କୁ ଚତୁର୍ଦ୍ଦଶ ଶତାବ୍ଦୀର ପ୍ରାରମ୍ଭରେ ଯାହାକି ଅତ୍ୟନ୍ତ ଘନ ଅନ୍ଧକାର, ଅବିଶ୍ୱାସ ତଥା ବିପଥଗାମୀ ମାର୍ଗ କାଳରେ ଇମାମ୍ ମେହ୍ଦୀ କରି ପ୍ରେରଣ କଲେ। ସୁତରାଂ ଅଲ୍ଲାଃତାଲା ଆପଣ ଅ.ସଙ୍କ ଭବ୍ୟ ତଥା ମହାନ୍ ମିଶନ ସଂକ୍ରାନ୍ତରେ ପବିତ୍ର କୁରଆନ୍ କରୀମ୍‌ରେ ଏହି ଶବ୍ଦ ଦ୍ୱାରା ବର୍ଣ୍ଣନା କରନ୍ତି ଯେ, لِيُظْهِرَهٗ عَلَى الدِّيْنِ كُلِّهٖ **(ସୁରତୁସ୍ ସଫ୍: 10)** ଅର୍ଥାତ୍ ସେ ତାହାଙ୍କୁ ସମସ୍ତ ଧର୍ମ ଉପରେ ବିଜୟୀ ମଣ୍ଡିତ କରିବେ ।

ସେହିପରି ହଦିସ୍‌ରେ ଆଁହଜରତ ସ.ଅ ଆପଣ ଅ.ସଙ୍କ ମହାନ ମିଶନ ସଂକ୍ରାନ୍ତରେ ଏହି ଶବ୍ଦାବଳୀ ଦ୍ୱାରା ଉଲ୍ଲେଖ୍ କରିଛନ୍ତି ଯେ, لَوْ كَانَ الْاِيْمَانُ عِنْدَ الثُّرَيَّا لَنَالَهٗ رَجُلٌ اَوْ رِجَالٌ مِّنْ هٰٓؤُلَآءِ ଅର୍ଥାତ୍ ବିଶ୍ୱାସ ଯେତେବେଳେ ଭୂପୃଷ୍ଠରୁ ନିଶ୍ଚିହ୍ନ ହୋଇ କୃତିକା ତାରକାରେ ଯାଇ ପହଞ୍ଚିଯିବ ସେତେବେଳେ ଇମାମ୍ ମେହ୍ଦୀ ପୁନଃ ତାହାକୁ ଅର୍ଥାତ୍ ସେହି ବିଶ୍ୱାସକୁ ଭୂପୃଷ୍ଠରେ ସ୍ଥାପନ କରିଦେବେ ।

ଉପରୋକ୍ତ ଆୟତ୍ ଓ ହଦିସ୍ ହ. ମସିହ୍ ମଉଦ୍ ଅ.ସଙ୍କ ମହାନ ମର୍ଯ୍ୟାଦା ଓ ପ୍ରତିଷ୍ଠା ସଂପର୍କରେ ପ୍ରତିପାଦିତ କରିଥାଏ । ସଂସାରର ସମସ୍ତ ବ୍ୟକ୍ତିଙ୍କର ଚିନ୍ତାଧାରା ପରିବର୍ତ୍ତିତ ହୋଇଯାଉ ପଛେ କିନ୍ତୁ ଜଣେ ବ୍ୟକ୍ତିର ଚିନ୍ତାଧାରାକୁ ପରବିର୍ତ୍ତନ କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର ଅଟେ । କିନ୍ତୁ ଇସ୍‌ଲାମ୍ ଧର୍ମର ଈଶ୍ୱର ଯେତେବେଳେ କୌଣସି କାର୍ଯ୍ୟ କରିବାର ମନସ୍ଥ କରି ନିଅନ୍ତି ତେବେ ସେହି କାର୍ଯ୍ୟଟି ଅବଶ୍ୟ ସଂପୂର୍ଣ୍ଣ ହୋଇଥାଏ । ତାହାଙ୍କ ନିମନ୍ତେ କୌଣସି କାର୍ଯ୍ୟ ଦୁଷ୍କର ଏଭଂ ଦୁଃସାଧ ନୁହେଁ । ଯେଉଁ ପରମେଶ୍ୱର ଇସ୍‌ଲାମ୍ ଧର୍ମକୁ ସମଗ୍ର ସଂସାରରେ ପରିବ୍ୟାପ୍ତ କରିଦେଲେ ସେ ଆଜି ମଧ୍ୟ ଶକ୍ତିଶାଳୀ ତଥା ସାମର୍ଥ୍ୟବାନ ଅଟନ୍ତି ଯେ, ସେ ସହସା ସଂସାରବାସୀଙ୍କର ଚିନ୍ତାଧାରାକୁ ପରିବର୍ତ୍ତନ କରିଦେବେ। ସେହି ପ୍ରଭୁ ଯଦି ଚାହିଁବେ ତେବେ ସେ ସଂସାରର କୋଣ ଅନୁକୋଣରେ ଏକେଶ୍ୱରବାଦର ପବନ ପ୍ରବାହିତ କରିଦେବେ । ସେହି ପ୍ରଭୁ ଯଦି ଚାହିଁବେ ତେବେ ସେ ଏକେଶ୍ୱରବାଦର ସେହି ସୂକ୍ଷ୍ମ ତାରକୁ ସ୍ପର୍ଶ କରିଦେବେ ଯାହାକି ପ୍ରତ୍ୟେକ ଲୋକମାନଙ୍କର ହୃଦୟରେ ତଥା ସ୍ୱଭାବରେ ଦବି ଯାଇଛି ଏବଂ ନିଜର ପ୍ରେମ, ସ୍ରଷ୍ଟା ଓ ମାଲିକଙ୍କ ପ୍ରେମରେ ମାନବ ଜାତିଙ୍କୁ ଏପରି କବଳିତ କରିଦେବେ ଯେ, ସେମାନେ ପାଗଳଙ୍କ ପରି ଦଉଡ଼ି ଆସି ସେହି ପରମେଶ୍ୱରଙ୍କ ଆସ୍ଥାନରେ ପଡ଼ିଯିବେ । ହଁ ଇସ୍‌ଲାମ୍ ଧର୍ମର ପରମେଶ୍ୱରଙ୍କ ଠାରେ ହିଁ ଏହି ସମସ୍ତ ଶକ୍ତି ବିଦ୍ୟମାନ ରହିଛି କାରଣ ସେ وَهُوَ عَلٰى كُلِّ شَيْءٍ ଅର୍ଥାତ୍ ସର୍ବ ଶକ୍ତିମାନ ଅଟନ୍ତି ।

ଏଥି ନିମନ୍ତେ ଅର୍ଥାତ୍ ସମଗ୍ର ସଂସାରରେ ଇସ୍‌ଲାମ ଧର୍ମର ବିଜୟର ମିଶନକୁ ଚରିତାର୍ଥ ତଥା ସଂପୂର୍ଣ୍ଣ କରିବା ନିମନ୍ତେ ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଏବଂ ମେହ୍ଦୀଏ ମାହୁଦଙ୍କୁ ପ୍ରେରଣ କଲେ । ଆପଣ ଅ.ସ ତାହାର ବୀଜ ବପନ କରିଦେଲେ, ଏହି ପାଦପ ବର୍ତ୍ତମାନ ଅଙ୍କୁରିତ ହୋଇ ବୃଦ୍ଧି ଲାଭ କରୁଅଛି ଏବଂ ପୃଥିବୀର 200ରୁ ଉର୍ଦ୍ଧ୍ୱ ରାଷ୍ଟ୍ରରେ ଏହାର ଶାଖା ପ୍ରଶଖା ପ୍ରସାରିତ ହୋଇଯାଇଛି। **ଅଲ୍‌ହମ୍‌ଦୁ ଲିଲ୍ଲାଃ** । ଆପଣ ଅ.ସଙ୍କର ଅବତୀର୍ଣ୍ଣ, ଆଗମନ ଓ ଆପଣ ଅ.ସଙ୍କ ଉପରେ ବିଶ୍ୱାସ ଆଣିବା କେତେ ଆବଶ୍ୟକ ତତ୍‌ସମ୍ବନ୍ଧରେ କେତେକ ଆଦେଶାବଳୀ ନିମ୍ନରେ ଉପସ୍ଥାପିତ କରାଯାଉଅଛି । ସୟେଦିନା ଇମାମ୍ ମେହ୍ଦୀ ମସିହ୍ ମଉଦ୍ ଅ.ସ କୁହନ୍ତି : "ଏହିପରି ସନ୍ଧିକ୍ଷଣ ମୁହୂର୍ତ୍ତରେ ପ୍ରକାଶିତ ହୋଇଥିବ ଯେ, ଯେତେବେଳେ ଇସ୍‌ଲାମୀୟ ବିଶ୍ୱାସରେ ମତଭେଦ ତଥା ମତାନୈକ୍ୟ ସୃଷ୍ଟି ହୋଇଯାଇଥିଲା, ଏପରି କୌଣସି ବିଶ୍ୱାସ ତଥା ଆସ୍ଥା ନଥିଲା ଯାହା ମଧ୍ୟରେ ମତଭେଦ ଦେଖାଦେଇ ନଥିବ । ଅର୍ଥାତ୍ ସର୍ବତ୍ର ମତଭେଦ ପରିଲକ୍ଷିତ ହେଉଥିଲା। ତେଣୁ କ'ଣ ମୋ ନିମନ୍ତେ ଏହା ଆବଶ୍ୟକ ନଥିଲା ଯେ,ମୁଁ ନିଜ ସତ୍ୟତାର କୌଣସି ପ୍ରାମାଣ୍ୟ ଉପସ୍ଥାପିତ କରିଦେବି । କାରଣ ଆବଶ୍ୟକତା ହିଁ ପ୍ରାମାଣ୍ୟ ଅଟେ ।"

**(ଜରୁରତୁଲ୍ ଇମାମ୍, ରୁହାନୀ ଖଜାଏନ୍, ଭାଗ-13, ପୃ-459)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ଅଲ୍ଲାଃତାଲା ସାଂପ୍ରତିକ ଯୁଗକୁ ଅନ୍ଧକାରପୂର୍ଣ୍ଣ ଯୁଗ ରୂପେ ପାଇ ଏବଂ ସଂସାରକୁ ଅବଚେତନ, ଅବଜ୍ଞତା, ଶିର୍କରେ ବୁଡ଼ିଥିବାର ଅବଲୋକନ କରି ବିଶ୍ୱାସ ଓ ସତ୍ୟନିଷ୍ଠତା ତଥା ଧର୍ମପରାୟଣତା ସତ୍ୟବାଦୀତା ଅବକ୍ଷୟ ହେଉଥିବାର ଅବଲୋକନ କରି ମୋତେ ପ୍ରେରଣ କଲେ । କାରଣ ସେ ସଂସାରରେ ପୁନଃ ଜ୍ଞାନାତ୍ମକ, ଶୈକ୍ଷିକ, ଚାରିତ୍ରିକ ଏବଂ ବିଶ୍ୱାସିକ ସତ୍ୟତାକୁ ପ୍ରତିଷ୍ଠିତ କରିଦେବେ ।

**(ଆଇନା କମାଲାତେ ଇସ୍‌ଲାମ୍, ରୁହାନୀ ଖଜାଏନ୍ ଭାଗ-5, ପୃ-251)**

ଆପଣ ଅ.ସ କୁହନ୍ତି: "ମୁଁ ସେହି ସମସ୍ତ ବ୍ୟକ୍ତିମାନଙ୍କ ନିମନ୍ତେ ପ୍ରେରିତ ହୋଇଅଛି ଯେଉଁମାନେ ଭୂପୃଷ୍ଠରେ ବାସ କରନ୍ତି, ସେ ପଛେ ଏସିଆବାସୀ ହୁଅନ୍ତୁ ଅବା ଇଉରୋପବାସୀ ହୁଅନ୍ତୁ କିମ୍ବା ଆମେରିକାବାସୀ ହୁଅନ୍ତୁ ।"

**(ତ୍ରିୟାକୁଲ୍ କୁଲୁବ୍, ରୁହାନୀ ଖଜାଏନ୍ ଭାଗ-15, ପୃ-515)**

ଆପଣ ଅ.ସ କୁହନ୍ତି:"ତୁମେମାନେ ଯଦି ବିଶ୍ୱାସକାରୀ ହୋଇଥାଅ ତେବେ ତୁମେମାନେ କୃତଜ୍ଞତାମୂଳକ ସିଜ୍‌ଦା କର । କାରଣ ସେହି ଯୁଗକୁ ଅପେକ୍ଷ କରି କରି ତୁମର ପୂର୍ବପୁରୁଷମାନେ ଇହଧାମ ତ୍ୟାଗ କରିଦେଲେ ଏବଂ ଅସଂଖ୍ୟା ଆତ୍ମା (ଲୋକମାନେ) ଏହି ଅଭିଳାଷା ରଖି ଇହଧାମ ତ୍ୟାଗ କଲେ, ସେହି ସମୟକୁ ତୁମେମାନେ ପ୍ରାପ୍ତ କରିନେଲ । ସୁତରାଂ ସେହି ଅସ୍ତିତ୍ୱ ଅର୍ଥାତ୍ ଯୁଗାବତାରଙ୍କୁ ସମ୍ମାନ ଜଣାଇବା ନଜଣାଇବା, ତାହାଙ୍କ ଠାରୁ ଉପକୃତ ହେବା ନହେବା ତୁମ ହସ୍ତରେ ରହିଛି ଏବଂ ତୁମ ଉପରେ ନିର୍ଭର କରେ । ମୁଁ ଉକ୍ତ ପ୍ରସଙ୍ଗକୁ ବାରମ୍ବାର ବର୍ଣ୍ଣନା କରିବି ଏବଂ ଏହାକୁ ପରିପ୍ରକାଶ ନକରି ମୁଁ ଆଦୌ ରହିପାରିବି ନାହିଁ । କାରଣ ମୁଁ ହେଉଛି ସେହି ଅସ୍ତିତ୍ୱ (ଅବତାର) ଯିଏ ମାନବଜାତିଙ୍କ ସଂଶୋଧନ ତଥା ସୁଧାର ନିମନ୍ତେ ପ୍ରେରିତ ହୋଇଅଛି । କାରଣ ଧର୍ମକୁ ସଦ୍ୟତମ ରୂପେ ଲୋକମାନଙ୍କ ମନରେ ଆସନ୍ନିତ କରିଦିଆଯାଉ ।"

**(ଫତହ୍ ଇସ୍‌ଲାମ୍, ରୁହାନୀ ଖଜାଏନ୍, ଭାଦ-3, ପୃ-8)**

ହ. ମସିହ୍ ମଉଦ୍ ଅ.ସଙ୍କର ଉପରୋକ୍ତ ଆଦେଶାବଳୀ ଆମମାନଙ୍କୁ ଚିନ୍ତା କରିବାକୁ ବାଧ୍ୟ କରିଦେଉଛି । କାରଣ ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କର ଯେଉଁ ଯୁଗକୁ ପ୍ରାପ୍ତ କରିଛେ ତାହା ସେହି ମହାନ ତଥା ଭବ୍ୟ ସଂପ୍ରଦାୟର ଉନ୍ନତି ଏବଂ ପ୍ରକାଶନ ସକାଶେ ଆପ୍ରାଣ ଉଦ୍ୟମ କରୁଛେ ଅବା ନୁହେଁ ? ନା କେବଳ ଚାନ୍ଦାରେ କିଛି ଅର୍ଥ ପ୍ରଦାନ କରି ନିଜକୁ ସମସ୍ତ ଦାୟିତ୍ୱରୁ ଦୋଷମୁକ୍ତ ବୋଲି ମନେକରୁଛେ ? ସୟେଦିନା ହ. ମସିହ୍ ମଉଦ୍ ଅ.ସଙ୍କ ମହାନ୍ ମର୍ଯ୍ୟାଦା ତଥା ପ୍ରତିଷ୍ଠା ସଂପର୍କରେ ନିମ୍ନରେ କେତେକ ବିବରଣୀ ପ୍ରଦାନ କରାଗଲା ।

ସୁରତୁଲ୍ ଜୁମାରେ ୱ ଆଖରିନା ମିନହୁମର ଶବ୍ଦରେ ହ. ମୁହମ୍ମଦ୍ ସ.ଅଙ୍କ ପୁନରାଗମନର ଯେଉଁ ଭବିଷ୍ୟବାଣୀ ଉଲ୍ଲେଖ କରାଯାଇଛି ତାହା ବାସ୍ତବରେ (ତହିଁରୁ ଯଥାର୍ଥ) ହ. ମସିହ୍ ମଉଦ୍ ଅ.ସ ହିଁ ଅଟନ୍ତି । ଅର୍ଥାତ୍ ଆପଣ ଅ.ସଙ୍କର ଛଦ୍ମ ବା ଛାୟୀ ଆବିର୍ଭୂତ ରୂପେ ମୁହମ୍ମଦ ସ.ଅଙ୍କର ଆଗମନ ବା ଆବିର୍ଭାବ ଅଟେ। ଆପଣ ଅ.ସଙ୍କର ଆଗମନ ହ. ମୁହମ୍ମଦ ମୁସ୍ତଫା ସ.ଅଙ୍କର ଆଗମନ ଅଟେ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୁଁ ..... وَّاٰخَرِيْنَ مِنْهُمْ ପ୍ରକଟନ ବା ପ୍ରକାଶ୍ୟ ରୂପେ ମୁଁ ସେହି ଖାତମୁଲ ଅମ୍ବିୟା (ଚୂଡ଼ାନ୍ତ ଧର୍ମାବତାର) ଯାହାର ନାମ ଆଜକୁ ପ୍ରାୟ 20 ବର୍ଷ ପୂର୍ବେ ବରାହିନେ ଅହେମଦିୟାରେ (ମୋର ନାମ) ମୁହମ୍ମଦ ଏବଂ ଅହେମଦ୍ ନାମିତ କରାଯାଇଛି ଏବଂ ମୋତେ ଆଁହଜରତ ସ.ଅଙ୍କର ସେହି ଅସ୍ତିତ୍ୱ ରୂପେ ବିବେଚିତ କରାଯାଇଛି ।"**(ଏକ ଗଲ୍‌ତି କା ଇଜାଲା, ରୁହାନୀ ଖଜାଏନ18)**

ସୁତରାଂ ଅଲ୍ଲାଃତାଲା ଯେଉଁ ଯୁଗାବତାରଙ୍କୁ ପ୍ରକାଶ୍ୟ ଏବଂ ଛାୟୀ ରୂପେ ଆଁହଜରତ ସ.ଅଙ୍କର ଅସ୍ତିତ୍ୱ ବୋଲି ବିବେଚିତ କଲେ, ନିଃସନ୍ଦେହ ରୂପେ ତା'ର ମର୍ଯ୍ୟାଦା ତଥା ମାହାତ୍ମ୍ୟ ଅତ୍ୟନ୍ତ ମହାନ ବା ଭବ୍ୟ ହେବ । ଏଠାରେ ଆମ୍ଭେ ଅତ୍ୟନ୍ତ ସଂକ୍ଷିପ୍ତ ରୂପେ ଏହା କହିଦେବାକୁ ଚାହୁଁଛୁ ଯେ, ସୟେଦିନା ହ. ମସିହ୍ ମଉଦ୍ ଅ.ସ ନିଜର ଲେଖନୀରେ ଅନେକ ସ୍ଥାନରେ ଉକ୍ତ ପ୍ରସଙ୍ଗର ପରିପ୍ରକାଶ କରିଛନ୍ତି ଯେ, ଆପଣ ଅ.ସଙ୍କର ଯେଉଁ ଅସ୍ତିତ୍ୱ ତଥା ପ୍ରତିଷ୍ଠା ରହିଛି ତାହା ଆଁହଜରତ ସ.ଅଙ୍କର ପୂର୍ଣ୍ଣ ଆଜ୍ଞାବହତ୍ୱତା ଏବଂ ଆପଣ ଅ.ସଙ୍କର ପ୍ରତି ପୂର୍ଣ୍ଣ ତଥା ଅନାବିଳ ପ୍ରେମ ଯୋଗୁଁ ଅଟେ । ଆପଣ ଅ.ସଙ୍କ ନିଜର ବୋଲି କିଛି ନାହିଁ ବରଂ ଯାହା କିଛି ରହିଛି ତାହା ଆଁହଜରତ ସ.ଅଙ୍କର ବୋଲି ଦର୍ଶାଇଛନ୍ତି । **(ଅବଶିଷ୍ଟାଂଶ..ପୃ14 ରେ)**

# (ଖୁତ୍‌ବା ଜୁମା)

**ତୁମମାନଙ୍କୁ ଶୁଭ ସମାଚାର ପ୍ରଦାନ କରାଯାଉଛି । ଅଲ୍ଲାଃତାଲା ମୋତେ ଦୁଇ ଗୋଷ୍ଠୀଙ୍କ ମଧ୍ୟରୁ ଗୋଟିଏ ଗୋଷ୍ଠୀ ଉପରେ ବିଜୟ ମଣ୍ଡିତ କରିବା ନିମନ୍ତେ ପ୍ରତିଶୃତି ପ୍ରଦାନ କରିଛନ୍ତି ।**

**ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ମୁଁ ବର୍ତ୍ତମାନ ସେହି ସ୍ଥାନ ଅବଲୋକନ କରୁଅଛି ଯେଉଁଠି ଶତ୍ରୁ ପକ୍ଷର ଲୋକମାନେ ନିହତ ହୋଇ ଟଳି ପଡ଼ିବେ ।**

---

**ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ବର୍ତ୍ତମାନ ଆପଣଙ୍କ ସତ୍ୟତା ଆମ ସମ୍ମୁଖରେ ଉଦ୍‌ଘାଟିତ ହୋଇ ସାରିଛି ଏବଂ ଆପଣଙ୍କ ମର୍ଯ୍ୟାଦା ଆମ ସମ୍ମୁଖରେ ସ୍ପଷ୍ଟ ହୋଇଯିବ । ବର୍ତ୍ତମାନ ଅନ୍ୟ କୌଣସି ଚୁକ୍ତିର ପ୍ରଶ୍ନ ଉଠୁ ନାହିଁ । ସମ୍ମୁଖରେ ସମୁଦ୍ର ରହିଛି ଆପଣ ଆମମାନଙ୍କୁ ଆଦେଶ ଦିଅନ୍ତୁ ଆମେମାନେ ନିଜର ଅଶ୍ୱମାନଙ୍କୁ ସେହି ସମୁଦ୍ରରେ ନିକ୍ଷେପ କରିଦେବା ନିମନ୍ତେ ପ୍ରସ୍ତୁତ ଅଛୁ । ଯଦି ଯୁଦ୍ଧ ହୁଏ ତେବେ ଈଶ୍ୱରଙ୍କ ଶପଥ କରି କହୁଛି ! ଆମେମାନେ ଆପଣ ସ.ଅଙ୍କର ବାମ ପାର୍ଶ୍ୱରେ ଲଢିବୁ, ଦକ୍ଷିଣ ପାର୍ଶ୍ୱରେ ଲଢିବୁ, ସମ୍ମୁଖରେ ଲଢିବୁ ଓ ପଶ୍ଚାତ ଭାଗରେ ମଧ୍ୟ ଲଢିବୁ । ଯେପର୍ଯ୍ୟନ୍ତ ଶତ୍ରୁ ଆମମାନଙ୍କର ଶବ ଉପରେ ଚଢି ଅତିକ୍ରମ କରିନେଇ ନାହିଁ ସେପର୍ଯ୍ୟନ୍ତ ଶତ୍ରୁ ଆପଣ ସ.ଅଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରିବ ନାହିଁ ।**

---

**ରସୁଲୁଲ୍ଲାଃ ସ.ଅ ଲୋକମାନଙ୍କ ଆଡ଼କୁ ମୁହଁ କରି କହିଲେ, هٰذِهٖ مَكَّةُ قَدْ اَلْقَتْ اِلَيْكُمْ اَفْلَاذَ كَبِدِهَا ଅର୍ଥାତ୍ ମକ୍କା ନିଜର କଲିଜା କାଢି ତୁମ ସମ୍ମୁଖରେ ପକାଇ ଦେଇଛି ।**

**ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ହ. ଅବୁ ବକ୍କର ର.ଅଙ୍କୁ ଆମେମାନେ ଆପଣ ସ.ଅଙ୍କ ସୁରକ୍ଷା ନିମନ୍ତେ ନିୟୋଜିତ କରିଦେଇଅଛୁ ଓ ଏହି ଦ୍ରୁତଗାମୀ ଓଟ ଆପଣ ସ.ଅଙ୍କ ନିକଟରେ ବାନ୍ଧି ଦେଇଛୁ । ଭଗବାନ ନକରନ୍ତୁ କି ଯଦି ଏପରି କୌଣସି ସମୟ ଆସେ କି ଆମେମାନେ ଗୋଟି ଗୋଟି କରି ଏଠାରେ ନିହତ ହୋଇଯାଉ ତେବେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହି ଓଟ ଉପରେ ଆପଣ ସ.ଅ ଆରୋହଣ ହୋଇ ମଦିନା ପହଞ୍ଚି ଯିବେ ।**

---

**ହେ ଅଲ୍ଲାଃ ! ଏହି କୁରୈଶ୍‌ମାନେ ଗର୍ବ ଓ ଅହଂକାରର ସହିତ ତୁମ୍ଭ ସହିତ ଏବଂ ତୁମ୍ଭର ବାର୍ତ୍ତାବହଙ୍କୁ ପ୍ରତ୍ୟାଖ୍ୟାନ କରିବା ନିମନ୍ତେ ଆସିଯାଇଛନ୍ତି । ତୁମ୍ଭେ ମୋତେ ସାହାଯ୍ୟ କରିବା ନିମନ୍ତେ ଯେଉଁ ପ୍ରତିଶୃତି ଦେଇଅଛ ତାହାକୁ ତୁମ୍ଭେ ପୂରଣ କର ଏବି ଆଜି ଏମାନଙ୍କର ସଂହାର କରିଦିଅ ।**

ବଦର୍ ଯୁଦ୍ଧ ପ୍ରସ୍ତୁତି ପର୍ବର ପରିସ୍ଥିତି ତଥା ଘଟଣାବଳୀ ଏବଂ ସମ୍ମାନିତ ସାହାବାଗଣଙ୍କର ନିଜର ପ୍ରିୟ ମୁନିବ ସ.ଅଙ୍କ ପ୍ରତି ଆସକ୍ତମୂଳକ ଆଜ୍ଞାବହତା ତଥା ପ୍ରେମର ବର୍ଣ୍ଣନା ।

**ଯାମିଆ ଅହେମଦିୟା ରବ୍‌ୱାର ପୂର୍ବତନ ପ୍ରିଂସିପାଲ ତଥା ମଦରସତୁଲ୍ ହିଫଜ୍‌ର ନିରୀକ୍ଷକ ଶିକ୍ଷକ ଶ୍ରୀଯୁକ୍ତ ସ୍ୱର୍ଗତ କାରି ମୁହମ୍ମଦ୍ ଆଶିକ୍ ହୁସୈନ୍ ସାହେବ ଓ ସେହିପରି ସିରୀୟାର ଶ୍ରୀଯୁକ୍ତ ନୁରୁଦ୍ଦୀନ୍ ଅଲ୍ ହସ୍‌ନି ସାହେବଙ୍କର ଉତ୍ତମ ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ।**

---

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 23 June 2023 ମସିହା ଅନୁଯାୟୀ ୨୩ ଇହସାନ୍ / ୧୪୦୨ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କା**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଯେପରିକି ପୂର୍ବ ଖୁତ୍‌ବାରେ ବର୍ଣ୍ଣିତ ହୋଇଥିଲା ଯେ, ଆଁହଜରତ ସ.ଅଙ୍କ ଦ୍ୱାରା ପ୍ରେରିତ ସମ୍ବାଦ ପ୍ରଦାନକାରୀମାନେ ଫେରି ଆସି ଆଁହଜରତ ସ.ଅଙ୍କୁ ଏକ ଯାତ୍ରୀସମୂହ କିମ୍ବା ଏକ ସୈନ୍ୟଦଳ ଆସିବା ସଂକ୍ରାନ୍ତରେ ସୂଚନା ପ୍ରଦାନ କଲେ । ଆଁହଜରତ ସ.ଅଙ୍କୁ ଯେତେବେଳେ ଉକ୍ତ ସୂଚନା ପ୍ରାପ୍ତ ହେଲା ଯେ, କୁରୈଶମାନଙ୍କର ସୈନ୍ୟଦଳ ବାଣିଜ୍ୟିକ ଯାତ୍ରୀସମୂହକୁ ରକ୍ଷା କରିବା ନିମନ୍ତେ ଆଗେଇ ଆସୁଛି ସେତେବେଳେ ରସୁଲୁଲ୍ଲାଃ ସ.ଅ ସାହାବାମାନଙ୍କ ଠାରୁ ପରାମର୍ଶ ଲୋଡ଼ିଲେ ସେମାନଙ୍କୁ କୁରୈଶ୍‌ର ସ୍ଥିତି ସଂପର୍କରେ ଅବଗତ କରାଇଲେ । ଏହା ଶୁଣି ହ. ଅବୁ ବକ୍କର ର.ଅ ଉଠିଲେ ଏବଂ ଅତ୍ୟନ୍ତ ସୁନ୍ଦର ବାର୍ତ୍ତାଳାପ କଲେ । ପୁନଶ୍ଚ ହ. ଉମର୍ ର.ଅ ଉଠିଲେ ଏବଂ ସେ ମଧ୍ୟ ଅତ୍ୟନ୍ତ ସୁନ୍ଦର ଢଙ୍ଗରେ ବାର୍ତ୍ତାଳାପ କଲେ । ପୁନଶ୍ଚ ହ. ମିକ୍‌ଦାଦ୍ ବିନ୍ ଉମର୍ ର.ଅ ଉଠିଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଅଲ୍ଲାଃତାଲା ଆପଣ ସ.ଅଙ୍କୁ ଯେଉଁଠି ଆଦେଶ ଦେଇଛନ୍ତି ଆପଣ ସେଠାକୁ ପ୍ରସ୍ଥାନ କରନ୍ତୁ ଆମେ ଆପଣଙ୍କ ସାଥିରେ ଅଛୁ । ଆମେମାନେ ଈଶ୍ୱରଙ୍କ ଶପଥ କରି କହୁଛୁ ! ଆମେମାନେ ଆପଣ ସ.ଅଙ୍କୁ ସେହି ଉତ୍ତର ଦେବୁ ନାହିଁ ଯାହା ବନି ଇସ୍ରାଇଲ୍ ହ. ମୁସା ଅ.ସଙ୍କୁ ଦେଇଥିଲେ ଯେ, **فَاذْهَبْ أَنْتَ وَرَبُّكَ فَقَاتِلَآ اِنَّا هٰهُنَا قٰعِدُوْنَ (ଅଲ୍ ମାଏଦା-25)** ଅର୍ଥାତ୍ ତୁମ୍ଭେ ଓ ତୁମ୍ଭର ପାଳନକର୍ତ୍ତା ଉଭୟେ ଯାଅ ଓ ସେମାନଙ୍କ ସହିତ ଯୁଦ୍ଧ କର ଆମେମାନେ ଅବଶ୍ୟ ଏହିଠାରେ ହିଁ ବସି ରହିବୁ। ବରଂ ଆମେମାନେ ଏହିପରି କହିବୁ ଯେ, ଆପଣ ଓ ଆପଣଙ୍କ ପ୍ରଭୁ ଯାଇ ଯୁଦ୍ଧ କରନ୍ତୁ ଏବଂ ଆମେମାନେ ମଧ୍ୟ ଆପଣ ସ.ଅଙ୍କ ସହିତ ମିଶି ଯୁଦ୍ଧ କରିବୁ ।

ସେହି ସତ୍ତାଙ୍କର ଶପଥ କରି କହୁଛି ! ଯିଏ ଆପଣ ସ.ଅଙ୍କୁ ସତ୍ୟର ସହିତ ପ୍ରେରଣ କରିଛନ୍ତି । ଆପଣ ସ.ଅ ଯଦି ଆମମାନଙ୍କୁ ବର୍କୁଲ୍ ଗମାଦ୍ ପର୍ଯ୍ୟନ୍ତ ବି ନେଇ ଯାଆନ୍ତି ତାହାହେଲେ ଆମେମାନେ ଅବଶ୍ୟ ଆପଣ ସ.ଅଙ୍କ ସହିତ ଚାଲିଯିବୁ । ବର୍କୁଲ୍ ଗମାଦ୍ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ଉକ୍ତ ସ୍ଥାନଟି ୟମନ୍‌ରେ ଅବସ୍ଥିତ ଏବଂ ପବିତ୍ର ଭୂମି ମକ୍କା ଠାରୁ ପାଞ୍ଚ କ୍ରୋଶ ଦୂରତାରେ ଅବସ୍ଥିତ। ଆରବୀୟମାନଙ୍କ ନିକଟରେ ବେଶୀରୁ ବେଶୀ ଦୂରତାର ଉପରୋକ୍ତ ଅର୍ଥ ମଧ୍ୟ ଥିଲା । ପୁନଶ୍ଚ ସେମାନେ (ସାହାବାମାନେ) କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆମେମାନେ ଆପଣ ସ.ଅଙ୍କ ସାହାଚର୍ଯ୍ୟତ୍ୱରେ ଶତ୍ରୁ ସହିତ ଯୁଦ୍ଧ କରି ଚାଲିବୁ ଏପର୍ଯ୍ୟନ୍ତକି ଆପଣ ସ.ଅ ସେଠାରେ ପହଞ୍ଚିଯିବେ । ରସୁଲୁଲ୍ଲାଃ ସ.ଅ ସେମାନଙ୍କୁ (ସାହାବାମାନଙ୍କୁ)ଉତ୍ତମ ବାଣୀ କହି ସମ୍ମାନିତ କଲେ ଏବଂ ସେମାନଙ୍କ ସପକ୍ଷରେ ଦୁଆ କଲେ । **(ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ, ପୃ-420-421, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍-2001 ମସିହାରୁ ଉଦ୍ଧୃତ) (ଗଜ୍‌ୱାତୁନ୍ ନବୀ ସ.ଅ, ଲେଖକ ଅବୁଲ୍ କଲାମ୍ ଆଜାଦ୍, ପୃ-30, ପ୍ରକାଶନ ସଂସ୍ଥା-ସିଟି ବୁକ୍ ପଏଣ୍ଟ 2014 ମସିହା)**

ଜଣେ ଲେଖକ ଉଲ୍ଲେଖ କରନ୍ତି ଯେ, ବର୍କୁଲ୍ ଗମ୍ମାଦ୍ ମକ୍କାର ଦକ୍ଷିଣ ଦିଗରେ ହାରାହାରି 420 କି.ମି ବ୍ୟବଧାନରେ ସାଧାରଣ ରାଜପଥରୁ ପୃଥକ ହୋଇ ଏକ ଦୂରବର୍ତ୍ତୀ ସ୍ଥାନ ଥିଲା ଯାହା ଯାତ୍ରାର ଦୂରତା ତଥା କ୍ଲୀଷ୍ଟତା ନିମନ୍ତେ ପ୍ରବାଦ ରୂପେ କୁହାଯାଉଥିଲା ଯେପରିକି ଉର୍ଦ୍ଦୁରେ କୋହେ କାଫ୍ (କାଫ୍ ଗୁମ୍ଫା) ବୋଲି କୁହନ୍ତି । ଏହା ଦୂରତାର ଅର୍ଥକୁ ସ୍ପଷ୍ଟ କରିଥାଏ ବା ସୂଚାଇଥାଏ । କହିବାର ତାତ୍ପର୍ଯ୍ୟ ଏହିକି

ଯେ, ଯେତେ ଇଚ୍ଛା ସେତେ ଦୂରକୁ ଚାଲି ଯାଆନ୍ତୁ ପଛେ ଆମେମାନେ ଆପଣ ସ.ଅଙ୍କ ସହିତ ଥିବୁ । **(ଦାଏରହ୍ ମାଆରିଫତ୍, ସୁରତ୍ ମୁହମ୍ମଦ ସ.ଅ, ଭାଗ-6, ପୃ-139, ବଜମେ ଇକବାଲ୍ ଲାହୋର, ଏପ୍ରିଲ୍ -2022 ମସିହା)**

ତତ୍‌ସଂକ୍ରାନ୍ତରେ ଏକ ସ୍ପଷ୍ଟୀକରଣ ମଧ୍ୟ ରହିଛି ଯେ, କେତେକ ଜୀବନୀ ଲେଖାଳୀମାନେ ଇତ୍ୟବସରରେ ଉକ୍ତ ପ୍ରଶ୍ନ ଉତ୍‌ଥାପିତ କରିଛନ୍ତି ଯେ, ହ. ମିକ୍‌ଦାଦ୍ ଅସୱଦ୍ ର.ଅ ଇତ୍ୟବସରରେ ଯେଉଁ ଆୟତ୍ ଆବୃତ୍ତି କରିଥିଲେ ତାହା ସୁରାହ୍ ମାଏଦାର ଆୟତ୍ ଅଟେ ଏବଂ ଉକ୍ତ ସୁରାହ୍ ବହୁ ସମୟ ପରେ ଅବତୀର୍ଣ୍ଣ ହୋଇଥିଲା । ସୁତରାଂ ଇତ୍ୟବସରରେ ଉକ୍ତ ସୁରାହ୍ ପାଠ କରିବା ସଠିକ୍ ସ୍ଥାନରେ ପାଠ କରାଯାଇଥିଲା ବୋଲି ପ୍ରତିତ ହେଉଛି କିନ୍ତୁ ବ୍ୟାଖ୍ୟାକାରମାନେ ଏହାର ବିଭିନ୍ନ ପକ୍ଷ ଏବଂ ବିଭିନ୍ନ ଦିଗ ଉପସ୍ଥାପିତ କରୁଛନ୍ତି । ଉଦାହରଣ ସ୍ୱରୂପ ସେମାନେ ବନି ଇସ୍ରାଇଲ୍‌ର ଉକ୍ତ କଥା ଇହୁଦୀମାନଙ୍କ ଠାରୁ ଶୁଣିଥିବେ କିମ୍ବା ପରବର୍ତ୍ତୀ ସମୟରେ କୌଣସି ବର୍ଣ୍ଣନାକାରୀ ଉକ୍ତ ଆୟତ୍ ସାମିଲ୍ କରି ଦେଇଥିବା ସେ ଯାହା ହେଉ ଉକ୍ତ ଆପତ୍ତିଟି ସେତେଟା ଗୁରୁତ୍ୱପୂର୍ଣ୍ଣ ନୁହେଁ । କାରଣ ଜୀବନୀ ପୁସ୍ତକରେ ବହୁଳ ରୂପେ ଉକ୍ତ ବର୍ଣ୍ଣନାଟି ବର୍ଣ୍ଣିତ ହୋଇଛି । ସେହିପରି ବୁଖାରୀର ଏକ ବ୍ୟଖ୍ୟା ଫତ୍‌ହୁଲ୍ ବାରି ଯାହାକି ଇବ୍‌ନେ ହଜରଙ୍କ ଦ୍ୱାରା ରଚିତ ଅଟେ । ତହିଁରେ ଉଲ୍ଲେଖ ରହିଛି ଯେ, ସୁରାହ୍ ମାଏଦା ସଂପୂର୍ଣ୍ଣ ସୁରତ୍ ହଜ୍ଜତୁଲ୍ ୱିଦା ଅବସରରେ ଅବତୀର୍ଣ୍ଣ ହୋଇଥିବା କଥା ଆଦୌ ସମୀଚୀନ ନୁହେଁ । ଏହାର କେତେକ ପଂକ୍ତି ଅନେକ କାଳ ପୂର୍ବେ ଅବତୀର୍ଣ୍ଣ ହୋଇସାରିଥିଲା । ତନ୍ମଧ୍ୟରୁ ଏକ ଆୟତ୍ ହ. ମିକ୍‌ଦାଦ୍ ବଦର ଅବସରରେ ତିଲାୱତ୍ କଲେ । କିନ୍ତୁ ସେ ଯାହା ହେଉ ଇହୁଦୀମାନଙ୍କ ଠାରୁ ହିଁ କଥା ଶୁଣିଥିଲେ । ସମ୍ଭବତଃ ତାହା ମଧ୍ୟ ସଠିକ୍ ହୋଇଥାଇ ପାରେ ?

ପୁନଶ୍ଚ ବର୍ଣ୍ଣିତ ହୋଇଛି ଯେ, ଏହି ତିନି ଜଣ ଅର୍ଥାତ୍ ହ. ଅବୁ ବକର ର.ଅ, ହ. ଉମର୍ ର.ଅ ଓ ହ. ମିକ୍‌ଦାଦ୍ ର.ଅ ପ୍ରବାସକାରୀଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ଅତଃ ରସୁଲୁଲ୍ଲାଃ ସ.ଅଙ୍କ ଇଚ୍ଛା ଥିଲା କି ଅନ୍‌ସାରମାନଙ୍କ ଠାରୁ ପରାମର୍ଶ ତଥା ମତାମତ ଲୋଡ଼ାଯାଉ । **(ଅର୍ ରହିକୁଲ୍ ମଖ୍‌ତୁମ୍, ଲେଖକ- ମୌଲାନା ସଫିଉର୍ ରହେମାନ ମୁବାରକ୍ ପୁରୀ, ପୃ-285, ଅଲ୍ ମକ୍‌ତବୁସ୍ ସିଫ୍‌ଲିୟାହ୍, ଲାହୋର) (ଫତହୁଲ୍ ବାରି, ଭାଗ-2, ପୃ-201, ମାଆରିଫେ ସିରତ୍ ମୁହମ୍ମଦ ସ.ଅରୁ ଉଦ୍ଧୃତ, ଭାଗ-6, ପୃ-139, ବଜ୍‌ମେ ଇକବାଲ୍, ଲାହୋର, ଏପ୍ରିଲ୍ 2022 ମସିହା)** ସୁତରାଂ ରସୁଲୁଲ୍ଲାଃ ସ.ଅ କହିଲେ, ହେ ଲୋକମାନେ (ସାହାବାମାନେ) ମୋତେ ପରାମର୍ଶ ବା ମତାମତ ପ୍ରଦାନ କର । ଆପଣ ସ.ଅଙ୍କ ଯଥାର୍ଥ ଅନ୍‌ସାରମାନେ ଥିଲେ ଏବଂ ସମ୍ଭବତଃ ଏହାର ଗୋଟିଏ କାରଣ ଏହା ମଧ୍ୟ ହୋଇଥିବ ଯେ, ବୈଅତେ ଉକ୍‌ବା ସମୟରେ ସେମାନେ କହିଥିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ନିଃସନ୍ଦେହ ରୂପେ ଆମେମାନେ ସେପର୍ଯ୍ୟନ୍ତ ଦାୟିତ୍ୱମୁକ୍ତ ଅଟୁ ଯେପର୍ଯ୍ୟନ୍ତ ଆପଣ ସ.ଅ ଆମ ସହରରେ ଆସିଯାଇ ନାହାନ୍ତି । କିନ୍ତୁ ଆପଣ ସ.ଅ ଯେତେବେଳେ ମଦିନା ଆସିବେ ସେତେବେଳେ ଆପଣଙ୍କର (ସୁରକ୍ଷା) ଦାୟିତ୍ୱ ଆମ ଉପରେ ନ୍ୟସ୍ତ ହେବ । ଆମେମାନେ ପ୍ରତ୍ୟେକ ସେହି ବସ୍ତୁ ଦ୍ୱାରା ଆପଣଙ୍କର ରକ୍ଷା କରିବୁ ଯେଉଁ ବସ୍ତୁ ଦ୍ୱାରା ଆମେମାନେ ନିଜର ସନ୍ତାନ ସନ୍ତତି ଏବଂ ନିଜର ମହିଳାମାନଙ୍କର (ପତ୍ନିମାନଙ୍କର) ରକ୍ଷା କରିଥାଉ । ଅତଃ ଆଁହଜରତ ସ.ଅ ଏହି ଆଶଙ୍କା ପ୍ରକାଶ କରୁଥିଲେ ଯେ, କାଳେ ଅନ୍‌ସାରମାନେ କେବଳ ସେହି ଶତ୍ରୁ ଠାରୁ ଆପଣ ସ.ଅଙ୍କୁ ସୁରକ୍ଷା ପ୍ରଦାନ କରିବେ ଯିଏ ପବିତ୍ର ମଦିନା ଭୂମି ଉପରେ ସହସା ଆକ୍ରମଣ କରିଦେବ । ସେମାନେ ଏହା ଭାବିଥାଇ ପାରନ୍ତି ଯେ, ସେମାନଙ୍କ ଉପରେ ନିଜ ସହରରୁ ବାହାରକୁ ଯାଇ ଶତ୍ରୁ ପକ୍ଷର ମୁକାବିଲା କରିବା ଅନିର୍ବାର୍ଯ୍ୟ ନୁହେଁ । କିନ୍ତୁ ରସୁଲ୍ କରୀମ୍ ସ.ଅ ଯେତେବେଳେ ଉକ୍ତ କଥା କହିଲେ ସେତେବେଳେ ହ. ସାଆଦ୍ ବିନ୍ ମୁଆଜ୍ ର.ଅ ଆପଣ ସ.ଅଙ୍କୁ କହିବାକୁ ଲାଗିଲେ ଯେ,ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏପରି ପ୍ରତିତ ହେଉଛି ଯେ, ହୁଜୁର ଆମମମାନଙ୍କ ଠାରୁ ମତାମତ ତଥା ପରାମର୍ଶ ଲୋଡୁଛନ୍ତି । ରସୁଲ୍ କରୀମ୍ ସ.ଅ କହିଲେ, ନିଃସନ୍ଦେହ । ହ. ସାଆଦ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ନିଃସନ୍ଦେହ ଆମେମାନେ ଆପଣ ସ.ଅଙ୍କ ଉପରେ ବିଶ୍ୱାସ ନେଇ ଆସିଛେ, ଆମେମାନେ ଆପଣ ସ.ଅଙ୍କର ପୁଷ୍ଟି କରିଛେ ଓ ଆମମେମାନେ ସାକ୍ଷ୍ୟ ଦେଉଅଛୁ ଯେ, ଆପଣ ସ.ଅ ଯେଉଁ ଧର୍ମ ଧରି ଆସିଛନ୍ତି ତାହା ସତ୍ୟ ଓ ଆମେମାନେ ଆପଣ ସ.ଅଙ୍କ ସହିତ ଏହି ପ୍ରତିଜ୍ଞା କରିଛୁ ଯେ, ଆମେମାନେ ଆପଣ ସ.ଅଙ୍କ ଆଦେଶକୁ ଶୁଣିବୁ ଓ ତାହାକୁ ପାଳନ କରିବା ନିମନ୍ତେ ବଚନବଦ୍ଧ ବା ଅଙ୍ଗୀକୃତ ଅଟୁ ଅବା ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆପଣ ସ.ଅ ଯେଉଁଆଡ଼େ ପ୍ରସ୍ଥାନ କରିବାକୁ ଚାହୁଁଛନ୍ତି ସେହି ଆଡ଼େ ପ୍ରସ୍ଥାନ କରନ୍ତୁ । ଆମେ ଆପଣ ସ.ଅଙ୍କ ସହିତ ଅଛୁ । ସେହି ସତ୍ତାଙ୍କର ଶପଥ କରି କହୁଛୁ ! ଯିଏ ଆପଣ ସ.ଅଙ୍କୁ ସତ୍ୟର ସହିତ ପ୍ରେରଣ କରିଛନ୍ତି । ଯଦି ଆପଣ ସ.ଅ ଆମମାନଙ୍କୁ ସମୁଦ୍ର ନିକଟକୁ ନେଇଯିବେ ଓ ସ୍ୱୟଂ ସେଥିରେ ପ୍ରବେଶ ହୋଇଯିବେ ତେବେ ଆମେମାନେ ମଧ୍ୟ ଆପଣ ସ.ଅଙ୍କ ସହିତ ସମୁଦ୍ର ମଧ୍ୟକୁ ଲମ୍ଫ ମାରିଦେବୁ । ଆମମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମଧ୍ୟ ପଛଘୁଞ୍ଚା ଦେବ ନାହିଁ । ଆମେମାନେ ଉକ୍ତ କଥାକୁ ପସନ୍ଦ କରୁ ନାହୁଁ ଯେ, ଆପଣ ସ.ଅ କାଲି ଆମକୁ ସାଙ୍ଗରେ ଧରି ଶତ୍ରୁର ମୁକାବିଲା କରିବେ । ଆମେମାନେ ଯୁଦ୍ଧରେ ଅସୀମ ଧୈର୍ଯ୍ୟ ପ୍ରଦର୍ଶନକାରୀ ଅଟୁ । ଶତ୍ରୁ ସହିତ ମୁହାଁମୁହିଁ ସମୟରେ ବିଶ୍ୱସ୍ତତା ପ୍ରଦର୍ଶନକାରୀ ଅଟୁ । ଆମେମାନେ ଆଶା କରୁଛୁ କି ଅଲ୍ଲାଃତାଲା ଆମମାନଙ୍କ ମାଧ୍ୟମରେ ସେହି କୃତିତ୍ୱ ଅବଲୋକନ କରାନ୍ତୁ ଯଦ୍ଦ୍ୱାରାକି ଆପଣ ସ.ଅ ଆଖି ଶୀତଳ ହୋଇଯିବ । ଅତଏବ୍ ଅଲ୍ଲାଃତାଲାଙ୍କ କଲ୍ୟାଣ ତଥା ଆଶୀର୍ବାଦ ବୋଲି ମନେକରି ଆମକୁ ଧରି ପ୍ରସ୍ଥାନ କରନ୍ତୁ ।

ସହି ମୁସଲିମ୍‌ର ଏକ ବର୍ଣ୍ଣନାରେ ଉକ୍ତ ଶବ୍ଦଗୁଡ଼ିକ ହ. ସାଆଦ୍ ବିନ୍ ଉବାଦାଙ୍କ ଆଡ଼କୁ ଇଙ୍ଗିତ ହୋଇଛି । କିନ୍ତୁ ଅଧିକାଂଶ ବର୍ଣ୍ଣନାନୁଯାୟୀ ହ. ସାଆଦ୍ ବିନ୍ ଉବାଦାହ୍ ର.ଅ ବଦର୍ ଯୁଦ୍ଧରେ ସାମିଲ୍ ହୋଇ ନଥିଲେ । ଅତଃ ଜୀବନୀ ଲେଖାଳିମାନେ ଏହାକୁ ସମାନ ବୋଲି ଦର୍ଶାଇଛନ୍ତି । ସମ୍ଭବତଃ ଦୁଇ ଥର ସାହାବାମାନଙ୍କ ସହିତ ପରାମର୍ଶ କରିଥିଲେ । **ପ୍ରଥମ-** ମଦିନାରେ ଯେତେବେଳେ ଆଣପଣ ସ.ଅଙ୍କୁ ସୂଚନା ପ୍ରାପ୍ତ ହେଲା ଓ ମଦିନାରେ ହ. ଉବାଦାହ୍ ର.ଅ ଏହି ଭାଷଣ ଦେଇଥିବେ। **ଦ୍ୱିତୀୟ** ଥର ଯେତେବେଳେ ଆପଣ ସ.ଅ ଯାତ୍ରାରେ ଥିଲେ ସେତେବେଳେ ପରାମର୍ଶ ଲୋଡ଼ିଥାଇ ପାରନ୍ତି । ସେତେବେଳେ ସାଆଦ୍ ବିନ୍ ମୁଆଜ୍ ର.ଅ ଏହି କଥୋପକଥନ କରିଥିବେ ? ସେ ଯାହା ହେଉ ଏହା ତ' ଶରହ୍ (ବ୍ୟାଖ୍ୟା)ରେ ବିଭିନ୍ନ ବ୍ୟାଖ୍ୟାରମାନଙ୍କ ନିଜସ୍ୱ ବ୍ୟାଖ୍ୟା ଉଲ୍ଲେଖ କରିଥାଆନ୍ତି। କିନ୍ତୁ ପ୍ରକୃତ କଥା ଏହିକିଯେ, ସାଆଦ୍ ବିନ୍ ମୁଆଜ୍ ର.ଅ ଏହା କହିଛନ୍ତି । ହ. ସାଆଦ୍ ର.ଅଙ୍କ ଉକ୍ତ କଥା ଶୁଣି ରସୁଲୁଲ୍ଲାଃ ସ.ଅ ଅତ୍ୟନ୍ତ ପ୍ରସନ୍ନ ହେଲେ ଏବଂ କହିଲେ, ମୁଁ ତୁମମାନଙ୍କୁ ଶୁଭ ସମାଚାର ପ୍ରଦାନ କରୁଛି ଯେ, ତୁମେମାନେ ବାହାରିପଡ଼ (ପ୍ରସ୍ଥାନ) କର । ଅଲ୍ଲାଃତାଲା ଦୁଇଟି ଗୋଷ୍ଠୀ ମଧ୍ୟରୁ ଗୋଟିଏ ଗୋଷ୍ଠୀ ଜୟଯୁକ୍ତ ହେବାର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । ମୁ ଈଶ୍ୱରଙ୍କ ଶପଥ କରି କହୁଛି ! ମୁଁ ବର୍ତ୍ତମାନ ସେହି ସ୍ଥାନ ଦେଖୁଅଛି ଯେଉଁଠି ଶତ୍ରୁପକ୍ଷର ଲୋକମାନଙ୍କୁ ବଧ କରାଯିବ । **(ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ, ପୃ-421, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍-2001 ମସିହାରୁ ଉଦ୍ଧୃତ) (ଶରହୁଜ୍ ଜର୍କାନୀ, ଭାଗ-2, ପୃ-270, ପ୍ରକାଶନ ସ୍ଥାନ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍-1996 ମସିହା)**

ଆପଣ ସ.ଅଙ୍କର ଉକ୍ତ ଶବ୍ଦାବଳୀକୁ ଶୁଣି ସାହାବାମାନେ ଅତ୍ୟନ୍ତ ପ୍ରସନ୍ନ ହେଲେ । କିନ୍ତୁ ତତ୍‌ସହିତ ସେମାନେ ଆଶ୍ଚର୍ଯ୍ୟ ଭାବ ପ୍ରକାଶ କରି କହିଲେ, هَلَّا ذَكَرْتَ لَنَا الْقِتَالَ فَنَسْتَعِدَّ ଅର୍ଥାତ୍ "ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯଦି ଆପଣ ସ.ଅ ଅବଜ୍ଞାକାରୀଙ୍କ ସଂପର୍କରେ ପୂର୍ବରୁ ଜାଣିଥିଲେ ବା ଆପଣ ସ.ଅଙ୍କୁ ପୂର୍ବରୁ ଜ୍ଞାତ ଥିଲା ତାହାହେଲେ ଆପଣ ସ.ଅ ଆମ ଠାରୁ ମଦିନାରେ ହିଁ ରହି ଯୁଦ୍ଧ କରିବାର ଆଶଙ୍କ ସଂପର୍କରେ କାହିଁକି ଚର୍ଚ୍ଚା କଲେ ନାହିଁ ? କାରଣ ଆମେ ମଧ୍ୟ କିଛି ପ୍ରସ୍ତୁତି କରିନେଇ ଥାଆନ୍ତୁ ।" କିନ୍ତୁ ଏହି ସମ୍ବାଦ ସତ୍ତ୍ୱେ, ଉକ୍ତ ପରାମର୍ଶ ସତ୍ତ୍ୱେ ଓ ଆଁହଜରତ ସ.ଅଙ୍କ ପକ୍ଷରୁ ଉକ୍ତ ଐଶ୍ୱରିକ ଶୁଭସମାଚାର ଯେ, ସେହି ଦୁଇ ଗୋଷ୍ଠୀ ମଧ୍ୟରୁ ଗୋଟିଏ ଗୋଷ୍ଠୀ ଉପରେ ଅବଶ୍ୟ ମୁସଲମାନମାନେ ବିଜୟ ଲାଭ ପାଇବେ । ମୁସଲମାନମାନଙ୍କୁ ଏଯାବତ୍ ସଠିକ୍ ରୂପେ ଜ୍ଞାତ ହୋଇ ନଥିଲା ଯେ, ସେମାନଙ୍କର ମୁକାବିଲା କେଉଁ ଗୋଷ୍ଠୀ ସହିତ ହେବ ଓ ସେହି ଦୁଇ ଗୋଷ୍ଠୀ ମଧ୍ୟରୁ ଗୋଟିଏ ଗୋଷ୍ଠୀ ସହିତ ମୁହାଁମୁହିଁ ହୋଇଯିବାର ଅଶଙ୍କା କରୁଥିଲେ ଏବଂ ତାହା ସ୍ୱଭାବିକ ରୂପେ ଦୁର୍ବଳ ଗୋଷ୍ଠୀ ଅର୍ଥାତ୍ ଗୋଷ୍ଠୀ ବିପକ୍ଷରେ ଅଧିକ ଇଚ୍ଛୁକ ତଥା ଅଭିଳାଷୀ ଥିଲେ ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ମିର୍ଜା ବଶୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-355, ସଂସ୍କରଣ-1996 ମସିହା)**

ହ. ମୁସଲେହ୍ ମଉଦ୍ ର.ଅ ତତ୍‌ସଂକ୍ରାନ୍ତରେ ବର୍ଣ୍ଣନା କରିଛନ୍ତି ଯେ, "ଯେତେବେଳେ ବଦର୍ ଯୁଦ୍ଧ ଅବସରରରେ ମଦିନା ବାହାରେ ଯୁଦ୍ଧ ହେବାକୁ ଲାଗିଲା ସେତେହେବେଳେ ରସୁଲ୍ କରୀମ୍ ସ.ଅ ସମସ୍ତ ସାହାବାମାନଙ୍କୁ ଏକତ୍ରିତ

**ଅଲ୍ଲାଃତାଲାଙ୍କ ବାଣୀ**

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan ,
Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat
Ahmadiya Kerang, Darul Barkat (Odisha)

କଲେ ଏବଂ କହିଲେ, ହେ ଲୋକମାନେ ! "ମୋତେ ପରାମର୍ଶ ପ୍ରଦାନ କର । କାରଣ ମୋତେ ଏହା ଜ୍ଞାତ ହୋଇଛି ଯେ, ଯାତ୍ରୀସମୂହ ସହିତ ଆମେ ମୁହାଁମୁହିଁ ହେବୁ ନାହିଁ । ବରଂ ମକ୍କାର ସୈନ୍ୟବାହିନୀ ସହିତ ଆମର ମୁକାବିଲା ହେବ । ପ୍ରତ୍ୟୁତ୍ତରରେ ଗୋଟଏ ପରେ ଗୋଟିଏ ପ୍ରବାସକାରୀମାନେ ଛିଡ଼ା ହେଲେ ଏବଂ ସେମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ନିଃସନ୍ଦେହ ଯୁଦ୍ଧ କରନ୍ତୁ, ଆମେମାନେ ଆପଣ ସ.ଅଙ୍କ ସହିତ ଅଛୁ । କିନ୍ତୁ ପ୍ରତ୍ୟେକ ଥର ଯେତେବେଳେ ନିଜ ଚିନ୍ତାଧାରାର ପରିପ୍ରକାଶ କରି କୌଣସି ପ୍ରବାସକାରୀ ବସି ଯାଉଥିଲା ସେତେବେଳେ ଆପଣ ସ.ଅ କହୁଥିଲେ, ହେ ଲୋକମାନେ ! ମୋତେ ପରାମର୍ଶ ପ୍ରଦାନ କର । ଆପଣ ସ.ଅଙ୍କ ମସ୍ତିଷ୍କରେ ଏହି କଥା ଥିଲା ଯେ, ପ୍ରବାସକାରୀମାନେ ପରାମର୍ଶ ଦେଉଛନ୍ତି । ଅନ୍‌ସାରମାନେ ପ୍ରକୃତ ପ୍ରସଙ୍ଗ ଏବଂ ପ୍ରକୃତ ପ୍ରଶ୍ନ (ଅର୍ଥାତ୍ ଅଭିପ୍ରାୟ) ଅଟନ୍ତି । ସେଇଥିପାଇଁ ଅନ୍‌ସାରମାନେ ନିରବ ରହିଥିଲେ । କାରଣ ଯୁଦ୍ଧକାରୀ ହେଉଛନ୍ତି ମକ୍କାବାସୀ । ତେଣୁ ମଦିନାବାସୀମାନେ ଯଦି ଏହା କହିବେ ଯେ, ଆମେମାନେ ମକ୍କାବାସୀଙ୍କ ସହିତ ଲଢ଼ିବାକୁ ପ୍ରସ୍ତୁତ ଅଛୁ ତେବେ ସମ୍ଭବତଃ ଆମର ଉକ୍ତ କଥା ପ୍ରବାସକାରୀମାନଙ୍କୁ ଖରାପ ଲାଗିପାରେ ଓ ସେମାନେ ଏହା ମନେକରିବେ ଯେ, ଏହି ଲୋକମାନେ ଆମ ଭାଇ ବନ୍ଧୁଙ୍କର ଗଳା କାଟିବା ନମନ୍ତେ ଆଗକୁ ଅଗ୍ରସର ହୋଇ କଥା କହୁଛନ୍ତି । କିନ୍ତୁ ରସୁଲୁଲ୍ଲାଃ ସ.ଅ ଯେତେବେଳେ ବାରମ୍ବାର କହିଲେ, କି ହେ ଲୋକମାନେ (ସାହାବାମାନେ) ମୋତେ ପରାମର୍ଶ ପ୍ରଦାନ କର । ସେତେବେଳେ ଜଣେ ଅନ୍‌ସାରୀ ବ୍ୟକ୍ତି ଛିଡ଼ା ହେଲେ ଏବଂ ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅଙ୍କୁ ତ' ମତାମତ ଏବଂ ପରାମର୍ଶ ପ୍ରାପ୍ତ ହେଉଛି । ଗୋଟିଏ ବ୍ୟକ୍ତି ପରେ ଅନ୍ୟ ପ୍ରବାସକାରୀ ବ୍ୟକ୍ତି ଛିଡ଼ା ହେଉଛି ଏବଂ ସେ କହୁଛି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଯୁଦ୍ଧ କରନ୍ତୁ । କିନ୍ତୁ ଆପଣ ସ.ଅ ବାରମ୍ବାର ଏହି କଥା କହୁଛନ୍ତି ଯେ, ମୋତେ ପରାମର୍ଶ ପ୍ରଦାନ କର । ହୁଜୁର ଅନ୍‌ୱର୍ ଅ.ବ କୁହନ୍ତି ଯେ, ତହିଁରୁ ମୁଁ ଏହା ମନେକରୁଛି ଯେ, ତହିଁରୁ ଆପଣ ସ.ଅଙ୍କର ଯଥାର୍ଥ ଆମେ (ଅନସାରୀମାନେ) ଅଟୁ । ରସୁଲୁଲ୍ଲାଃ ସ.ଅ କହିଲେ, ଠିକ୍ ଅଛି । ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ଆମେମାନେ ତ' ଏଇଥିପାଇଁ ନିରବ ରହିଥିଲୁ ଯେ, ଆମେମାନେ ଭୟ ମନେକରୁଥିଲି କି କାଳେ କହିବା ଯୋଗୁଁ ଆମ ପ୍ରବାସକାରୀ ଭାଇମାନଙ୍କ ହୃଦୟ ବ୍ୟଥିତ ହେବ । ଅତଃ ଆମେମାନେ କିଛି କହୁ ନଥିଲୁ । ଆମେମାନେ ଯଦି ଏହା କହୁ କି ଆମେମାନେ ଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁତ ଅଟୁ ତେବେ ସେମାନଙ୍କ ମନରେ ଏହି ଦ୍ୱନ୍ଦ୍ୱ ଏବଂ ଏହି ଭାବନା ଉତ୍ପନ୍ନ ହେବ ଯେ, ଏମାନେ ଆମର ଭାଇ ଓ ସଂପର୍କୀୟମାନଙ୍କୁ ମାରିବାର ପ୍ରସ୍ତାବ ଦେଉଛନ୍ତି । ପୁନଶ୍ଚ ସେହି ବ୍ୟକ୍ତି ଜଣକ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସମ୍ଭବତଃ ଆପଣଙ୍କ ଇଙ୍ଗିତ ବୈଅତେ ଉକ୍‌ବା ଆଡ଼କୁ ରହିଛି । ଯେଉଁ ବୈଅତ୍‌ରେ ଆମେମାନେ ଏହି ସ୍ୱୀକାରୋକ୍ତି ପ୍ରକାଶ କରିଥିଲୁ ଯେ, ମଦିନା ଉପରେ ଯଦି କୌଣସି ଶତ୍ରୁପକ୍ଷ ଆକ୍ରମଣ କଲା ତେବେ ସେପରିପ୍ରେକ୍ଷୀରେ ଆମେମାନେ ଆପଣ ସ.ଅଙ୍କୁ ସମର୍ଥନ ଜଣାଇବୁ । କିନ୍ତୁ ଯଦି ମଦିନା ବାହାରକୁ ଯାଇ ଲଢ଼ିବାକୁ ପଡ଼େ ତେବେ ଆମେମାନେ ଏଥି ନିମନ୍ତେ ବାଧ୍ୟ ନାହୁଁ । ରସୁଲ୍ କରୀମ୍ ସ.ଅ କହିଲେ, ଆଛା ତାହାହେଲେ ଏହିପରି କଥା ଅଛି । ସେହି ବ୍ୟକ୍ତି କହିଲା, ହଁ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଯେତେବେଳ ଏହି ଚୁକ୍ତି ତଥା ପ୍ରତିଜ୍ଞା କରିଥିଲୁ ସେତେବେଳେ ଆମମାନଙ୍କୁ ସଠିକ୍ ଭାବରେ କିଛି ଜଣା ନଥିଲା କି ଆପଣ ସ.ଅଙ୍କର କ'ଣ ମର୍ଯ୍ୟାଦା ଏବଂ ପ୍ରତିଷ୍ଠା ରହିଛି ।"

ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ବର୍ତ୍ତମାନ ଆପଣ ସ.ଅଙ୍କ ସତ୍ୟତା ଆମମାନଙ୍କ ଉପରେ ଉଦ୍‌ଘାଟିତ ହୋଇଯାଇଛି ଏବଂ ଆପଣ ସ.ଅଙ୍କ ମର୍ଯ୍ୟାଦ ଆମ ସମ୍ମୁଖରେ ସ୍ୱଷ୍ଟ ହୋଇଯାଇଛି । ବର୍ତ୍ତମାନ କୌଣସି ସର୍ତ୍ତ କିମ୍ବା ଚୁକ୍ତିର ଆଉ କୌଣସି ପ୍ରଶ୍ନ ଉଠୁ ନାହିଁ । ସାମ୍ନାରେ ସମୁଦ୍ର ରହିଛି ଆପଣ ସ.ଅ ଆମମାନଙ୍କୁ ଆଦେଶ ଦିଅନ୍ତୁ ତେବେ ଆମେମାନେ ସେହି ସମୁଦ୍ର ମଧ୍ୟକୁ ନିଜର ଅଶ୍ୱମାନଙ୍କୁ ଓହ୍ଲାଇବା ନିମନ୍ତେ ପ୍ରସ୍ତୁତ ଅଟୁ । ଆଉ ଯଦି ଯୁଦ୍ଧ ହୁଏ ତେବେ ଈଶ୍ୱରଙ୍କ ଶପଥ କରି କହୁଛୁ ! ଆମେମାନେ ଆପଣ ସ.ଅଙ୍କ ଦକ୍ଷିଣ ପାର୍ଶ୍ୱରେ ଲଢ଼ିବୁ, ବାମ ପାର୍ଶ୍ୱରେ ଲଢ଼ିବୁ, ସମ୍ମୁଖରେ ଲଢ଼ିବୁ ଓ ପଛରେ ମଧ୍ୟ ଲଢ଼ିବୁ । ଯେପର୍ଯ୍ୟନ୍ତ ଶତ୍ରୁ ଆମମାନଙ୍କର ଶବଗୁଡ଼ିକୁ ପାଦ ତଳେ ଦଳି ଚକଟି ଅତିକ୍ରମ କରିନେଇ ନାହିଁ ସେପର୍ଯ୍ୟନ୍ତ ଶତ୍ରୁ ଆପଣ ସ.ଅଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରିବେ ନାହିଁ । **(ସେରେ ରୁହାନୀ, ଭାଗ-4, ଅନ୍‌ୱାରୁଲ୍ ଉଲୁମ୍, ଭାଗ-19, ପୃ-532-533)**

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

ଉକ୍ତ ପରାମର୍ଶ ପରେ ରସୁଲୁଲ୍ଲାଃ ସ.ଅ ସେଠାରୁ ପ୍ରସ୍ଥାନ କଲେ ଏବଂ ବିଭିନ୍ନ ମାର୍ଗ ଦେଇ ବଦର୍ ପାଖରେ ଅବତୀର୍ଣ୍ଣ କଲେ । ବଦର୍‌ର ବିସ୍ତୃତ ବିବରଣୀ ପୂର୍ବେ ମଧ୍ୟ ବର୍ଣ୍ଣିତ ହୋଇ ସାରିଛି । କିନ୍ତୁ ଏଠାରେ ମୁଁ ପୁନଃ ଆଲୋଚନା କରିଦେଉଛି। ବଦର୍ ହେଉଛି ମଦିନାର 150 ଦୂରତାରେ ଅବସ୍ଥିତ ଏକ ଭୂମି, ଏହା ଧବଳ ବର୍ଣ୍ଣର 5.1/2 ମାଇଲ୍ ଲମ୍ବ ଏବଂ 4 ମାଇଲ୍ ଚୌଡ଼ା ବ୍ୟାପକ ମରୁଭୂମି କ୍ଷେତ୍ର ଅଟେ । ଏହାର ଆଖପାଖରେ ଦୁଇଟି ପର୍ବତ ରହିଛି । ତହିଁରେ ଅନେକ କୂପ ଏବଂ ଉଦ୍ୟାନ ମଧ୍ୟ ରହିଛି ଯେଉଁଠି ପ୍ରାୟତଃ ଯାତ୍ରୀସମୂହ ଶିବିର ସ୍ଥାପନ କରୁଥିଲେ। ବଦର୍ ଭୂମି ନିକଟବର୍ତ୍ତୀ ଅବତରଣ କରିବାର କିଛି ସମୟ ପରେ ଆପଣ ସ.ଅ, ହ. ଅବୁ ବକର ର.ଅ ଆରୋହଣ ହୋଇ ଏକ ବୃଦ୍ଧ ବ୍ୟକ୍ତି ନିକଟରେ ଯାଇ ଅଟକିଗଲେ ଏବଂ ତା'କୁ କୁରୈଶ୍ ଏବଂ ମୁହମ୍ମଦ ସ.ଅ ତଥା ଆପଣ ସ.ଅଙ୍କ ସାଥିମାନଙ୍କ ସଂକ୍ରାନ୍ତରେ କିଛି ନକହି ପଚାରିଲେ ଯେ, ଆପଣ କିଏ ଅଟନ୍ତି? ବୃଦ୍ଧ ଜଣକ କହିବାକୁ ଲାଗିଲା ମୁଁ ତୁମକୁ ଏହାର ଉତ୍ତର ସେତେବେଳେ କହିବି ଯେତେବେଳେ ତୁମେ ମୋତେ ଏହା ନକହି ଦେଇଛ ଯେ, ତୁମେ କେଉଁ ସଂପ୍ରଦାୟର ଅଟ ? ରସୁଲ୍ଲଃ ସ.ଅ କହିଲେ, ଯେତେବେଳେ ତୁମେ ଆମକୁ କହିବ ତେବେଯାଇ ଆମେ ମଧ୍ୟ ତୁମକୁ ନିଜ ସଂପର୍କରେ ସୂଚିତ କରିଦେବୁ । ଅର୍ଥାତ୍ ନିଜ ସଂକ୍ରାନ୍ତରେ କହିଦେବୁ । ସେହି ବୃଦ୍ଧ ଜଣକ କହିବାକୁ ଲାଗିଲା ଯେ, ତେବେ ଏହା କ'ଣ ଦାନର ପ୍ରତିଦାନ ନୁହେଁ କି ? ରସୁଲୁଲ୍ଲାଃ ସ.ଅ କହିଲେ, ହଁ । ବୃଦ୍ଧ କହିଲା, ମୁଁ ଜାଣିବାକୁ ପାଇଛି ଯେ, ମୁହମ୍ମଦ ସ.ଅ ଓ ଆପଣଙ୍କ ସାହାବାମାନେ ଅମକ ଅମକ ଦିନ ବାହାରି ସାରିଛନ୍ତି । ଯଦି ମୋତେ କହିଲାବାଲା ସତ କହିଥିଲା ତେବେ ସେ ଆଜି ଅମକ ସ୍ଥାନରେ ପହଞ୍ଚିଥିବେ । ସେ ସ୍ଥାନର ନାମ ନେଲା ଯେଉଁଠି ରସୁଲୁଲ୍ଲାଃ ସ.ଅ ପହଞ୍ଚିଥିଲେ । ପୁନଶ୍ଚ କହିବାକୁ ଲାଗିଲା, ମୁଁ ଏହା ମଧ୍ୟ ଜାଣିବାକୁ ପାଇଛି ଯେ, କୁରୈଶ୍‌ମାନେ ଅମକ ଦିନ ବାହାରିଛନ୍ତି । ମୋତେ ଯଦି କହିଲା ବାଲା (ସୂଚନା ପ୍ରଦାନକାରୀ ବ୍ୟକ୍ତି) ସତ୍ୟ କହିଛି ତାହାହେଲେ ସେମାନେ ଅମକ ସ୍ଥାନରେ ପହଞ୍ଚିଥିବେ । ସେ ସ୍ଥାନର ନାମ ନେଲା ଯେଉଁଠି କୁରୈଶ୍‌ମାନେ ପହଞ୍ଚିଥିଲେ । ସେ ଦୁଇଟିଯାକ କଥା ସଠିକ୍ କହିଲା । ସେ ଯେତେବେଳେ ନିଜର ସୂଚନା ଦେଇ ସାରିଲା ସେତେବେଳେ ସେ କହିଲା ତୁମେ କେଉଁ ସଂପ୍ରଦାୟର ଲୋକ ଅଟ ?

ରସୁଲୁଲ୍ଲାଃ ସ.ଅ କହିଲେ, ଆମେମାନେ ଜଳ ସଂପ୍ରଦାୟରୁ ଆସିଛୁ । ଏହାପରେ ଆପଣ ସ.ଅ ସେହି ବୃଦ୍ଧ ନିକଟରୁ ମୁହଁ ବୁଲାଇ ଚାଲି ଆସିଲେ । ସେ କହିବାକୁ ଲାଗିଲା ଯେ, ଆପଣ ପାଣିରୁ ଅଟନ୍ତି । ଏହାର କ'ଣ ଅର୍ଥ ଅଟେ। କ'ଣ ଇରାକର ଜଳରୁ ଅଟନ୍ତି । ଆପଣ ସ.ଅଙ୍କର ଉକ୍ତ ଉତ୍ତରଟି ଅର୍ଥବୋଧକ ପ୍ରତିତ ହେଉଛି । ଏହା ଉପରେ ମଧ୍ୟ ଇତିହାସବିତ୍‌ମାନେ ଯୁକ୍ତିତର୍କ କରିଛନ୍ତି । ଆମର ବିଭିନ୍ନ ପ୍ରାମାଣ୍ୟ ସନ୍ଧାନକାରୀମାନେ ତତ୍‌ସମ୍ବନ୍ଧରେ ସ୍ୱଷ୍ଟୀକରଣ ମଧ୍ୟ ଉପସ୍ଥାପିତ କରିଛନ୍ତି । ସାରାଂଶ ମୁଁ ଉପସ୍ଥାପିତ କରିଦେଉଛି । ଇତିହାସବିତ୍ ଉକ୍ତ ପ୍ରଶ୍ନ ଉତ୍‌ଥାପିତ କରିଛନ୍ତି ଯେ, ପ୍ରକାଶ୍ୟ ରୂପେ ଏହା ପ୍ରତିତ ହେଉଛି ଯେ, ନବୀ କରୀମ୍ ସ.ଅ ସେହି ବୃଦ୍ଧକୁ ଭୁଲ ଉତ୍ତର ଦେଇ ନଥିଲେ । ହଁ ଆପଣ ସ.ଅ ଉକ୍ତ ବୃଦ୍ଧକୁ ଉତ୍ତର ଅର୍ଥପୂର୍ଣ୍ଣ ତଥା ଅର୍ଥବୋଧକ ଢଙ୍ଗରେ ପ୍ରଦାନ କଲେ ଯେ, ମିଥ୍ୟା ମଧ୍ୟ ହେଲା ନାହିଁ । ଏହି ଭୟଙ୍କର ଯୁଦ୍ଧୀୟ ପରିସ୍ଥିତିରେ ନିର୍ଦ୍ଦିଷ୍ଟ ସ୍ଥାନର ଠିକଣା ମଧ୍ୟ ଦେଲେ ନାହିଁ । କାରଣ ଆପଣ ସ.ଅ ଏହା କହିଥିଲେ ଯେ, ଆମେମାନେ ପାଣି ସଂପ୍ରଦାୟଭୁକ୍ତ ଅଟୁ । ତହିଁରୁ ଏହା ଯଥାର୍ଥ ସେହି କୁରଆନୀୟ ଆଦେଶାବଳୀ ଥିଲା କି ଆମ୍ଭେମାନେ ପ୍ରତ୍ୟେକ ବସ୍ତୁକୁ ଜଳରୁ ସୃଷ୍ଟି କରିଛେ। ଜଣେ ଜୀବନୀ ଲେଖାଳି ଉଲ୍ଲେଖ କରେ ଯେ, ଏ ଅବୁ ବକ୍କର ଜାବିର୍ ଅଲ୍ ଯଜାଏର ଅଟନ୍ତି । ସେ କୁହନ୍ତି ଆରବ୍ୟମାନଙ୍କର ଏହି ପ୍ରଥା ରହିଥିଲା ଯେ, ଲୋକମାନେ ଯେଉଁଠି ରହୁଥିଲେ ସେଠାକାର ଠିକଣା ଜଳ ଅର୍ଥାତ୍ ଝରଣା ଆଦିର ନାମ ନେଇ କହି ଦେଉଥିଲେ ଯେ, ଆମେମାନେ ଅମକ ଜଳ କିମ୍ବା ଅମକ ସ୍ଥାନର ଜଳ ସଂପ୍ରଦାୟ ସହିତ ସଂପର୍କ ଅଟେ । ଅଲ୍ଲାମା ବୁର୍‌ହାନ ହଲବି ଉଲ୍ଲେଖ କରନ୍ତି । ତହିଁରେ ସ୍ୱଷ୍ଟୀକରଣ ଏହା ମଧ୍ୟ ହୋଇଥାଇପାରେ ଯେ, ଆପଣ ସ.ଅ ବଦର୍‌ର ସେହି ଜଳ ଅର୍ଥାତ ଝରଣାର ପାଣି ହିଁ କହିଥିବେ, ଯାହା ନିକଟରେ ଆପଣ ସ.ଅ ଅବସ୍ଥାନ କରିଥିଲେ । ଯେପରିକି ସେହି ବୃଦ୍ଧ ଜଣକ କହିଥେଲା । କିନ୍ତୁ ଆପଣ ସ.ଅ ଏଭଳି ଢଙ୍ଗରେ ଇଙ୍ଗିତ କଲେ ଯେ, ସେହି ବୃଦ୍ଧ ଜଣକ ଇରାକ୍‌ର ଦିଗ ବୁଝିଥିବ ଏବଂ ବଦର୍‌ର ସେହି ଝରଣା ଇରାକ୍‌ର ଗୋଟିଏ ପାର୍ଶ୍ୱ ହୋଇଥିବ । ସେ ଯାହା ହେଉ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ଅଲ୍ଲାଃତାଲା ହିଁ ଭଲ ଭାବରେ ଜାଣନ୍ତି ।

ଏହାପରେ ରସୁଲୁଲ୍ଲାଃ ସ.ଅ ପୁନଶ୍ଚ ନିଜର ସାହାବାମାନଙ୍କ ନିକଟକୁ ପ୍ରତ୍ୟାବର୍ତ୍ତନ କଲେ । ଯେତେବେଳେ ସନ୍ଧ୍ୟା ହେଲା ସେତେବେଳେ ରସୁଲୁଲ୍ଲାଃ ସ.ଅ ହ. ଅଲୀ ର.ଅ, ହ. ଜୁବୈର୍ ବିନ୍ ଅୱାମ୍ ର.ଅ ଓ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କୁ କେତେକ ସାହାବାଙ୍କ ସମେତ ବଦରର ଝରଣା ଅଭିମୁଖେ ପ୍ରେରଣ କଲେ। କାରଣ ସେମାନେ ସେଠାରୁ ଆପଣ ସ.ଅଙ୍କ ଲାଗି ସମ୍ବାଦ ସଂଗ୍ରହ କରନ୍ତୁ । ସେହି ସାହାବାମାନଙ୍କୁ କୁରୈଶଙ୍କ ନିମନ୍ତେ ଜଳ ଆଣିବା ପାଇଁ ଦୁଇଜଣ ଦାସ ମିଳିଲେ। ସେମାନଙ୍କୁ ସାହାବାମାନେ ଧରି ଆଣିଲେ ଏବଂ ସେମାନଙ୍କୁ ପ୍ରଶ୍ନ ପଚାରିଲେ। ଅପରପକ୍ଷେ ରସୁଲ୍ କରୀମ୍ ସ.ଅ ଛିଡ଼ା ହୋଇ ନମାଜ ପାଠ କରୁଥିଲେ । ସେହି ଦୁଇଜଣ ବ୍ୟକ୍ତି କହିଲେ ଯେ, ଆମେମାନେ କୁରୈଶ୍‌ମାନଙ୍କ ନିମନ୍ତେ ଜଳ ନେବାକୁ ଆସିଥିଲୁ । କୁରୈଶ୍‌ମାନେ ଆମମାନଙ୍କୁ ପାଣି ଆଣିବା ନିମନ୍ତେ ପ୍ରେରଣ କରିଛନ୍ତି । ସାହାବାମାନେ ସେମାନଙ୍କ କଥା ମାନିଲେ ନାହିଁ ଏବଂ ଏହା ଭାବିଲେ ଯେ, ସମ୍ଭବତଃ ସେମାନେ ଅବୁ ସୁଫିୟାନ୍‌ର ଦାସ ଅଟନ୍ତି। ଅତଃ ସାହାବାମାନେ ସେମାନଙ୍କୁ ମାଡ଼ପିଟ୍ କଲେ ଏବଂ ଯେତେବେଳେ ସେମାନଙ୍କୁ ବହୁତ ହଇରାଣ ହର୍କତ୍ କଲେ ସେତେବେଳେ ସେମାନେ କହିଦେଲେ ଯେ, ଆମେମାନେ ଅବୁ ସୁଫିୟାନର ଦାସ ଅଟୁ । ପ୍ରତ୍ୟୁତ୍ତରରେ ସାହାବାମାନେ ସେମାନଙ୍କୁ ଛାଡ଼ିଦେଲେ। ରସୁଲ୍ କରୀମ୍ ସ.ଅ ଯେତେବେଳେ ନମାଜରୁ ସଲାମ୍ କଲେ ସେତେବେଳେ କହିଲେ, ସେମାନେ ଯେତେବେଳେ ତୁମମାନଙ୍କୁ ସତ କହିଛନ୍ତି ତେବେ ତୁମେମାନେ ସେମାନଙ୍କୁ କାହିଁକି ମାଡ଼ ମାରିଲ, ସେମାନେ ଯେତେବେଳେ ମିଥ୍ୟା କହିଲେ ସେତେବେଳେ ତୁମେମାନେ ସେମାନଙ୍କୁ କାହିଁକି ଛାଡ଼ିଦେଲ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି, ସେମାନେ ସତ୍ୟ କହିଛନ୍ତି । ନିଃସନ୍ଦେହ ରୂପେ କେହିବାକୁ ଗଲେ ସେମାନେ କୁରୈଶ୍‌ର ଦାସ ଅଟନ୍ତି । ପୁନଶ୍ଚ ସେହି ଦୁଇଜଣଙ୍କ ଆଡ଼କୁ ଚାହିଁ କହିଲେ, ମୋତେ କୁରୈଶ୍‌ମାନଙ୍କ ସଂକ୍ରାନ୍ତରେ ଅବଗତ କରାଅ । ସେହି ଦୁଇ ଜଣ ବ୍ୟକ୍ତି କହିଲେ, ଆମେ ଈଶ୍ୱରଙ୍କ ଶପଥ କରି କହୁଛୁ ଯେ, ସେମାନେ ସେହି ସ୍ତୂପ ପଛରେ ଉପତ୍ୟକାର ପାର୍ଶ୍ୱରେ ଶିବିର ପକାଇଛନ୍ତି । ପୁନଶ୍ଚ ରସୁଲ୍ କରୀମ୍ ସ.ଅ ସେମାନଙ୍କୁ ପଚାରିଲେ, ସେମାନେ କେତେ ସଂଖ୍ୟକ ଅଟନ୍ତି ? ସେମାନେ ଉତ୍ତର ଦେଲେ ଯେ, ଆମେ ଜାଣି ନାହୁଁ । ଆପଣ ସ.ଅ ପଚାରିଲେ ଯେ, ସେହି କୁରୈଶମାନେ ଆହାର ନିମନ୍ତେ କେତେ ସଂଖ୍ୟକ ଓଟ ଜେବହ୍ କରନ୍ତି ? ସେମାନେ ଉତ୍ତର ଦେଲେ କେଉଁ ଦିନ ୯ଟା ଓ କେଉଁ ଦିନ 10ଟା । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ସେହି ଲୋକମାନେ ୯00 ଏବଂ 1000 ସଂଖ୍ୟାର ମଧ୍ୟବର୍ତ୍ତୀ ଅଟନ୍ତି । ଆପଣ ସ.ଅ ଓଟର ମାଂସ ଖାଇବାରୁ ଆକଳନ କରିଥିଲେ । ପୁନଶ୍ଚ ରସୁଲୁଲ୍ଲାଃ ସ.ଅ ସେମାନଙ୍କୁ ପଚାରିଲେ, ସେହି ସୈନ୍ୟବାହିନୀଙ୍କ ମଧ୍ୟରୁ କୁରୈଶ୍‌ମାନଙ୍କର କେଉଁ କେଉଁ ଅଧିପତି ଏବଂ ବରିଷ୍ଠ ବ୍ୟକ୍ତି ଅଛନ୍ତି ? ସେମାନେ କହିଲେ, କୁରୈଶ୍‌ର ଅନେକ ଅଧିପତିମାନଙ୍କର ନାମ ଗଣିଲେ । ତନ୍ମଧ୍ୟରେ ଅବୁ ଜହଲ୍, ଉତ୍‌ବା, ଶୈବା, ହିକମ୍ ବିନ୍ ହିଜାମ୍, ଉମୈୟାହ୍ ବିନ୍ ଖଲଫ୍ ଇତ୍ୟାଦି ଅନ୍ତର୍ଭୁକ୍ତ ଅଟନ୍ତି । ପୁନଶ୍ଚ ରସୁଲୁଲ୍ଲାଃ ସ.ଅ ଲୋକମାନଙ୍କ ଆଡ଼କୁ ମୁହଁ କରି କହିଲେ, هٰذَا مَكَّةُ قَدْ اَلْقَتْ اِلَيْكُمْ اَفْلَاذَ كَبِدِهَا ଅର୍ଥାତ୍ ମକ୍କା ନିଜର କଲିଜା (ବୃକକ୍) ତୁମମାନଙ୍କ ଆଗରେ କାଢି ରଖି ଦେଇଛି । **(ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ, ପୃ-421-422, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍-2001 ମସିହାରୁ ଉଦ୍ଧୃତ) (ଏଟ୍‌ଲସ୍ ସିରତ୍ ନବୱୀ, ପୃ-216, ଦାରୁସ୍ ସଲାମ୍, ରିୟାଜ୍ 1424 ହି.)(ସିରତ୍ ହୁବୈବ୍ ଦୋ ଆଲମ୍, ଲେଖକ-ଅବୁ ବକ୍କର ଜାବିର୍ ଅଲ ଯଜାଏର୍, ଉର୍ଦ୍ଦୁ ଅନୁବାଦକ, ପୃ-185, ଜିୟାଉଲ୍ କୁର୍‌ଆନ୍ ପବ୍ଲିକେଶନ୍‌ସ, ଲାହୋର, 2015 ମସିହା) (ଗଜୱାତୁନ୍ ନବୀ ସ.ଅ, ଲେଖକ- ଅଲ୍ଲାମା ବୁରହାନ୍ ହଲବୀ, ଅନୁବାଦକ, ପୃ-81, ଦାରୁଲ୍ ଇଶାଅଲ୍ କରାଚୀ-2001 ମସିହା)**

ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ମଧ୍ୟ ଏହା ଉପରେ ଟୀକା ଟୀପ୍ପଣ ଉଲ୍ଲେଖ କରିଛନ୍ତି ଯେ, ଆଁହଜରତ ସ.ଅ ସାହାବାମାନଙ୍କୁ ସମ୍ବୋଧିତ କରି କହିଲେ: هٰذَا مَكَّةُ قَدْ اَلْقَتْ اِلَيْكُمْ اَفْلَاذَ كَبِدِهَا ଅର୍ଥାତ୍ ହେଇ ନିଅ ମକ୍କା ତୁମମାନଙ୍କ ସମ୍ମୁଖରେ ନିଜ ପ୍ରାଣପିଣ୍ଡ (କଲିଜା) ଆଣି ରଖିଦେଇଛି । ଅତ୍ୟନ୍ତ ଚାତୁର୍ଯ୍ୟତାମୂଳକ ତଥା ବ୍ରହ୍ମଜ୍ଞାନ ସମ୍ପନ୍ନ ଶବ୍ଦ ଥିଲା ଯାହା ଆପଣ ସ.ଅଙ୍କ ତୁଣ୍ଡରୁ ନିଃଶଙ୍କୋଚ ରୂପେ ବାହାରିଲା । କାରଣ ମୁସଲମାନମାନେ କୁରୈଶ୍‌ମାନଙ୍କର ଏତେ ଜଣାଶୁଣା ବିଖ୍ୟାତ ଅଧିପତିଙ୍କର ଚର୍ଚ୍ଚା ଆସିବା ଯୋଗୁଁ ସ୍ୱଭାବ ଯେପରି ନିରୁତ୍ସାହ ହୋଇଯାଇ ଥାଆନ୍ତା ସେହି ଶବ୍ଦଗୁଡ଼ିକ ସେମାନଙ୍କର ଚିନ୍ତାଶକ୍ତିକୁ ଏପରି ଆକର୍ଷିତ କରିଦେଲା ଯେପରିକି କୁରୈଶ୍‌ର ସେହି ଅଧିପତିମାନଙ୍କୁ ପ୍ରଭୁ ମୁସଲମାନମାନଙ୍କର ଶିକାର ହେବା ନିମନ୍ତେ ପ୍ରେରଣ କରିଛନ୍ତି ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ମିର୍ଜା ବଶୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-356, ସଂସ୍କରଣ-1996 ମସିହା)**

ଏହାପରେ ରସୁଲୁଲ୍ଲାଃ ସ.ଅ ନିଜର ସୈନ୍ୟବାହିନୀକୁ ଆନ୍ଦୋଳିତ କଲେ । କାରଣ ଅବଜ୍ଞାକାରୀମାନଙ୍କ ଠାରୁ ପୂର୍ବେ ବଦର୍‌ର ଝରଣା ନିକଟରେ ପହଞ୍ଚି ଯାଆନ୍ତୁ ଏବଂ ଅବଜ୍ଞାକାରୀଙ୍କୁ ସେହି ଝରଣା ଉପରେ ଆଧିପତିତ୍ୱ ବିସ୍ତାର ବା ଅକ୍ତିଆର କରିବାକୁ ସୁଯୋଗ ପ୍ରଦାନ ନକରନ୍ତୁ । ସୁତରାଂ ଈଶା ସମୟରେ ଆପଣ ବଦର ନିକଟବର୍ତ୍ତୀ ଝରଣା ପାଖରେ ଅବତରଣ କଲେ । **(ଅର୍ ରହିକୁଲ୍ ମଖତୁମ୍, ଲେଖକ-ମୌଲାନା ସଫିଉର୍ ରହମାନ ମୁବାରରକପୁରୀ, ପୃ-288, ଅଲ ମକତବତୁସ୍ ସିଫଲିୟାହ୍ ଲାହୋର)**

ଇତ୍ୟବସରରେ ହ. ହୁବ୍‌ବାବ୍ ବିନ୍ ମୁନ୍‌ଜର ର.ଅ ଏକ ପରାମର୍ଶ ଦେଇଥିଲେ। ଯେତେବେଳେ ହୁଜୁର ସ.ଅ ବଦର୍ ନିକଟବର୍ତ୍ତୀ ଝରଣା ପାଖରେ ପହଞ୍ଚିଲେ ସେତେବେଳେ ହୁବ୍‌ବାବ୍ ବିନ୍ ମୁନ୍‌ଜର ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! କ'ଣ ଆପଣ ସ.ଅ ଅଲ୍ଲାଃତାଲାଙ୍କ ଆଦେଶାନୁଯାୟୀ ଏଠାରେ ଅବସ୍ଥାନ କରିଛନ୍ତି? କାରଣ ଆମେମାନେ ନା ଏଠାରୁ ଆଗକୁ ଅଗ୍ରସର ହୋଇପାରିବୁ ଓ ନା ହିଁ ପଛକୁ ହଟି ପାରିବୁ କିମ୍ବା ଏହା କେବଳ ଆପଣ ସ.ଅଙ୍କର ମତାମତ ଏବଂ ଯୁଦ୍ଧୀୟ ମନ୍ତ୍ରଣା ଅଟେ ? ହୁଜୁର ସ.ଅ କହିଲେ, ଏହା କେବଳ ଏକ ପ୍ରସ୍ତାବ ଏବଂ ମତାମତ ଅଟେ ଏବଂ ଯୁଦ୍ଧ ସଂପର୍କିତ ଯୋଜନା ଅଟେ । ସେତେବେଳେ ହ. ହୁବ୍‌ବାବ୍ କହିଲେ, ଉକ୍ତ ସ୍ଥାନଟି ଉପଯୁକ୍ତ ନୁହେଁ । ବରଂ ଆପଣ ଲୋକମାନଙ୍କୁ ଏଠାରୁ ହଟାଇ ନିଅନ୍ତୁ ଓ ସେଠାରେ ଅବସ୍ଥାନ କରନ୍ତୁ ଯାହା ଶତ୍ରୁର ଜଳକୁଣ୍ଡ ଠାରୁ ନିକଟତର ସ୍ଥାନ ହୋଇଥିବ । ଏତଦ୍‌ଭିନ୍ନ ଯେତେ କୂପଗୁଡ଼ିକ ରହିଛି ସେଗୁଡ଼ିକୁ ବନ୍ଦ କରିଦିଆଯାଉ ଏବଂ ନିଜ ନିମନ୍ତେ ଏକ ବିଶେଷ ପ୍ରକାରର ଜଳକୁଣ୍ଡ ପ୍ରସ୍ତୁତ କରାଯାଉ । ଜଳକୁଣ୍ଡକୁ ଜଳ ଦ୍ୱାରା ପରିପୂର୍ଣ୍ଣ କରିଦିଆଯାଉ । ଏହାପରେ ଆମେମାନେ ଶତ୍ରୁ ସହିତ ଯଦି ମୁକାବିଲା କରୁ ତେବେ ଜଳ ଉପଲବ୍ଧ ହେବ ଓ ଶତ୍ରୁ ଜଳରୁ ବଞ୍ଚିତ ରହିବ । ହୁଜୁର ସ.ଅ କହିଲେ, ତୁମମାନଙ୍କର ରାୟ ଏକଦମ୍ ଠିକ୍ ଅଟେ । ପୁନଶ୍ଚ ହୁଜୁର ସ.ଅ ସୈନ୍ୟବାହିନୀ ସମେତ ସେ ଜଳକୁଣ୍ଡ ନିକଟକୁ ଆସିଲେ ଯାହାକି କୁରୈଶର ଖୁବ୍ ନିକଟବର୍ତ୍ତୀ ଥିଲା । ଆପଣ ସ.ଅ ସେଠାରେ ଶିବିର ସ୍ଥାପନ କଲେ ଏବଂ ଆପଣ ସ.ଅଙ୍କ ଆଦେଶମତେ ଅନ୍ୟ ସମସ୍ତ କୂପଗୁଡ଼ିକୁ ଅନୁପଲବ୍ଧ ଏବଂ ବନ୍ଦ କରିଦିଆଗଲା । ଯେଉଁ କୂପ ପାଖରେ ଶିବିର ସ୍ଥାପନ କରାଗଲା ସେଠାରେ ଏକ କୁଣ୍ଡ ପ୍ରସ୍ତୁତ କରାଯାଇ ତା'କୁ ଜଳ ଦ୍ୱାରା ଭର୍ତ୍ତି (ପୂର୍ଣ୍ଣ) କରିଦିଆଗଲା । ସିରତ୍ ଇବ୍‌ନେ ହିଶ୍ଶାମର ଉକ୍ତ ପ୍ରାମାଣ୍ୟ ଅଟେ । **(ସିରତୁନ୍ ଇବ୍‌ନି ହିଶ୍ଶାମ, ପୃ-424, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍-2001 ମସିହାରୁ ଉଦ୍ଧୃତ)**

ସ୍ଥାନ ଚୟନ କରିବା ପରେ ଆଁହଜରତ ସ.ଅଙ୍କ ଅବସ୍ଥାନ ନିମନ୍ତେ ସ୍ଥାନ ପ୍ରସ୍ତୁତିର ସ୍ତର ରହିଥିଲା । ସୁତରାଂ ୱସ୍ ସଂପ୍ରଦାୟର ଅଧିପତି ସାଆଦ୍ ବିନ୍ ମୁଆଜ୍‌ର ପ୍ରସ୍ତାବ କ୍ରମେ ସାହାବାମାନେ ଭୂମିର ଏକ ଭାଗରେ ଆଁହଜରତ ସ.ଅଙ୍କ ବିଶ୍ରାମ ନିମନ୍ତେ ସାଏବାନ୍ (ସୂର୍ଯ୍ୟାଲୋକରୁ ରକ୍ଷା ପାଇବା ନିମନ୍ତେ ବ୍ୟବହୃତ ହାଲୁକା ଛତା ବା କାନଭାସଟଣା ଛତା) ପ୍ରସ୍ତୁତ କଲେ । ହ. ସାଆଦ୍ ବିନ୍ ମୁଆଜ୍ ର.ଅ ହୁଜୁର ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ କ'ଣ ଆପଣଙ୍କ ନିମନ୍ତେ ଏକ ସାଏବାନ୍ ପ୍ରସ୍ତୁତ କରିଦେବୁ ନାହିଁ ଯହିଁରେ ଆପଣ ସ.ଅ ଅବସ୍ଥାନ କରି ବିଶ୍ରାମ ନେଇପାରିବେ । **(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-213, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍-2002 ମସିହାରୁ ଉଦ୍ଧୃତ)**

ତତ୍‌ସଂକ୍ରାନ୍ତରେ ହ. ମିର୍ଜା ବଶୀର ଅହେମଦ ସାହେବ ଯେଉଁ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି ତାହା ପୂର୍ବେ ମଧ୍ୟ ଥରେ ବର୍ଣ୍ଣିତ ହୋଇଯାଇଛି । କିନ୍ତୁ ଏଠାରେ ବର୍ଣ୍ଣନା କରିବା ମଧ୍ୟ ଆବଶ୍ୟକ ଅଟେ । "ୱସ୍ ସଂପ୍ରଦାୟର ଅଧିପତି ହ. ସାଆଦ୍ ବିନ୍ ମୁଆଜ୍‌ଙ୍କ ପ୍ରସ୍ତାବ କ୍ରମେ ଭୂମିର ଏକ ଭାଗରେ ଆଁହଜରତ ସ.ଅଙ୍କ ନିମନ୍ତେ ଏକ ସାଏବାନ୍ ପ୍ରସ୍ତୁତ କରିଦେଲେ ଏବଂ ସାଆଦ୍ ଆଁହଜରତ ସ.ଅଙ୍କ ସବାରୀ ସାଏବାନ୍ ନିକଟରେ ବାନ୍ଧି କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ସାଏବାନ୍‌ରେ ବିଶ୍ରାମ ନିଅନ୍ତୁ ଏବଂ ଆମେମାନେ ଅଲ୍ଲାଃତାଲାଙ୍କ ନାମୋଚ୍ଚାରଣ କରି ଶତ୍ରୁ ସହିତ ମୁକାବିଲା କରୁଛୁ । ଯଦି ଈଶ୍ୱର ଆମମାନଙ୍କୁ ବିଜୟ ପ୍ରଦାନ କଲେ ତାହାହେଲେ ଏହା ହିଁ ଆମର ଅଭିଳାଷା ଅଟେ । କିନ୍ତୁ ଭଗବାନ ନ

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" । (ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family, Jamat Ahmadiya Kerang, Darul Fazal (Odisha)

କରନ୍ତୁ ପ୍ରସଙ୍ଗ ଯଦି  ଓଲଟ ପାଲଟ ହୋଇଗଲା, ଏହା ବ୍ୟତୀତ ଯଦି ଆଉ କିଛି ଘଟିଲା କିମ୍ବା ଆମେମାନେ ପରାଜିତ ହେଲୁ ତେବେ ଆପଣ ସ.ଅ ନିଜର ସବାରୀ ଉପରେ ଆରୋହଣ ହୋଇ କୌଣସି ମତେ ମଦିନା ପହଞ୍ଚି ଯାଆନ୍ତୁ । ସେଠାରେ ଆମର ଏପରି ଭାଇ ବନ୍ଧୁମାନେ ଉପସ୍ଥିତ ଅଛନ୍ତି ଯେଉଁମାନେ ପ୍ରେମ ଓ ନିଷ୍ଠାରେ ଆମ ଠାରୁ ଗୁଣରେ କିଛି କମ୍ ନୁହନ୍ତି । କିନ୍ତୁ ସେମାନଙ୍କୁ ଏହା ଜ୍ଞାତ ନଥିଲା ଯେ, ଉକ୍ତ ଅଭିଯାନରେ ଯୁଦ୍ଧର ସମ୍ମୁଖୀନ ହେବାକୁ ପଡ଼ିବ । ତେଣୁ ସେମାନେ ଆମ ସହିତ ଆସିଲେ ନାହିଁ ଅନ୍ୟଥା ସେମାନେ କଦାପି ପଛରେ ରହି ନଥାଆନ୍ତେ । କିନ୍ତୁ ଯେତେବେଳେ ସେମାନେ ପରିସ୍ଥିତି ସଂପର୍କରେ ଅବଗତ ହେଲେ ସେତେବେଳେ  ସେମାନେ ଆଁହଜରତ ସ.ଅଙ୍କ ସୁରକ୍ଷା ନିମନ୍ତେ ନିଜର ପ୍ରାଣ ଉତ୍ସର୍ଗ କରିବା ନିମନ୍ତେ ପଶ୍ଚାତ୍‌ପଦ ହେବେ ନାହିଁ । ଏହା ଥିଲା ସେହି ସାହାବାମାନଙ୍କର ଉତ୍ସାହ ଓ ନିଷ୍ଠା ଯାହାକି ପ୍ରତ୍ୟେକ ପରିସ୍ଥିତିର ପ୍ରଶଂସନୀୟ ଅଟେ । ଅନ୍ୟଥା ଈଶ୍ୱରଙ୍କ ବାର୍ତ୍ତାବହ ଯୁଦ୍ଧଭୂମିରୁ ପଳାୟନ କରିବ ଏହା କିପରି ସମ୍ଭବପର ଅଟେ ? ସୁତରାଂ ହୁନୈନ୍ ଯୁଦ୍ଧକ୍ଷେତ୍ରରେ ଆମେମାନେ ଅବଲୋକନ କଲୁ ଯେ, 12000 ସୈନ୍ୟବାହିନୀ ପିଠି ଦେଖାଇ ପଳାୟନ କଲା କିନ୍ତୁ ଏହି ଏକେଶ୍ୱରବାଦର କେନ୍ଦ୍ରସ୍ଥଳୀ ଅର୍ଥାତ୍ ଆଁହଜରତ ସ.ଅ ନିଜ ସ୍ଥାନରେ ଅବିଚଳ ରହିଲେ ବିଚଳିତ ହେଲେ ନାହିଁ । ସେ ଯାହା ହେଉ ନା କାହିଁକି ସାଏବାନ୍ (ତମ୍ବୁ ବା ଶିବିର) ପ୍ରସ୍ତୁତ କରାଗଲା ଏବଂ ସାଆଦ୍ ଓ ଅନ୍ୟ ଅନ୍‌ସାରମାନେ ଏହାର ଆଖପାଖରେ ପ୍ରହରୀ ଦେବା ନିମନ୍ତେ ଛିଡ଼ା ହୋଇ ପଡ଼ିଲେ । ଆଁହଜରତ ସ.ଅ ଓ ହ. ଅବୁ ବକର ର.ଅ ସେହି ସାଏବାନ୍ ତଳେ ରାତ୍ର ଯାପନ କଲେ ।" ଏକ ବର୍ଣ୍ଣନାରେ ଏହି ଚର୍ଚ୍ଚା ମଧ୍ୟ ରହିଛି ହ. ଅବୁ ବକର ର.ଅ ସାଏବାନ୍‌ରେ ଫୁଙ୍ଗୁଳା ଖଡ଼୍‌ଗ ଓହଳାଇ ଆପଣ ସ.ଅଙ୍କ ନିକଟରେ ସୁରକ୍ଷା ସକାଶେ ଛିଡ଼ା ହୋଇ ରହିଥିଲେ ଏବଂ ଆପଣ ସ.ଅ ଅହୋରାତ୍ର ଅଲ୍ଲାଃତାଲାଙ୍କ ସମକ୍ଷରେ କାକୁତି ମିନତିପୂର୍ବକ ପ୍ରାର୍ଥନା କଲେ । ପୁନଶ୍ଚ ସେହିପରି ଉଲ୍ଲେଖ ରହିଛି ଯେ, ସମସ୍ତ ସୈନ୍ୟବାହିନୀରେ କେବଳ ଆପଣ ସ.ଅ ହିଁ ଏକମାତ୍ର ବ୍ୟକ୍ତି ଥିଲେ ଯେକି ଅହୋରାତ୍ର ଉଜାଗର ରହିଥିଲେ । ଅନ୍ୟ ସମସ୍ତ ଲୋକମାନେ ପାଳି କରି ଶୋଇ ପଡ଼ିଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ମିର୍ଜା ବଶୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-357, ପ୍ରକାଶନ ମସିହା-1996 ମସିହା) (ସବ୍‌ଲୁଲ୍ ହୁଦା, ଭାଗ-11, ପୃ-398, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1993)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ତତ୍‌ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି ଯେ, ଆଁହଜରତ ସ.ଅ ଯେତେବେଳେ ବଦର୍ ଭୂମିରେ ପହଞ୍ଚିଲେ ସେତେବେଳେ ସାହାବାମାନେ ଏକ ଉଚ୍ଚ ସ୍ଥାନର କରି ରୁସଲ୍ କରୀମ୍ ସ.ଅଙ୍କୁ ସେଠାରେ ବସାଇଦେଲେ ଓ ପୁନଶ୍ଚ ସେମାନେ ଅର୍ଥାତ୍ ସାହାବାମାନେ ପରସ୍ପର ସହିତ ପରାମର୍ଶ କରି ଜାଣିବାକୁ ପାଇଲେ ଯେ, ସବୁଠୁ ଦ୍ରୁତଗାମୀ ଓଟ କାହା ପାଖରେ ଅଛି ? ଅତଏବ୍ ସବୁଠୁ ଦ୍ରୁତଗାମୀ ଓଟକୁ ଧରି ସେମାନେ ରସୁଲ୍ କରୀମ୍ ସ.ଅଙ୍କ ନିକଟରେ ବାନ୍ଧିଦେଲେ ।  ରସୁଲ୍ କରୀମ୍ ସ.ଅ ସେହି ଓଟଟିକୁ ଦେଖି କହିଲେ, ଏଇଟା କ'ଣ? ସେମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ସ୍ୱଳ୍ପ ସଂଖ୍ୟକ ଅଟୁ ଓ ଶତ୍ରୁ ଅଧିକ ସଂଖ୍ୟକ ଅଟନ୍ତି । ଆମେମାନେ ଭୟ କରୁଛୁ ଯେ, କାଳେ ଆମେମାନେ ସମସ୍ତେ ଉକ୍ତ ସ୍ଥାନରେ ଶହୀଦ୍ ହୋଇ ନଯାଉ । ହେ ଅଲ୍ଲାଃଙ୍କ ବାର୍ତ୍ତାବହ ଆମେମାନେ ନିଜର ମୃତ୍ୟୁ ପ୍ରତି କୌଣସି ଦୁଃଖିତ ଏବଂ ଚିନ୍ତତ ନାହୁଁ। ଆମେମାନେ କେବଳ ଆପଣ ସ.ଅଙ୍କ ସକାଶେ ଚିନ୍ତିତ ଅଟୁ । ଅର୍ଥାତ୍ ଆପଣ ସ.ଅଙ୍କୁ କୌଣସି କଷ୍ଟ ଯେପରି ନପହଞ୍ଚୁ । ଆମେମାନେ ଯଦି ମୃତ୍ୟୁବରଣ କରୁ ତେବେ ଇସ୍‌ଲାମ୍ ଧର୍ମର କିଛି କ୍ଷତି ହେବ ନାହିଁ । କିନ୍ତୁ ଆପଣ ସ.ଅଙ୍କ ସହିତ ଇସଲାମ୍ ଧର୍ମର ଜୀବନ ସଂଶ୍ଳୀଷ୍ଟ ଅଟେ । ସୁତରାଂ ଏହା ଅତ୍ୟନ୍ତ ଆବଶ୍ୟକ ଯେ, ଆମେମାନେ ଆପଣ ସ.ଅଙ୍କ ସୁରକ୍ଷାର ସାଧନ ସୃଷ୍ଟି କରିଦେବୁ ।

ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ହ. ଅବୁ ହୁରୈରାହ୍‌ଙ୍କୁ ତ' ଆମେମାନେ ଆପଣ ସ.ଅଙ୍କ ସୁରକ୍ଷା ନିମନ୍ତେ ନିୟୋଜିତ କରିଦେଇଅଛୁ ଏବଂ ଏହି ଦ୍ରୁତଗାମୀ ଓଟ ଆପଣ ସ.ଅଙ୍କ ନିକଟରେ ବାନ୍ଧି ଦେଇଅଛୁ । ଭଗବାନ ନକରନ୍ତୁ ଏପରି କୌଣସି ମୁହୂର୍ତ୍ତ ଆସିଲା କି ଆମେମାନେ ଗୋଟି ଗୋଟି କରି ଏଠାରେ ଶହୀଦ୍ ହୋଇଯାଉ ତେବେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହି ଓଟ ମହଜୁଦ୍ ରହିଛି । ଆପଣ ସ.ଅ ଏହା ଉପରେ ଆରୋହଣ ହୋଇଯିବେ ଓ ମଦିନା ପହଞ୍ଚିଯିବେ । ସେଠାରା ଆମର ଆଉ କେତେକ ଭାଇମାନେ ଅଛନ୍ତି ସେମାନଙ୍କୁ ଜଣା ନଥିଲା କି ଯୁଦ୍ଧ ହେବାକୁ ଅଛି । ଯଦି ଜ୍ଞାତ ହୋଇ ଥାଆନ୍ତା ତାହାହାଲେ ସେମାନେ ମଧ୍ୟ ଆମ ସହିତ ସାମିଲ୍ ହୋଇ ଯାଇଥାଆନ୍ତେ । ଆପଣ ସ.ଅ ସେମାନଙ୍କ ନିକଟରେ ପହଞ୍ଚିଯିବେ। ସେମାନେ ଆପଣ ସ.ଅଙ୍କୁ ସୁରକ୍ଷା ପ୍ରଦାନ କରିବେ ଏବଂ ଶତ୍ରୁର ଉପଦ୍ରବରୁ ଆପଣ ସ.ଅଙ୍କ ସୁରକ୍ଷିତ ରହିବେ । **(ଜମାଅତ୍ ଅହେମଦିୟାର ସଂସ୍ଥାପକ କୌଣସି ନୂତନ ଧର୍ମ ଆଣି ନାହାନ୍ତି, ଅନ୍‌ୱାରୁଲ୍ ଉଲୁମ୍, ଭାଗ-15, ପୃ-244-254)** କିନ୍ତୁ ସେ ଯାହା ହେଉ ଆଁହଜରତ ସ.ଅ ତ' ସେମାନଙ୍କ କଥା ମାନି ନଥିଲେ ଓ ନା ହିଁ ମାନି ପାରି ଥାଆନ୍ତେ । କିନ୍ତୁ ଏହା ଏକ ଉତ୍ସାହ ଥିଲା ଯାହାକି ସେହି ସାହାବାମାନଙ୍କର ଥିଲା ।

ହ. ମୁସ୍‌ଲେହ୍ ମଉଦ୍ ର.ଅ ତତ୍‌ସମ୍ବନ୍ଧରେ କୁହନ୍ତି, "ହ. ଅଲୀ ର.ଅ ଏକଦା କହିଲେ, ସାହାବାମାନଙ୍କ ମଧ୍ୟରୁ ସର୍ବାଧିକ ବୀର ଓ ସାହସୀ ବ୍ୟକ୍ତି ଯଦି କିଏ ଥିଲା ତେବେ ସେ ହେଉଛନ୍ତି ହ. ଅବୁ ବକ୍କର ର.ଅ ଥିଲେ ଓ ପୁନଶ୍ଚ ହ. ଅଲୀ ର.ଅ କହିଲେ, ବଦର୍ ଯୁଦ୍ଧରେ ଯେତବେଳେ ରସୁଲ୍ କରୀମ୍ ସ.ଅଙ୍କ ସକାଶେ ଏକ ପୃଥକ ଉଚ୍ଚ ଚତୁର୍ଭୁଜ ସ୍ଥାନ ନିର୍ମାଣ କରାଗଲା । ସେତେବେଳେ ପ୍ରଶ୍ନ ଉତ୍ଥାପିତ ହେଲା ଯେ, ଆଜି ରସୁଲୁଲ୍ଲାଃ ସ.ଅଙ୍କ ସୁରକ୍ଷା ଦାୟିତ୍ୱର କାର୍ଯ୍ୟ କାହା ଉପରେ ନ୍ୟସ୍ତ କରାଯିବ ? ପ୍ରତ୍ୟୁତ୍ତରରେ ହ. ଅବୁ ବକ୍କର ର.ଅ ତୁରନ୍ତ ଫୁଙ୍ଗୁଳା ଖଡ଼୍‌ଗ ଧରି ଛିଡ଼ା ହୋଇଗଲେ ଏବଂ ସେ ବିପଦପୂର୍ଣ୍ଣ ଅବସରରେ ମଧ୍ୟ ଅତ୍ୟନ୍ତ ସାହସିକତାର ସହିତ ଆପଣ ସ.ଅଙ୍କ ସୁରକ୍ଷା ଦାୟିତ୍ୱ ସମ୍ପାଦନ କରିଥିଲେ ।"

**(ତଫ୍‌ସିର୍ କବିର୍, ଭାଗ-7. ପୃ-364-365)**

ସେ ଯାହା ହେଉ ପ୍ରାତଃ ସମୟରେ କୁରୈଶ୍‌ମାନେ ନିଜ ସ୍ଥାନରୁ ଆଗକୁ ଅଗ୍ରସର ହେଲେ । ଆଁହଜରତ ସ.ଅ ଯେତେବେଳେ ସେମାନଙ୍କୁ ଦେଖିଲେ ସେତେବେଳେ କହିଲେ, ହେ ଅଲ୍ଲାଃ ! ଏହି କୁରୈଶ୍‌ମାନେ ଗର୍ବ ତଥା ଅହଂକାରପୂର୍ବକ ତୁମ୍ଭ ସହିତ ଲଢିବା ନିମନ୍ତେ ଓ ତୁମ୍ଭର ବାର୍ତ୍ତାବହର ଖଣ୍ଡନ ନିମନ୍ତେ ଆସିଯାଇଛନ୍ତି। ତୁମ୍ଭେ ମୋତେ ଯେଉଁ ସାହାଯ୍ୟ କରିବାର ପ୍ରତିଶୃତି ଦେଇଅଛି ତାହାକୁ ପୂର୍ଣ୍ଣ କର ଏବଂ ଆଜି ହିଁ ଏମାନଙ୍କର ସଂହାର କରିଦିଅ ।

ଅବଜ୍ଞାକାରୀମାନଙ୍କ ମଧ୍ୟରୁ ଉତ୍‌ବା ବିନ୍ ରବିୟାକୁ ଆଁହଜରତ ସ.ଅ ଏକ ଲୋହିତ ବର୍ଣ୍ଣର ଓଟ ଉପରେ ବସିଥିବାର ଦେଖିଲେ । ଆପଣ ସ.ଅ କହିଲେ, ଏମାନଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ମଧ୍ୟରେ ପୁଣ୍ୟ ରହିଛି ତେବେ ସେହି ନାଲି ରଙ୍ଗର ଓଟ ବ୍ୟକ୍ତି ନିକଟରେ ରହିଛି । ସେମାନେ ଯଦି ସେହି ବ୍ୟକ୍ତିର କଥା ମାନିବେ ତାହାହେଲେ ସେମାନେ ସତ୍‌ମାର୍ଗ କୁ ଚାଲି ଆସିବେ ।

ଅବଜ୍ଞାକାରୀଙ୍କ ହୁଜୁର ସ.ଅଙ୍କ ଜଳକୁଣ୍ଡରୁ ଜଳପାନ କରିବାର ଘଟଣାର ଚର୍ଚ୍ଚା ମଧ୍ୟ ମିଳେ । ଆଁହଜରତ ସ.ଅ ଜଳକୁଣ୍ଡ ଉପରେ ଅଧିକାର କରିଥିଲେ । କିନ୍ତୁ ଏହି ଅବଜ୍ଞାକାରୀ ଲୋକମାନେ ଅର୍ଥାତ୍ କୁରୈଶ୍‌ମାନେ ବଦର ଭୂମିରେ ଅବତରଣ କଲେ । ତନ୍ମଧ୍ୟରୁ ଗୋଟିଏ ଦଳ ହୁଜୁର ସ.ଅଙ୍କ ଜଳକୁଣ୍ଡ ନିକଟରେ ଆସି ଜଳ ପାନ କରିବାକୁ ଲାଗିଲା । ସେମାନଙ୍କ ମଧ୍ୟରେ ହକିମ୍ ବିନ୍ ହିଜାମ୍ ମଧ୍ୟ ସାମିଲ ଥିଲେ । ରସୁଲୁଲ୍ଲାଃ ସ.ଅ କହଲେ ସେମାନଙ୍କୁ ଜଳପାନ କରିବାକୁ ଦିଅ । ସେଦିନ ସେମାନଙ୍କ ମଧ୍ୟରୁ ଯେଁ ବ୍ୟକ୍ତି ବି ଜଳପାନ କରିଥିଲା ସମସ୍ତେ ନିହତ ହେଲେ । କିନ୍ତୁ ହକିନ୍ ବିନ୍ ହିଜାମ୍ ଏହାପରେ ମୁସଲମାନ ହୋଇଯାଇଥିଲେ । ସେ ମଧ୍ୟ ରାଣ ଖାଉଥିଲେ ଏବଂ ଏହିପରି କହୁଥିଲେ ଯେ, ସେହି ସତ୍ତାଙ୍କର ଶପଥ କରି କହୁଛି ! ଯିଏ ମୋତେ ବଦର୍ ଯୁଦ୍ଧ ଦିନ ମୋକ୍ଷ ପ୍ରଦାନ କରିଥିଲେ । **(ସିରତ୍ ଇବ୍‌ନେ ହିଶ୍ଶାମ୍, ପୃ-424, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍2001 ମସିହା)**

ଯୁଦ୍ଧ ପାଇଁ ଧାଡ଼ି ସଳଖ କରିବା ସଂକ୍ରାନ୍ତରେ ଉଲ୍ଲେଖ ରିହଛି ଯେ, ସକାଳ ସମୟରେ କୁରୈଶ୍‌ମାନଙ୍କର ଆଗମନ ପୂର୍ବରୁ ଆପଣ ସ.ଅ ସାହାବାମାନଙ୍କର ଧାଡ଼ି କରିଥିଲେ । ଆପଣ ସ.ଅ ତୀର ସହିତ ଧାଡ଼ି ସଳଖ କରୁଥିଲେ ।  ଆପଣ ସ.ଅ ହ. ମୁସ୍‌ଅବ୍ ବିନ୍ ଉମୈର୍‌ଙ୍କୁ ଧ୍ୱଜା ପ୍ରଦାନ କରିଥିଲେ । ଆଁହଜରତ ସ.ଅ ଯେଉଁଠି ଧ୍ୱଜା ରଖିବା ନିମନ୍ତେ ଆଦେଶ ଦେଇଥିଲେ ହ. ମୁସ୍‌ଅବ୍ ବିନ୍ ଉମୈର୍ ର.ଅ ଧ୍ୱଜାକୁ ସେହି ସ୍ଥାନରେ ରଖିଦେଲେ । ହୁଜୁର ସ.ଅ ଧାଡ଼ିଗୁଡ଼ିକର ସମୀକ୍ଷା କରିବାକୁ ଲାଗିଲେ । ଆପଣ ସ.ଅ ପଶ୍ଚିମ ଦିଗ ଆଡ଼କ ମୁହଁ କରିଥିଲେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଜିକ୍ରୁ ଗଜ୍‌ୱାତୁଲ୍ ବଦ୍ରୁଲ୍ କୁବ୍ରା, ଭାଗ-4, ପୃ-33**

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ"  ।

ତାଲିବେ ଦୁଆ:  Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି'  ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ:  Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

**ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-1993)**

ଉକ୍ତ ଅବଧି ମଧ୍ୟରେ ଆଁହଜରତ ସ.ଅ ଯେତେବେଳେ ଧାଡ଼ି ସଳଖ କରୁଥିଲେ ସେତେବେଳେ ଏକ ଅଦ୍ଭୁତ ତଥା ବିଚିତ୍ର ଘଟଣା ଘଟିବାର ମଧ୍ୟ ଚର୍ଚ୍ଚା ମିଳେ। ସେହି ଘଟଣା ହ. ଅସୱାଦ୍ ବିନ୍ ଗଜିୟାଙ୍କର ଅଟେ । ଯାହାଙ୍କ ପ୍ରତି ଆଁହଜରତ ସ.ଅଙ୍କର ପ୍ରେମର ଅନ୍ତରୀକତା ପରିପ୍ରକାଶ ହୋଇଥାଏ । ଉଲ୍ଲେଖ ରହିଛି ଯେ, ବଦର୍ ଯୁଦ୍ଧରେ ଧାଡ଼ି ସଳଖ କରୁଥିବା ସମୟରେ ଯେତେବେଳେ ହୁଜୁର ସ.ଅ ସୱାଦ୍ ବିନ୍ ଗଜିୟାଙ୍କ ପାଖ ଦେଇ ଅତିକ୍ରମ କଲେ ସେତେବେଳେ ସେ ଧାଡ଼ିରୁ ବାହାରକୁ ବାହାରିଥିଲେ । ଆପଣ ସ.ଅ ତାଙ୍କ ପେଟ ତୀର ସ୍ପର୍ଶ (ଗେଞ୍ଜି) ଇଙ୍ଗିତ କଲେ, ହେ ସୱାଦ୍ ! ସିଧା ଛିଡ଼ା ହୋଇଯାଅ । ହ. ସୱାଦ୍ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋତେ କଷ୍ଟ ଦେଇଛନ୍ତି । ଅଲ୍ଲାଃତାଲା ଆପଣ ସ.ଅଙ୍କୁ ନ୍ୟାୟ ତଥା ବିଚାର କରିବା ନିମନ୍ତେ ପ୍ରେରଣ କରିଛନ୍ତି । ତେଣୁ ଆପଣ ସ.ଅ ମୋତେ ପ୍ରତିଶୋଧ ନେବାକୁ ଦିଅନ୍ତୁ । ଆପଣ ସ.ଅ ମୋ ପେଟରେ ତୀର ଗେଞ୍ଜିଛନ୍ତି। ହୁଜୁର ସ.ଅ ନିଜ ପେଟ ଉପରୁ ବସ୍ତ୍ର ଉଠାଇଲେ ଏବଂ କହିଲେ ହେଇ ନିଅ ସୱାଦ୍ ବଦଲା (ପ୍ରତିଶୋଧ) ନେଇନିଅ । ହ. ସୱାଦ୍ ଆପଣ ସ.ଅଙ୍କୁ ଆଲିଙ୍ଗନ କରିନେଲେ ଏବଂ ଆପଣ ସ.ଅଙ୍କ ଶରୀରକୁ ଚୁମ୍ବନ କରିବାକୁ ଲାଗିଲେ। ହୁଜୁର ସ.ଅ ପଚାରିଲେ: ହେ ସୱାଦ୍ ! ତୁମେ ଏପରି କାହିଁକି କଲ ? ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଦେଖୁଛନ୍ତି ଯେ, ଏଇଟା କେଉଁ ସମୟ ଅଛି ? ଏଇଟା ଯୁଦ୍ଧ ସମୟ ଅଟେ । କିଛି ଜଣା ନାହିଁ ଅପର ମୁହୂର୍ତ୍ତରେ ମୁଁ ଜୀବିତ ରହିବା କି ନାହିଁ ! ତେଣୁ ମୁଁ ଚାହିଁଲି ଯେ, ଆପଣ ସ.ଅଙ୍କ ସହିତ ମୋର ଶେଷ ମୁହୂର୍ତ୍ତ ଯାହା ବି ଅତିବାହିତ ହେବ ତାହା ଏହିପରି ଅତିବାହିତ ହେଉ ଯେ, ମୋର ଶରୀର ଆପଣ ସ.ଅଙ୍କ ଶରୀରକୁ ସ୍ପର୍ଶ କରୁ । ହୁଜୁର ସ.ଅ ତାଙ୍କର ମଙ୍ଗଳ କାମନା ନିମନ୍ତେ ଦୁଆ କଲେ । **(ସିରତୁଲ୍ ହଲବିୟାହ୍, ବାବ୍- ଜିକ୍ରୁ ମୁଗାଜିୟାହ୍ ସ.ଅ, ଭାଗ-2, ପୃ-220-221, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍ ବୈରୁତ୍-2002 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଏହା ଥିଲା ସାହାବାମାନଙ୍କର ହୁଜୁର ସ.ଅଙ୍କ ପ୍ରତି ଥିବା ପ୍ରେମ ତଥା ଆନ୍ତରୀକତାର ଦୃଶ୍ୟ । ଏହାର ଅବଶିଷ୍ଟାଂଶ ଇନଶାଅଲ୍ଲାଃ ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି । ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଉତ୍ତମ ଚର୍ଚ୍ଚା କରିଦେବାକୁ ଚାହୁଁଛି । ତନ୍ମଧ୍ୟରୁ ପ୍ରଥମ ମୃତକ ହେଲେ ସମ୍ମାନନୀୟ ସ୍ୱର୍ଗତ କାରି ମୁହମ୍ମଦ୍ ଆଶିକ୍ ହୁସୈନ୍ ସାହେବ । ସ୍ୱର୍ଗତ ଆଶିକ୍ ହୁସୈନ୍ ସାହେବ ଯାମିୟା ଅହେମଦିୟା ଅଧୀନସ୍ଥ ମଦରସତୁଲ୍ ହିଫଜ୍‌ର ନିରୀକ୍ଷକ ଏବଂ ପ୍ରିଂସିପାଲ୍ (ଅଧ୍ୟକ୍ଷ) ଥିଲେ । ବିଗତ ଦିନ 85 ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଥିଲା। اناللهوانااليهراجعون ।

ଅଲ୍ଲାଃତାଲାଙ୍କ କୃପାରୁ କାରି ଆଶିକ୍ ସାହେବ ଓସିୟତ୍ କରିଥିଲେ । କାରି ଆଶିକ୍ ସାହେବଙ୍କୁ ପବିତ୍ର କୁରଆନ୍ କରୀମ୍ ମୁଖସ୍ତ କରିବା ଓ ତଜୱିଦ୍ କାଏଦା ଶିଖିବା ପରେ ଅହେମଦିୟତ୍ ସ୍ୱୀକାର କରିବା ପୂର୍ବରୁ ପାକିସ୍ତାନର ବିଭିନ୍ନ ଅଞ୍ଚଳର ମାଦ୍ରାସାଗୁଡ଼ିକରେ ଅଧ୍ୟାପନା ଏବଂ ଶିକ୍ଷାଦାନ କରିବାର ଅବସର ପ୍ରାପ୍ତ ହୋଇଥିଲା । ସେ ସ୍ୱୟଂ ବୈଅତ୍ କରିଥିଲେ । କାରି ଆଶିକ୍ ସାହେବ ବୈଅତ୍ କରିବା ପୂର୍ବରୁ ଏହଲେ ହଦିସ୍ ମତାବଲମ୍ବୀ ଥିଲେ । କାରି ସାହେବ ସ୍ୱୟଂ ନିଜ ସଂକ୍ରାନ୍ତରେ ଯେଉଁ ପୁସ୍ତକ ରଚନା କରିଥିଲେ ତହିଁରେ ଆପଣ ବର୍ଣ୍ଣନା କରି କୁହନ୍ତି ଯେ, 1957 ମସିହାର ଘଟଣା ମୁଁ ଯେତେବେଳେ କରାଚୀରେ ଥିଲି ସେତେବେଳେ ସେଠାରେ କେତେକ ବିଦ୍ୱାନ୍ ମନିଷୀ ବନ୍ଧୁମାନଙ୍କ ସହିତ ମୋର ଉଠାବସା ଥିଲା । ମୁଁ ଅନେକ ସମୟରେ ସେମାନଙ୍କ ନିକଟକୁ ଚାଲିଯାଉଥିଲି । ସେଠାରେ ସମ୍ବାଦପତ୍ରର ଅଧ୍ୟୟନ କଲି ଏବଂ କେତେକ ବିଦ୍ୱାନମାନଙ୍କ ସହିତ ମଜଲିସ୍ ମଧ୍ୟ ରହିଥାଏ । ଦିନେ ମୁଁ ସେଠାରେ ବସି ଖବରକାଗଜ ପଢୁଥିଲି କି ଜଣେ ବନ୍ଧୁ ଯେକି ହ. ମସିହ୍ ମଉଦ୍ ଅ.ସଙ୍କର ଏକ ପୁସ୍ତକ ଅଧ୍ୟୟନ କରୁଥିଲେ । ସେ କହୁଥିଲେ ଯେ, ଆରେ ଭାଇ ବଡ଼ ବିଚିତ୍ର କଥା ! ମୁଁ କହିଲି, ଭାଇ କି ବିଚିତ୍ର କଥା ? କାରି ସାହେବ କହିଲେ ଆମର ବିଦ୍ୱାନ୍‌ମାନେ ବିଭିନ୍ନ ଆୟତକୁ ନାସିଖ୍ ଓ ମନସୁଖ୍ (ଲିପିକ ଓ ନିରସ୍ତ ବା ରଦ୍ଦ)ର ଆସ୍ଥା ରଖନ୍ତି । ଅପରପକ୍ଷେ ମିର୍ଜା ଗୁଲାମ୍ ସାହେବ କାଦିଆନୀ କୁହନ୍ତି ଯେ, ପବିତ୍ର କୁରଆନ୍ କରୀମ୍‌ର ବିନ୍ଦୁଟିଏ ମଧ୍ୟ ରଦ୍ଦ ହୋଇ ନାହିଁ । ତେବେ କାରି ସାହେବ କୁହନ୍ତି ଯେ, ମୋ ମନରେ ଉକ୍ତ କଥା ଜାଣିବା ନିମନ୍ତେ ଆଗ୍ରହ ସୃଷ୍ଟି ହେଲା । ମୁଁ ଏହା ଉଚିତ୍ ବୋଲି ମନେ କଲି ଯେ, ଏସମ୍ବନ୍ଧରେ ଅନୁସନ୍ଧାନ କରାଯାଉ । କାରଣ ଏମାନେ ସତ୍ୟ ଅଟନ୍ତି କିମ୍ବା ଏମାନେ ମିଥ୍ୟାବାଦୀ ନୁହନ୍ତି । ପୁନଶ୍ଚ ସେ ନିଜର ଆତ୍ମ ଜୀବନୀରେ ଉଲ୍ଲେଖ କରନ୍ତି ଯେ, ଦିନେ ମୁଁ ଅହେମଦିୟତ୍‌ର ପରିଚୟ ପ୍ରାପ୍ତ କରିବା ପାଇଁ କରାଚୀ ସ୍ଥିତ ନିମନ୍ତେ ଅହେମଦିୟା ହଲକୁ ନମାଜ ପରେ ଗଲି । ଜଣେ ଅହେମଦି ସହିତ ଭେଟ ହେଲା । ମୁଁ ତାଙ୍କୁ କହିଲି ଯେ, ମୁଁ ବିବାଦୀୟ ପ୍ରସଙ୍ଗ ସଂପର୍କରେ କିଛି ତଥ୍ୟ ଚାହୁଁଛି । ତତ୍‌ସଂକ୍ରାନ୍ତରେ ଆପଣ ମୋତେ ଦୟା କରି ସାହାଯ୍ୟ କରନ୍ତୁ ଏବଂ ମୋର ମାର୍ଗଦର୍ଶନ କରନ୍ତୁ । ସେଠାରେ ବସିଥିବା ଜଣେ ବନ୍ଧୁ ମୋତେ ଅହେମଦିୟା ହଲରୁ ନିଜ ଘରକୁ ନେଇଗଲେ । ସେ ମୋତେ କେତେକ ପୁସ୍ତକ ପାଠ କରିବାକୁ ଦେଲେ । ମୁଁ ସେହି ପୁସ୍ତକ ଅଧ୍ୟୟନ କଲି ଏବଂ ନିଜର ସେହି ବିଦ୍ୱାନ୍‌ମାନଙ୍କ ମଧ୍ୟରୁ ଜଣେ ମୌଲବୀଙ୍କୁ ଦେଖାଇଲି କି ଏହା ତ' ଠିକ୍ ଇସଲାମ୍ ଧର୍ମ ପରି ଅଟେ । ମୌଲବୀ ସାହେବ କହିଲେ, ଆପଣ ଅତ୍ୟନ୍ତ ସତ୍‌ସ୍ୱଭାବ ବ୍ୟକ୍ତି ଅଟନ୍ତି । ଆପଣଙ୍କୁ ଜଣା ନାହିଁ ତେଣୁ ମୁଁ ଆପଣଙ୍କୁ କହିବାକୁ ଚାହୁଁଛି ଯେ, ମିର୍ଜା ସାହେବଙ୍କ କ୍ଷୁଦ୍ର ପୁସ୍ତକଗୁଡ଼ିକରେ ଯେଉଁ ବିଶ୍ୱାସ ତଥା ଆସ୍ଥା ଉଲ୍ଲିଖିତ ରହିଛି ତାହା ଇସଲାମ୍ ଧର୍ମ ଅନୁଯାୟୀ ଅଟେ । ଏହା ହେଉଛି ସେହି ପୁସ୍ତକ ଯାହାକୁ ଆପଣ ଅ.ସ ପ୍ରାପରମ୍ଭିକ କାଳରେ ରଚନା କରିଥିଲେ । କିନ୍ତୁ ବୃହତାକାୟ ପୁସ୍ତଗୁଡ଼ିକ ପରବର୍ତ୍ତୀ ସମୟରେ ଆପଣ ଅ.ସ ରଚନା କରିଥିଲେ । ତନ୍ମଧ୍ୟରେ ମିର୍ଜା ସାହେବଙ୍କ କ୍ଷୁଦ୍ର ଚିନ୍ତାଧାର ସମ୍ବଳିତ ବିଶ୍ୱାସ ମଧ୍ୟ ଉଲ୍ଲିଖିତ ହୋଇଛି । କିନ୍ତୁ ବରାହିନେ ଅହେମଦିୟା ତ' ପ୍ରାରମ୍ଭିକ କାଳେରେ ରଚନା କରାଯାଇଥିଲା ଓ ତାହା ହିଁ ଇସଲାମ୍ ଧର୍ମର ମୂଳ (ପୁସ୍ତକ, ଆସ୍ଥା) ଥିଲା । ପରବର୍ତ୍ତୀ ସମୟରେ ଆହୁରି ଅନେକ ପୁସ୍ତକ ମଧ୍ୟ ଆପଣ ଅ.ସ ରଚନା କରିଥିଲେ । ସେ ଯାହା ହେଉ ମହୋଦୟ ବ୍ୟକ୍ତି କାରି ସାହେବଙ୍କୁ ବୃହତାକାୟ ପୁସ୍ତକ ଦେବାକୁ କ୍ଷମା ପ୍ରାର୍ଥନା କଲେ । କିନ୍ତୁ ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକରେ କୌଣସି ବିପରୀତ ଆଭାସ ଦେଖିବାକୁ ମିଳିଲା ନାହିଁ । ସେ ପୂର୍ବ ପୁସ୍ତକ ହେଉ ଅବା ପରବର୍ତ୍ତୀ କାଳରେ ରଚିତ ଶେଷ ପୁସ୍ତକଗୁଡ଼ିକ ହେଉ । ଏହା ପଛରେ କ'ଣ ରହସ୍ୟ ଥିଲା କେଜାଣି? ସେହି ସଜ୍ଜନ ଅହେମଦି ବ୍ୟକ୍ତି କାହିଁକି ପୁସ୍ତକ ଦେଲେ ନାହିଁ ଅଲ୍ଲାଃତାଲା ଭଲ ଭାବରେ ଜାଣନ୍ତି । କାରଣ ସେ ଅନ୍ତର୍ଯାମୀ ଅଟନ୍ତି । କିନ୍ତୁ ସେ ଯାହା ହେଉ ନା କାହିଁକି ଏହାପରେ ପୁନଶ୍ଚ କାରି ସାହେବଙ୍କର ଯୋଗାଯୋଗ ତାଙ୍କ ସହିତ ସମାପ୍ତ ହୋଇଗଲା । ଏହାପରେ କାରି ସାହେବଙ୍କ ସ୍ୱରଚିତ ଜୀବନୀ ଅନୁଯାୟୀ ଜ୍ଞାତ ହୁଏ ଯେ, ଏକ ବିଶେଷ ଐଶୀ ଭାଗ୍ୟ ତାଙ୍କ ମନରେ ଏକ ବ୍ୟାକୁଳତା ସୃଷ୍ଟି କରିଦେଇଥିଲା ଓ କାରି ସାହେବ ଅନେକ ଅବସରରେ ରବ୍‌ୱା ଆସୁଥିଲେ ଏବଂ ସ୍ଥାନୀୟ ସ୍ତରରେ ଅହେମଦିମାନଙ୍କ ସହିତ ଯୋଗାଯୋଗ କରୁଥିଲେ । ଦୁଆ ମଧ୍ୟ କରୁଥିଲେ । ସେହି ଦୁଆ ଯୋଗୁଁ ଅନେକ ସମୟରେ ତାଙ୍କୁ ଅସଂଖ୍ୟ ସ୍ୱପ୍ନ ମଧ୍ୟ ଆସିଲା । ସେହି ସ୍ୱପ୍ନ ମଧ୍ୟରୁ ଏକ ସ୍ୱପ୍ନ ଏହା ମଧ୍ୟ ରହିଥିଲା ଯେ, اِسْمَعُوْا صَوْتَ السَّمَاءِ جَاءَ الْمَسِيْحُ ଅର୍ଥାତ୍ ଆକାଶର ସ୍ୱର ଶୁଣ କାରଣ ମସିହ୍ ଆସିଯାଇଛନ୍ତି। କାରି ସାହେବ କୁହନ୍ତି, ସେତେବେଳେ ଏହି ଶବ୍ଦାବଳୀ ଦ୍ୱାରା ମୋର ଧ୍ୟାନ ଅହେମଦିୟତ୍ ଆଡ଼କୁ ଗଲା ନାହିଁ କିନ୍ତୁ ଅହେମଦି ହେବା ପରେ ଉକ୍ତ ଇଲହାମ୍ ଏବଂ ସ୍ୱପ୍ନ ମୋତେ ମନେପଡ଼ିଲା । ଅର୍ଥାତ୍ ମୁଁ ଦେଖିଥିବା ସ୍ୱପ୍ନ ସାକାର ହୋଇଛି । ମୁଁ ଯେଉଁ ବିଭିନ୍ନ ସ୍ୱପ୍ନ ଦେଖିଥିଲି ତନ୍ମଧ୍ୟରୁ ଗୋଟିଏ ସ୍ୱପ୍ନ ଏହା ମଧ୍ୟ ଥିଲା । କାରି ସାହେବ ଉଲ୍ଲେଖ କରନ୍ତୁ ଯେ, ମୁଁ ଯେତେବେଳେ ନିଜ ଜୀବନର ଘଟଣାବଳୀ ଉପରେ ଦୃଷ୍ଟିପାତ କରେ ସେତେବେଳେ ମୁଁ ଏହା ଭାବିଥାଏ ଯେ, ଏହା ଅଲ୍ଲାଃତାଲାଙ୍କର ଅପାର କୃପା ଥିଲା କି ସେ ମୋର ଧ୍ୟାନକୁ ବାରମ୍ବାର ଜମାଅତ୍ ଅହେମଦିୟା ଆଡ଼କୁ ଆକର୍ଷିତ କରୁଥିଲେ । ଫଳତଃ ମୋତେ ସତ୍‌ମାର୍ଗ ପ୍ରାପ୍ତ ହୋଇଗଲା ।

କାରି ସାହେବ ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, ଅନସାରୁଲ୍ଲାଃର ଇଜ୍‌ତିମାରେ ମଧ୍ୟ ଲାହୋର୍‌ର ମୁବଲ୍ଲିଗ୍ ସିଲ୍‌ସିଲା ଶେଖ୍ ଅବ୍‌ଦୁଲ୍ କାଦିର୍ ସାହେବ ସଉଦାଗର ମଲଙ୍କ ସହିତ ମୋର ସାକ୍ଷାତ୍ ହେଲା । କାରି ସାହେବ ସେତେବେଳେ ଅନ୍‌ସାରୁଲ୍ଲାଃର ଇଜ୍‌ତିମାକୁ ଯାଇଥିଲେ ଏବଂ ବର୍ତ୍ତମାନ ବୈଅତ୍ କରି ନଥିଲେ । ସେ କୁହନ୍ତି ମୁଁ ଇଜ୍‌ତିମା ପୂର୍ବ ଦିନର ସମସ୍ତ କାର୍ଯ୍ୟକ୍ରମ ଦେଖିଲି । ପ୍ରାୟତଃ ଇଜ୍‌ତିମାର ଦ୍ୱିତୀୟ କିମ୍ବା ତୃତୀୟ ଦିନରେ ଉକ୍ତ ଇଚ୍ଛା ପରିପ୍ରକାଶ କଲି ଯେ, ମୋର ବୈଅତ୍ କରାଇ ଦିଆଯାଉ । ସୁତରାଂ ମୁଁ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟା ଗଲୁ ଏବଂ ବିନୀତ ବୈଅତ୍ ଫର୍ମ ପୂରଣ କରି ଅହେମଦିୟତ୍‌ର ଆଲୋକ ଦ୍ୱାରା

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନକୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଆଲୋକିତ ହୋଇଗଲା । **(ମେରି ଦାସ୍ତାନ, ସଂକଳକ-ହାଫିଜ୍ ମସ୍ରୁର ଅହେମଦ ଓ ମକ୍ସୁଦ୍ ଅହେମଦ, ପୃ-11-22, ପ୍ରକାଶନ ସ୍ଥାନ-ଜିୟାଉଲ୍ ଇସ୍‌ଲାମ୍ ପ୍ରେସ୍ ରବୱା, ଜାନୁୟାରୀ 2013 ମସିହାରୁ ଉଦ୍ଧୃତ)**

ଅହେମଦିୟତ୍ ସ୍ୱୀକାର କରିବା ପରେ ସ୍ୱର୍ଗତ ହାଫିଜ୍ କାରି ସାହେବଙ୍କୁ ନାନା ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଅନ୍ୟ ପଟରେ ତାଙ୍କର ଅଣଅହେମଦି ଶିକ୍ଷ୍ୟ ଏବଂ ମାର୍ଗଦର୍ଶକଙ୍କ ପକ୍ଷରୁ ବିଭିନ୍ନ ଉପାୟରେ କାରି ସାହେବଙ୍କୁ ଫେରାଇ ଆଣିବା ନିମନ୍ତେ ଅକ୍ଳାନ୍ତ ଉଦ୍ୟମ କରାଗଲା, ଲୋଭ ଦିଆଗଲା, କଠୋରତା ମଧ୍ୟ ପ୍ରଦର୍ଶନ କରାଗଲା । କାରି ସାହେବ କୁହନ୍ତି,"ଅହେମଦିୟତ୍ ସ୍ୱୀକାର କରିବା ପରେ ନାନା ପ୍ରକାରର ସମସ୍ୟା ତଥା ଅସୁବିଧା ମୋ ମାର୍ଗରେ ଆସିଥିଲା। କିନ୍ତୁ ଅଲ୍ଲାଃତାଲା ମୋତେ ଅବିଚଳତା ପ୍ରଦର୍ଶନ କରିବାକୁ ସାମର୍ଥ୍ୟ ପ୍ରଦାନ କଲେ ଏବଂ ମୁଁ ତାହାଙ୍କ ନିର୍ଦ୍ଦେଶିତ ମାର୍ଗ ଉପରେ ପରିଚାଳିତ ହୋଇ ଚାଲିଲି। ଅଲ୍ଲାଃତାଲାଙ୍କର ମାର୍ଗଦର୍ଶନ ଉପସ୍ଥିତ ରହିଥିଲା । ଅତଃ ମୋତେ କୌଣସି ସାଂସାରିକ ଲୋଭ ସତ୍‌ମାର୍ଗରୁ ବିଚ୍ୟୁତ କରାଇପାରିଲା ନାହିଁ । ଜମାଅତ୍ ଅହେମଦିୟା ପ୍ରତି ଘୃଣ୍ୟଭାବ ପ୍ରଦର୍ଶନ କରିବା ଏବଂ ପୁନଃ ଏହଲେ ହଦିସ୍‌ରେ ନେଇଯାଇ ସାମିଲ୍ କରିବା ନିମନ୍ତେ ଅନେକ ଉଦ୍ୟମ କରାଗଲା । କିନ୍ତୁ ଅଲ୍ଲାଃତାଲାଙ୍କ କୃପାରୁ ମୋ ଉପରେ ବିଶ୍ୱାସର ଯେଉଁ ରଙ୍ଗ ଲାଗିଥିଲା ସେହି କାରଣରୁ ସତ୍‌ଚେଷ୍ଟା ସତ୍ତ୍ୱେ ମଧ୍ୟ ସେମାନେ ମୋତେ ଫେରାଇ ନେଇଯିବାରେ ଅସଫଳ ହେଲେ ।"**(ମେରି ଦାସ୍ତାନ, ସଂକଳକ-ହାଫିଜ୍ ମସ୍ରୁର ଅହେମଦ ଓ ମକ୍ସୁଦ୍ ଅହେମଦ, ପୃ-27, ପ୍ରକାଶନ ସ୍ଥାନ-ଜିୟାଉଲ୍ ଇସ୍‌ଲାମ୍ ପ୍ରେସ୍ ରବୱା, ଜାନୁୟାରୀ 2013 ମସିହା)**

ସ୍ୱର୍ଗତ କାରି ସାହେବ ବିଧବାଙ୍କୁ ବିବାହ କରିଥିଲେ ଏବଂ ତାଙ୍କ ପତ୍ନୀଙ୍କର ପୂର୍ବରୁ ତିନୋଟି ସନ୍ତାନ ରହିଥିଲେ । କାରି ସାହେବଙ୍କର ବିଧବା ପତ୍ନିଙ୍କ ଗର୍ଭରୁ ଏକ କନ୍ୟା ସନ୍ତାନ ଜନ୍ମ ଗ୍ରହଣ କରିଥିଲା । ଜମାଅତୀୟ ସେବା ସଂପର୍କରେ ଉଲ୍ଲେଖ ରହିଛି ଯେ, ସୁଫି ଖୁଦା ବଖଶ୍ ଜେରୱୀ ସାହେବ ଦିନେ ମସ୍‌ଜିଦରେ ମୋତେ ଭେଟ ହେଲେ ଓ କହିଲେ, ହ. ମିର୍ଜା ତାହିର୍ ଅହେମଦ ସାହେବ ଯେକି ସେତେବେଳେ ୱକ୍‌ଫେ ଜଦିଦ୍‌ର ଇନଚାର୍ଜ ଥିଲେ ତାଙ୍କର ବାର୍ତ୍ତା ଏହା ରହିଥିଲା କି ସ୍ୱର୍ଗତ କାରି ସାହେବଙ୍କୁ ରବୱା ଅଣାଯାଉ । ସେତେବେଳକୁ କାରି ସାହେବ ବୈଅତ୍ କରି ସାରିଥିଲେ । କାରି ସାହେବ କୁହନ୍ତି, ମୁଁ ଯେତେବେଳେ ମହୋଦୟଙ୍କ ସେବାରେ ଉପସ୍ଥିତ ହେଲି ସେତେବେଳେ ହ. ମିଆଁ ସାହେବ ପ୍ରଥମେ ଆପଣଙ୍କର ତିଲାୱତ୍ ଶୁଣିଲେ ଓ ପୁନଶ୍ଚ ୱକ୍‌ଫେ ଜଦିଦ୍ ଅନ୍ତର୍ଗତ ମୁଅଲ୍ଲମିନ୍‌ମାନଙ୍କୁ ପବିତ୍ର କୁରଆନ୍ କରୀମ୍ ତଜ୍‌ୱିଦ୍ ସହିତ ପାଠ ପଢାଇବା ନିମନ୍ତେ ଡ୍ୟୁଟି (ଦାୟିତ୍ୱ) ଅର୍ପଣ କଲେ । ୱକ୍‌ଫେ ଜଦିଦ୍‌ରେ ହିଁ ରହଣୀ ନିମନ୍ତେ ବ୍ୟବସ୍ଥା କରିଦିଆଗଲା। ଉକ୍ତ ଘଟଣାଟି 1964 ମସିହାର ଅଟେ । **(ମେରି ଦାସ୍ତାନ, ସଂକଳକ-ହାଫିଜ୍ ମସ୍ରୁର ଅହେମଦ ଓ ମକ୍ସୁଦ୍ ଅହେମଦ, ପୃ-27-28, ପ୍ରକାଶନ ସ୍ଥାନ-ଜିୟାଉଲ୍ ଇସ୍‌ଲାମ୍ ପ୍ରେସ୍ ରବୱା, ଜାନୁୟାରୀ 2013 ମସିହାରୁ ଉଦ୍ଧୃତ)**

କୁହନ୍ତି ୱକ୍‌ଫେ ଜଦିଦ୍‌ରେ ମୁଅଲ୍ଲିମ୍ କାରି ସାହେବଙ୍କର ନିୟମିତ ନିଯୁକ୍ତି 1 ଜାନୁୟାରୀ 1965 ମସିହାରେ ହୋଇଥିଲା । ସେହି ସମୟରେ ଯାମିଆ ଅହେମଦିୟାର ଶାହିଦ୍ ଶ୍ରେଣୀର ଛାତ୍ରମାନେ ଆପଣଙ୍କ ଠାରୁ ପବିତ୍ର କୁରଆନ୍ କରୀମ୍ ପାଠ କରିବା ନିମନ୍ତେ ୱକ୍‌ଫେ ଜଦିଦ୍ କାର୍ଯ୍ୟାଳୟକୁ ଆସୁଥିଲେ ଏବଂ ପରେ ସମ୍ମାନନୀୟ ମୀର ଦାଉଦ୍ ଅହେମଦ ସାହେବ ଯେକି ବର୍ତ୍ତମାନ ଯାମିୟା ଅହେମଦିୟାର ପ୍ରିଂସିପାଲ୍ ଅଟନ୍ତି ତାଙ୍କ କହିବା ଯୋଗୁଁ କାରି ସାହେବ ଯାମିୟା ଅହେମଦିୟାରେ ଯାଇ ପାଠ ପଢାଇବାକୁ ଲାଗିଲେ । ତତ୍‌ସହିତ ଜମାଅତ୍‌ର ମହାବିଦ୍ୟାଳୟ ଯାମିୟା ନୁସ୍‌ରତ୍ ଗାର୍ଲସ୍ କଲେଜ୍‌ରେ ମଧ୍ୟ ନିୟମିତ ପରଦା ସହିତ ବାଳିକାମାନଙ୍କୁ ମଧ୍ୟ ପବିତ୍ର କୁରଆନ୍ କରୀମ୍ ପଢାଉଥିଲେ । **(ମେରି ଦାସ୍ତାନ, ସଂକଳକ-ହାଫିଜ୍ ମସ୍ରୁର ଅହେମଦ ଓ ମକ୍ସୁଦ୍ ଅହେମଦ, ପୃ-36-35, ପ୍ରକାଶନ ସ୍ଥାନ-ଜିୟାଉଲ୍ ଇସ୍‌ଲାମ୍ ପ୍ରେସ୍ ରବୱା, ଜାନୁୟାରୀ 2013 ମସିହାରୁ ଉଦ୍ଧୃତ)**

ଜାନୁୟାରୀ 1969 ମସିହାରେ ରବୱାର ହାଫିଜ୍ ଶ୍ରେଣୀର ଇନଚାର୍ଜ ହାଫିଜ୍ ଶଫିକ୍ ସାହେବଙ୍କର ବିୟୋଗ ଯେତେବେଳେ ହେଲା ସେତେବେଳେ ଯାମିୟାର ପ୍ରିଂସିପାଲ୍ ମୀର ଦାଉଦ୍ ସାହେବ ହାଫିଜ୍ ସାହେବଙ୍କୁ କହିଲେ, କ୍ଲାସକୁ ଚାଲି ଆସନ୍ତୁ । ଆପଣ ସେମାନଙ୍କର (ହିଫଜ୍ କ୍ଲାସ୍) ନେଇ ନିଅନ୍ତୁ । ସେହି ଦିନ ମାନଙ୍କରେ ଉକ୍ତ କ୍ଲାସ୍ ମସଜିଦେ ମୁବାରକରେ ହେଉଥିଲା । ମୋତେ ମଧ୍ୟ ମନେଅଛି ମସ୍‌ଜିଦରେ ବସି ପିଲାମାନେ ହିଫଜ୍ କରୁଥିଲେ । ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ ନିୟମିତ ଭାବରେ କାରି ସାହେବଙ୍କୁ ହିଫଜ୍ କ୍ଲାସରେ ନିଯୁକ୍ତ କଲେ ଏବଂ ଏହାର ମଞ୍ଜୁରୀ ମଧ୍ୟ ଦେଇଦେଲେ । ତତ୍‌ସହିତ ଏହା ଉଲ୍ଲେଖ କଲେ ଯେ, କାରି ସାହେବ ୱକ୍‌ଫେ ଜଦିଦ୍‌ରେ ମଧ୍ୟ ପାଠ ପଢାଇବେ ଏବଂ ହାଫିଜ୍ କ୍ଲାସକୁ ମଧ୍ୟ ପାଠ ପଢାଇବେ । ସୁତରାଂ 1969 ମସିହାରେ ନିୟମିତ ଭାବରେ କାରି ସାହେବଙ୍କର ନିଯୁକ୍ତି ହୋଇଥିଲା । **(ମେରି ଦାସ୍ତାନ, ସଂକଳକ-ହାଫିଜ୍ ମସ୍ରୁର ଅହେମଦ ଓ ମକ୍ସୁଦ୍ ଅହେମଦ, ପୃ-40-41, ପ୍ରକାଶନ ସ୍ଥାନ-ଜିୟାଉଲ୍ ଇସ୍‌ଲାମ୍ ପ୍ରେସ୍ ରବୱା, ଜାନୁୟାରୀ 2013 ମସିହା)**

କାରି ସାହେବ 1998 ମସିହାରେ ଅବସର ନେଇଥିଲେ । **(ମେରି ଦାସ୍ତାନ, ସଂକଳକ-ହାଫିଜ୍ ମସ୍ରୁର ଅହେମଦ ଓ ମକ୍ସୁଦ୍ ଅହେମଦ, ପୃ-52, ପ୍ରକାଶନ ସ୍ଥାନ-ଜିୟାଉଲ୍ ଇସ୍‌ଲାମ୍ ପ୍ରେସ୍ ରବୱା, ଜାନୁୟାରୀ 2013 ମସିହା)**

କିନ୍ତୁ ଏସବୁ ସତ୍ତ୍ୱେ ମଧ୍ୟ ସେ 2019 ମସିହା ପର୍ଯ୍ୟନ୍ତ ମଦରସତୁଲ୍ ହିଫଜ୍ ଓ ମଦରସତୁଲ୍ ଜଫରରେ ପବିତ୍ର କୁରଆନ୍ କରୀମ୍ ପାଠ ପଢାଇବାର କାର୍ଯ୍ୟ ଜାରି ରଖିଲେ । 1964 ମସିହାର କଲ୍ୟାଣମୟ ଜଲ୍‌ସା ସାଲାନା ଅବସରରେ ଆପଣଙ୍କୁ ପ୍ରଥମ ଥରି କରି ଜଲ୍‌ସାରେ ତିଲାୱତ୍ କରିବାର ସୌଭାଗ୍ୟ ଅର୍ଜନ ହୋଇଥିଲା ।

କାରି ସାହେବ ନିଜର ଘଟଣାବଳୀ ସଂକ୍ରାନ୍ତରେ ଉଲ୍ଲେଖ କରି କୁହନ୍ତି: 1965 ମସିହା ଫେବୃୟାରୀ ମାସରେ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ଅର୍ଜନ ହୋଇଥିଲା । ଐତିହାସିକ ସାକ୍ଷାତ୍‌ର ଅବସ୍ଥା ଏବଂ ଅନୁଭବ ସଂକ୍ରାନ୍ତରେ ଏହିପରି ବର୍ଣ୍ଣନା କରୁଥିଲେ ଯେ, "ମୁଁ ଯେତେବେଳେ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ସହିତ କରମର୍ଦ୍ଦନ କଲି ସେତେବେଳେ ତାହା ମୋ ନିମନ୍ତେ ମୋ ଜୀବନର ଗତିପଥ ପରିବର୍ତ୍ତନର କାରଣ ସାଜିଲା । ପ୍ରାଇଭେଟ୍ ସେକ୍ରେଟାରୀ ସାହେବ ହୁଜୁର ଅନୱରଙ୍କ ସେବାରେ ମୋର ପରିଚୟ କରାଇ କହିଲେ, ଏ ହେଉଛନ୍ତି କାରି ମୁହମ୍ମଦ ଆଶିକ୍ ସାହେବ ମହୋଦୟ ନବଦୀକ୍ଷିତ ଅଟନ୍ତି । ସେ ଯେତେବେଳେ ମୋର ପରିଚୟ କରାଉଥିଲେ ସେତେବେଳେ ହୁଜୁର ଅନୱର୍ ଅ.ବ ଦୟାପୂର୍ଣ୍ଣ ଦୃଷ୍ଟିରେ ମୋତେ ଦେଖୁଥିଲେ ଏବଂ ମୁଁ ମଧ୍ୟ ହୁଜୁର ଅନୱରଙ୍କ କଲ୍ୟାଣମୟ ହସ୍ତକୁ ଧରି ଆପଣଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ବୋଲି ମନେ କରୁଥିଲି । **(ମେରି ଦାସ୍ତାନ, ସଂକଳକ-ହାଫିଜ୍ ମସ୍ରୁର ଅହେମଦ ଓ ମକ୍ସୁଦ୍ ଅହେମଦ, ପୃ-28-30, ପ୍ରକାଶନ ସ୍ଥାନ-ଜିୟାଉଲ୍ ଇସ୍‌ଲାମ୍ ପ୍ରେସ୍ ରବୱା, ଜାନୁୟାରୀ 2013 ମସିହାରୁ ଉଦ୍ଧୃତ)**

ରମଜାନୁଲ୍ ମୁବାରକ ମାସରେ ଆପଣ (କାରି ସାହେବଙ୍କୁ) ଦୀର୍ଘ 15 ବର୍ଷ ପର୍ଯ୍ୟନ୍ତ ନମାଜ ତରାୱିହ୍ ପାଠ କରାଇବାର ଡ୍ୟୁଟି ଲାଗୁଥିଲା । ମୌଲାନା ଅବ୍‌ଦୁଲ୍ ମାଲିକ୍ ଖାନ ସାହେବ ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟା ଏକଦା ଆପଣଙ୍କୁ କହିଥିଲେ ଯେ, ମସ୍‌ଜିଦେ ମୁବାରକରେ ନମାଜ ତେହଜ୍ଜୁଦ ଓ ନମାଜ ତରାୱିହ୍ ପାଠ କରାଇବାର ଆପଣଙ୍କ ଡ୍ୟୁଟି ବାରମ୍ବାର ଏଇଥି ପାଇଁ ଲଗା ଯାଉଛି ଯେ, ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କୁ ଆପଣଙ୍କ ତିଲାୱତ୍ ବହୁତ୍ ପସନ୍ଦ ଥିଲା । **(ମେରି ଦାସ୍ତାନ, ସଂକଳକ-ହାଫିଜ୍ ମସ୍ରୁର ଅହେମଦ ଓ ମକ୍ସୁଦ୍ ଅହେମଦ, ପୃ-35-37, ପ୍ରକାଶନ ସ୍ଥାନ-ଜିୟାଉଲ୍ ଇସ୍‌ଲାମ୍ ପ୍ରେସ୍ ରବୱା, ଜାନୁୟାରୀ 2013 ମସିହାରୁ ଉଦ୍ଧୃତ)**

ତାଙ୍କର ଶିକ୍ଷ୍ୟମାନେ ମଧ୍ୟ ଅନେକ ସଂଖ୍ୟକ ଅଟନ୍ତି ଏବଂ ବର୍ତ୍ତମାନ ପୃଥିବୀର ବିଭିନ୍ନ ସ୍ଥାନରେ ସେମାନେ ପରିବ୍ୟାପ୍ତ ଅଟନ୍ତି । କାରି ସାହେବଙ୍କ ସଂପର୍କରେ ସେମାନଙ୍କର ଶିକ୍ଷ୍ୟମାନେ ମଧ୍ୟ ଅନେକ ପତ୍ର ମୋତେ ପ୍ରେରଣ କରିଛନ୍ତି, ସ୍ୱର୍ଗତଙ୍କର ଉତ୍ତମ ଚର୍ଚ୍ଚା କରି କୁହନ୍ତି ଯେ, ଆମେମାନେ ଅର୍ଥାତ୍ ଶିକ୍ଷ୍ୟମାନେ କାରି ସାହେବଙ୍କୁ ଅସଂଖ୍ୟ ଗୁଣାବଳୀରୁ ଓ ଜ୍ଞାନ ଦ୍ୱାରା ଉପକୃତ ହୋଇଥିଲୁ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ, ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ସନ୍ତାନ ସନ୍ତତିଙ୍କ ମଧ୍ୟରେ ସ୍ୱର୍ଗତ କାରି ସାହେବଙ୍କ ଆଶାନୁରୂପ ଦୁଆ ତଥା ନିଷ୍ଠାର ଅବସ୍ଥା ସୃଷ୍ଟି କରନ୍ତୁ । **ଆମିନ୍** ।

**ଦ୍ୱିତୀୟ** ଚର୍ଚ୍ଚା ହେଉଛି ସମ୍ମାନନୀୟ ନୁରୁଦ୍ଦୀନ୍ ଅଲ ହସନି ସାହେବ । ମହୋଦୟ ବହୁତ ପୁରାତନ ଅହେମଦି ଥିଲେ । ଆଜିକାଲି ସାଉଦି ଆରବରେ ରହୁଥିଲେ । ଅହେମଦି ହେବା ଯୋଗୁଁ ଅନେକ ବର୍ଷ ଧରି ସାଉଦି ଆରବର ଏକ କାରାଗାରର କାରାବରଣ ଦଣ୍ଡ ଭୋଗୁଥିଲେ । ସେ ଅସିରେ ରାହେ ମୌଲା ଥିଲେ

### ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

ତାଲିବେ ଦୁଆ: Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାହି )

ତାଲିବେ ଦୁଆ: Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

(ଅର୍ଥାତ୍ ଅଲ୍ଲାଃତାଲାଙ୍କ ମାର୍ଗରେ କାରଣବରଣ ଭୋଗୁଥିବା ବ୍ୟକ୍ତି) । ଅସୁସ୍ଥତା ଏବଂ କ୍ରୁରତା ତଥା କଠୋରତା ସତ୍ତ୍ୱେ ସେ ଅବିଚଳତା ପ୍ରଦର୍ଶନ କରିଥିଲେ ଏବଂ ପରିଶେଷରେ କାରାବରଣ ସମୟରେ ମେ ମାସ 25 ତାରିଖ ଦିନ 82 ବର୍ଷ ବୟସରେ ତାଙ୍କର ନିଧନ ହୋଇଯାଇଛି । اناللہوانا الیہ راجعون ।

ତାଙ୍କର ପିତାଶ୍ରୀ ଅଲ୍‌ହାଜ୍ ଅବ୍‌ଦୁର୍ ରଉଫ୍ ଅଲ୍ ହସନି ସାହେବ 1938 ମସିହାରେ ବୈଅତ୍ କରିଥିଲେ । ସମ୍ମାନନୀୟ ମୁନୀର ଅଲ୍ ହସନି ସାହେବ ସିରୀୟାର ପୂର୍ବତନ ଅମୀର୍ ଜମାଅତ୍ ସ୍ୱର୍ଗତ ନୁରୁଦ୍ଦୀନ ସାହେବଙ୍କର ବଡ଼ ବାପା ଥିଲେ । ସ୍ୱର୍ଗତ ନୁରୁଦ୍ଦୀନ୍ ସାହେବ ବାଲ୍ୟ କାଳରୁ ହିଁ ଇସଲାମୀୟ ଚରିତ୍ର ଓ ମୂଲ୍ୟବୋଧ ତଥା ଖିଲାଫତ ପ୍ରତି ଥିବା ପ୍ରେମମୟ ପରିବେଶରେ ଲାଳିତ ପାଳିତ ହୋଇଥିଲେ । ଯେତେବେଳେ ଆପଣଙ୍କ ବୟସ 13 କିମ୍ବା 14 ବର୍ଷ ବୟସ ହୋଇଥିଲା ସେତେବେଳେ ଆପଣଙ୍କର ପିତାଶ୍ରୀଙ୍କ ଅକାଳ ବିୟୋଗ ହୋଇଥିଲା। ସ୍ୱର୍ଗତ ନୁରୁଦ୍ଦୀନ୍ ଅଲ ହସନୀ ସାହେବ ଅନେକ ସମୟ ସମ୍ମାନନୀୟ ମୁନିର ଅଲ୍ ହସନି ସାହେବଙ୍କ ସାହଚର୍ଯ୍ୟତ୍ୱରେ ରହୁଥିଲେ ଏବଂ ତାଙ୍କ ଠାରୁ ଜମାଅତ୍ ସଂପର୍କରେ ଅନେକ କିଛି କଥା ଶିକ୍ଷା କରିଥିଲେ । ହ. ମୁସ୍‌ଲେହ୍ ମଉଦ୍ ର.ଅ ଯେତେବେଳେ 1955 ମସିହାରେ ଦମିଶ୍କ ଗସ୍ତରେ ଗଲେ ସେତେବେଳେ ସ୍ୱର୍ଗତଙ୍କ ଚଚା ସମ୍ମାନନୀୟ ବଦ୍‌ରୁଦ୍ଦୀନ୍ ଅଲ୍ ହସନି ସାହେବଙ୍କ ଘରେ ଅବସ୍ଥାନ କରିଥିଲେ । ସେହି ଦିନ ମାନଙ୍କରେ ସମ୍ମାନନୀୟ ନୁରୁଦ୍ଦୀନ୍ ସାହେବଙ୍କୁ ଏକଦା ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସମ୍ମୁଖରେ ତିଲାୱତ୍ କରିବାର ସୌଭାଗ୍ୟ ମଧ୍ୟ ଅର୍ଜନ ହୋଇଥିଲା । ଆପଣ ବହୁଳ ସଂଖ୍ୟା ଓଷା ବ୍ରତ ରଖୁଥିଲେ । ସୋମବାର ଏହଂ ଗୁରୁବାର ଦିନ ବିଶେଷ କରି ଓଷା ରଖୁଥିଲେ । ତିଲାୱତ୍ କୁରଆନ୍ କରୀମ୍ କରିବା ପ୍ରତି ତାଙ୍କର ପ୍ରବଳ ସ୍ପୃହା ଓ ଆଗ୍ରହ ରହିଥିଲା । ସେ ତେହଜ୍ଜୁଦ୍ ନମାଜ କେବେ ଛାଡ଼ି ନଥିଲେ । ଜୀବନର ଶେଷ ମୂହୂର୍ତ୍ତ ଓ ଶେଷ ଦିନ ପର୍ଯ୍ୟନ୍ତ ଜେଲରେ ମଧ୍ୟ ନିଜ ବିଶ୍ୱାସରେ ଅଟଳ ରହିଥିଲେ ଓ ଜମାଅତ୍ ସହିତ ଅବିଚଳତାମୂଳକ ସଂପର୍କ ପ୍ରଦର୍ଶନ କରିଥିଲେ । ସେ ଏହି କଥା ଉପରେ ବିଶ୍ୱାସ ରଖୁଥିଲେ ଯେ, ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ସମର୍ଥନ ନିକଟବର୍ତ୍ତୀ ଅଟେ । ଏହି କଥା ସେ ଜେଲରେ ସାକ୍ଷାତ୍ କରୁଥିବା ନିଜର ପ୍ରତ୍ୟେକ ସାଥି କଏଦୀଙ୍କୁ କହୁଥିଲେ । ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ ବିଧବା ପତ୍ନି ରହିଛନ୍ତି । ସେ ଅହେମଦି ଅଟନ୍ତି ଏବଂ ସେ ନିଜର ସ୍ୱାମୀଙ୍କ ପ୍ରତି ବିଶ୍ୱସ୍ତତାର ଅତୁଟ ସଂପର୍କ ରଖିଥିଲେ । ସେହି ମହିଳା ଜଣକ ନିଜ ସ୍ୱାମୀଙ୍କ କାରାଗାରରେ ଥିବା କାଳରେ ଅସଂଖ୍ୟ ବଳିଦାନ ଦେଇଥିଲେ। ସନ୍ତାନଙ୍କ ମଧ୍ୟର ତିନୋଟି ପୁତ୍ର ଯଥା- ଅବ୍‌ଦୁର୍ ରଉଫ୍ ଅଲ୍ ହସନି ସାହେବ, ମୁହମ୍ମଦ ମୁଆଜ୍ ଅଲ୍ ହସନି ସାହେବ ଓ ଫୌଜୁଲ୍ ହସନୀ ସାହେବଙ୍କ ବ୍ୟତୀତ ଏକ କନ୍ୟା ସନ୍ତାନ ଯାହାଙ୍କ ନାମ ହେଲା ଜୈନବ୍ ଅଲ୍ ହସନୀ ସାହେବା ଅନ୍ତର୍ଭୁକ୍ତ ଅଟନ୍ତି । ପୌତ୍ର ପୌତ୍ରୀମାନେ ମଧ୍ୟ ରହିଛନ୍ତି । ସମସ୍ତେ ଅଲ୍ଲାଃତାଲାଙ୍କ କୃପାରୁ ନୈଷ୍ଠିକ ଅହେମଦି ଅଟନ୍ତି ।

ସ୍ୱର୍ଗତ ନୁରୁଦ୍ଦୀନ୍ ସାହେବଙ୍କ ସୁପୁତ୍ର ମୁଆଜ୍ ଅଲ୍ ହସନି ସାହେବ କୁହନ୍ତି : ପିତାଶ୍ରୀ ଏହା ଚାହୁଁଥିଲେ ଯେ, ଆମେ ସମସ୍ତେ ଭାଇ ଭଉଣୀମାନେ ପୂର୍ଣ୍ଣ ରୂପେ ସନ୍ତୁଷ୍ଟ ହୋଇ ଜମାଅତ୍‌ରେ ପ୍ରବିଷ୍ଟ ହେବୁ । ତେଣୁ ଅଲହମ୍‌ଦୁ ଲିଲ୍ଲାଃ ଆମେମାନେ ପୂର୍ଣ୍ଣ ବିଶ୍ୱାସର ସହିତ ବୈଅତ୍ କଲୁ ଓ ସାଉଦି ଆରବରେ ଯେତେବେଳେ ଥିଲୁ ସେତେବେଳେ ଜମାଅତ୍‌ର ସନ୍ଧାନ ଆରମ୍ଭ କଲେ । ପୁନଶ୍ଚ ସ୍ୱର୍ଗତ ହାଶିମ୍ ସାହେବ ଯେକି ୟୁ.କେର ଅଧିବାସୀ ଥିଲେ ଏବଂ ସେଠାରେ କାମ କରୁଥିଲେ, ତାଙ୍କ ସହିତ ଭେଟ ହେଲା ଓ ପୁନଶ୍ଚ କୁହନ୍ତି ଯେ, ଆମର ପିତାଶ୍ରୀଙ୍କ ସହିତ ଯୋଗାଯୋଗ ହେବା ପରେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଜମାଅତ୍‌ର କାର୍ଯ୍ୟରେ ବ୍ୟସ୍ତ ଏବଂ ନିମଜ୍ଜିତ ରହିଥିଲେ । ଅତ୍ୟନ୍ତ ଦୟାବାନ ଓ ମୁକ୍ତ ହୃଦୟର ଅଧିକାରୀ ଥିଲେ । ଅଭାବି ତଥା ଅନ୍ୟ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିବାକୁ ସେ ଭଲ ପାଉଥିଲେ । ସେ ଉଲ୍ଲେଖ କରନ୍ତି ଯେ, 2019 ମସିହାରେ ତାଙ୍କୁ ଡକାଇ କଏଦ୍ କରିନିଆଗଲା । ବହୁତ ଚେଷ୍ଟା ତଥା ଦଉଡ଼ା ଦଉଡ଼ି କରିବା ପରେ ଜଣା ପଡ଼ିଲା କି ପିତାଶ୍ରୀଙ୍କ ଉପେରେ ଅହମଦି ହେବା ଓ ସାମାଜିକ ଗଣମାଧ୍ୟମ (ସୋସିଆଲ୍ ମିଡ଼ିଆ)ରେ ପ୍ରଚାର କରିବା ହେତୁ ଦୋଷାରୋପଣ କରାଯାଇ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ସ୍ୱର୍ଗତ ନୁରୁଦ୍ଦୀନ ସାହେବଙ୍କ ସୁପୁତ୍ର କୁହନ୍ତି, ଦୁଇ ବର୍ଷ ପର୍ଯ୍ୟନ୍ତ ଆମେମାନେ ପିତାଶ୍ରୀଙ୍କୁ କାରାମୁକ୍ତ ତଥା ମୁକୁଳାଇବା ପାଇଁ ନାନା ପ୍ରକାରର ଉଦ୍ୟମ କଲୁ । ଅନେକ ଓକିଲମାନଙ୍କ ଠାରୁ ସାହାଯ୍ୟ ଲୋଡ଼ିଲୁ । ପିତାଶ୍ରୀଙ୍କୁ ଜେଲରୁ ଖଲାସ୍ କରିବା ନିମନ୍ତେ କୋର୍ଟ ଆଦେଶ ମଧ୍ୟ ଦେଲା ଏବଂ ପିତାଶ୍ରୀ ଜେଲରୁ ମୁକୁଳି ମଧ୍ୟ ଗଲେ । କିନ୍ତୁ ଜେଲରୁ ମୁକୁଳିବାର କିଛି ଘଣ୍ଟା ପରେ ପୋଲିସ୍ ତାଙ୍କୁ ଫୋନ କରି ପୋଲିସ ଷ୍ଟେସନ ଆସିବାକୁ କହିଲା ଏବଂ ପୁନଃ ଗିରଫ କରିନେଲା । ଏଥର କିନ୍ତୁ ପିତାଶ୍ରୀଙ୍କ ଉପରେ ପୂର୍ବାପେକ୍ଷା ଅଧିକ କ୍ରୁରତା ଏବଂ କଠୋରତା ପ୍ରଦର୍ଶନ କଲାଗଲା । ପିତାଶ୍ରୀଙ୍କ ସହିତ ସାକ୍ଷାତ୍ କରିବା ପାଇଁ ମଧ୍ୟ ଜେଲ କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କଲେ ନାହିଁ କି ଫୋନ୍‌ରେ ମଧ୍ୟ କଥାବାର୍ତ୍ତା କରିବା ପାଇଁ ମଧ୍ୟ ଅନୁମତି ଦେଲେ ନାହିଁ । ଫଳତଃ ପିତାଶ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗଡ଼ି ଗଲା। ବାର୍ଦ୍ଧକ୍ୟ ହେତୁ ପିତାଶ୍ରୀ ଅସୁସ୍ଥ ଥିଲେ ଏବଂ ଚିକିତ୍ସା ନିମନ୍ତେ ଚିକିତ୍ସାଳୟକୁ ମଧ୍ୟ ଯାଉଥିଲେ। କିନ୍ତୁ ପରିବାର ବର୍ଗଙ୍କ ସହିତ ସାକ୍ଷାତ୍ କରିବାକୁ ତାଙ୍କୁ ଦିଆଗଲା ନାହିଁ । ସ୍ୱର୍ଗତ ନୁରୁଦ୍ଦୀନ୍ ସାହେବଙ୍କର ଜ୍ୟେଷ୍ଠ ପୁତ୍ର ଅବ୍‌ଦୁର୍ ରଉଫ୍ ସାହେବ ଅଲ୍ ହସନି ସାହେବ ଯେକି କାନାଡ଼ାରେ ରୁହନ୍ତି ସେ ମଧ୍ୟ ତତ୍‌ସମ୍ବନ୍ଧରେ ଉଲ୍ଲେଖ କରନ୍ତି,ଯେ, ପିତାଶ୍ରୀଙ୍କ ଜମାଅତ୍ ପ୍ରତି ଅନାବିଳ ପ୍ରେମ ତଥା ଆନ୍ତରୀକତା ପ୍ରଦର୍ଶନ କରୁଥିଲେ । ନିଜର ବିଶ୍ୱାସ ଉପରେ ଦୃଢତାର ସହିତ ଅଟଳ ରହିଥିଲେ। ଏତଦ୍‌ପରେ ଅବ୍‌ଦୁର୍ ରଉଫ୍ ସାହେବ ନିଜ ପିତାଶ୍ରୀଙ୍କ ଉପାସନା ସଂକ୍ରାନ୍ତରେ ଚର୍ଚ୍ଚା କରିଛନ୍ତି । ସେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି ଯେ, 2016 ମସିହାରେ ଯେତେବେଳେ କଏଦ୍ ହେଲେ ସେତେବେଳେ ଆପଣ ଓଷା ରଖିଥିଲେ ଏବଂ ଓଷା ଫିଟାଇବାକୁ ସେ ପସନ୍ଦ କଲେ ନାହିଁ । ଆପଣ ଏହା ଜାଣିଥିଲେ ଯେ, ଆପଣଙ୍କୁ କାରାଗାରରେ ଯନ୍ତ୍ରଣା ସହ୍ୟ କରିବାକୁ ପଡ଼ିବ । ତେଣୁ ଅଫିସର ଜଣକ ଯେତେବେଳେ ଜଳ ଉପସ୍ଥାପିତ କଲେ ସେତେବେଳେ ସେ କହିଲେ କି ମୁଁ ଓଷା ରଖିଛି । ଏହାପରେ ସେ ନମାଜେ ଅସର ପାଠ କରିବା ନିମନ୍ତେ ଅନୁମତି ଲୋଡ଼ିଲେ । ଫଳତଃ ଅଫିସର ଜଣକ ତାଙ୍କୁ ନମାଜ ପାଠ କରିବାକୁ ଅନୁମତି ପ୍ରଦାନ କରିଦେଲା । ଆପଣ ତା' (ଅଫିସର) ସମ୍ମୁଖରେ ଯେତେବେଳେ ନମାଜ ପାଠ କରିବାକୁ ଲାଗିଲେ ସେତେବେଳେ ସେ କହିବାକୁ ଲାଗିଲା ଯେ, ଆପଣମାନେ ତ' ଆମମାନଙ୍କ ପରି ନମାଜ ପାଠ କରୁଛନ୍ତି । ସେ ଯାହା ହେଉ ଏହାର ପ୍ରଭାବ ସେହି ଅଫିସର ଉପରେ ମଧ୍ୟ ପଡ଼ିଲା । ସେତେବେଳେ ସେ ପିତାଶ୍ରୀଙ୍କୁ ଛାଡ଼ିଦେଲା । ପୁନଶ୍ଚ 2019 ମସିହାରେ ବିନା କୌଣସି କାରଣ ଦର୍ଶାଇ ପୋଲିସ୍ ତାଙ୍କୁ ଗିରଫ କରିନେଲା ଏବଂ ଜେଲରେ ପକାଇଦେଲା । ସେହି କାରାବରଣ ଅବସ୍ଥାରେ ହିଁ ତାଙ୍କର ବିୟୋଗ ହୋଇଗଲା । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ, ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ, ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ । ତାଙ୍କର ସନ୍ତାନ ସନ୍ତତିମାନଙ୍କୁ ସ୍ୱର୍ଗତଙ୍କର ପୁଣ୍ୟାବଳୀ ଏବଂ ବିଶେଷତାକୁ ଆପଣାଇବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ନମାଜ ପରେ ମୁଁ ମୃତକମାନଙ୍କର ନମାଜ ଯନାଜାଃ ପାଠ କରିବି । **ଇନ୍‌ଶାଅଲ୍ଲାଃ** । ☆ ☆ ☆

ପୃ-14ର ଅବଶିଷ୍ଟାଂଶ.....

କଲ୍ୟାଣ ପ୍ରଦାନ କରାଯାଇଥାଏ । ଯେଉଁ ବ୍ୟକ୍ତି କୌଣସି ରୋଜାଦାର (ବ୍ରତଚାରୀ)କୁ ଇଫ୍‌ତାର୍ କରାଇବ ତେବେ ଏହି କର୍ମ ତା' ନିମନ୍ତେ କ୍ଷମା ଓ ନର୍କାଗ୍ନିରୁ ମୋକ୍ଷ ପ୍ରାପ୍ତିର ମାଧ୍ୟମ ପାଲଟିଯିବ ଏବଂ ଇଫ୍‌ତାରି କରୁଥିବା ବ୍ୟକ୍ତିର ପୁଣ୍ୟରେ କୌଣସି ନ୍ୟୁନତା ପରିଲକ୍ଷିତ ହେବ ନାହିଁ। ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଏତେ ସାମର୍ଥ୍ୟବାନ ନୁହନ୍ତି ଯେ, ସେମାନେ କୌଣସି ବ୍ୟକ୍ତିକୁ ଇଫ୍‌ତାର୍ କରାଇ ପାରିବେ । ଆପଣ ସ.ଅ କହିଲେ, ଯଦି କୌଣସି ବ୍ୟକ୍ତି ଢୋକେ କ୍ଷୀର, ଖଜୁରୀ କିମ୍ବା ଢୋକେ ଜଳ ଦ୍ୱାରା କୌଣସି ରାଜାଦାର୍‌ର ଇଫ୍‌ତାର୍ (ରୋଜା ଫିଟାଏ) ତେବେ ସେପରିପ୍ରେକ୍ଷୀରେ ସେ ମଧ୍ୟ ପୁଣ୍ୟର ଅଧିକାରୀ ଅଟେ । ଯେଉଁ ବ୍ୟକ୍ତି ରୋଜାଦାରକୁ ପେଟପୁରା ଆହାର ଖୁଆଇବ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ମୋର ଜଳକୁଣ୍ଡ ମଧ୍ୟରୁ ସରବତ୍ ପାନ କରାଇବେ ଏବଂ ବୈକୁଣ୍ଠରେ ପ୍ରବେଶ ହେବା ପର୍ଯ୍ୟନ୍ତ ସେ ଶୋଷିଲା ରହିବ ନାହିଁ । ଏହି ମାସ ହେଉଛି ଏଭଳି ଏକ ମାସ ଯେ, ଏହାର ପ୍ରଥମ ଦଶ ଦିନ ରହେମତ୍, ମଧ୍ୟବର୍ତ୍ତୀ ଦଶ ଦିନ ମଗଫିରତ୍ (କ୍ଷମାମାର୍ଜନା) ଓ ତୃତୀୟ ତଥା ଶେଷ ଦଶ ଦିନ (ଇତକୁ ମିନନ୍ ନାରି)ନର୍କାଗ୍ନିରୁ ବର୍ତ୍ତିବାର ମାଧ୍ୟମ ଅଟେ । ଏହି ଦିନମାନଙ୍କରେ ଯେଉଁ ବ୍ୟକ୍ତି ନିଜ ଦାସର ବୋଝ ହାଲୁକା କରିବ ତେବେ ତା'ର ଏହି କାର୍ଯ୍ୟ ତା' ନିମନ୍ତେ ମୋକ୍ଷ ପ୍ରାପ୍ତି ଏବଂ ନର୍କାଗ୍ନିରୁ ମୋକ୍ଷ ପ୍ରାପ୍ତିର ମାଧ୍ୟମ ପାଲଟିଯିବ । ଅଲ୍ଲାଃତାଲା ଆମମାନଙ୍କୁ ଉକ୍ତ କଲ୍ୟାଣମୟ ଏବଂ ପବିତ୍ର ମାସରେ ପ୍ରତ୍ୟେକ ପ୍ରକାରର ରୋଗ ବ୍ୟାଧିରୁ, ବିପତ୍ତିରୁ ସୁରକ୍ଷିତ ରଖନ୍ତୁ ଏବଂ ଏହି ମାସରୁ ଭରପୁର ରୂପରେ ଉପକୃତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

**(ମନସୁର୍ ଅହେମଦ ମସ୍ତୁର)**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

## ନବୀ ଅ.ଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢ଼ିନେଉ।"

**(ତିର୍ମିଜି କିତାବୁଲ୍ ଅତଅମା )**

**ତାଲିବେ ଦୁଆ:** Sarwar Khan & Family, Jamat Ahmadiya Kerang, Darul Fazal (Odisha)

## (ଖୁତ୍‌ବା ଜୁମା)

اَللّٰھُمَّ اَنْجِزْلِیْ مَا وَعَدْتَّنِیْ۔ اَللّٰھُمَّ اٰتِ مَا وَعَدْتَّنِیْ۔ اَللّٰھُمَّ اِنْ تُھْلِكْ ھٰذِہِ الْعِصَابَةَ مِنْ اَھْلِ الْاِسْلَامِ لَا تُعْبَدْ فِی الْاَرْضِ

**ଅର୍ଥାତ୍ ହେ ଈଶ୍ୱର ! ତୁମ୍ଭେ ମୋ ସହିତ ଯେଉଁ ପ୍ରତିଶ୍ରୁତି କରିଛ ତାହାକୁ ପୂର୍ଣ୍ଣ କର । ହେ ଈଶ୍ୱର ! ତୁମ୍ଭେ ପ୍ରଦାନ କରିବା ନିମନ୍ତେ ଯେଉଁ ପ୍ରତିଶ୍ରୁତି କରିଅଛ ତାହାକୁ ତୁମ୍ଭେ ଅବଶ୍ୟ ପୂର୍ଣ୍ଣ କର । ହେ ଅଲ୍ଲାଃ ! ତୁମ୍ଭେ ଯଦି ଏହି ଅସହାୟ ମୁସଲମାନମାନଙ୍କୁ ସମାପ୍ତ କରିଦିଅ ତାହାହେଲେ ଭୂପୃଷ୍ଠର ତୁମ୍ଭର ଉପାସନା ଆଉ କେହି କରିବେ ନାହିଁ ।**

**ହେ ଅଲ୍ଲାଃଙ୍କ ବାର୍ତ୍ତାବହ ସ.ଅ ! ଶତ୍ରୁ ସମ୍ମୁଖରେ ରହିଛି, ଏଠାରୁ ବର୍ତ୍ତିଯିବା ସୁଯୋଗ ମିଳିବ ଅବା ନୁହେଁ ତାହା ଜଣା ନାହିଁ ।**

---

**ମୁଁ ଚାହିଁଥିଲି କି ଶାହାଦତ୍ ପୂର୍ବରୁ ଆପଣ ସ.ଅଙ୍କ ପବିତ୍ର ଶରୀର ସହିତ ମୋ ଶରୀରକୁ ସ୍ୱର୍ଶ କରାଇବି । ସୱାଦ୍ ବିନ୍ ଗଜିୟାହଙ୍କ ରସୁଲୁଲ୍ଲାଃ ସ.ଅଙ୍କ ପ୍ରତି ଥିବା ଅନାବିଳ ପ୍ରେମର ବିଚିତ୍ରପୂର୍ଣ୍ଣ ପରିପ୍ରକାଶ ।**

---

**ଯୁଦ୍ଧ ସମୟରେ କେତେକ ଲୋକମାନଙ୍କୁ ବଧ କରିବାକୁ ଆଁହଜରତ ସ.ଅ ଅଟକାଇଥିଲି ।**

---

**ଈଶ୍ୱରଙ୍କ ପ୍ରକୃତିର ଏହା ବିଚିତ୍ର ଲୀଳା କି ସେତେବେଳେ ସୈନ୍ୟବାହିନୀର ଛିଡ଼ା ହେବାର କ୍ରମିକତା ଏପରି ଥିଲି କି ଇସ୍‌ଲାମୀୟ ସୈନ୍ୟବାହିନୀ କୁରୈଶରୁ ପ୍ରକୃତ ସଂଖ୍ୟା ଠାରୁ ଢେର ଅଧିକ ଦେଖାଯାଉଥିଲା । ଯଦ୍ୱାରିକି ଅବଜ୍ଞାକାରୀମାନେ ଭୟଭୀତ ହୋଇଯାଉଥିଲେ ଏବଂ ଅନ୍ୟ ପଟରେ କୁରୈଶୀୟ ସୈନ୍ୟବାହିନୀ ମୁସଲମାନମାନଙ୍କୁ ସେମାନଙ୍କର ପ୍ରକୃତ ସଂଖ୍ୟା ଠାରୁ ସ୍ୱଳ୍ପ ବୋଲି ଦୃଶ୍ୟମାନ ହେଉଥିଲା । ଯଦ୍ୱାରାକି ମୁସଲମାନମାନଙ୍କର ହୃଦୟ ବୃଦ୍ଧି ପାଇଥିଲା ।**

---

**ବଦର୍ ଯୁଦ୍ଧର ପ୍ରସ୍ତୁତି, ସାହାବାମାନଙ୍କର ନିଜର ପ୍ରିୟ ମୁନିବ ସ.ଅଙ୍କ ପ୍ରତି ଆସକ୍ତମୂଳକ ପ୍ରେମ ତଥା ବଦର୍ ଯୁଦ୍ଧ ଅବସରରେ ନବୀ କରୀମ୍ ସ.ଅଙ୍କର ବିଳାପ ଏବଂ ରୋଦନମୂଳକ ଦୁଆର ବର୍ଣ୍ଣନା ।**

---

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 30 June 2023 ମସିହା ଅନୁଯାୟୀ ୩୦ ଇହସାନ୍ / ୧୪୦୨ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କା**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْھَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْھَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِھْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْھِمْ۔ غَيْرِ الْمَغْضُوْبِ عَلَيْھِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ସୱାଦ୍ ବିନ୍ ଗଜିୟାହ୍‌ଙ୍କ ରସୁଲୁଲ୍ଲାଃ ସ.ଅଙ୍କ ପ୍ରତି ଥିବା ଅନାବିଳ ପ୍ରେମର ବିଚିତ୍ରପୂର୍ଣ୍ଣ ପରିପ୍ରକାଶର ଘଟଣା ବିଗତ ଖୁତ୍‌ବାରେ ବର୍ଣ୍ଣିତ ହୋଇଥିଲା । ତାଙ୍କ ସଂପର୍କରେ ଅତିରିକ୍ତ ଚର୍ଚ୍ଚା ଏହିପରି ରହିଛି ଯେ, ସୱାଦ୍ ବିନ୍ ଗଜିୟାହ୍ ଉକ୍ତ ଯୁଦ୍ଧରେ ବିଜୟ ମଣ୍ଡିତ ହୋଇ ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ଅବଜ୍ଞାକାରୀମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଖାଲିଦ୍ ବିନ୍ ହଶ୍ଶାମଙ୍କୁ କଏଦ୍ ମଧ୍ୟ କରିନେଲେ ଏବଂ ଆଁହଜରତ ସ.ଅଙ୍କ ପରେ ତାଙ୍କୁ ଖୈବର୍ ଯୁଦ୍ଧର ଅର୍ଥ ଏକତ୍ରିତ କରିବା ନିମନ୍ତେ କର୍ମଚାରୀ ରୂପେ ନିଯୁକ୍ତ କରିଥିଲେ । କେତେକଙ୍କ ନିକଟରେ ଉପରୋକ୍ତ ଘଟଣା ହ. ସୱାଦ୍ ବିନ୍ ଗଜିୟାହ୍‌ଙ୍କ ବ୍ୟତୀତ ସୱାଦ୍ ବିନ୍ ଅମ୍ରଙ୍କ ଆଡ଼କୁ ଇଙ୍ଗିତ କରାଯାଇଛି । କିନ୍ତୁ ଏହା ପ୍ରତିତ ହୁଏ ଯେ, ଘଟଣାଟି ଆଉ କିଛି ରହିଛି । ଇତିହାସର ଅନେକ ପୁସ୍ତକ ଏବଂ ଜୀବନୀରେ ଉକ୍ତ ଘଟଣାଟି ସୱାଦ୍ ବିନ୍ ଗଜିୟାହ୍ ନାମରେ ପରିଚିତ ଓ ବର୍ଣ୍ଣିତ ହୋଇଛି । **(ଉସ୍‌ଦୁଲ୍ ଗାବା, ଭାଗ-2, ପୃ-590, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ହ. ମିର୍ଜା ବଶୀର୍ ଅହେମଦ ସାହେବ ସିରତ୍ ଖାତମୁନ୍ ନବୀୟିନ୍‌ରେ ଉକ୍ତ ଘଟଣାର ଚର୍ଚ୍ଚା ସଂକ୍ରାନ୍ତରେ ଯେଉଁ ବିସ୍ତୃତ ଏବଂ ବିଶଦ୍ ଭାବରେ ବିବରଣୀ ପ୍ରଦାନ କରିଛନ୍ତି ତାହା ଏହିପରି ଅଟେ ଯେ, "ବର୍ତ୍ତମାନ ରମ୍‌ଜାନ୍ ମାସ 2 ହିଜ୍ରୀର 17 ତାରିଖ ଓ ଶୁକ୍ରବାର ଦିନ ଥିଲା । ଖ୍ରୀଷ୍ଟାବ୍ଦ ଅନୁଯାୟୀ 14 ମାର୍ଚ୍ଚ 624 ମସିହା ଥିଲା। ସକାଳୁ ଉଠି ସର୍ବପ୍ରଥମେ ନମାଜ ପାଠ କରାଗଲା ଓ ଏକେଶ୍ୱରଙ୍କ ସମ୍ମୁଖରେ ଉପାସନାକାରୀମାନେ ଖୋଲା ପଡ଼ିଆରେ ଅଲ୍ଲାଃତାଲାଙ୍କ ସମକ୍ଷରେ ସିଜ୍‌ଦା କଲେ । ଏହାପରେ ଆଁହଜରତ ସ.ଅ ଜିହାଦ୍ ଉପରେ ଏକ ଖୁତ୍‌ବା ଦେଲେ । ପୁନଶ୍ଚ ଯେତେବେଳେ ଟିକିଏ ଆଲୋକ ହେଲା ସେତେବେଳେ ଆପଣ ସ.ଅ ଏକ ତୀର ଦ୍ୱାରା ମୁସଲମାନମାନଙ୍କର ଧାଡ଼ିଗୁଡ଼ିକୁ ସଳଖ କରିବାକୁ ଆରମ୍ଭ କରିଦେଲେ । ସୱାଦ୍ ନାମକ ଜଣେ ସାହାବି ଧାଡ଼ିରୁ ଟିକିଏ ଆଗକୁ ବାହାରି ଛିଡ଼ା ହୋଇଥିଲା । ଆପଣ ସ.ଅ ତା'ଙ୍କୁ ତୀର ଦ୍ୱାରା ଇଙ୍ଗିତ କରି ପଛକୁ ଘୁଞ୍ଚିବାକୁ କହିଲେ । କିନ୍ତୁ ଦୈବାତ୍ ଆପଣ ସ.ଅଙ୍କ ତୀରର କାଠଟି ତା'ର ଛାତିରେ ଯାଇ ବାଜିଗଲା । ସେ ସାହସିକତାର ସହିତ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅଙ୍କୁ ଅଲ୍ଲାଃତାଲା ନ୍ୟାୟ ଏବଂ ସତ୍ୟର ସହିତ ପ୍ରେରଣ କରିଛନ୍ତି । କିନ୍ତୁ ଆପଣ ସ.ଅ ମୋତେ ଅକାରଣରେ ମାରିଛନ୍ତି । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ଏହାର ପ୍ରତିଶୋଧ ନେବି ।" ସାହାବାମାନେ ଆଙ୍ଗୁଠି କାମୁଡ଼ି ରହିଯାଇଥିଲେ ଏବଂ ଆଶ୍ଚର୍ଯ୍ୟ ଚକିତ ଏବଂ ହତବମ୍ବ ଥିଲେ ଯେ, ସୱାଦଙ୍କୁ କ'ଣ ହୋଇଯାଇଛି? କିନ୍ତୁ ରସୁଲୁଲ୍ଲାଃ ସ.ଅ ଅତ୍ୟନ୍ତ ଦୟାପୂର୍ଣ୍ଣ ହୋଇ କହିଲେ, "ଆଛା ସୱାଦ୍ ତୁମେ ମଧ୍ୟ ମୋତେ ତୀର ମାରିଦିଅ ।" ଆପଣ ସ.ଅ ନିଜ ଛାତିରୁ କପଡ଼ା ହଟାଇଦେଲେ। ସୱାଦ୍ ର.ଅ ଅତ୍ୟନ୍ତ ପ୍ରେମରେ ଆଗକୁ ଅଗ୍ରସର ହୋଇ ଆପଣ ସ.ଅଙ୍କ ଛାତିକୁ ଚୁମ୍ବନ ଦେଲେ । ଆଁହଜରତ ସ.ଅ ସ୍ମିତହାସ୍ୟ ପ୍ରକାଶ କରି ପ୍ରଶ୍ନ କଲେ, "ସୱାଦ୍ ତୁମ ମୁଣ୍ଡକୁ କ'ଣ ଢୁକିଲା କି "? ସେ ରୋଦନପୂର୍ଣ୍ଣ କଣ୍ଠରେ କହିଲେ,"ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଶତ୍ରୁ ସମ୍ମୁଖରେ ରହିଛି କିଛି ଜଣା ନାହିଁ ଯେ, ଏଠାରୁ ଜୀବିତ ଫେରିବାକୁ ସୁଯୋଗ ମିଳୁଛି ଅବା ନୁହେଁ ? ମୁଁ ଚାହୁଁଛି ଯେ, ଶାହାଦତ୍ ପୂର୍ବରୁ ଆପଣ ସ.ଅଙ୍କ ଶରୀର ସହିତ ମୋର ଶରୀରକୁ ସ୍ୱର୍ଶ କରାଇବି ।"**(ସିରତ୍ ଖାତମୁନ୍ ନବିୟୀନ୍, ଲେଖକ-ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ, ପୃ-357-358)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ନବୀ କରୀମ୍ ସ.ଅଙ୍କ ବିୟୋଗ ସମୟରେ ଏହିପରି ଘଟଣାର ଚର୍ଚ୍ଚା କରିଛନ୍ତି । ବଦର୍ ଯୁଦ୍ଧରେ ନୁହେଁ ବରଂ ବିୟୋଗ ସମୟର ଘଟଣା ବର୍ଣ୍ଣନା କରିଛନ୍ତି ଯାହାକି ଉକ୍ତ ଘଟଣା ସହିତ ମେଳ ଖାଉଛି । ହୁଜୁର ର.ଅ କୁହନ୍ତି ଯେ, ଆଁହଜରତ ସ.ଅଙ୍କର ବିୟୋଗ ସମୟ ଯେତେବେଳେ ପାଖେଇ ଆସିଲା ସେତେବେଳେ ଆପଣ ସ.ଅ ସାହାବାମାନଙ୍କୁ ଏକତ୍ରିତ କଲେ ଓ କହିଲେ, ଦେଖ! ମୁଁ ମଧ୍ୟ ଜଣେ ମଣିଷ୍ ଅଟେ ଯେପରି ତୁମେମାନେ ମଣିଷ ଅଟ । ତୁମମାନଙ୍କର କର୍ତ୍ତବ୍ୟ ତଥା ଅଧିକାର ସମ୍ପାଦନ କରିବା ପ୍ରସଙ୍ଗରେ ମୋ ଦ୍ୱାରା ଯଦି କୌଣସି ତ୍ରୁଟି ବିଚ୍ୟୁତି ହୋଇଛି ଏବଂ ମୁଁ ତୁମମାନଙ୍କୁ କୌଣସି କ୍ଷତି ପହଞ୍ଚାଇଛି ବା ମୁଁ ତୁମମାନଙ୍କୁ ଯଦି କୌଣସି କଷ୍ଟ ଦେଇଛି ତେବେ ମୁଁ ପ୍ରଭୁଙ୍କ ସମ୍ମୁଖରେ ଏଭଳି ଅବସ୍ଥାରେ (ଦୋଷୀ ଅବସ୍ଥାରେ) ଉପସ୍ଥାପିତ ହେବି ଯେ, ତୁମେମାନେ ସେତେବେଳେ ଏହି ଦାବି କରିବ ଯେ, ମୁଁ ତୁମମାନଙ୍କୁ କଷ୍ଟ ବା ପୀଡ଼ା ଦେଇଛି। ଅତଏବ ମୁଁ ତୁମମାନଙ୍କୁ କହୁଛି ଯେ, ଯଦି ତୁମମାନଙ୍କ ମଧ୍ୟରୁ ମୁଁ କୌଣସି ବ୍ୟକ୍ତିର କ୍ଷତି ଘଟାଇଛି ତାହାହେଲେ ସେ ଏହି ସଂସାରରେ ହିଁ ନିଜ କ୍ଷତି ଭରଣା କରିନେଉ। ସାହାବାମାନଙ୍କୁ ଆଁହଜରତ ସ.ଅଙ୍କ ସହିତ କେତେ ପ୍ରେମ ଥିଲା ଏହାକୁ ଉପଲବ୍ଧି କଲେ ଏହା କଳନା କରାଯାଇପାରେ ଯେ, ରସୁଲ୍ କରୀମ୍ ସ.ଅ ଏହି ଶବ୍ଦ ଦ୍ୱାରା ସେମାନଙ୍କ ମନରେ ଛୁରୀ ଚାଲିଥିବ ଏବଂ କିପରି ସେମାନଙ୍କ ହୃଦୟ ବିଳପି ଉଠିଥିବ । ସୁତରାଂ ତାହା ହିଁ ହେଲା । ସାହାବାମାନେ ବିଳପି ଉଠିଲେ । ସେମାନଙ୍କ ଚକ୍ଷୁରୁ ଅଶ୍ରୁର ଧାର ବହିବାକୁ ଲାଗିଲା ଏବଂ ସେମାନଙ୍କ ପକ୍ଷେ

କଥା କହିବା ମଧ୍ୟ କଷ୍ଟକର ହୋଇପଡ଼ିଲା । କିନ୍ତୁ ଜଣେ ସାହାବି ଉଠିଲେ ଏବଂ ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଯେତେବେଳେ କହିଲେ କି ମୁଁ ଯଦି କୌଣସି ବ୍ୟକ୍ତିଙ୍କୁ ହାନୀ ପହଞ୍ଚାଇଛି ତେବେ ସେ ଆସି ମୋ ଠାରୁ ପ୍ରତିଶୋଧ ନେଇନେଉ । ତେଣୁ ମୁଁ ଆପଣ ସ.ଅଙ୍କ ଠାରୁ ଏକ ପ୍ରତିଶୋଧ ନେବାକୁ ଚାହୁଁଛି । ରସୁଲ୍ କରୀମ୍ ସ.ଅ କହିଲେ, ହଁ ଅବଶ୍ୟ। ଶୀଘ୍ର କୁହ ମୁଁ ତୁମର କ'ଣ କ୍ଷତି ଘଟାଇଛି? ସେହି ସାହାବି ଜଣକ କହିବାକୁ ଲାଗିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅମକ ଯୁଦ୍ଧ ଅବସରରେ ଆପଣ ସ.ଅ ଧାଡ଼ି ସଳଖ କରୁଥିଲେ କି ଆପଣ ସ.ଅ ଯେତେବେଳେ ଗୋଟିଏ ଧାଡ଼ି ଦେଇ ଆଗକୁ ଅତିକ୍ରମ କରିବାକୁ ଉଦ୍ୟମ କଲେ ଏବଂ ଆପଣ ସ.ଅ ଯେଉଁ ଧାଡ଼ି ଦେଇ ଆଗକୁ ଅଗ୍ରସର ହେଲେ ସେତେବେଳେ ଆପଣ ସ.ଅଙ୍କ କହୁଣୀ ମୋ ପିଠିରେ ବାଜିଗଲା। ତେଣୁ ଆଜି ମୁଁ ସେହି ପୀଡ଼ାର ପ୍ରତିଶୋଧ ନେବାକୁ ଚାହୁଁଛି । ସାହାବା ର.ଅ ବର୍ଣ୍ଣନା କରନ୍ତି, ସେତେବେଳେ କ୍ରୋଧରେ ଆମମାନଙ୍କର ଖଡ଼୍ଗ ଖଡ଼୍ଗ ଖୋଳରୁ ବାହାରକୁ ବାହାରୁଥିଲା ଏବଂ ଆମର ଚକ୍ଷୁରୁ ରକ୍ତପାତ ହେଉଥିଲା। ଯଦି ରସୁଲ୍ କରୀମ୍ ସ.ଅ ସେତେବେଳେ ଆମ ସମ୍ମୁଖରେ ଉପସ୍ଥିତ ନଥାଆନ୍ତେ ସେତେବେଳେ ଆମେମାନେ ଅବଶ୍ୟ ତା'କୁ ଖଣ୍ଡ ବିଖଣ୍ଡିତ କରି ପକାଇ ଥାଆନ୍ତୁ । କିନ୍ତୁ ରସୁଲ୍ କରୀମ୍ ସ.ଅ ନିଜର ପିଠି ସେହି ସାହାବି ଆଡ଼କୁ ବୁଲାଇ କହିଲେ, ନିଅ ! ତୁମେ ନିଜର ପ୍ରତିଶୋଧ ପୂରଣ କରିନିଅ ଏବଂ ମୋତେ ଏହିପରି କହୁଣି ମାରିଦିଅ । ସେହି ଲୋକ କହିଲା ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ବର୍ତ୍ତମାନ ନୁହେଁ। ଆପଣ ସ.ଅଙ୍କ କହୁଣୀ ଯେତେବେଳେ ମୋ ଦେହରେ ବାଜିଥିଲା ସେତେବେଳେ ମୋ ପିଠି ଫୁଙ୍ଗୁଳା ଥିଲା ଏବଂ ବର୍ତ୍ତମାନ ଆପଣ ସ.ଅଙ୍କ ପିଠିରେ କପଡ଼ା ରହିଛି। ରସୁଲ୍ କରୀମ୍ ସ.ଅ ସାହାବାମାନଙ୍କୁ ଯେତେବେଳେ କହିଲେ, ମୋ ପିଠିରୁ ବସ୍ତ୍ର ଉଠାଇ ଦିଅ । କାରଣ ଉକ୍ତ ବ୍ୟକ୍ତି ଜଣକ ମୋ ଠାରୁ ପ୍ରତିଶୋଧ ନେଇ ନେଉ । ଯେତେବେଳେ ସାହାବାମାନେ ରସୁଲ୍ କରୀମ୍ ସ.ଅଙ୍କ ପିଠି ଉପରୁ ବସ୍ତ୍ର ହଟାଇଲେ ସେତେବେଳେ ସେହି ସାହାବି ଜଣକ ପ୍ରକମ୍ପିତ ଓଠ ଏବଂ ବହିଯାଉଥିବା ଲୁହର ସହିତ ଆଗକୁ ଅଗ୍ରସର ହେଲା ଏବଂ ସେ ରସୁଲ୍ କରୀମ୍ ସ.ଅଙ୍କର ଫୁଙ୍ଗୁଳା ପିଠି ଉପରେ ଅତି ପ୍ରେମରେ ଏକ ଚୁମ୍ବନ ଦେଲା ଏବଂ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! କାହିଁ ଏହି ତୁଚ୍ଛ ସେବକ ଓ କାହିଁ ସେହି ପ୍ରତିଶୋଧ ?

ଯେତେବେଳେ ହୁଜୁର ସ.ଅଙ୍କ ଠାରୁ ମୁଁ ଜାଣିବାକୁ ପାଇଲି ଯେ, ମୁଁ ଆପଣ ସ.ଅଙ୍କ ଠାରୁ ପ୍ରତିଶୋଧ ନେବି ସେତେବେଳେ ସେହି ମୁହୂର୍ତ୍ତଟି ପାଖେଇ ଆସିଲା ଯାହା ସଂପର୍କରେ ଭାବିବା ଦ୍ୱାରା ଆମର ଲୋମ ଟାଙ୍କୁରି ଉଠୁଛି ଯେ, ସେହି ଶିରୋମଣିଙ୍କ ଠାରୁ ଏହି ତୁଚ୍ଛ ପ୍ରତିଶୋଧ ନେବ ? ଅତଏବ ମୁଁ ଚାହିଁଲି କି ମୋର ଓଠ ଦ୍ୱୟ ଥରୁଟିଏ ପାଇଁ ସେହି କଲ୍ୟାଣମୟ ଅବତାରଙ୍କ ଶରୀରକୁ ସ୍ପର୍ଶ କରିନେଉ ଯାହାଙ୍କୁ ଈଶ୍ୱର ସମସ୍ତ କଲ୍ୟାଣର ସମଷ୍ଟି ରୂପେ ଗଢିଛନ୍ତି । ସୁତରାଂ ମୁଁ କହୁଣି ବାଜିବାକୁ ନିଜର ସେହି ଉଦ୍ଦେଶ୍ୟ ପୂରଣ କରିବାର ଏକ ବାହାନା ରୂପେ କରିନେଲି ଏବଂ ମୁଁ ଚାହିଁଲି କି ଶେଷଥର ପାଇଁ ମୁଁ ଆପଣ ସ.ଅଙ୍କ ଶରୀରର ଚୁମ୍ବନ ନେଇ ନିଏ । ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କହୁଣି ବାଜିବା କିଛି ବଡ଼ କଥା ନୁହେଁ । ଆମମାନଙ୍କର ପ୍ରତ୍ୟେକ ବସ୍ତୁ ଆପଣ ସ.ଅଙ୍କ ସକାଶେ ଉତ୍ସର୍ଗ ଅଟେ । ମୋର ଆତ୍ମା ଏହି ବାହାନା କରିଥିଲା କି ମୋତେ ଆପଣ ସ.ଅଙ୍କ ଶରୀରର ଚୁମ୍ବନ ନେବାକୁ ସୁଯୋଗ ମିଳିନଯାଉ । ସେହି ସାହାବାମାନେ ଯେଉଁମାନେ ଉକ୍ତ ବ୍ୟକ୍ତିଙ୍କୁ ବଧ କରିବା ପାଇଁ ତତ୍ପର ଥିଲେ, ସେହି ବ୍ୟକ୍ତିର ଉକ୍ତ କଥାକୁ ଶିଣି କ୍ରୋଧ ଜର୍ଜରିତ ହୋଇ ଉଠିଥିଲେ । ସୁତରାଂ ସେମାନେ ଯେତେବେଳେ ଏହି ଦୃଶ୍ୟ ଅବଲୋକନ କଲେ ଯେ, ଆରେ ଏଠାରେ ଏହି ବ୍ୟକ୍ତିର ହୃଦୟରେ ତ' ଆଉ କିଛି କଥା ଅଛି । ତେବେ ସେମାନେ କୁହନ୍ତି, ତାହାହେଲେ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଉପରେ ଘୃଣା ଏବଂ କ୍ରୋଧ ଆସିବାକୁ ଲାଗିଲା । କାରଣ ଆମେମାନଙ୍କୁ କାହିଁକି ଏହି ସୁଯୋଗ ପ୍ରାପ୍ତ ହେଲା ନାହିଁ ଯେ, ଆମେମାନେ ନିଜର ପ୍ରିୟ ମୁନିବଙ୍କର ଚୁମ୍ବନ ନେଇପାରି ଥାଆନ୍ତୁ ।"

ହ. ମୁସ୍ଲେହ୍ ମଉଦ୍ ର.ଅ କୁହନ୍ତି, "ଏ ହେଉଛନ୍ତି ସେହି ବ୍ୟକ୍ତି ଯିଏ ଆମମାନଙ୍କର ମାର୍ଗଦର୍ଶକ ଥିଲେ ।" ଅର୍ଥାତ ରସୁଲୁଲ୍ଲାଃ ସ.ଅ ନିଜ ଜୀବନର ପ୍ରତ୍ୟେକ ବିଭାଗରେ ଆମମାନଙ୍କ ନିମନ୍ତେ ସେହି ଉଦାହରଣ ପ୍ରଦର୍ଶନ କଲେ ଯାହାର ଦୃଷ୍ଟାନ୍ତ ଏବଂ ଉଦାହରଣ ଅନ୍ୟ କୌଣସି ଅବତାରଙ୍କ ମଧ୍ୟରେ ଦେଖିବାକୁ ମିଳି ପାରିବ ନାହିଁ ।

**(ଉସ୍ୱାଏ ହସନା, ଅନ୍ୱାରୁଲ୍ ଉଲୁମ୍, ଭାଗ-17, ପୃ-128-130)**

ବଦର୍ ଯୁଦ୍ଧରେ ସାହାବାମାନଙ୍କର ମନୋବୃତ୍ତି ଅର୍ଥାତ୍ ପ୍ରତୀକ ଏବଂ ଶ୍ଳୋଗାନ୍ କ'ଣ ଥିଲା ? ତତ୍ସମ୍ବନ୍ଧରେ ବର୍ଣ୍ଣନା ମିଳେ ଯେ, ହ. ଉରୱାହ୍ ବିନ୍ ଜୁବୈର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯୁଦ୍ଧ ଦିନ ପ୍ରବାସକାରୀମାନଙ୍କର ଏହି ଶ୍ଳୋଗାନ୍ ଥିଲା يَا بَنِی عَبۡدِ الرَّحۡمٰن ଏବଂ ଖଜରଜ୍ ସଂପ୍ରଦାୟର ଶ୍ଳୋଗାନ ଥିଲା يَا بَنِی عَبۡدِ اللہ, ସେହିପରି ଓ୍ୱସ୍ ସଂପ୍ରଦାୟର ଶ୍ଳୋଗାନ ଥିଲା يَا بَنِی عُبَیۡدِ اللہ ଓ ଆଁହଜରତ ସ.ଅ ନିଜର ଅଶ୍ୱାରୋହୀମାନଙ୍କର ନାଁ خَیۡلُ اللہ ଦେଇଥିଲେ । ଏକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ସେଦିନ ସମସ୍ତଙ୍କର ଶ୍ଳୋଗାନ୍ يَا مَنۡصُوۡرُ اَمِتۡ ଥିଲା । ଅର୍ଥାତ୍ ହେ ମନସୁର୍ ! ମାରିଦିଅ । **(ସବ୍ଲୁଲ୍ ହୁଦା ୱର୍ ରଶ୍ଶାଦ୍ ବାବ୍ ଗଜ୍ୱାତୁଲ୍ ବଦ୍ରୁଲ୍ କୁବ୍ରା, ଭାଗ-4, ପୃ-44, ଦାରୁଲ୍ କୁତୁବୁଲ ଇଲ୍ମିୟାହ୍, ବୈରୁତ୍-1993)**ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ବଦର୍ ଯୁଦ୍ଧରେ ଅନସାରମାନଙ୍କର ଶ୍ଳୋଗାନ ଏହି ଥିଲା ଯେ, ଅହଦ୍ ଅହଦ୍ । ଏହି ଶ୍ଳୋଗାନ୍ ଏଇଥିପାଇଁ ଧାର୍ଯ୍ୟ କରାଯାଇଥିଲା ଯେ, ରାତ୍ରର ଅନ୍ଧକାରୀରରେ କିମ୍ବା ଅତ୍ୟନ୍ତ ଘମାଘୋଡ଼ ଯୁଦ୍ଧରେ ସେହି ଶ୍ଳୋଗାନ ଦ୍ୱାରା ଚିହ୍ନିତ କରାଯାଇ ପାରୁ ଯେ, ଏମାନେ ଅନ୍ସାରୀ ଅଟନ୍ତି। ସେହିପରି ପ୍ରବାସକାରୀ ମୁସଲମାନମାନଙ୍କର ଶ୍ଳୋଗାନ୍ يَا بَنِی عَبۡدِ الرَّحۡمٰن । **(ଅସ୍ ସିରତୁଲ୍ ହଲ୍ବିୟାହ୍, ଭାଗ-2, ପୃ-242, ଦାରୁଲ୍ କୁତୁବୁଲ୍ ଇଲ୍ମିୟା ବୈରୁତ୍ 2002 ମସିହା)**

ରସୁଲ୍ କରୀମ୍ ସ.ଅଙ୍କ ଯୁଦ୍ଧ ସଂପର୍କରେ ଯେଉଁ ମାର୍ଗଦର୍ଶିକା ଥିଲା ତାହାର ଅତିରିକ୍ତ ବର୍ଣ୍ଣନା ଏହିପରି ବର୍ଣ୍ଣିତ ହୋଇଛି ଯେ, ଯେତେବେଳେ ରସୁଲ୍ କରୀମ୍ ସ.ଅ ଧାଡ଼ିକୁ ସଳଖ କରିନେଲେ ସେତେବେଳେ ସାହାବାମାନଙ୍କୁ କହିଲେ, ଯେପର୍ଯ୍ୟନ୍ତ ମୁଁ ତୁମମାନଙ୍କୁ ଆଦେଶ ଦେଇ ନାହିଁ ସେପର୍ଯ୍ୟନ୍ତ ତୁମମାନେ ଆକ୍ରମଣ କରିବ ନାହିଁ । ଯଦି ଶତ୍ରୁ ତୁମମାନଙ୍କର ନିକଟବର୍ତ୍ତୀ ହୋଇଯିବ ତେବେ ସେମାନଙ୍କ ଉପରେ ଧନୁ ବର୍ଷଣ କରି ପଛକୁ ଘୁଞ୍ଚାଇ ଦେବ । କାରଣ ବ୍ୟବଧାନରୁ ଧନୁ ଚାଳନା ଅନେକ ସମୟରେ ବୃଥା ସାବ୍ୟସ୍ତ ହୋଇଥାଏ ଏବଂ ତୀର ବୃଥା ହୋଇଥାଏ । ସେହିପରି ଯେପର୍ଯ୍ୟନ୍ତ ଶତ୍ରୁ ନିକଟବର୍ତ୍ତୀ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ଖଡ଼୍ଗ ଉତ୍ତୋଳନ କରିବ ନାହିଁ ।

ଆଁହଜରତ ସ.ଅଙ୍କ ଏକ ଖୁତ୍ବା ସଂକ୍ରାନ୍ତରେ ଉଲ୍ଲେଖ ମିଳେ । ଆଁହଜରତ ସ.ଅ ସାହାବାମାନଙ୍କ ସମ୍ମୁଖରେ ଖୁତ୍ବା ଦେଲେ ଯହିଁରେ ଜିହାଦ୍ କରିବା ପ୍ରତି ଅନୁପ୍ରାଣିତ କଲେ ଏବଂ ଧୈର୍ଯ୍ୟ ପ୍ରଦର୍ଶନ କରିବା ନିମନ୍ତେ ଉତ୍ସାହିତ କଲେ । ସେହିପରି କହିଲେ, ବିପତ୍ତି ସମୟରେ ଧୈର୍ଯ୍ୟ ପ୍ରଦର୍ଶନ କରିବା ଦ୍ୱାରା ଅଲ୍ଲାଃତାଲା ଦୁଃଖ କଷ୍ଟ ଏବଂ ସମସ୍ୟାକୁ ଦୂରୀଭୂତ କରିଥାଆନ୍ତି ଏବଂ ଦୁଃଖ କଷ୍ଟରୁ ମୁକ୍ତି ପ୍ରଦାନ କରିଥାଆନ୍ତି । **(ଅସ୍ ସିରତୁଲ୍ ହଲ୍ବିୟାହ୍, ବାବ୍-ଜିକ୍ରୁ ମୁଗାଜିୟାହ୍ ସ.ଅ, ଭାଗ-2, ପୃ-221, ଦାରୁଲ୍ କୁତୁବୁଲ୍ ଇଲ୍ମିୟା ବୈରୁତ୍ 2002 ମସିହା) (ତରିଖୁତ୍ ତବ୍ରୀ, ବାଗ-2, ପୃ-32, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍)**

ଆଁହଜରତ ସ.ଅଙ୍କ ଉକ୍ତ ଖୁତ୍ବା ସଂକ୍ରାନ୍ତରେ ଏକ ସ୍ଥାନରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି । ଅର୍ଥାତ୍ ଆପଣ ସ.ଅ ଅଲ୍ଲାଃତାଲାଙ୍କର ପ୍ରଶଂସାଗାନ କଲେ ଏବଂ କହିଲେ, ଅଲ୍ଲାଃତାଲା ଯେଉଁ କାର୍ଯ୍ୟ କରିବା ନିମନ୍ତେ ଆମମାନଙ୍କୁ ପ୍ରସ୍ତୁତ ତଥା ଅନୁପ୍ରାଣିତ କରୁଛନ୍ତି ମୁଁ ତୁମମାନଙ୍କୁ ସେହି କାର୍ଯ୍ୟ କରିବାକୁ ପ୍ରସ୍ତୁତ ଏବଂ ଅନୁପ୍ରାଣିତ କରୁଛି । ସେହିପରି ଅଲ୍ଲାଃତାଲା ଯେଉଁ କାର୍ଯ୍ୟ କରିବା ନିମନ୍ତେ ମୋତେ ବାରଣ କରିଛନ୍ତି ମୁଁ ମଧ୍ୟ ତୁମମାନଙ୍କୁ ସେହି କାର୍ଯ୍ୟ ନକରିବା ପ୍ରତି ବାରଣ କରୁଛି । ଅଲ୍ଲାଃତାଲା ଯେକି ମହାନ୍ ଓ ସର୍ବବ୍ୟାପୀ ଅଟନ୍ତି ସେ ତୁମମାନଙ୍କୁ ସତ୍ୟ କହିବା ନିମନ୍ତେ ଆଦେଶ ଦେଇଛନ୍ତି । କାରଣ ସେ ସତ୍ୟତାକୁ ପସନ୍ଦ କରନ୍ତି ଏବଂ ଅଲ୍ଲାଃତାଲାଙ୍କ ନିକଟରେ ଯେଉଁ ପୁଣ୍ୟାବଳୀର ଫଳ ରହିଛି ସେ ପୁଣ୍ୟବାନ ବ୍ୟକ୍ତିମାନଙ୍କୁ ଉଚ୍ଚ ସ୍ଥାନ ଏବଂ ମର୍ଯ୍ୟାଦା ପ୍ରଦାନ କରିଥାଆନ୍ତି । ତତ୍ସହିତ ଏହି ଚର୍ଚ୍ଚା ମଧ୍ୟ ହୁଏ ଯେ, ଲୋକମାନେ ପରସ୍ପର ପ୍ରତି ପ୍ରତିସ୍ପର୍ଦ୍ଧିତ ହେବା ନିମନ୍ତେ ଉଦ୍ୟମ କରୁଛନ୍ତି ଏବଂ ଆଜି ତୁମେମାନେ ସତ୍ୟର ମାର୍ଗ ମଧ୍ୟରୁ ଏକ ମାର୍ଗରେ ଅଗ୍ରସର ହେଉଅଛ । ଅଲ୍ଲାଃତାଲା ସେହି କର୍ମ ତଥା କାର୍ଯ୍ୟକୁ ସ୍ୱୀକାର କରନ୍ତି ଯାହା ତାହାଙ୍କ ପ୍ରସନ୍ନତା ଏବଂ ତାହାଙ୍କ ଅନୁଗ୍ରହ ପ୍ରାପ୍ତି ସକାଶେ ସମ୍ପାଦିତ କରାଯାଇଥାଏ । କଠୋରତା ସ୍ଥାନମାନଙ୍କରେ ଧୈର୍ଯ୍ୟ ହେଉଛି ଏଭଳି ଏକ ବସ୍ତୁ ଯଦ୍ଦ୍ୱାରାକି ଅଲ୍ଲାଃତାଲା ଦୁଃଖ ଦୁର୍ଦ୍ଦଶାକୁ ଦୂରୀଭୂତ କରିଦେଇ ଥାଆନ୍ତି ଏବଂ ଦୁଃଖରୁ ମୁକ୍ତି ପ୍ରଦାନ କରିଦେଇ ଥାଆନ୍ତି । ପ୍ରଳୟ ଦିବସରେ ଧୈର୍ଯ୍ୟ ମାଧ୍ୟମରେ ହିଁ ମୋକ୍ଷ ପ୍ରାପ୍ତି ହେବ । ତୁମମାନଙ୍କ ମଧ୍ୟରେ ଈଶ୍ୱରଙ୍କ ବାର୍ତ୍ତାବହ ବିଦ୍ୟମାନ ଅଛନ୍ତି । ସେ ତୁମମାନଙ୍କୁ ଭୟଭୀତ କରାଇଥାଆନ୍ତି ଏବଂ ତୁମମାନଙ୍କୁ ଆଦେଶ ଦେଇଥାଆନ୍ତି ଯେ, ଆଜି ଅଲ୍ଲାଃତାଲାଙ୍କ ନିକଟରେ ଲଜ୍ଜିତ ହୁଅ, ପ୍ରଭୁଙ୍କୁ ଭୟ କର, କାହିଁକି ନା ପ୍ରଭୁ ପ୍ରତ୍ୟେକ ପ୍ରସଙ୍ଗରେ କୌଣସି ନା କୌଣସି ରୂପରେ ଏପରି ଏକ ବସ୍ତୁ ମାଧ୍ୟମରେ ଅବଗତ ହୋଇଯିବେ ଯାହାକି ତାହାଙ୍କ ଅପ୍ରସନ୍ନତାର କାରଣ ସାଜିବ । ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି لَمَقۡتُ اللّٰہِ اَکۡبَرُ مِنۡ مَّقۡتِکُمۡ اَنۡفُسَکُمۡ **(ଅଲ ମୁମିନ୍: 11)** ଅର୍ଥାତ୍ ଆଜି ତୁମେମାନେ ନିଜକୁ ଯେତିକ ମାତ୍ରାରେ ଘୃଣା ଚକ୍ଷୁରେ ଦେଖୁଅଛ ତୁମମାନଙ୍କ ପ୍ରତି ଅଲ୍ଲାଃତାଲାଙ୍କର ଘୃଣା ତାହାଠୁ ବି ଅଧିକ । ସେହି ବସ୍ତୁ ତଥା ପ୍ରସଙ୍ଗ ଆଡ଼କୁ ଦେଖ ଯେଉଁ ପ୍ରସଙ୍ଗ ଏବଂ ଆଦେଶାବଳୀ ସଂକ୍ରାନ୍ତରେ ପବିତ୍ର ଗ୍ରନ୍ଥରେ ଆଦେଶ ଦିଆଯାଇଛି । ପ୍ରଭୁ ତୁମମାନଙ୍କୁ ନିଜର ନିଦର୍ଶନ ଅବଲୋକନ କରାଇଛନ୍ତି ଏବଂ ତିରସ୍କାର ପରେ ସେ ତୁମମାନଙ୍କୁ ସମ୍ମାନ ପ୍ରଦାନ କରିଛନ୍ତି । ଅଲ୍ଲାଃତାଲାଙ୍କର ସାମୀପ୍ୟତାକୁ ଦୃଢ଼ ରୂପେ ଧରିରଖ । କାରଣ ସେ ଯେପରି ତୁମ ଠାରୁ ପ୍ରସନ୍ନ ହୋଇ ଯାଆନ୍ତୁ। ପ୍ରଭୁ ତୁମମାନଙ୍କୁ ଯେଉଁ ସ୍ଥାନରେ ପରୀକ୍ଷା କରିବେ ତୁମେମାନେ ସେଠାରେ ଶତପ୍ରତିଶତ ଉତ୍ତୀର୍ଣ୍ଣ ହେବାକୁ ପ୍ରୟାସ କର । ତୁମେମାନେ ତାହାଙ୍କର ଦୟା, କରୁଣା ଏବଂ କ୍ଷମାର ପାତ୍ର (ଅଧିକାରୀ) ହୋଇଯିବ ଯାହାର ପ୍ରଭୁ ତୁମ ସହିତ ପ୍ରତିଜ୍ଞା କରିଛନ୍ତି । ପ୍ରଭୁଙ୍କର ପ୍ରତିଜ୍ଞା ବା ପ୍ରତିଶ୍ରୁତି ଚିରନ୍ତନ ସତ୍ୟ ଓ ଶାଶ୍ୱତ ଅଟେ। ତାହାଙ୍କର କ୍ରୋଧ ଓ ପ୍ରକୋପ ଅତ୍ୟନ୍ତ ଭୟଙ୍କର ଅଟେ । ମୁଁ ଏବଂ ତୁମେମାନେ ସେହି ପ୍ରଭୁଙ୍କର ଶରଣାପନ୍ନ ହେଉଛେ ଯେକି ଚିରଞ୍ଜିବ ଅଟନ୍ତି । ଆମେମାନେ ନିଜର ବିଜୟ ନିମନ୍ତେ ଦୁଆ କରିଥାଉ (ପ୍ରାର୍ଥନା କରିଥାଉ),

ତାହାଙ୍କର ସାମୀପ୍ୟତାକୁ ପ୍ରାପ୍ତ କରିଥାଉ, ତାହାଙ୍କ ଉପରେ ହିଁ ଭରସା କରିଥାଉ, ତାହାଙ୍କ ଆଡ଼କୁ ହିଁ ଲେଉଟିବୁ । ଅଲ୍ଲାଃତାଲା ଆମମାନଙ୍କୁ ଓ ମୁସଲମାନମାନଙ୍କୁ କ୍ଷମା ପ୍ରଦାନ କରିଦିଅନ୍ତୁ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ବାବ୍-ଗଜ୍‌ୱତୁନ୍ ବଦରିଲ୍ କୁବ୍ରା, ଭାଗ-4, ପୃ-34, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍-1993 ମସିହା)** ଏହା ସେହି ଖୁତ୍‌ବାର ବିସ୍ତୃତ ବିବରଣୀ ଥିଲା । ଯୁଦ୍ଧରେ ସମୟରେ କେତେକ ଲୋକମାନଙ୍କୁ ବଧ କରିବାରୁ ଆଁହଜରତ ସ.ଅ ଅଟାଇଥିଲେ । ତତ୍‌ସମ୍ବନ୍ଧରେ ଉଲ୍ଲେଖ ରହିଛି । ହ. ଇବ୍‌ନେ ଅବବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ବଦର ଯୁଦ୍ଧ ଦିନ ନିଜର ସାହାବାମାନଙ୍କୁ କହିଥିଲେ, ମୁଁ ଜାଣିବାକୁ ପାଇଛି ଯେ, ବନୁ ହାଶିମ୍ ସଂପ୍ରଦାୟ ଓ ଅନ୍ୟ କେତେକ ଲୋକମାନେ କୁରେଶ୍ ସହିତ ବାଧ୍ୟ ହୋଇ ଆସିଛନ୍ତି । ସେମାନେ ସ୍ୱଇଚ୍ଛାରେ ଆସି ନାହାନ୍ତି । ସେମାନେ ଆମ ସହିତ ଯୁଦ୍ଧ କରିବାକୁ ଚାହାନ୍ତି ନାହିଁ । ଅତଏବ୍ ତୁମମାନଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ବନୁ ହାଶିମ୍‌ର କୌଣସି ବ୍ୟକ୍ତି ସହିତ ଭେଟ ହୁଏ ତେବେ ସେ ତା'କୁ ବଧ ନକରୁ ଏବଂ ଯେକେହି ଅବୁଲ୍ ବଖ୍‌ତର୍ ସହିତ ସାକ୍ଷାତ୍ କରେ ତେବେ ସେ ତା'କୁ ବଧ ନକରୁ । ସେହିପରି ଯେକେହି ଅବ୍ବାସ୍ ବିନ୍ ଅବ୍‌ଦୁଲ୍ ମୁତଲ୍ଲିବ ଯେକି ରସୁଲୁଲ୍ଲାଃ ସ.ଅଙ୍କର ଚଚା ଅଟନ୍ତି ତାଙ୍କ ସହିତ ଭେଟ ହୁଏ ତେବେ ସେ ତାଙ୍କୁ ମଧ୍ୟ ହତ୍ୟା ନକରୁ । କାରଣ ଏମାନେ ବିବଶତା ଯୋଗୁଁ କୁରେଶମାନଙ୍କ ସହିତ ଆସିଛନ୍ତି । ହ. ଇବ୍‌ନେ ଅବ୍ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଅବୁ ହୁଜେଫା ବିନ୍ ଉତ୍‌ବା ର.ଅ କହିଲେ, ଆମେମାନେ ନିଜର ପିତାମାନଙ୍କୁ, ନିଜର ପୁତ୍ରମାନଙ୍କୁ, ନିଜର ଭାଇମାନଙ୍କୁ, ନିଜର ସଂପର୍କୀୟମାନଙ୍କୁ ତ' ବଧ କରିଦେବୁ ହେଲେ ଅବ୍ବାସଙ୍କୁ ଛାଡ଼ିଦେବୁ ? ଈଶ୍ୱରଙ୍କ ଶପଥ କରି କହୁଛି ! ମୁଁ ତାଙ୍କୁ ଅର୍ଥାତ୍ ଅବ୍ବାସଙ୍କ ସହିତ ମୋର ଯଦି ଭେଟ ହୁଏ ତାହାହେଲେ ମୁଁ ଖଡ଼୍‌ଗ ଦ୍ୱାରା ଅବଶ୍ୟ ତାଙ୍କର ବଧ କରିଦେବି । ବର୍ଣ୍ଣନାକାରୀ କୁହନ୍ତି: ଆଁହଜରତ ସ.ଅ ଯେତେବେଳେ ଉକ୍ତ ସୂଚନା ପ୍ରାପ୍ତ କଲେ ସେତେବେଳେ ଆପଣ ସ.ଅ ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କୁ କହିଲେ, ହେ ଅବୁ ହଫସ୍ (ହ. ଉମର୍ ର.ଅଙ୍କୁ କୁହନ୍ତି) ! ହ. ଉମର୍ ର.ଅ କୁହନ୍ତି, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଏହା ପ୍ରଥମ ଦିନ ଥିଲା ଯେତେବେଳେ ରସୁଲୁଲ୍ଲାଃ ସ.ଅ ମୋତେ ଅବୁ ହଫସ୍ ଗୋତ୍ର ଦ୍ୱାରା ସମ୍ବୋଧିତ କରିଥିଲେ । ଆପଣ ସ.ଅ କହିଲେ, କ'ଣ ରସୁଲୁଲ୍ଲାଃ ସ.ଅଙ୍କ ଚଚା ଉପରେ ଖଡ଼୍‌ଗ ପ୍ରହାର କରାଯିବ କି ? ହ. ଉମର୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋତେ ଆଜ୍ଞା ପ୍ରଦାନ କରନ୍ତୁ ଯେ, ମୁଁ ଖଡ଼୍‌ଗ ଦ୍ୱାରା ତା'ର ଅର୍ଥାତ୍ ଅବୁ ହୁଜେଫାଙ୍କର ସ୍କନ୍ଧଚ୍ୟୁତ କରିଦେବି । କାରଣ ସେ କପଟବିଶ୍ୱାସ ପ୍ରଦର୍ଶନ କରିଛନ୍ତି । ହ. ଉମର୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅବୁ ହୁଜେଫା କପଟବିଶ୍ୱାସ ପ୍ରଦର୍ଶନ କରିଛନ୍ତି । ହ. ଅବୁ ହୁଜେଫା ପରେ କହୁଥିଲେ ଯେ, ମୁଁ ଏହି ବାକ୍ୟ ଯୋଗୁଁ ଯାହା ମୁଁ ସେଦିନ କହିଥିଲେ ଶାନ୍ତିରେ ନଥିଲି ଏବଂ ଉକ୍ତ କଥା ଯୋଗୁଁ ସବୁବେଳେ ଭୟଭୀତ ଥିଲି । ମୁଁ ଏହା ଚାହୁଁଥିଲି ଯେ, ଏହି ବାକ୍ୟ ବଦଳରେ ମୁଁ ଯଦି ଶହୀଦ୍ (ବୀରଗତି ପ୍ରାପ୍ତ କରେ) ହୋଇଯାଏ ତାହାହେଲେ ଏହା ମୋର ପ୍ରାୟଶ୍ଚିତ ହୋଇଯିବ । ସୁତରାଂ ହ. ହୁଜେଫା ର.ଅ ୟମାମା ଯୁଦ୍ଧ ଦିନ ବୀରଗତି ପ୍ରାପ୍ତ କରିଥିଲେ । **(ସିରତ୍ ଇବ୍‌ନେ ହିଶ୍ଶାମ୍, ପୃ-429, ଗଜ୍‌ୱା ବଦର, ପ୍ରକାଶନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍-2001 ମସିହା)**

ଉକ୍ତ ଘଟଣାର ବିସ୍ତୃତ ବିବରଣୀ ସଂପ୍ରକରେ ହ. ମିର୍ଜା ବଶୀର୍ ଅହେମଦ ସାହେବ ଉଲ୍ଲେଖ କରିଛନ୍ତି ଯେ, ଆଁହଜରତ ସ.ଅ ସାହାବାମାନଙ୍କୁ ସମ୍ବୋଧିତ କରି ଏହା ମଧ୍ୟ କହିଲେ, ଅବଜ୍ଞକାରୀଙ୍କ ସୈନ୍ୟବାହିନୀ ମଧ୍ୟରେ ଏପରି କେତେକ ବ୍ୟକ୍ତିମାନେ ମଧ୍ୟ ଅନ୍ତର୍ଭୁକ୍ତ ଅଛନ୍ତି ଯେଉଁମାନେ ସ୍ୱଇଚ୍ଛାରେ ଉକ୍ତ ଅଭିଯାନରେ ସାମିଲ୍ ହୋଇ ନାହାନ୍ତି ବରଂ କୁରେଶ୍‌ର ଅଧିପତିଙ୍କ ଚାପ ଯୋଗୁଁ ସାମିଲ୍ ହୋଇଯାଇଛନ୍ତି । ଅନ୍ୟଥା ସେମାନେ ମନରୁ ଆମର ବିରୋଧୀ ନୁହନ୍ତି । ସେହିପରି ଭାବରେ ସେହି ସୈନ୍ୟବାହିନୀ ମଧ୍ୟରେ ଏପରି କେତେକ ଲୋକମାନେ ମଧ୍ୟ ଅଛନ୍ତି ଯେଉଁମାନେ ମକ୍କା ଠାରେ ବିପଦ ସମୟରେ ଆମମାନଙ୍କ ସହିତ ଶିଷ୍ଟତାମୂଳକ ଆଚରଣ ପ୍ରଦର୍ଶନ କରିଥିଲେ । ତେଣୁ ଆମମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ଆମେମାନେ ସେମାନଙ୍କ ଉପକାରର ଋଣ ପରିଶୋଧ କରିଦେବୁ ।" (ଅର୍ଥାତ୍ ସେହି ଲୋକମାନେ ମକ୍କାରେ ମୁସଲମାନମାନଙ୍କ ସହିତ ସଦ୍‌ବ୍ୟବାହର ପ୍ରଦର୍ଶନ କରିଥିଲେ) । ସୁତରାଂ ଯଦି କୌଣସି ମୁସଲମାନେ ବ୍ୟକ୍ତି ଏପରି ବ୍ୟକ୍ତିମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରେ ତେବେ ସେ ସେହି ବ୍ୟକ୍ତିଙ୍କୁ କୌଣସି ପ୍ରକାରର ଦୁଃଖ କଷ୍ଟ ନଦେଉ । ଆପଣ ସ.ଅ ବିଶେଷ କରି ପ୍ରଥମ ନାମ ଅବ୍ବାସ୍ ବିନ୍ ଅବ୍‌ଦୁଲ୍ ମୁତଲ୍ଲିବ୍ ଓ ଦ୍ୱିତୀୟରେ ଅବୁଲ୍ ବଖ୍‌ତରିଙ୍କର ନାମ ନେଲେ ଏବଂ ସେମାନଙ୍କୁ ହତ୍ୟା କରିବାକୁ ବାରଣ କଲେ । କାରଣ ଏହି ଲୋକମାନେ ମୁସଲମାନମାନଙ୍କର ଦୁଃଖ କଷ୍ଟକୁ ଦୂର କରିବାକୁ ପ୍ରୟାସ କରୁଥିଲେ। ଅତଃ ଆପଣ ସ.ଅ ବାରଣ କରିଥିଲେ । କିନ୍ତୁ ସମୟ ଏପରି ମୋଡ଼ ନେଲା ଓ ଏପରି ବିଷମ ପରିସ୍ଥିତି ସୃଷ୍ଟି ହେଲା ଯେ, ଅବୁଲ୍ ବଖ୍‌ତରି ବଧ ହେବାରୁ ବର୍ତ୍ତି ପାରିଲା ନାହିଁ । ଅର୍ଥାତ୍ ମୃତ୍ୟୁ ପୂର୍ବରୁ ତା'କୁ ଆଭାସ ହୋଇଯାଇଥିଲା ଯେ, ଆଁହଜରତ ସ.ଅ ତା'କୁ ହତ୍ୟା କରିବାରୁ ବାରଣ କରିଛନ୍ତି । **(ସିରତ୍ ଖାତମୁନ୍ ନବିୟୀନ୍, ଲେଖକ-ସାହିବଜାଦ୍ ହ. ମିର୍ଜା ବଶୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-360-361)**

ଇତିହାସରେ ଉଲ୍ଲେଖ ରହିଛି ଯେ, ଏହାପରେ ଆଁହଜରତ ସ.ଅ ତମ୍ବୁ (ଶିବିର) ମଧ୍ୟରେ ଯାଇ ଦୁଆରେ ନିମଜ୍ଜିତ ହୋଇଗଲେ । ହ. ଅବୁ ବକର ର.ଅ ମଧ୍ୟ ସାଥିରେ ଥିଲେ ଏବଂ ଶିବିରର ଆଖାପାଖରେ ଅନ୍‌ସାରମାନଙ୍କର ଏକ ଦଳ ହ. ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ନେତୃତ୍ୱରେ ପ୍ରହରା ଦେବା ନିମନ୍ତେ ନିଯୁକ୍ତ କଲେ । **(ସିରତୁଲ୍ ହଲବିୟାହ୍, ବାବ୍-ଜିକ୍ରୁ ମୁଗାଜିୟାହ୍ ସ.ଅ, ଭାଗ-2, ପୃ-221, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2002 ମସିହା)**

ହ. ଇବ୍‌ନ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କିହଲେ, ଆପଣ ସ.ଅ ବଦର୍ ଦିନ ଏକ ବଡ଼ ଶିବିର ମଧ୍ୟରେ ଥିଲେ କି اَللّٰهُمَّ اِنِّیْ أَنْشُدُكَ عَهْدَكَ وَوَعْدَكَ، اَللّٰهُمَّ إِنْ شِئْتَ لَمْ تُعْبَدْ بَعْدَ الْيَوْمِ ଦୁଆ କଲେ । ଅର୍ଥାତ୍ ହେ ଈଶ୍ୱର! ମୁଁ ତୁମ୍ଭକୁ ତୁମ୍ଭରି ଶପଥ ଓ ତୁମ୍ଭରି ଅଙ୍ଗୀକାରର ଶପଥ ତଥା ଦ୍ୱାହି ଦେଉଛି । ହେ ପାଳନକର୍ତ୍ତା ! ତୁମ୍ଭେ ଯଦି ମୁସଲମାନମାନଙ୍କର ସର୍ବନାଶ ଚାହୁଁଛ ତାହାହେଲେ ଆଜିର ଦିନ ପରେ ତୁମ୍ଭର ଉପାସନାକାରୀ ଧରାପୃଷ୍ଠରେ ଆଉ କେହି ରହିବେ ନାହିଁ। ଠିକ୍ ସେତିକିବେଳେ ହ. ଅବୁ ବକର ର.ଅ ଆପଣ ସ.ଅଙ୍କର ହସ୍ତ ଧରି ପକାଇଲେ। ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେତିକି ଥାଉ ସେତିକି ଥାଉ ! ଆପଣ ସ.ଅ ନିଜର ପରମେଶ୍ୱରଙ୍କ ଠାରୁ ଦୁଆ କରିବାରେ ଅଧିକ ଜିଦ୍ କରିନେଇଛନ୍ତି ଏବଂ ଆପଣ ସ.ଅ ଲୌହ କବଚ ପରିଧାନ କରିଥିଲେ ଅର୍ଥାତ ଆଁହଜରତ ସ.ଅ ଲୌହ କବଚ ବା ପୋଷାକ ପରିଧାନ କରିଥିଲେ । ଆପଣ ସ.ଅ ଶିବିର ମଧ୍ୟରୁ ବାହାରିଲେ ଏବଂ ଏହି ଆୟତ୍ ପାଠ କରୁଥିଲେ ଯେ, سَيُهْزَمُ الْجَمْعُ وَيُوَلُّوْنَ الدُّبُرَ۔ بَلِ السَّاعَةُ مَوْعِدُهُمْ وَالسَّاعَةُ اَدْهٰى وَاَمَرُّ **(ଅଲ୍ କମର୍: 46-47)** ଅର୍ଥାତ୍ ଶୀଘ୍ର ସେମାନଙ୍କ ଦଳ ପରାଜିତ ହେବ ଏବଂ ସେମାନେ ପୃଷ୍ଠଭଙ୍ଗ (ଛତ୍ରଭଙ୍ଗ) କରି ପଳାୟନ କରିବେ। ବରଂ ସେମାନଙ୍କ ବିନାଶ କାଳ ବିଷୟରେ ଅଙ୍ଗୀକାର କରାଯାଇଛି ଏବଂ ସେହି ଅଙ୍ଗୀକୃତ ସମୟ ଅତ୍ୟନ୍ତ ବିନାଶଶୀଳ ଓ କଠୋର ହେବ । **(ସହି ବୁଖାରୀ, କିତାବୁଲ୍ ଜିହାଦ୍ ୱସ୍ ସୈର୍, ବାବ୍- ମା କିଲା ଫି ଦର୍‌ଇନ୍ ନବୀ ସ.ଅ ୱଲ୍ କମିସି ଫିଲ୍ ହର୍ବି, ହଦିସ୍ ନଂ-2915)**

ହ. ଅବ୍‌ଦୁଲ୍ଲାଃ ବିନ୍ ଅବ୍ବାସ୍ ର.ଅ କୁହନ୍ତି: ହ. ଉମର୍ ର.ଅ ମୋ ଆଗରେ ବଦର୍ ଯୁଦ୍ଧ ଦିନ ସଂପର୍କରେ ବର୍ଣ୍ଣନା କଲେ ଯେ, ରସୁଲୁଲ୍ଲାଃ ସ.ଅ ଅବଜ୍ଞାକାରୀମାନଙ୍କୁ ଦେଖିଲେ, ସେମାନେ 1 ହଜାର ସଂଖ୍ୟକ ଥିଲେ ଏବଂ ଆପଣ ସ.ଅଙ୍କ ସାହାବାମାନଙ୍କ ସଂଖ୍ୟା 319 ଥିଲା । ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ନବୀ ସ.ଅ କିବ୍‌ଲା ଆଡ଼କୁ ମୁହଁ କଲେ ପୁନଶ୍ଚ ନିଜର ଦୁଇ ହସ୍ତକୁ ପ୍ରସାରିତ କରିଦେଲେ ଏବଂ ନିଜର ପାଳନକର୍ତ୍ତାଙ୍କୁ ଉଚ୍ଚ ସ୍ୱରରେ ଡାକୁଥିଲେ ।

اَللّٰهُمَّ اَنْجِزْ لِیْ مَا وَعَدْتَّنِیْ۔ اَللّٰهُمَّ اٰتِ مَا وَعَدْتَّنِیْ۔ اَللّٰهُمَّ اِنْ تُهْلِكْ هٰذِهِ الْعِصَابَةَ مِنْ اَهْلِ الْاِسْلَامِ لَا تُعْبَدْ فِی الْاَرْضِ ଅର୍ଥାତ୍ ହେ ଈଶ୍ୱର ! ତୁମ୍ଭେ ମୋ ସହିତ ଯେଉଁ ପ୍ରତିଶ୍ରୁତି କରିଛ ତାହାକୁ ପୂର୍ଣ୍ଣ କର । ହେ ଈଶ୍ୱର ! ତୁମ୍ଭେ ପ୍ରଦାନ କରିବା ନିମନ୍ତେ ଯେଉଁ ପ୍ରତିଶ୍ରୁତି କରିଅଛ ତାହାକୁ ତୁମ୍ଭେ ଅବଶ୍ୟ ପୂର୍ଣ୍ଣ କର । ହେ ଅଲ୍ଲାଃ ! ତୁମ୍ଭେ ଯଦି ଏହି ଅସହାୟ ମୁସଲମାନମାନଙ୍କୁ ସମାପ୍ତ କରିଦିଅ ତାହାହେଲେ ଭୂପୃଷ୍ଠରେ ତୁମ୍ଭର ଉପାସନା କରିବା ପାଇଁ ଆଉ କେହି ଭକ୍ତ ରହିବେ ନାହିଁ ।

ଆପଣ ସ.ଅ କିବ୍‌ଲା ଆଡ଼କୁ ମୁହଁ କରି ଦୁଇ ବାହୁ ପ୍ରସାରିତ କରି ଅହରହ ନିଜର ପାଳନକର୍ତ୍ତାଙ୍କୁ ଉଚ୍ଚ ସ୍ୱରରେ ଡାକୁଥିଲେ । ଏପର୍ଯ୍ୟନ୍ତକି ଆପଣ ସ.ଅଙ୍କ ଚଦର କାନ୍ଧରୁ ଖସି ପଡ଼ିଲା । ହ. ଅବୁ ବକର ର.ଅ ଆପଣ ସ.ଅଙ୍କ ନିକଟକୁ ଆସିଲେ ଏବଂ ଆପଣ ସ.ଅଙ୍କ ଚଦର ଉଠାଇ ଆପଣ ସ.ଅଙ୍କ କାନ୍ଧ ଉପରେ ପକାଇଦେଲେ। ପୁନଶ୍ଚ ଏହାପରେ ଆପଣ ର.ଅ ରସୁଲୁଲ୍ଲାଃ ସ.ଅଙ୍କୁ ପଛ ପଟୁ କୁଣ୍ଢାଇ ପକାଇଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ଈଶ୍ୱରଙ୍କର ସମ୍ମୁଖରେ ରୋଦନ ତଥା କାକୁତି ମିନତୀ ହୋଇ କରିଥିବା ଦୁଆ ଆପଣ ସ.ଅଙ୍କ ନିମନ୍ତେ ଯଥେଷ୍ଟ ଅଟେ । ଅଲ୍ଲାଃତାଲା ଆପଣ ସ.ଅଙ୍କ ସହିତ ଯେଉଁ ପ୍ରତିଶ୍ରୁତି କରିଛନ୍ତି ସେ ନିଜର ଅଙ୍ଗୀକାର ତଥା ପ୍ରତିଶ୍ରୁତିକୁ ଅବଶ୍ୟ ପୂର୍ଣ୍ଣ କରିବେ । ତତ୍‌ସମ୍ବନ୍ଧରେ ଅଲ୍ଲାଃତାଲା ଏହି ଆୟତ୍ ଅବତୀର୍ଣ୍ଣ କଲେ- اِذْ تَسْتَغِيْثُوْنَ رَبَّكُمْ فَاسْتَجَابَ لَكُمْ اَنِّیْ مُمِدُّكُمْ بِاَلْفٍ مِّنَ الْمَلٰٓئِكَةِ مُرْدِفِيْنَ **(ଅଲ୍ ଅନ୍‌ଫାଲ୍-10)** ଅର୍ଥାତ୍ ସେହି ସମୟକୁ ମଧ୍ୟ ସ୍ମରଣ କର ଯେତେବେଳେ ତୁମେମାନେ ନିଜ ପାଳନକର୍ତ୍ତାଙ୍କର ସାହାଯ୍ୟ ଭିକ୍ଷା କରିଥିଲ, ସେତେବେଳେ ସେ ତୁମମାନଙ୍କର ପ୍ରାର୍ଥନାକୁ ଗ୍ରହଣ କରି କହିଥିଲେ, ଆମ୍ଭେ ତୁମ୍ଭେମାନଙ୍କୁ ଏକ ସହସ୍ର ଦେବଦୂତଙ୍କ ଦ୍ୱାରା ସାହାଯ୍ୟ କରିବୁ ଯେଉଁମାନଙ୍କ ସୈନ୍ୟ ଦଳର ଉତ୍ତରୋତ୍ତର ବୃଦ୍ଧି ହେଉଥିବ । **(ସହି ମୁସଲିମ୍, କିତାବୁଲ୍ ଜିହାଦ୍ ୱସ୍ ସୈର୍, ବାବୁଲ୍ ଇମଦାଦି ବିଲ୍ ମଲାଇକତି ଫି ଗଜ୍‌ୱତୁଲ୍ ବଦରି ୱ ଅବହତୁଲ୍ ଗନାଇମି, ହଦିସ୍ ନଂ-4588)**

ଉକ୍ତ ଘଟଣାକୁ ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ନିଜର ପୁସ୍ତକରେ ଏହିପରି ବର୍ଣ୍ଣନା କରିଛନ୍ତି ଯେ, "ଆପଣ ସ.ଅ ଶିବିର ମଧ୍ୟରେ ଯାଇ ଦୁଆରେ ନିମଜ୍ଜିତ ହୋଇଗଲେ । ହ. ଅବୁ ବକର ର.ଅ ମଧ୍ୟ ସାଥିରେ ଥିଲେ ଏବଂ ଶିବିରର ଆଖପାଖରେ ଅନ୍‌ସାରମାନଙ୍କର ଏକ ଗୋଷ୍ଠୀ ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ତତ୍ତ୍ୱାବଧାନରେ ପ୍ରହରା କାର୍ଯ୍ୟରେ ନିୟୋଜିତ ହୋଇଥିଲା । ଅଳ୍ପ ସମୟ ପରେ ବଦର୍ ଭୂମିରୁ ଉଚ୍ଚ ସ୍ୱର ଉଠିଲା ଏବଂ ଜଣା ପଡ଼ିଲା ଯେ, କୁରେଶ୍‌ର ସୈନ୍ୟବାହିନୀ

## ପୃ-2ର ଅବଶିଷ୍ଟାଂଶ.....

ଆପଣ ଅ.ସ ଆଁହଜରତ ସ.ଅଙ୍କ ଠାରୁ କୌଣସି ଦୃଷ୍ଟିରୁ ବି ଶ୍ରେଷ୍ଠ କିମ୍ବା ସମକକ୍ଷ ହେବାର ଦାବି କରି ନାହାନ୍ତି, ମୌଲବୀମାନଙ୍କର ଏପରି ଅପବିତ୍ର ଦୋଷାରୋପଣ ଦ୍ୱାରା ମୋର ହୃଦୟ ରକ୍ତାକ୍ତ ହୋଇ ଉଠେ । ଯଦି ଆପଣ ଅ.ସଙ୍କର କୌଣସି ଦାବି ରହିଛି ତେବେ କେବଳ ଏତିକି ଯେ:

جان و دلم فدائے جمال است ...... ......خاکم نثار کوچائے آلِ محمد است

ଏଠାରେ ଏହି ସ୍ପଷ୍ଟୀକାରଣ ମଧ୍ୟ ଆବଶ୍ୟକ ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ଆଁହଜରତ ସ.ଅଙ୍କର ପ୍ରତିଛାୟା (ପ୍ରତିବିମ୍ବ) ଓ ପ୍ରକାଶ୍ୟ ରୂପ ହେବା ପବିତ୍ର କୁରଆନ୍ କରୀମ୍ ବର୍ଣ୍ଣନା କରିଛି ଏବଂ ପବିତ୍ର କୁରଆନ୍ କରୀମର ପ୍ରକାଶରେ ଧର୍ମର ବରିଷ୍ଠ ବିଦ୍ୱାନ୍ ମନିଷୀମାନେ ମଧ୍ୟ ଏହା ଉପରେ ବହୁବାର ଆଲୋକପାତ କରିଛନ୍ତି । ତେଣୁ ଏହା କୌଣସି କପୋଳ କଳ୍ପିତ କଥା ନୁହେଁ । ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲା ସୁରତୁଲ୍ ଜୁମାରେ ଆଁହଜରତ୍ ସ.ଅଙ୍କ ଅନ୍ୟ ଏକ ଆବିର୍ଭାବ ଏବଂ ଆଗମନର ମଧ୍ୟ ଚର୍ଚ୍ଚା କରିଛନ୍ତି । ସୁତରାଂ ଆଁହଜରତ ସ.ଅଙ୍କର ଏହି ଅନ୍ୟ ଆଗମନ ଇମାମ୍ ମେହଦୀ ମସିହ୍ ମଉଦ୍ ଅ.ସଙ୍କ ଅସ୍ତିତ୍ୱରେ ପ୍ରତିଛାୟା ଏବଂ ପ୍ରକଟନ ରୂପେ ହେବା ନିୟତିକୃତ ଥିଲା । ବର୍ତ୍ତମାନ ଏଠାରେ ଆମ୍ଭେ ଉକ୍ତ ସଂପ୍ରଦାୟର ପ୍ରତିଷ୍ଠିତ ପୂର୍ବ ପୁରୁଷମାନଙ୍କର କେତେକ କଥନ ଉପସ୍ଥାପିତ କରିଦେଉଛୁ ।

**ହ. ଇମାମ୍ ଅବ୍‌ଦୁର୍ ରଜ୍ଜାକ୍ କାଶାନୀ ରହେମତୁଲ୍ଲାଃ ଅଲୈହ୍‌ଙ୍କ (ବିୟୋଗ 730 ହି) କୁହନ୍ତି:**

"ଶେଷ ଯୁଗରେ ଯେଉଁ ଇମାମ୍ ମେହଦୀ ଅ.ସ ଆସିବେ ସେ ଧର୍ମବିଧାନମୂଳକ ଆଦେଶାବଳୀରେ ଆଁହଜରତ ସ.ଅଙ୍କ ଆଜ୍ଞାବହତ୍ୱ ହେବେ, ବ୍ରହ୍ମଜ୍ଞାନମୂଳକ ଜ୍ଞାନ ଓ ବାସ୍ତବତାରେ ଆପଣଙ୍କ ବ୍ୟତୀତ ସମସ୍ତ ଅବତାରମାନେ ଏବଂ ସାଧୁ ସନ୍ଥମାନେ ତାଙ୍କ ପ୍ରତି ଆଜ୍ଞାବହତ୍ୱ ପ୍ରକାଶ କରିବେ........କାରଣ ଇମାମ୍ ମେହଦୀଙ୍କର ଆଭ୍ୟନ୍ତର ହ. ମୁହମ୍ମଦ ସ.ଅଙ୍କ ଆଭ୍ୟନ୍ତର ସହିତ ସମକକ୍ଷ ହେବ ।" **(ଶରହ୍ ଫୁସୁସୁଲ୍ ହୁକମ୍ ମତବା ମୁସ୍ତଫା ଅଲ୍‌ବାବି, ପୃ-42-43)**

**ହ. ଶାହ୍ ଓଲିଉଲ୍ଲାଃ ମୁହଦ୍ଦିସ୍ ଦେହେଲ୍‌ୱୀ ରହେମତୁଲ୍ଲାଃ ଅଲୈଃ (-1175 1114 ହିଜ୍ରୀ) କୁହନ୍ତି:**

"ଉମ୍ମତେ ମୁହମ୍ମଦିୟାରେ ଆଗମନକାରୀ ପ୍ରତିଶୃତ ମସିହ୍‌ଙ୍କର ଏହି ଅଧିକାର ରହିଛି ଯେ, ତା' ମଧ୍ୟରେ ସୟେଦୁଲ୍ ମୁର୍ସଲିନ୍ (ଅବତାରମାନଙ୍କର ଅଧିପତି) ଙ୍କର ଆଲୋକ ପ୍ରତିବିମ୍ବିତ ହେଉ । ଜନସାଧାରଣମାନେ ଏହା ମନେକରନ୍ତି ଯେ, ଯେତେବେଳେ ସେହି ପ୍ରତିଶୃତ ମସିହ୍ ଧରାପୃଷ୍ଠରେ ଆବିର୍ଭୂତ ହେବେ ସେତେବେଳେ ତାହାଙ୍କର ସାମର୍ଥ୍ୟ କେବଳ ଏକ ଧର୍ମ ବୈଧାନିକ ଏବଂ ଧର୍ମ ସଂପ୍ରଦାୟ ବ୍ୟକ୍ତିତ୍ୱ ହେବ,ଏପରି ହେବା କଦାପି ନୁହେଁ ବରଂ ସେ ତ' ଆଁହଜରତ ସ.ଅଙ୍କ ସଂପୂର୍ଣ୍ଣ ନାମର ପୂର୍ଣ୍ଣ ବ୍ୟାଖ୍ୟାକାରୀ ହେବେ ଏବଂ ତାହାଙ୍କର ଦ୍ୱିତୀୟ ପ୍ରତିବିମ୍ବ ହେବେ । ସୁତରାଂ ତାଙ୍କ ମଧ୍ୟରେ ଏବଂ ଧର୍ମର ଏକ ସାଧାରଣ ବ୍ୟକ୍ତି ମଧ୍ୟରେ ଏକ ସ୍ପଷ୍ଟ ପାର୍ଥକ୍ୟ ରହିଛି ।" **(ଅଲ୍‌ଖୈରୁଲ୍ କସିର୍, ଲେଖକ-ଶାହ୍ ଓଲିଉଲ୍ଲାଃ ମୁହଦ୍ଦିସ୍ ଦେହେଲ୍‌ୱୀ, ପୃ-72, ମଦିନା ପ୍ରେସ୍ ବିଜନୌର୍)**

ସମସ୍ତ ଅବତାରମାନଙ୍କ ସହିତ ଆପଣ ଅ.ସଙ୍କର ସଂଖ୍ୟା:

ହ. ଇମାମ୍ ବାକିର୍ ଅ.ସ (51-114 ହିଜ୍ରୀ) କୁହନ୍ତି:

"ଯେତେବେଳେ ଇମାମ୍ ମେହଦୀ ଆବିର୍ଭୂତ ହେବେ ସେତେବେଳେ ସେ ଏହି ଘୋଷଣା କରିବେ, ହେ ଲୋକମାନେ ! ତୁମମାନଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ହ. ଇବ୍ରାହିମ୍ ଅ.ସ ଓ ଇସମାଇଲ୍ ଅ.ସଙ୍କୁ ଦେଖିବାର ଅଭିଳାଷୀ ତେବେ ସେ ଶୁଣିନେଉ ଯେ, ମୁଁ ହିଁ ସେହି ଇବ୍ରାହିମ ଓ ଇସ୍‌ମାଇଲ୍ ଅ.ସ ଅଟେ । ତୁମମାନଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ମୁସା ଓ ୟୁଶୁଙ୍କୁ ଦେଖିବାକୁ ଚାହୁଁଛି ତେବେ ସେ ଶୁଣିରଖୁ କି ମୁଁ ହିଁ ସେହି ମୁସା ଓ ମୁ ହିଁ ସେହି ୟୁଶୁ ଅଟେ, ତୁମମାନଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ଇସା ଅ.ସ ଓ ଶମଉନ୍‌ଙ୍କୁ ଅବଲୋକନା କରିବାକୁ ଚାହୁଁଛି ତେବେ ସେ ଶୁଣିନେଉ ଯେ, ଇସା ଅ.ସ ଓ ଶମଉନ୍ ମୁଁ ହିଁ ଅଟେ । ତୁମମାନଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ହ. ମୁହମ୍ମଦ ସ.ଅ ଓ ଅମୀରୁଲ୍ ମୁମିନିନ୍ ହ. ଅଲୀ ର.ଅଙ୍କୁ ଦେଖିବାକୁ ଚାହୁଁଛି ତେବେ ସେ ଶୁଣିନେଉ କି ମୁଁ ହିଁ ମୁହମ୍ମଦ ସ.ଅ ଓ ଅମୀରୁଲ୍ ମୁମିନିନ୍ ଅଟେ ।" **(ବିହାରୁଲ୍ ଅନ୍‌ୱାର୍, ଭାଗ-13, ପୃ-202)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଆଦମ ଅ.ସଙ୍କ ଠାରୁ ଆରମ୍ଭ କରି ଶେଷ ପର୍ଯ୍ୟନ୍ତ ଯେଉଁଳି ଭାବବରେ ଅବତାରମାନେ ଈଶ୍ୱରଙ୍କ ପକ୍ଷରୁ ମର୍ତ୍ତ୍ୟମଣ୍ଡଳକୁ ଆସିଛନ୍ତି......ସମସ୍ତଙ୍କର ବିଶେଷ ଘଟଣାବଳୀ କିମ୍ବା ସମସ୍ତଙ୍କର ବିଶେଷ ଗୁଣାବଳୀ ମଧ୍ୟରୁ ଏହି ଅଧମକୁ କେତେକ ଅଂଶ ପ୍ରଦାନ କରାଯାଇଛି ଏବଂ ଏପରି କୌଣସି ଅବତାର ଅତିକ୍ରାନ୍ତ ହୋଇ ନାହିଁ ଯାହାର ବିଶେଷ କିମ୍ବା ଯାହାର ବିଶେଷ ଘଟଣାବଳୀ ମଧ୍ୟରୁ ଏହି ବିନୀତକୁ ଅଂଶ ପ୍ରାପ୍ତ ହୋଇ ନାହିଁ । ପ୍ରତ୍ୟେକ ଅବତାରଙ୍କ ସ୍ୱଭାବର ଚରିତ୍ର ଚିତ୍ରଣ ମୋ ସ୍ୱଭାବରେ ପ୍ରତିଫଳିତ ଏବଂ ବିଦ୍ୟମାନ ଅଟେ ।" **(ବରାହିନେ ଅହେମଦିୟା, ଭାଗ-5, ପୃ-134)**

ସେହି ଦୃଷ୍ଟିରୁ ଅଲ୍ଲାଃତାଲା ଆପଣ ଅ.ସଙ୍କ ଉପରେ ଐଶୀବାଣୀପୂର୍ବକ କହିଲେ, جَرِیُّ اللّٰہِ فِیْ حُلَلِ الْاَنْبِیَاءِ ଅର୍ଥାତ୍ ଈଶ୍ୱରଙ୍କର ପହିଲମାନ ସମସ୍ତ ଅବତାରମାଙ୍କର ବେଶରେ । ହ. ମସିହ୍ ମଉଦ୍ ଅ.ସ ନିଜର ଏକ ଫାର୍ସି କବିତାରେ କୁହନ୍ତି:

منم مسیحِ زمان و منم کلیمِ خدا...... ...... منم محمد صلی اللہ علیہ وآلہ وسلم و احمد مجتبیٰ باشد

**(ତ୍ରିୟାକୁଲ୍ କୁଲୁବ୍, ଭାଗ-15)**

ଆପଣ ଅ.ସ ପୁନଶ୍ଚ ନିଜର ଉର୍ଦ୍ଦୁ କବିତାରେ କୁହନ୍ତି:

میں کبھی آدم کبھی موسیٰ کبھی یعقوب ہوں نیز ابراہیم ہوں نسلیں ہیں میری بیشمار

ସେହିପରି ଆପଣ ଅ.ସ କୁହନ୍ତି: "ସାଂପ୍ରତିକ ଯୁଗରେ ଅଲ୍ଲାଃତାଲା ଚାହିଁଲେ କି ଯେଉଁଳି ପୁଣ୍ୟବାନ ଏବଂ ସତ୍ୟବାଦୀ ଅବତାରମାନେ ଅତିକ୍ରାନ୍ତ ହୋଇଛନ୍ତି, କେବଳ ଗୋଟିଏ ଅସ୍ତିତ୍ୱରେ ସେମାନଙ୍କର ଆଦର୍ଶ ପ୍ରକାଶିତ କରାଯାଉ । ଅତଏବ ସେହି ଅସ୍ତିତ୍ୱ ମୁଁ ହିଁ ଅଟେ ।" **(ବରାହିନେ ଅହେମଦିୟା, ଭାଗ-5, ପୃ-135)**

ଅଲ୍ଲାଃତାଲା ଆମମାନଙ୍କୁ ସୟେଦିନା ହ. ମସିହ୍ ମଉଦ୍ ଅ.ସଙ୍କ ମର୍ଯ୍ୟାଦା ତଥା ପ୍ରତିଷ୍ଠାକୁ ସଠିକ୍ ରୂପେ ଚିହ୍ନିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ଆମେମାନେ ଆପଣ ଅ.ସଙ୍କର ଆଦେଶାବଳୀ ତଥା ନିର୍ଦ୍ଦେଶାବଳୀର ପୂର୍ଣ୍ଣ ଆଜ୍ଞା ପ୍ରଦର୍ଶନକାରୀ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ଆପଣ ଅ.ସଙ୍କର ମହାନ୍ ତଥା ଭବ୍ୟ ମିଶନରେ ଭରପୁର ରୂପେ ଅଂଶ ଗ୍ରହଣ କରି ଅଲ୍ଲାଃତାଲାଙ୍କ ସମକ୍ଷରେ ସାଫଲ୍ୟ ମଣ୍ଡିତ ବ୍ୟକ୍ତି ରୂପେ ପରିଗଣିତ ହେବୁ । **ଆମିନ୍** । (ମନ୍‌ସୁର ଅହେମଦ ମସ୍ରୁର୍)

☆ ☆ ☆

## ମନୋନୀତ ଉର୍ଦ୍ଦୁ କବିତା

جمال و حسن قرآں نورِ جان ہر مسلمان ہے
قمر ہے چاند اوروں کا ہمارا چاند قرآں ہے
نظیر اسکی نہیں جمتی نظر میں فکر کر دیکھا
بھلا کیونکر نہ ہو یکتا کلامِ پاک رحماں ہے
بہار جاوِداں پیدا ہے اسکی ہر عبادت میں
نہ وہ خوبی چمن میں ہے نہ اُس سا کوئی بستاں ہے

## ପୃ-13ର ଅବଶିଷ୍ଟାଂଶ.....

ଆକ୍ରମଣ କରିଦେଇଛି । ଆଁହଜରତ ସ.ଅ ସେତେବେଳେ **(ଅବଶିଷ୍ଟାଂଶ..ପୃ-14ରେ)** ଅତ୍ୟନ୍ତ ରୋଦନମୟ ଅବସ୍ଥାରେ ଈଶ୍ୱରଙ୍କ ସମ୍ମୁଖରେ ବାହୁ ପ୍ରସାରିତ କରି ଦୁଆ କରୁଥିଲେ ଏବଂ ଅତ୍ୟନ୍ତ ବ୍ୟାକୁଳତା ଅବସ୍ଥାରେ କହୁଥିଲେ, اَللّٰھُمَّ اِنِّیْٓ اَنْشُدُکَ عَھْدَکَ وَوَعْدَکَ۔ اَللّٰھُمَّ اِنْ تُھْلِکْ ھٰذِہِ الْعِصَابَۃَ مِنْ اَھْلِ الْاِسْلَامِ لَا تُعْبَدُ فِی الْاَرْضِ ଅର୍ଥାତ୍ ହେ ଈଶ୍ୱର ! ତୁମ୍ଭେ ନିଜର ପ୍ରତିଶୃତିକୁ ପୂର୍ଣ୍ଣ କର । ହେ ମୋର ପାଳନ କର୍ତ୍ତା ! ମୁସଲମାନମାନଙ୍କର ଏହି ଗୋଷ୍ଠୀ ଯଦି ଆଜି ବଦର୍ ଭୂମିରେ ନିପାତ ହୋଇଗଲା ତେବେ ସଂସାରରେ ତୁମ୍ଭର ଉପାସନାକାରୀ କେହି ରହିବେ ନାହିଁ । ସେତେବେଳେ ଆପଣ ସ.ଅ ଏତେ ବ୍ୟଥିତ ଏବଂ ବ୍ୟାକୁଳିତ ଥିଲେ କି କେତେବେଳେ ଆପଣ ସ.ଅ ସିଜ୍‌ଦାରେ ପଡ଼ିଯାଉଥିଲେ ତ' ଆଉ କେତେବେଳେ ଛିଡ଼ା ହୋଇ ଈଶ୍ୱରଙ୍କୁ ଡାକୁଥିଲେ । ଆପଣ ସ.ଅଙ୍କ କାନ୍ଧରୁ ଚଦର ଖସି ଯାଉଥିଲା ଏବଂ ହ. ଅବୁ ବକ୍କର ର.ଅ ସେହି ଚଦରକୁ ଉଠାଇ ଆପଣ ସ.ଅଙ୍କ ଉପରେ ପକାଉଥିଲେ । ହ. ଅଲୀ ର.ଅ କୁହନ୍ତି : ମୁଁ ଲଢୁଥିବା ଅବସ୍ଥାରେ ଆଁହଜରତ ସ.ଅଙ୍କ କଥା ଯେତେବେଳେ ଭାବୁଥିଲି ସେତେବେଳେ ମୁଁ ଆପଣ ସ.ଅଙ୍କ ପାଖକୁ ଶିବିର ମଧ୍ୟକୁ ଦଉଡ଼ି ଯାଉଥିଲି। କିନ୍ତୁ ମୁଁ ଯେତେବେଳେ ବି ଆପଣ ସ.ଅଙ୍କ ପାଖକୁ ଯାଉଥିଲି ସେତେବେଳେ ମୁଁ ଆପଣ ସ.ଅଙ୍କୁ ସିଜ୍‌ଦାରେ କାକୁତି ମିନତୀ କରୁଥିବାର ପାଉଥିଲି । ମୁଁ ଏହା ଶୁଣୁଥିଲି ଯେ, یَا حَیُّ یَا قَیُّوْمُ یَا حَیُّ یَا قَیُّوْمُ ଅର୍ଥାତ୍ ହେ ମୋର ଜୀବନ୍ତ ଈଶ୍ୱର ! ହେ। ମୋର ଜୀବନ ପ୍ରଦାନକାରୀ ପ୍ରଭୁ!" ହ. ଅବୁ ବକ୍କର ର.ଅ ଆପଣ ସ.ଅଙ୍କ ଏତାଦୃଶ ଅବସ୍ଥାକୁ ଦେଖି ଅସ୍ତବ୍ୟସ୍ତ ହୋଇ ପଡୁଥିଲେ। ବେଳେବେଳେ ଆପଣ ସ.ଅ ଅତର୍କିତ ଏବଂ ଅନାୟାସରେ କହି ଦେଉଥିଲେ, "ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ମାତାପିତା ଆପଣ ସ.ଅଙ୍କ ଉପରେ ଉତ୍ସର୍ଗ ହୋଇଯାଆନ୍ତୁ । ଆପଣ ବିବ୍ରତ ହୁଅନ୍ତୁ ନାହିଁ । ଅଲ୍ଲାଃତାଲା ନିଜର ପ୍ରତିଶୃତି ଅବଶ୍ୟ ପୂରଣ କରିବେ ଏବଂ ଅଙ୍ଗୀକାର ଅବଶ୍ୟ ରକ୍ଷା କରିବେ । କିନ୍ତୁ ଫାର୍ସିର ଏହି ସତ୍ୟ କଥନାନୁଯାୟୀ (ଆପ୍ତ ବାକ୍ୟ) "کہ ہر کہ عارف تر است ترساں تر" ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତି ଯେତେ ବି ବ୍ରହ୍ମଜ୍ଞାନର ଅଧିକାର ହୋଇଥାଉ ନା କାହିଁକି ସେ ସେତିକି ଭୟ ମଧ୍ୟ କରିଥାଏ । ଆପଣ ସ.ଅ ନିରନ୍ତର ରୂପେ ଦୁଆ ଏବଂ କାକୁତି ମିନତୀରେ ନିମଜ୍ଜିତ ରହିଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବଜାଦା ହ. ମିର୍ଜା ବଶୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ361-)**

ତୱକ୍କଲ (ବିଶ୍ୱାସ) କହିଲେ କ'ଣ ବୁଝାଏ ? ତତସଂକ୍ରାନ୍ତରେ ବ୍ୟାଖ୍ୟା କରି ହ. ମୁସ୍‌ଲେହ୍ ମଉଦ୍ ର.ଅ ଉକ୍ତ ଘଟଣା ବର୍ଣ୍ଣନା କିରଛନ୍ତି । ଆପଣ ର.ଅ କୁହନ୍ତି: "ରସୂଲ୍ କରୀମ୍ ସ.ଅ ବଦର ସ୍ଥାନରେ ସାହାବାମାନଙ୍କୁ ଶୃଙ୍ଖଳିତ କରିଥିଲେ । ସେମାନଙ୍କ ନିଜ ନିଜ ସ୍ଥାନରେ ଛିଡ଼ା କଲେ, ସେମାନହଙ୍କୁ ଉପଦେଶ ଦେଲେ ଯେ, ଏହିପରି ଲଢିବ ଏତଦ୍‌ପରେ ଆପଣ ସ.ଅ ଏକ ଉଚ୍ଚ ସ୍ଥାନରେ ବସି ଦୁଆ କରିବାକୁ

ଲାଗି ପଡ଼ିଲେ । ଆପଣ ସ.ଅ ଏପରି କଲେ ନାହିଁ ଯେ, ସାହାବାମାନଙ୍କୁ ମଦିନାରେ ଛାଡ଼ି ଦେଇ ନିଜେ ଏକୁଟିଆ ସେଠାରେ ବସି ଦୁଆ କରିବାକୁ ଲାଗିଯାଉଥିଲେ । ନା ବରଂ ଆପଣ ସ.ଅ ସର୍ବପ୍ରଥମେ ସାହାବାମାନଙ୍କୁ ଧରି ଯୁଦ୍ଧସ୍ଥଳୀରେ ପହଞ୍ଚି ପୁନଶ୍ଚ ସାହାବାମାନଙ୍କର ଧାଡ଼ିକୁ ଶୃଙ୍ଖଳିତ ଏବଂ ସଳଖ କଲେ ଓ ଏହାପାରେ ଆପଣ ସ.ଅ ସେମାନଙ୍କୁ ପରାମର୍ଶ ପ୍ରଦାନ କଲେ । ଏତଦ୍‌ପରେ ଆପଣ ସ.ଅ ଏକ ଉଚ୍ଚ ସ୍ଥାନରେ ବସି ଦୁଆ କରିବାକୁ ଆରମ୍ଭ କରିଦେଲେ ।" **(ତଫ୍‌ସିର୍ କବୀର୍, ଭାଗ6, ପୃ-541)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ହେଉଛି ସେହି ବିଶ୍ୱାସ ଯାହାକି ଆମମାନଙ୍କୁ ଅବଲମ୍ବନ କରିବା ଉଚିତ୍ । ଅର୍ଥାତ୍ ସାଧାନ ବ୍ୟବହାର କରାଯାଉ, ମନୁଷ୍ୟା ଯାହା କଛି କରିପାରୁଛୁ ବା ମନୁଷ୍ୟ ପକ୍ଷେ ଯାହା ସମ୍ଭବ ତାହା ସେ କରୁ। ପୁନଶ୍ଚ ଏହାପରେ ସେ ଦୁଆରେ ଲାଗିପଡ଼ୁ । ଏହା ହିଁ ବିଶ୍ୱାସକୁ ବୁଝାଏ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି, "ପବିତ୍ର କୁରଆନ୍ କରୀମ୍‌ରେ ବାରମ୍ବାର ଆଁହଜରତ ସ.ଅଙ୍କୁ ଅବଜ୍ଞାକାରୀମାନଙ୍କ ଉପରେ ବିଜୟ ପ୍ରାପ୍ତ କରିବା ନିମନ୍ତେ ପ୍ରତିଶୃତି ଏବଂ ଅଙ୍ଗୀକାର କରିଥିଲେ । କିନ୍ତୁ ଯେତେବେଳେ ବଦର୍ ଯୁଦ୍ଧ ଆରମ୍ଭ ହେଲା ସେତେବେଳେ ଏହି ଯୁଦ୍ଧକୁ ଇସ୍‌ଲାମୀୟ ଇତିହାସର ପ୍ରଥମ ଯୁଦ୍ଧ ବୋଲି କୁହାଯାଏ । ତେବେ ଆପଣ ସ.ଅ ବିଳାପ ତଥା ରୋଦନ କରି ଦୁଆ କଲେ । ଦୁଆ କରୁ କରୁ ଏହି ଶବ୍ଦ ତୁଣ୍ଡରୁ ବାହାରିଲା اِنْ تُهْلِكْ هٰذِهِ الْعِصَابَةَ مِنْ اَهْلِ الْاِسْلَامِ لَا تُعْبَدْ فِي الْاَرْضِ ଅର୍ଥାତ୍ ହେ ଈଶ୍ୱର ! ଆଜି ଯଦି ତୁମ୍ଭେ ଏହି ଜମାଅତ୍‌କୁ (ଯାହାକି 313 ସଂଖ୍ୟା ବିଶିଷ୍ଟ ଥିଲା) ବିନାଶ କରିଦେଲ ତେବେ ପ୍ରଳୟ ଦିବସ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ତୁମର ଭକ୍ତି ଏବଂ ଉପାସନା କରିବ ନାହିଁ। ଏହି ବାକ୍ୟକୁ ଯେତେବେଳେ ହ. ଅବୁ ବକ୍କର ର.ଅ ଆଁହଜରତ ସ.ଅଙ୍କ ତୁଣ୍ଡରୁ ଶୁଣିଲେ ସେତେବେଳେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ଏତେ ଚିନ୍ତିତ ଓ ବିବ୍ରତ କାହିଁକି ହେଉଛନ୍ତି? ଅଲ୍ଲାଃତାଲା ଆପଣ ସ.ଅଙ୍କ ସହିତ ଦୃଢ ଅଙ୍ଗୀକାର କରିଥିଲେ ଯେ, ସେ ମୁସଲମାନମାନଙ୍କୁ ଅବଶ୍ୟ ଜୟଯୁକ୍ତ କରିବେ । ଆପଣ ସ.ଅ କହିଲେ, ଏହା ସତ୍ୟ କିନ୍ତୁ ତହିଁରୁ ନିସ୍ପୃହତା ଯଥାର୍ଥ ନୁହେଁ । ଅର୍ଥାତ୍ କୌଣସି ପ୍ରତିଶୃତି, ପ୍ରତିଜ୍ଞା ବା ଅଙ୍ଗୀକାର ପୂର୍ଣ୍ଣ କରିବା ପ୍ରଭୁଙ୍କ ଉପରେ ଅନିର୍ବାର୍ଯ୍ୟ ନୁହେଁ।" **(ଜମିମା ବରାହିନେ ଅହେମଦିୟା, ଭାଗ-5, ରୁହାନୀ ଖଜାଏନ୍, ଭାଗ-21, ପୃ-255-256)**

ଅଲ୍ଲାଃତାଲା ବେନିୟାଜ୍ (ନିଃସ୍ପୃହ, ଧନ କିମ୍ବା କୌଣସି ବସ୍ତୁର ତାହାଙ୍କୁ ଆବଶ୍ୟକତା ନାହିଁ) ଅତଃ ଆମମାନଙ୍କୁ ପ୍ରତ୍ୟେକ ଥର, ପ୍ରତ୍ୟେକ ସମୟ ଭୟଭୀତ ହେବା ଉଚିତ୍ ଏବଂ ଚିନ୍ତିତ ମଧ ହେବା ଉଚିତ୍ । ଆପଣ ସ.ଅ ଯେତେବେଳେ ଶିବିର ମଧରେ ଦୁଆ କରୁଥିଲେ ସେତେବେଳେ ଆପଣ ସ.ଅଙ୍କ ଉପରେ ନିଦ୍ରାବସ୍ଥା ବିସ୍ତାରିତ ହେଲା । ପୁନଶ୍ଚ ସହସା ଆପଣ ସ.ଅ ଉଠିଲେ ଏବଂ କହିଲେ, ହେ ଅବୁ ବକ୍କର ର.ଅ ! ତୁମ୍ଭେ ପ୍ରସନ୍ନ ହୋଇଯାଅ । କାରଣ ତୁମ୍ଭ ପାଳନକର୍ତ୍ତାଙ୍କ ସାହାଯ୍ୟ ଆସିଯାଇଅଛି । ହେଇ ଦେଖ ! ଜିବ୍ରାଇଲ୍ ଅ.ସ ନିଜର ଅଶ୍ୱର ଡୋର ଧରି ଚାଲି ଆସୁଛନ୍ତି, ତାହାଙ୍କ ପାଦ ଚିହ୍ନ ବାଲି ଉପରେ ବିଦ୍ୟମାନ ରହିଛି । **(ସିରତ୍ ଇବ୍‌ନେ ହିଶ୍ଶାମ୍, ପୃ-428, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2001 ମସିହା)**

ପୁନଶ୍ଚ ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହୁଜୁର ସ.ଅ କହିଲେ, ହେ ଅବୁ ବକ୍କର ! ତୁମକୁ ଶୁଭ ସମାଚାର ଦେଉଛି ଯେ, ଏ ହେଉଛନ୍ତି ହ. ଜିବ୍ରାଇଲ୍ ଅ.ସ ଯିଏ ହଳଦିଆ ରଙ୍ଗର ପଗଡ଼ି ପିନ୍ଧିଛନ୍ତି । ସେ ଭୂପୃଷ୍ଠ ଏବଂ ଆକାଶ ମଧରେ ନିଜ ଅଶ୍ୱର ଡୋର ଧରିଛନ୍ତି । ସେ ଯେତେବେଳେ ଭୂପୃଷ୍ଠରେ ଅବତୀର୍ଣ୍ଣ ହେଲେ ସେତେବେଳେ କିଛି ସମୟ ପାଇଁ ମୋ ଠାରୁ ଅଦୃଶ୍ୟ ଏବଂ ଅନ୍ତର୍ଦ୍ଧାନ ହେଲେ । ପୁନଶ୍ଚ ଏତଦ୍‌ପରେ ପ୍ରକଟ ହେଲେ । ତାଙ୍କ (ହ. ଜିବ୍ରାଇଲ୍ ଅ.ସଙ୍କ) ଅଶ୍ୱର ପାଦ ଚିହ୍ନ ବାଲି ଉପରେ ପଡ଼ିଥିଲା । ସେ କହୁଥିଲେ, ଆପଣ ସ.ଅ ଯେତେବେଳେ ଦୁଆ କରିଛନ୍ତି ସେତେବେଳେ ଅଲ୍ଲାଃତାଲାଙ୍କ ସାହାଯ୍ୟ ଆପଣ ସ.ଅଙ୍କୁ ଅବଶ୍ୟ ପ୍ରାପ୍ତ ହୋଇଯିବ **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-4, ପୃ-37, ଜିକ୍ରୁ, ଗଜ୍‌ୱା ବଦ୍‌ରୁଲ୍ କୁବ୍ରା, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ବଦର୍ ଯୁଦ୍ଧରେ ଆଁହଜରତ ସ.ଅ ବ୍ୟକ୍ତିଗତ ଭାବରେ ସାମିଲ୍ ହେବା ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ବଦର୍ ଭୂମିରେ ନବୀ କରୀମ୍ ସ.ଅ ଜୁବୈର୍ ବେିନ୍ ଅୱାମ୍ ର.ଅଙ୍କୁ ମେମନା (ସୈନ୍ୟର ଅଗ୍ରଭାଗର ଦାୟିତ୍ୱ) ଭାବରେ ନିଯୁକ୍ତ କରିଥିଲେ । ମିକ୍‌ଦାଦ୍ ବିନ୍ ଉମର୍ ର.ଅଙ୍କୁ ମୈସରାହ୍ (ବାହନ) ଉପରେ ଓ କୈସ୍ ବିନ୍ ଅବି ସାଆସାଙ୍କୁ ସାକା ଅର୍ଥାତ ପଦାତିକ ସୈନ୍ୟବାହିନୀ ଉପରେ ନିଯୁକ୍ତ କଲେ । ଆପଣ ସ.ଅ ସିଧା ସଳଖ ଭାବରେ ସୈନ୍ୟ ବାହିନୀର ନେତୃତ୍ୱ ନେଉଥିଲେ । ଆଁହଜରତ ସ.ଅ ଆଗ ଧାଡ଼ିରେ ଥିଲେ । ନବୀ କରୀମ୍ ସ.ଅ ସମସ୍ତ ସାହାବାମାନଙ୍କୁ ନିଜର ମାର୍ଗଦର୍ଶିକା ପାଳନ କରିବାକୁ ବାଧ କଲେ। ଆପଣ ସ.ଅ କହିଲେ, ଯେପର୍ଯ୍ୟନ୍ତ ମୁଁ ଏଠାରୁ ଆଗକୁ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ତୁମମାନଙ୍କ ମଧ କୌଣସି ବ୍ୟକ୍ତି ବର୍ତ୍ତମାନ ପାଦ ଆଗକୁ ଅଗ୍ରସର କରିବ ନାହିଁ। ଏହିପରି ଭାବରେ ନବୀ କରୀମ୍ ସ.ଅ ଅସ୍ତ୍ରଶସ୍ତ୍ର ଆବଶ୍ୟକ ଏବଂ ଅଭିସ୍ପିତ ସ୍ଥଳରେ ବ୍ୟବହାର କରିବା ନିମନ୍ତେ ଅନୁପ୍ରାଣିତ କରି କହିଲେ, ଶତ୍ରୁ ପର୍ଯ୍ୟନ୍ତ ତୁମେ ଯେତେବେଳେ ପହଞ୍ଚିଯାଅ ସେତେବେଳେ ତୀର ଚାଳନା କରିବ । ତୀରକୁ ଯଥାସମ୍ଭବ ଅନପଚୟ କରି ରଖିବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏ ଯେଉଁ ବସିକି ଦୁଆ କରିବାର ଘଟଣା ବର୍ଣ୍ଣିତ ହୋଇଛି ତାହ ସେହି ସଂପୂର୍ଣ୍ଣ ଯୁଦ୍ଧ ଆରମ୍ଭ ହେବା ପୂର୍ବର ଘଟଣା ଅଟେ । କାରଣ ସେହି ଘଟଣାଟି ଏହିପରି ଉଲ୍ଲିଖିତ ହୋଇଛି । ଅତଃ ଏହା ବୁଝାଯିଇ ପାରିବ ଯେ, ସମ୍ଭବତଃ ଆଁହଜରତ ସ.ଅ ଯୁଦ୍ଧରେ ସାମିଲ୍ ହୋଇ ନଥିଲେ । ଆପଣ ସ.ଅ ସାମିଲ୍ ଥିଲେ, କିନ୍ତୁ ଉକ୍ତ ଦୁଆ ଏହା ପୂର୍ବରୁ ଆପଣ ସ.ଅ କରିଥିଲେ । ଯଦ୍ଦ୍ୱାରାକି ଅଲ୍ଲାଃତାଲା ଦେବଦୂତମାନଙ୍କର ସାହାଯ୍ୟ ମଧ ପ୍ରେରଣ କରିଦେଲେ। ସେ ଯାହା ହେଉ ନା କାହିଁକି ବଦର କ୍ଷେତ୍ରରେ ଯୁଦ୍ଧ ବିଭୀଷିକାରେ ଆପଣ ସ.ଅଙ୍କ ବ୍ୟବହାରିକ ରୂପେ ଅଂଶ ଗ୍ରହଣ କରିବା ସଂକ୍ରାନ୍ତରେ ହ. ଅଲୀ ର.ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ବଦର୍ ଯୁଦ୍ଧ ଦିନ ନବୀ କରୀମ୍ ସ.ଅଙ୍କ ଆଶ୍ରୟ ନେଇଥିଲୁ । ଆପଣ ସ.ଅ ଶତ୍ରୁର ଖୁବ୍ ନିକଟବର୍ତ୍ତୀ ହୋଇଯାଇଥିଲେ । ସେଦିନ ଆପଣ ସ.ଅ ସମସ୍ତ ଯୋଦ୍ଧାମାନଙ୍କ ଠାରୁ ବଳିଷ୍ଠ ଯୋଦ୍ଧା ପାଲଟି ଯାଇଥିଲେ । **(ଦାଏରାହ୍ ମୁଆରିଫ୍, ସିରତ୍ ମୁହମ୍ମଦ୍ ସ.ଅ, ଭାଗ-6, ପୃ-174-201, ବଜ୍‌ମେ ଇକ୍‌ବାଲ୍ ଲାହୋର୍, ଏପ୍ରିଲ୍ -2022 ମସିହାରୁ ଉଦ୍ଧୃତ)**

ରଣଭୂମିରେ କୁରୈଶୀୟ ସୈନ୍ୟବାହିନୀର ଆଗମନ ଓ ସେମାନଙ୍କ ସହିତ ମୁହାଁମୁହିଁ ଏବଂ ବିବାଦ ସୃଷ୍ଟି ହୋଇଥିଲା ତତ୍‌ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ଯେତେବେଳେ କୁରୈଶ୍‌ମାନେ ବଦର୍ ଯୁଦ୍ଧ ଭୂମିରେ ଅବତରଣ କଲେ ସେତେବେଳେ ସେମାନେ ଉମୈର୍ ବିନ୍ ୱହବ୍‌ଙ୍କୁ ପ୍ରେରଣ କଲେ ଯେ, ଯାଅ ଦେଖ ମୁହମ୍ମଦ୍ ସ.ଅଙ୍କ ସହିତ କେତେ ସଂଖ୍ୟକ ଯୋଦ୍ଧା ରହିଛନ୍ତି ? ତେବେ ଉମୈର୍ ନିଜର ଅଶ୍ୱକୁ ଇସ୍‌ଲାମ୍ ଧର୍ମର ଆଖପାଖରେ ଦଉଡ଼ାଇଲା । ପୁନଶ୍ଚ ମକ୍କାର କୁରୈଶ୍‌ମାନଙ୍କ ନିକଟକୁ ଆସି କହିଲା, ମୋ ମତରେ ମୁସଲମାନ ଯୋଦ୍ଧାମାନଙ୍କର ସଂଖ୍ୟା ପାଖାପାଖି 300ରୁ କିଛି କମ୍ ହେବ । ପୁନଶ୍ଚ ସେ ପୁନଃ ଦେଖିବା ଉଦ୍ଦେଶ୍ୟରେ ଫେରିଲା ଯେ, କାଳେ ଇସ୍‌ଲାମ୍ ଧର୍ମର ସାହାଯ୍ୟ ନିମନ୍ତେ କୌଣସି ଗୁପ୍ତ ସୈନ୍ୟ ନାହାନ୍ତି ତ' ? ଉମୈର୍ ବିନ୍ ୱହବ୍ ନିଜର ଅଶ୍ୱକୁ ଦଉଡ଼ାଇ ବହୁ ଦୂର ପର୍ଯ୍ୟନ୍ତ ବାହାରିଗଲା । ସେଠାରୁ ଫେରିଆସି କହିଲା କି ମୁସଲମାନମାନଙ୍କୁ ସାହାଯ୍ୟ କରିବା ନିମନ୍ତେ କୌଣସି ସୈନ୍ୟବାହିନୀ ତ' ଦେଖାଯାଉ ନାହାନ୍ତି । କିନ୍ତୁ ହେ କୁରୈଶ୍ ! ମୁଁ ଏହା ଅବଲୋକନ କରୁଛି ଯେ, ତୁମ ଉପରେ ବିପତ୍ତି ମୃତ୍ୟୁ ଆକାରରେ ବା ମୃତ୍ୟୁକୁ ଧରି ଅବତୀର୍ଣ୍ଣ ହେଉଅଛି। ମୁଁ ଏପରି ଓଟ ଦେଖିଅଛି ଯେ, ଯାହାକି ଶବମାନଙ୍କୁ ନିଜ ପିଠିରେ ଧାରଣ କରିଛନ୍ତି। ୟସ୍ରିବ୍ (ମଦିନା)ର ଓଟମାନେ ନିଃସନ୍ଦେହ ମୃତ୍ୟୁର ଶବକୁ ପିଠିରେ ଧାରଣ (ଲଦି) କରିଛନ୍ତି । ସେମାନେ ଏଭଳି ଜାତି ଅଟନ୍ତି ଯେ, ସେମାନଙ୍କ ନିକଟରେ ଆତ୍ମରକ୍ଷା କରିବା ନିମନ୍ତେ କୌଣସି ସାଧନ ତ' ନାହିଁ ଏବଂ ସେମାନଙ୍କ ନିକଟରେ ଖଡ଼୍‌ଗ ବ୍ୟତୀତ ଅନ୍ୟ କୌଣସି ଆଶ୍ରୟସ୍ଥଳୀ ନାହିଁ । ସେମାନଙ୍କ ମଧରୁ କେହି ନିହତ ହେବେ ନାହିଁ । ଏପର୍ଯ୍ୟନ୍ତକି ସେମାନେ ଆମମାନଙ୍କ ମଧରୁ ଗୋଟିଏ ଗୋଟିଏ ବ୍ୟକ୍ତିର ସଂହାର କରିଦେବେ । ଯଦି ସେମାନେ ନିଜର ସଂଖ୍ୟାନୁଯାୟୀ ଆମ ଲୋକମାନଙ୍କର ସଂହାର କରିଦେଲେ ତାହାହେଲେ ଏହାପରେ ଜୀବନର କୌଣସି ଆନନ୍ଦ ଓ ମୂଲ୍ୟ ନାହିଁ । ବର୍ତ୍ତମାନ ତୁମେ ଯାହା ଉଚିତ୍ ମନେକରୁଛ ତାହା କର । ସେ ସମସ୍ତ ସମୀକ୍ଷା ନେଇ ନିଜର ଏକ ଚିନ୍ତାଧାରା ଉପସ୍ଥାପିତ କଲା ।

ହକିମ୍ ବିନ୍ ହିଜାମ୍ ଉକ୍ତ କଥା ଶୁଣି ଉତ୍‌ବା ବିନ୍ ରବିୟାହ୍ ନିକଟକୁ ଆସିଲା। କାରଣ ତୁମେ କୁରୈଶମାନଙ୍କ ମଧରୁ ମନୋନୀତ ଏବଂ ମହାମାନ୍ୟ ଅଧିପତି ଅଟେ । ଅତଏବ ଲୋକମାନଙ୍କୁ ଫେରାଇ ନେଇଚାଲ ଓ ଅମ୍ର ବିନ୍ ହଜ୍ରମୀର ରକ୍ତର କ୍ଷତିପୂରଣ ପରିଶୋଧ କରିଦିଅ । ଉତ୍‌ବା କହିଲା ମୁଁ ଏକଥାକୁ ସ୍ୱୀକାର କରୁଛି । ସୁତରାଂ ତୁମେ ଇବ୍‌ନେ ହନ୍‌ଜଲିୟାହ୍ ଅର୍ଥାତ୍ ଅବୁ ଜହଲ୍, ଅବୁ ଜହଲ୍‌ର ମା'ର ନାମ ହନ୍‌ଜଲିୟାହ୍ ଥିଲା । ତା' ନିକଟକୁ ଯାଅ । ସୁତରାଂ ହକିମ୍ ବିନ୍ ହିଜାମ୍ ଏହି ଉଦ୍ଦେଶ୍ୟ ନିମନ୍ତେ ଅବୁ ଜହଲ୍ ନିକଟକୁ ଗଲା ଏବଂ କହିଲା, ମୋତେ ଉତ୍‌ବା ତୁମ ନିକଟକୁ ପ୍ରେରଣ କରିଛନ୍ତି । କାରଣ ସେ ଦିୟତ୍ (ହତ୍ୟା ହୋଇଥିବା ବ୍ୟକ୍ତିର କ୍ଷତିପୂରଣ) ପୈଠ କରିବ । ତୁମେମାନେ କୁରୈଶ୍‌ମାନଙ୍କୁ ଫେରାଇ ନେଇଚାଲ। ଅବୁ ଜହଲ୍ କହିବାକୁ ଲାଗିଲା ଯେ, ଉତ୍‌ବା ଯେତେବେଳେ ମୁହମ୍ମଦ ସ.ଅଙ୍କୁ ଦେଖିଲା ସେତେବେଳେ ସେ ଭୟଭୀତ ହୋଇଗଲା ଏବଂ ଭୀରୁତା ପ୍ରଦର୍ଶନ କରିବାକୁ ଲାଗିଲେ । କଦାପି ନୁହଁ ।

ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ଆମମାନଙ୍କ ମଧରେ ଓ ହ. ମୁହମ୍ମଦ ସ.ଅଙ୍କ ମଧରେ ନିର୍ଣ୍ଣୟ କରିଦେଇ ନାହାନ୍ତି ସେପର୍ଯ୍ୟନ୍ତେ ଆମେମାନେ ଫେରିବୁ ନାହିଁ । ଅବୁ ଜହଲ୍ ଏହା ମଧ କହିଲା, ଉତ୍‌ବା ଏଇଥିପାଇଁ ଯୁଦ୍ଧ କରିବାକୁ ଅଟକାଉଛି ଯେ, ସେ ଜାଣିଛି ମୁସଲମାନମାନେ ଆମମାନଙ୍କ ସକାଶେ ଓଟର ଏକ ଖାଦ୍ୟ ଗୁଳା ପରି ଅଟନ୍ତି । ଅର୍ଥାତ୍ ଅତି ସହଜରେ ଆମେମାନେ ସେମାନଙ୍କୁ ହତ୍ୟା କରିଦେବୁ ଏବଂ ସେହି ମୁସଲମାନମାନଙ୍କ ମଧରେ ଉତ୍‌ବାର ପୁତ୍ର ମଧ ରହିଛି । ଉତ୍‌ବାର ପୁତ୍ର ମୁସଲମାନ ହୋଇଯାଇଥିଲା। ସମ୍ଭବତଃ ନିଜର ପୁତ୍ର ଯୋଗୁଁ ଉତ୍‌ବା ଯୁଦ୍ଧ କରିବାକୁ ଚାହୁଁ ନଥିବ । ଉତ୍‌ବାର ଏହି

ପୁତ୍ର ହେଉଛନ୍ତି ହ. ଅବୁ ହୁଜେଫା ର.ଅ ଥିଲେ, ଯେକି ମୁସଲମାନମାନଙ୍କ ପକ୍ଷରୁ ବଦର୍ ଯୁଦ୍ଧ ଭୂମିରେ ଉପସ୍ଥିତ ଥିଲେ । ଯେତେବେଳେ ଉତ୍ବାକୁ ଅବୁ ଜହଲ୍ ପକ୍ଷରୁ ବ୍ୟଙ୍ଗ ବିଦ୍ରୂପ କରିବାର ସୂଚନା ପ୍ରାପ୍ତ ହେଲା ସେତେବେଳେ ସେ କହିଲା, ସେହି ଭୀରୁ ଅର୍ଥାତ୍ ଅବୁ ଜହଲ୍କୁ ଜ୍ଞାତ ହୋଇଯିବ ଯେ, କିଏ ଭୀରୁ ଅଟେ ଓ କିଏ ଭୟଭୀତ ଅଟେ । **(ସିରତ୍ ଇବ୍‌ନେ ହଶ୍ଶାମ୍, ପୃ-424-426-, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ଅତ୍ ତବ୍ଅତୁଲ୍ ଉଲା-2001 ମସିହା)**

ହ. ମିର୍ଜା ବଶୀର୍ ଅହେମଦ ସାହେବ ଏହା ବିସ୍ତୃତ ବିବରଣୀ ବର୍ଣ୍ଣନା କରି କୁହନ୍ତି: ବର୍ତ୍ତମାନ ସୈନ୍ୟବାହିନୀ ମାନେ ପରସ୍ପର ମୁହାଁମୁହିଁ ଥିଲେ । ଯୁଦ୍ଧ ହେବା ସ୍ଥଳେ ସୈନ୍ୟବାହିନୀମାନେ ଏକତ୍ରିତ ହେଉଥିଲେ । ଅବଜ୍ଞାକାରୀମାନଙ୍କର ସୈନ୍ୟବାହିନୀ ଅତ୍ୟନ୍ତ ଭାରି (ଅର୍ଥାତ ସଶସ୍ତ୍ର ସୈନ୍ୟବାହିନୀ) ଥିଲା । ସେତେବେଳେ ଆଁହଜରତ ସ.ଅ ପ୍ରାର୍ଥନାରେ ନିମଜ୍ଜିତ ଥିଲେ । ଯେତେବେଳେ ସୈନ୍ୟ ବାହିନୀ ସମ୍ମୁଖକୁ ଆସିଗଲା ଏବଂ ଯୁଦ୍ଧ ଆରମ୍ଭ ହେବାକୁ ଯାଉଥିଲା ସେତେବେଳେ ଆଁହଜରତ ସ.ଅ ମଧ୍ୟ ଯୁଦ୍ଧ ଭୂମିରେ ଥିଲେ । ଆପଣ ସ.ଅ କହିଲେ, ବର୍ତ୍ତମାନ ସୈନ୍ୟବାହିନୀ ସଂପୂର୍ଣ୍ଣ ରୂପେ ପରସ୍ପର ସମ୍ମୁଖରେ ଥିଲେ । କିନ୍ତୁ ଈଶ୍ୱରଙ୍କ ଲୀଳା ଅଦ୍ଭୁତ ଓ ବିଚିତ୍ର ଅଟେ । ସେତେବେଳେ ସୈନ୍ୟବାହିନୀମାନଙ୍କର ଛିଡ଼ା ହେବାର କ୍ରମିକତା ଏପରି ଥିଲା ଯେ, ଇସ୍‌ଲାମୀୟ ସୈନ୍ୟବାହିନୀ କୁରୈଶ୍‌ମାନଙ୍କର ସୈନ୍ୟବୀହିନୀର ସଂଖ୍ୟା ଠାରୁ ଢେର ଅଧିକ ଥିଲା ତାହା ନୁହେଁ ବରଂ ଦୁଇ ଗୁଣା ଦୃଶ୍ୟମାନ ହେଉଥିଲା । ଯଦ୍ଦ୍ୱାରାକି ଅବଜ୍ଞାକାରୀମାନେ ଭୟଭୀତ ହୋଇଯାଉଥିଲେ ଏବଂ ଅନ୍ୟ ପଟରେ କୁରୈଶ୍‌ମାନଙ୍କର ସୈନ୍ୟବାହିନୀଙ୍କୁ ସେମାନଙ୍କର ପ୍ରକୃତ ସଂଖ୍ୟା ଠାରୁ କମ୍ ବୋଲି ଦୃଶ୍ୟମାନେ ହେଉଥିଲା । ଯଦ୍ଦ୍ୱାରାକି ମୁସଲମାନମାନଙ୍କର ହୃଦୟ ବର୍ଦ୍ଧିତ (ଫୁଲିଯାଉଥିଲା) ହେଉଥିଲା ।

କୁରୈଶ୍‌ମାନଙ୍କର ଏହି ପ୍ରଚେଷ୍ଟା ରହିଥିଲା କି କିପରି ଇସ୍‌ଲାମୀୟ ସୈନ୍ୟର ସଠିକ୍ ସଂଖ୍ୟା ଆକଳନ କରାଯାଇପାରିବ । କାରଣ ସେମାନେ ଛୋଟ ହୋଇଯାଇଥିବା ହୃଦୟଗୁଡ଼ିକୁ ସାହାରା ଦେଇପାରିବେ । ଅର୍ଥାତ୍ ଯେଉଁ ହୃଦୟ ଭୟଭୀତ ହୋଇଯାଇଥିଲା ତାହାକୁ ସେମାନେ ସାହାରା ଦେଇପାରିବେ । ଏଥି ନିମନ୍ତେ କୁରୈଶର ଅଧିପତି ଉମୈର୍ ବିନ୍ ୱହବଙ୍କୁ ପ୍ରେରଣ କଲେ । କାରଣ ସେ ଇସ୍‌ଲାମୀୟ ସୈନ୍ୟବିହିନୀର ଚତୁର୍ପାର୍ଶ୍ୱରେ ଅଶ୍ୱ ଦଉଡ଼ାଇ ଦେଖନ୍ତୁ ଯେ, ମୁସଲମାନମାନଙ୍କର ସୈନ୍ୟ ସଂଖ୍ୟା କେତେ ରହିଛି ଓ ମୁସଲମାନମାନଙ୍କ ପଛରେ ସାହାଯ୍ୟ ନିମନ୍ତେ ଅତିରିକ୍ତ ସୈନ୍ୟବାହିନୀ ରହି ନାହିଁ ତ' ? ସୁତରାଂ ଉମୈର୍ ଅଶ୍ୱ ଉପରେ ଆରୋହଣ ହୋଇ ମୁସଲମାନମାନଙ୍କ ଆଡ଼କୁ ଆସି ପଇଁତରା ମାରିଲା । କିନ୍ତୁ ସେ ଯେତେବେଳେ ଏହା ଅବଲୋକୋନ କଲା କି ମୁସଲମାନମାନେ ନିର୍ଭୀକ, ଦୃଢ଼ ସଂକଳ୍ପ ଏବଂ ମୃତ୍ୟୁ ଠାରୁ ଅବଚତନ ଅଟନ୍ତି । ସେତେବେଳେ ସେ ଭୟଭୀୟତ ହୋଇ କୁରୈଶ୍ ଆଡ଼କୁ ଫେରିଯାଇ କୁରୈଶ୍‌ମାନଙ୍କୁ ସମ୍ବୋଧିତ କରି କହିବାକୁ ଲାଗିଲା ଯେ, ମୋତେ କୌଣସି ଗୁପ୍ତ ଅତିରିକ୍ତ ସୈନ୍ୟ ଟୁକୁଡ଼ି ତ' ଦୃଶ୍ୟମାନ ହେଲା ନାହିଁ କିନ୍ତୁ ହେ କୁରୈଶ୍ ଗୋଷ୍ଠୀ ! ମୁଁ ଏହା ଅବଲୋକୋନ କରିଛି ଯେ, ମୁସଲମାନ ସୈନ୍ୟବିହିନୀ ମଧ୍ୟରେ ଓଟର ପାଲିଙ୍କି ନିଜ ଉପରେ ଲୋକମାନଙ୍କୁ ଆରୋହଣ କରି ନାହିଁ ବରଂ ମୃତ୍ୟୁକୁ ଆରୋହଣ କରିଛନ୍ତି ଏବଂ ୟସ୍ରିବ୍ର ଷଣ୍ଢ ଉପରେ ମୃତ୍ୟୁ ଆରୋହଣ ହୋଇଛନ୍ତି । ଯେତେବେଳେ କୁରୈଶ୍‌ମାନେ ଏକଥା ଶୁଣିଲେ ସେତେବେଳେ ସେମାନଙ୍କ ମଧ୍ୟରେ ଏକ ବିଶୃଙ୍ଖଳା ଭଳି ପରିସ୍ଥିତି ସୃଷ୍ଟି ହୋଇଗଲା ।

ସୁରାକା ଯେକି ସେମାନଙ୍କର ଜାମିନ୍ (ପ୍ରତିଭୂ) ହୋଇ ଆସିଥିଲା, ସେ ଏତେ ଭୟଭୀତ ହେଲା କି ସେ ଓଲଟା ପାଦ ପଳାୟନ କଲା ଏବଂ ଲୋକମାନେ ଯେତେବେଳେ ତା'କୁ ଅଟକାଇବାକୁ ଲାଗିଲେ ସେତେବେଳେ ସେ କହିଲା, ମୁଁ ଯାହା ଦେଖୁଅଛି ତାହା ତୁମେ ଦେଖିପାରୁ ନାହଁ ହ.ହକିମ୍ ବିନ୍ ହିଜାମ୍ ଉମୈର୍‌ର ମତାମତ ଶୁଣି ବିଚଳିତ ହୋଇ ଉତ୍ବା ବିନ୍ ରବିଇୟାହ୍ ନିକଟକୁ ଆସିଲା ଏବଂ କହିବାକୁ ଲାଗିଲା, ହେ ଉତ୍ବା ! ତୁମେ ମୁହମ୍ମଦ ସ.ଅଙ୍କ ଠାରୁ କାହିଁକି ଅମ୍ର ଓ ହଜ୍ରମିର ପ୍ରତିଶୋଧ ନେବାକୁ ଚାହୁଁଛ ? ସେ ତୁମର ମିତ୍ର ଥିଲା । କ'ଣ ଏପରି ହୋଇ ପାରିବ ନାହିଁ ଯେ, ତୁମେ ସେମାନଙ୍କ ପକ୍ଷରୁ ରକ୍ତର କ୍ଷତିପୂରଣ ପୈଠ କରିଦିଅ ଓ କୁରୈଶ୍‌କୁ ଧରି ଫେରିଯାଅ ? ତହିଁରେ ଚିରକାଳ ପାଇଁ ତୁମର ସୁନାମ ରହିବ । ଉତ୍ବା ଯେକି ସ୍ୱୟଂ ଘାବରେଇ ଥିଲା, ତା'କୁ ଆଉ କ'ଣ ବା ଦରକାର ଥିଲା । ସେ ତୁରନ୍ତ କହିଲା, ହଁ ହଁ ଏହା ହିଁ ଠିକ୍ ଅଟେ । ମୁଁ ଏଥିରେ ସହମତ ଅଟେ ଓ ପୁନଶ୍ଚ ହକିମ୍ ବିନ୍ ହିଜାମ୍‌କୁ କହିବାକୁ ଲାଗିଲା ଯେ, ଦେଖ ମୁସଲମାନ ଏବଂ ଆମେମାନେ ପରସ୍ପରର ସଂପର୍କୀୟ ଅଟୁ । ଏଇଟା କ'ଣ ଉଚିତ୍ ହେବ କି ଭାଇ ଭାଇ ଉପରେ ଖଡ଼୍ଗ ଉତ୍ତୋଳନ କରୁ ଏବଂ ପିତା ପୁତ୍ର ଉପରେ ଖଡ଼୍ଗ ଉତ୍ତୋଳନ କରୁ । ତୁମେ ଏପରି କର କି ବର୍ତ୍ତମାନ ଅବୁଲ୍ ହକମ୍ ଅର୍ଥାତ୍ ଅବୁ ଜହଲ୍ ନିକଟକୁ ଯାଅ ଓ ତା' ସମ୍ମୁଖରେ ହେି ପ୍ରସ୍ତାବ ରଖ । ଅନ୍ୟ ପଟରେ ଉତ୍ବା ସ୍ୱୟଂ ଓଟ ଉପରେ ଆରୋହଣ ହୋଇ ନିଜ ତରଫରୁ ଲୋକମାନଙ୍କୁ ବୁଝାସୁଝା କରିବାକୁ ଆରମ୍ଭ କରିଦେଲା ଯେ, ସଂପର୍କୀୟଙ୍କ ମଧ୍ୟରେ କଳି ଝଗଡ଼ା କରିବା ଉଚିତ୍ ନୁହେଁ । ଆମମାନଙ୍କୁ ଫେରିଯିବା ଉଚିତ୍ ଏବଂ ମୁହମ୍ମଦ ସ.ଅଙ୍କୁ ତା'ଙ୍କ ଅବସ୍ଥାରେ ଛାଡ଼ିଦେବା ଉଚିତ୍ । କାରଣ ସେ ଆରବର ଅନ୍ୟ ସଂପ୍ରଦାୟ ସହିତ ମୁହାଁମୁହିଁ ହୁଅନ୍ତୁ । ଯାହା ପରିଣାମ ହେବ ତାହା ଅବଲୋକନୀୟ ହେବ । ପୁନଶ୍ଚ ତୁମେମାନେ ଦେଖ କି ସେହି ମୁସଲମାନମାନଙ୍କ ସହିତ ଲଢ଼ିବା କିଛି ସହଜ କଥା ନୁହେଁ । କାରଣ ତୁମେ ଅଯଥାରେ ମୋତେ ଭୀରୁ ବୋଲି କହିବ । କିନ୍ତୁ ବାସ୍ତବରେ ମୁଁ ଭୀରୁ ନୁହେଁ । ମୋତେ ତ' ଏମାନେ ମୃତ୍ୟୁର ସଉଦାଗର ଏବଂ କ୍ରୟକାରୀ ବୋଲି ଦୃଶ୍ୟମାନ ହେଉଛନ୍ତି ।

ଆଁହଜରତ ସ.ଅ ଦୂରରୁ ଉତ୍ବାକୁ ଦେଖି କହିଲେ, ଅବଜ୍ଞାକାରୀଙ୍କ ସୈନ୍ୟବାହିନୀ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ମଧ୍ୟରେ ଶିଷ୍ଟତା ରହିଛି ତେବେ ସେହି ଲୋହିତ ବର୍ଣ୍ଣର ଓଟ ଉପରେ ଆରୋହଣ ହୋଇଥିବା ବ୍ୟକ୍ତି ମଧ୍ୟରେ ଅବଶ୍ୟ ରହିଛି । ଯଦି ଏହି ଲୋକମାନେ ଉକ୍ତ ବ୍ୟକ୍ତିର କଥା ମାନି ନିଅନ୍ତି ତେବେ ସେମାନଙ୍କ ପକ୍ଷେ ତାହା ଉତ୍ତମ ହେବ । କିନ୍ତୁ ହକିମ୍ ବିନ୍ ହିଜାମ୍ ଯେତେବେଳେ ଅବୁ ଜହଲ୍ ନିକଟକୁ ଆସିଲା ଏବଂ ତା' ଆଗରେ ଏହି ପ୍ରସ୍ତାବ ରଖିଲା, ସେତେବେଳେ ଫିରଔନ୍ ସଂପ୍ରଦାୟ କିପରି ଏହିପରି କଥାରେ (ଜାଲରେ) ଆସି ଥାଆନ୍ତା ? ସେ ତତ୍‌କ୍ଷଣାତ୍ କହିଲା, ଆଚ୍ଛା ଆଚ୍ଛା ବର୍ତ୍ତମାନ ଉତ୍ବାକୁ ନିଜର ସଂପର୍କୀୟମାନେ ଦୃଶ୍ୟମାନେ ହେବାକୁ ଲାଗିଲେଣି । ପୁନଶ୍ଚ ସେ ଅମ୍ର ହଜ୍ରମୀର ଭାଇ ଆମିର୍ ହଜ୍ରମିକୁ ଡ଼କାଇ କହିଲା, ତୁମେ ଶୁଣିଲ ଟି ତୁମର ମିତ୍ର ଉତ୍ବା କ'ଣ କହୁଛି ? ତାହା ପୁଣି ସେତେବେଳେ ଯେତେବେଳେ ତୁମ ଭାଇର ପ୍ରତିଶୋଧର ସୁଯୋଗ ଏବଂ ଶିକାର ତୁମ ହାତକୁ ଆସିଛି । ଆମିର୍‌ର ଚକ୍ଷୁ ରକ୍ତ ରଞ୍ଜିତ ହୋଇ ଉଠିଲା ଏବଂ ସେ ଆରବର ପୁରାତନ ପ୍ରଥାନୁଯାୟୀ ନିଜର ବସ୍ତ୍ର ଚିରିଦେଇ ନିର୍ବସ୍ତ୍ର ହୋଇ ଚାଲିବାକୁ ଆରମ୍ଭ କଲା ଏବଂ କହିଲା, وَاعَمْرَاهُ!وَاعَمْرَاهُ ଅର୍ଥାତ୍ ବଡ଼ ଦୁଃଖ ଓ ପରିତାପର ବିଷୟ ! ମୋର ଭାଇ ପ୍ରତିଶୋଧ ନନେଇ ରହିଯାଉଛି । ବଡ଼ ଦୁଃଖ ଓ ପରିତାପର ବିଷୟ ଯେ, ମୋର ଭାଇ ପ୍ରତିଶୋଧ ନନେଇ ରହିଯାଉଛି । ସେହି ମରୁଜ ସ୍ୱର କୁରୈଶର ସୈବ୍ୟବିହିନୀର ଛାତିରେ ଶତ୍ରୁତାର ବହ୍ନି ପ୍ରଜ୍ୱଳିତ କରିଦେଲା ପ୍ରତିଶୋଧ ନନେଇ ରହିଯାଉଛି । ପୁନଶ୍ଚ ଏତଦ୍‌ପରେ ଯୁଦ୍ଧର ବହ୍ନି ସ୍ଫୁଲିଙ୍ଗ ହେବାକୁ ଲାଗିଲା ।(ସିରତ୍ ଖାତମୁନ୍ ନବୀୟୀନ୍, ଲେଖକ-ସାହିବଜାଦା ହ. ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ, ପୃ-358-360ରୁ ଉଦ୍ଧୃତ)

ହୁଜୁର ଅନୱର୍ ଅ.ବ କହିଲେ, ପୁନଶ୍ଚ ଏତଦପରେ ଯୁଦ୍ଧ ଆରମ୍ଭ ହେଲା । ଏହାର ଅବଶିଷ୍ଟାଂଶ ଇନଶାଅଲ୍ଲାଃ ପରବର୍ତ୍ତୀ ଖୁତ୍‌ବାରେ ବର୍ଣ୍ଣନା କରାଯିବ ।

☆ ☆ ☆

## ପୃ-17ର ଅବଶିଷ୍ଟାଂଶ.....

ଆଜ୍ଞାପାଳନ କଲା ବୋଲି ମନେକରାଯିବ । ରମଜାନୁଲ୍ ମୁବାରକ୍‌ର ରୋଜାର ମହତ୍ତ୍ୱ ଓ କଲ୍ୟାଣ ସଂପର୍କରେ ଏକ ଭବ୍ୟ ତଥା ମହାନ ହଦିସ୍ ଉପସ୍ଥାପିତ କରାଯାଉଛି ।

وَعَنْ سَلْمَانَ قَالَ خَطَبَنَا رَسُولُ اللهِ ﷺ فِي آخِرِ يَوْمٍ مِنْ شَعْبَانَ فَقَالَ: يَا أَيُّهَا النَّاسُ قَدْ أَظَلَّكُمْ شَهْرٌ عَظِيمٌ مُبَارَكٌ شَهْرٌ فِيهِ لَيْلَةٌ خَيْرٌ مِنْ أَلْفِ شَهْرٍ جَعَلَ اللهُ تَعَالَى صِيَامَهُ فَرِيضَةً وَقِيَامَ لَيْلِهِ تَطَوُّعًا مَنْ تَقَرَّبَ فِيهِ بِخَصْلَةٍ مِنَ الْخَيْرِ كَانَ كَمَنْ أَدَّى فَرِيضَةً فِيمَا سِوَاهُ وَمَنْ أَدَّى فَرِيضَةً فِيهِ كَانَ كَمَنْ أَدَّى سَبْعِينَ فَرِيضَةً فِيمَا سِوَاهُ وَهُوَ شَهْرُ الصَّبْرِ وَالصَّبْرُ ثَوَابُهُ الْجَنَّةُ شَهْرُ الْمُوَاسَاةِ وَشَهْرٌ يُزْدَادُ فِيهِ رِزْقُ الْمُؤْمِنِ مَنْ فَطَّرَ فِيهِ صَائِمًا كَانَ لَهُ مَغْفِرَةً لِذُنُوبِهِ وَعِتْقَ رَقَبَتِهِ مِنَ النَّارِ وَكَانَ لَهُ مِثْلُ أَجْرِهِ مِنْ غَيْرِ أَنْ يَنْقُصَ مِنْ أَجْرِهِ شَيْءٌ قُلْنَا: يَا رَسُولَ اللهِ لَيْسَ كُلُّنَا يَجِدُ مَا نُفَطِّرُ بِهِ الصَّائِمَ، فَقَالَ رَسُولُ اللهِ ﷺ يُعْطِي اللهُ هٰذَا الثَّوَابَ مَنْ فَطَّرَ صَائِمًا عَلَى مَذْقَةِ لَبَنٍ أَوْ تَمْرَةٍ أَوْ شَرْبَةٍ مِنْ مَاءٍ وَمَنْ أَشْبَعَ صَائِمًا سَقَاهُ اللهُ مِنْ حَوْضِي شَرْبَةً لَا يَظْمَأُ حَتَّى يَدْخُلَ الْجَنَّةَ وَهُوَ شَهْرٌ أَوَّلُهُ رَحْمَةٌ وَأَوْسَطُهُ مَغْفِرَةٌ وَآخِرُهُ عِتْقٌ مِنَ النَّارِ وَمَنْ خَفَّفَ عَنْ مَمْلُوكِهِ فِيهِ غَفَرَ اللهُ لَهُ وَأَعْتَقَهُ مِنَ النَّارِ۔ **(ମିଶ୍‌କାତୁଲ୍ ମସାବିହ୍, କିତାବୁସ୍ ସୌମ୍)**

ହ. ସଲ୍‌ମାନ୍ ଫାର୍ସି ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଶାବାନ୍ ମାସର ଶେଷ ରାତ୍ରରେ ସାହାବାମାନଙ୍କୁ ସମ୍ବୋଧିତ କରି କହିଲେ: ହେ ଲୋକମାନେ ! ତୁମ ଉପରେ ଏକ ମହାନ୍ କଲ୍ୟାଣମୟ ମାସ ସୁରକ୍ଷା କରିବା ନିମନ୍ତେ ଆସିଅଛି । ଉକ୍ତ ମାସରେ ଏପରି ଏକ ରାତ୍ର ରହିଛି ଯାହାକି ହଜାର ରାତ୍ର ଅପେକ୍ଷା ଅଧିକ ଶ୍ରେୟସ୍କର ଅଟେ । ଉକ୍ତ ମାସରେ ରୋଜା ରଖିବାକୁ ଅଲ୍ଲାଃତାଲା ବିଧେୟ ବୋଲି ବିବେଚିତ କରିଛନ୍ତି ଏବଂ ରାତ୍ରରେ ଛିଡ଼ା ହେବାକୁ ନଫଲି (ଅତିରିକ୍ତ) ଉପାସନା ଏବଂ ପ୍ରଭୁଙ୍କ ସାମୀପ୍ୟତା ଓ ସାନ୍ନିଧ ଲାଭର ଏକ ମାଧ୍ୟମ ରୂପେ ବିବେଚିତ କରିଛନ୍ତି । ଯେଉଁ ବ୍ୟକ୍ତି ଉକ୍ତ ମାସରେ ପ୍ରଭୁଙ୍କ ସାନ୍ନିଧ୍ୟ ଏବଂ ସାମୀପ୍ୟ ପ୍ରାପ୍ତ କରିବାର ଅଭିଳାଷୀ ହୋଇ କୌଣସି ପୁଣ୍ୟ କର୍ମ ସମ୍ପାଦନ କରେ ତେବେ ଉକ୍ତ ବ୍ୟକ୍ତିକୁ ଫର୍ଜର (ଅନିର୍ବାର୍ଯ୍ୟର) ପୁଣ୍ୟ ତଥା ପ୍ରତିଫଳ ପ୍ରାପ୍ତ ହୋଇଥାଏ । ଯେଉଁ ବ୍ୟକ୍ତି ରମଜାନ ମାସରେ କୌଣସି ଫର୍ଜ (ଅନିର୍ବାର୍ଯ୍ୟ ପୁଣ୍ୟ) ସମ୍ପାଦନ କଲା ତେବେ ସେହି ବ୍ୟକ୍ତିକୁ 70ଗୁଣା ପୁଣ୍ୟ ପ୍ରାପ୍ତ ହେବ । ଉକ୍ତ ମାସଟି ହେଉଛି ଧୈର୍ଯ୍ୟର ମାସ ଏବଂ ଧୈର୍ଯ୍ୟ ପ୍ରତିଫଳ ବୈକୁଣ୍ଠ ଅଟେ । ଉକ୍ତ ମାସ ହେଉଛି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବାର ମାସ, ଉକ୍ତ ମାସରେ ବିଶ୍ୱାସକାରୀର ରିଜକ୍ (ବୃତ୍ତି)ରେ ଅଜସ୍ର **(ଅବଶିଷ୍ଟାଂଶ..ପୃ-10ରେ)**

## ରମ୍‌ଜାନୁଲ୍ ମୁବାରକ୍‌ର ସମସ୍ତ ରୋଜା (ଓଷା) ଅନିର୍ବାର୍ଯ୍ୟ ଅଟେ । କୌଣସି ଧର୍ମ ବୈଧାନିକ ବିବଶତା ବ୍ୟତୀରେକ ରୋଜା ପରିତ୍ୟାଗ କରିବା ପାପ ଅଟେ ।

(ମନ୍‌ସୁର ଅହେମଦ ମସ୍ରୁର, ସମ୍ପାଦକ ଉର୍ଦ୍ଦୁ ବଦର)

ରମ୍‌ଜାନୁଲ୍ ମୁବାରକ୍ (ପବିତ୍ର ରମ୍‌ଜାନ ମାସ)ର ଶୁଭାଗମନ । ସମସ୍ତ ମାସ ମଧ୍ୟରୁ ଶ୍ରେଷ୍ଠ ମାସ ଅର୍ଥାତ ମହାନ୍ ରମ୍‌ଜାନ ମାସର ଶୁଭାଗମନ । ଉକ୍ତ ମହା ମାସର ଗୋଟିଏ ରାତ୍ର ହଜାର ରାତ୍ର ଅପେକ୍ଷା ଅଧିକ ଶ୍ରେୟସ୍କର ଅଟେ । ଉକ୍ତ ମାସରେ ଧୈର୍ଯ୍ୟର ଶୁଭାଗମନ ହୋଇଥାଏ ଏବଂ ଏହି ଧୈର୍ଯ୍ୟର ପୁଣ୍ୟ ବୈକୁଣ୍ଠ ଅଟେ । ଏହି ମାସରେ ବିଶ୍ୱାସକାରୀର ରିଜକ୍ (ବୃତ୍ତି)ରେ ଅଜସ୍ର ଏବଂ ବର୍ଦ୍ଧନ କରାଯାଇଥାଏ, ଉକ୍ତ ମାସରେ ଦୟା ଓ କୃପାର ଆଗମନ ଘଟିଥାଏ, କ୍ଷମାର ଆଗମନ ମଧ୍ୟ ହୋଇଥାଏ । ଉକ୍ତ ମାସଟି ନର୍କାଗ୍ନିରୁ ମୁକ୍ତି ପ୍ରଦାନକାରୀ ମାସ ଅଟେ । ଉକ୍ତ ମାସର ଆଗମନ ଫଳରେ ନର୍କର ଦ୍ୱାର ରୁଦ୍ଧ ହୋଇଯାଇଥାଏ ଏବଂ ସ୍ୱର୍ଗର ଦ୍ୱାର ଉନ୍ମୁକ୍ତ ହୋଇଯାଇଥାଏ । ଏହି ପବିତ୍ର ମାସରେ ପବିତ୍ର କୁରଆନ୍ କରୀମ୍ ଅବତୀର୍ଣ୍ଣ ହୋଇଅଛି । ଏହା ସମଗ୍ର ମାନବ ଜାତି ନିମନ୍ତେ ମାର୍ଗଦର୍ଶକ ଅଟେ । ଏହି ମାସର ଆଗମନ ଦ୍ୱାରା ଭକ୍ତ ଭଗବାନଙ୍କ ସମୀପବର୍ତ୍ତୀ ହୋଇଥାଏ ଏବଂ ପ୍ରଭୁଙ୍କ ସାନ୍ନିଧ ପ୍ରାପ୍ତି ହୋଇଥାଏ ।

ଅତଏବ୍ ଏହିପରି ମହାନ ପବିତ୍ର ମାସକୁ ଆମେମାନେ ଅହଲନ୍ ଓ ସହଲନ୍ ମରହବା (ଅର୍ଥାତ୍ ସୁସ୍ୱାଗତମ ଜଣାଉଛୁ) କହୁଛୁ । ହୃଦୟର ଅତଳ ଗହ୍ୱରରୁ ସ୍ୱାଗତ ଜଣାଉଛେ । ଆମେମାନେ ପ୍ରତିକ୍ଷା କରିଥିଲୁ ଯେ, ଏହି ମାସ ଆସୁ ଓ ଆମେମାନେ ରୋଜା ରଖିବୁ । ଅଲ୍ଲାଃତାଲା ଆମେମାନଙ୍କୁ ସ୍ୱାସ୍ଥ୍ୟ ଏବଂ ନିରୋଗତା ସହିତ ରୋଜା ରଖିବା ପାଇଁ ସାମର୍ଥ ପ୍ରଦାନ କରନ୍ତୁ ଏବଂ ଏହାକୁ ସ୍ୱୀକାର ମଧ୍ୟ କରନ୍ତୁ ।

ଉକ୍ତ ମାସଟି ଏତେ ମହାନ ମାସ ଏବଂ କେତେ ବିଶିଷ୍ଟ ଗୁଣାବଳୀର ମାସ ଅଟେ । କାରଣ ଏହା ଆବଶ୍ୟକ ଥିଲା କି ଅଲ୍ଲାଃତାଲା ମାନବ ଜାତି ନିମନ୍ତେ ଅନିର୍ବାର୍ଯ୍ୟ ରୂପେ ବିବେଚିତ କରିଛନ୍ତି । ଅର୍ଥାତ୍ ଏହି ମାସରେ ରୋଜା ରଖିବା । ଯେଉଁ ବସ୍ତୁ ମନୁଷ୍ୟ ଜାତି ନିମନ୍ତେ ଲାଭଦାୟକ ଏବଂ ମହତ୍ତ୍ୱାଧିକାରୀ ଅଲ୍ଲାଃତାଲା ସେହି ବସ୍ତୁ ବା ସେହି ପ୍ରସଙ୍ଗକୁ ମନୁଷ୍ୟ ପକ୍ଷେ ଅନିର୍ବାର୍ଯ୍ୟ ରୂପେ ବିବେଚିତ କରି ଦେଇଥାଆନ୍ତି । ସେହିପରି ଯେଉଁ ବସ୍ତୁ ମନୁଷ୍ୟ ନିମନ୍ତେ ଅତ୍ୟନ୍ତ କ୍ଷତିକାରକ ସାବ୍ୟସ୍ତ ହୁଏ ଅଲ୍ଲାଃତାଲା ତାହାକୁ ଅବୈଧ ବୋଲି ଘୋଷଣା କିରଛନ୍ତି । ସୁତରାଂ ରୋଜାର ଅନିର୍ବାର୍ଯ୍ୟତା ଏହା ସୂଚାଏ ଯେ, ଉକ୍ତ ମାସରେ ମହାନ ଲାଭ ରହିଛି ଏବଂ ଉକ୍ତ କଲ୍ୟାଣମୟ ମାସ ସଂପର୍କରେ ଯେଉଁ ବିଶେଷତା ଦର୍ଶାଯାଇଛି, ଯାହାର ହଦିସ୍‌ମାନଙ୍କରେ ଚର୍ଚ୍ଚା ରହିଛି ସେହି ବିଶେଷତା ଏହା ସୂଚାଏ ଯେ, ରୋଜ ବାଧ୍ୟତାମୂଳକ ହେବା କେତେ ଆବଶ୍ୟକୀୟ ଥିଲା । ରୋଜା ଅନିର୍ବାର୍ଯ୍ୟ ହେବା ସଂକ୍ରାନ୍ତରେ ସର୍ବପ୍ରଥମେ ପବିତ୍ର କୁରଆନ୍ କରୀମ୍‌ର ଆୟାତ୍ ଉପସ୍ଥାପିତ କରାଯାଇଥାଏ । କାରଣ ଆମେମାନଙ୍କୁ ଏହା ଜ୍ଞାତ ହେଉ କି ଅଲ୍ଲାଃତାଲା କେଉଁ ଶବ୍ଦରେ ରୋଜାକୁ ଅନିର୍ବାର୍ଯ୍ୟ ବା ବାଧ୍ୟତାମୂଳକ ବୋଲି ବର୍ଣ୍ଣନା କିରଛନ୍ତି ଏବଂ ମାନବ ଜାତି ନିମନ୍ତେ ରୋଜା ରଖିବା ଅଲ୍ଲାଃତାଲାଙ୍କ ଦୃଷ୍ଟିରେ କେତେ ଆବଶ୍ୟକ ତତ୍‌ସମ୍ବନ୍ଧରେ ଅଲ୍ଲାଃତାଲା କୁହନ୍ତି: يٰٓاَيُّهَا الَّذِيْنَ اٰمَنُوْا كُتِبَ عَلَيْكُمُ الصِّيَامُ كَمَا كُتِبَ عَلَى الَّذِيْنَ مِنْ قَبْلِكُمْ لَعَلَّكُمْ تَتَّقُوْنَ (ଅଲ୍ ବକ୍ରାହ୍: 184)

**ଅନୁବାଦ:** ହେ ବିଶ୍ୱାସକାରୀମାନେ ! ତୁମମାନଙ୍କ ପାଇଁ ରୋଜା ରଖିବା ମଧ୍ୟ ସେହିପରି ଧାର୍ଯ୍ୟ କରାଯାଇଅଛି ଯେପରି ତୁମମାନଙ୍କ ପୂର୍ବବର୍ତ୍ତୀ ଲୋକମାନଙ୍କ ସକାଶେ ଏହା ଧାର୍ଯ୍ୟ ବା ଅନିର୍ବାର୍ଯ୍ୟ କରାଯାଇଥିଲା । ଫଳରେ ତୁମେମାନେ ଆଧ୍ୟାତ୍ମିକ, ଚାରିତ୍ରିକ ଓ ନୈତିକ ଦୁର୍ବଳତାଜନିତ ତ୍ରୁଟିରୁ ରକ୍ଷା ପାଇବ ।

كُتِبَ ର ଶବ୍ଦରୁ ଅଲ୍ଲାଃତାଲା ରୋଜାର ଅନିର୍ବାର୍ଯ୍ୟତା ବୋଲି ଦର୍ଶାଇଛନ୍ତି । كُتِبَ ର ଅର୍ଥ ଲେଖିବା ଅଟେ । ଅଲ୍ଲାଃତାଲା କୁହନ୍ତି, ରୋଜା ଅନିର୍ବାର୍ଯ୍ୟ ଏତେ ଆବଶ୍ୟକ ଥିଲା ଯେ, ଆମେମାନେ ଏହାକୁ ଉଲ୍ଲିଖିତ କରିଛେ ଯେ, ଏହିପରି ହେବ ହିଁ ହେବ । ଯେପରିକି ଅଲ୍ଲାଃତାଲା ଅନ୍ୟ ସ୍ଥାନରେ କୁହନ୍ତି: كَتَبَ اللّٰهُ لَاَغْلِبَنَّ اَنَا وَرُسُلِيْ ଅର୍ଥାତ୍ ଆମ୍ଭେ ଓ ଆମ୍ଭର ବାର୍ତ୍ତାବହ ଅବଶ୍ୟ ଜୟଯୁକ୍ତ ହେବୁ । ଅର୍ଥାତ୍ ଆମ୍ଭେ ଏହା ଉଲ୍ଲିଖିତ କରିଦେଇଛୁ । ସୁତରାଂ ଯେପରି ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହ ମଧ୍ୟ କୌଣସି ମତେ ପରାଜିତ ହୋଇପାରିବେ ନାହିଁ, ତେଣୁ କତବା ଶବ୍ଦରୁ ଏହାର ବାଧ୍ୟତାମୂଳକ ହେବା ଉଲ୍ଲିଖିତ କରିଦେଇଛନ୍ତି । ଠିକ୍ ସେହିପରି ରୋଜା ରଖିବା ମାନବ ଜାତି ନିମନ୍ତେ ଏତେ ଅନିର୍ବାର୍ଯ୍ୟ ଏବଂ ଗୁରୁତ୍ୱପୂର୍ଣ୍ଣ ଥିଲା ଯେ, ଅଲ୍ଲାଃତାଲା କତବା ଶବ୍ଦ ପ୍ରୟୋଗ କରି ରୋଜାକୁ ଅନିର୍ବାର୍ଯ୍ୟ ବୋଲି ଉଲ୍ଲେଖ କରିଛନ୍ତି ।

ଏହା ହେଉଛି ପବିତ୍ର କୁରଆନ୍ କରୀମ୍‌ର ମର୍ଯ୍ୟାଦି ଯେ, ଯେତେବେଳେ ପବିତ୍ର କୌଣସି ଆଦେଶ ଦେଇଥାଆନ୍ତା ସେତେବେଳେ ତାହାର ମହତ୍ତ୍ୱତା ଏବଂ ଲାଭ ଉପରେ ମଧ୍ୟ ଆଲୋକପାତ କରିଥାଏ ଏବଂ ସପ୍ରମାଣେ କଥା କହିଥାଏ । ପବିତ୍ର କୁରଆନ୍ କରୀମ୍‌ର କୌଣସି ଆଦେଶ ମଧ୍ୟ ଅବ୍ରହ୍ମଜ୍ଞାନ ଏବଂ ଯାଇତାଇ ତଥା ଯାଚ୍ଛାଦ ହୋଇ ନଥାଏ । ସୁତରାଂ ରୋଜାର ବ୍ରହ୍ମଜ୍ଞାନ ଏବଂ ଉପକାରିତା ଉପରେ ଆଲୋକପାତ କରି ଅଲ୍ଲାଃତାଲା କୁହନ୍ତି: **ଲାଅଲ୍ଲକୁମ୍ ତତ୍ତକୁନ୍** । ଅର୍ଥାତ୍ ତୁମେମାନେ ପ୍ରତ୍ୟେକ ପ୍ରକାରର ଆଧ୍ୟାତ୍ମିକ, ନୈତିକ୍ ଓ ଚାରିତ୍ରିକ ଦୁର୍ବଳତା ଜନିତ ତ୍ରୁଟିରୁ ରକ୍ଷା ପାଇ ପାରିବ । ସୁତରାଂ كُتِبَ عَلَيْكُمُ الصِّيَامُ ର ଶବ୍ଦରୁ ଓ ପୁନଶ୍ଚ لَعَلَّكُمْ تَتَّقُوْنَ ର ଶବ୍ଦ ମାଧ୍ୟମରେ ରୋଜା ରଖିବା ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି । ପୁନଶ୍ଚ ଆଗକୁ ଯାଇ ଅଲ୍ଲାଃତାଲା କୁହନ୍ତି: وَاَنْ تَصُوْمُوْا خَيْرٌ لَّكُمْ اِنْ كُنْتُمْ تَعْلَمُوْنَ

**ଅନୁବାଦ:** ଏବଂ ଯଦି ତୁମେ ଜାଣିଥାଅ ତେବେ ବୁଝିପାରିବ ଯେ, ରୋଜା ରଖିବା ତୁମମନଙ୍କ ପକ୍ଷେ ଉତ୍କୃଷ୍ଟତର ।

ଅଲ୍ଲାଃତାଲା କୁହନ୍ତି ଯେ, ଯଦି ତୁମେ ବୁଝି ନିଅନ୍ତେ କି ରୋଜା ରଖିବା ତୁମମାନଙ୍କ ପକ୍ଷେ କେତେ ଉତ୍କୃଷ୍ଟତର ଏବଂ ଲାଭଦାୟକ ଅଟେ । اِنْ كُنْتُمْ تَعْلَمُوْنَ ଶବ୍ଦ ଏହା ଦର୍ଶାଏ ଯେ, ରୋଜାର ଉପକାରିତା ଅତୀବ ମହାନ ଅଟେ ଓ ଅଲ୍ଲାଃତାଲା ଚାହାନ୍ତି ଯେ, ଲୋକମାନେ ଯଦି ରୋଜାର ମହତ୍ତ୍ୱ ଏବଂ କଲ୍ୟାଣକୁ ହୃଦ୍‌ବୋଧ କରି ରୋଜା ରଖନ୍ତି ତାହାହେଲେ ତାହା ସେମାନଙ୍କ ପକ୍ଷେ ଉତ୍ତମ ଓ ଶ୍ରେୟସ୍କର ହେବ ।

ପୁନଶ୍ଚ ଆଗକୁ ଯାଇ ଅଲ୍ଲାଃତାଲା କୁହନ୍ତି: فَمَنْ شَهِدَ مِنْكُمُ الشَّهْرَ فَلْيَصُمْهُ

**ଅନୁବାଦ:** ସୁତରାଂ ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ଏହି ମାସରେ ପୀଡ଼ିତ ବା ଯାତ୍ରା ନଥାଇ ଗୃହୟରେ ଉପସ୍ଥିତ ଥିବ ତେବେ ତା'ପାଇଁ ସେହି ମାସରେ ରୋଜା ରଖିବା ଉଚିତ୍ ।

ଏଠାରେ ମଧ୍ୟ ଅଲ୍ଲାଃତାଲା ସ୍ୱଷ୍ଟ ଶବ୍ଦରେ କହି ଦେଇଛନ୍ତି ଯେ, ଯେଉଁ ବ୍ୟକ୍ତି ସ୍ୱାସ୍ଥ୍ୟ ଏବଂ ନିରୋଗ ଅବସ୍ଥାରେ ଉକ୍ତ ମାସକୁ ପାଏ ତେବେ ତା' ପକ୍ଷେ ଏହା ଉଚିତ୍ ହେବ ଯେ, ସେ ରୋଜା ରଖୁ । ସୁତରାଂ ଅଲ୍ଲାଃତାଲା

1- كُتِبَ عَلَيْكُمُ الصِّيَامُ
2- وَاَنْ تَصُوْمُوْا خَيْرٌ لَّكُمْ اِنْ كُنْتُمْ تَعْلَمُوْنَ
3- فَمَنْ شَهِدَ مِنْكُمُ الشَّهْرَ فَلْيَصُمْهُ

ର ଶବ୍ଦ ମାଧ୍ୟମରେ କେବଳ ଥରେ ନୁହେଁ ବରଂ ବାରମ୍ବାର ରୋଜା ରଖିବା ପ୍ରତି ମୁସଲମାନମାନଙ୍କର ଧ୍ୟାନ ଆକର୍ଷଣ କରିଛନ୍ତି । ଅଲ୍ଲାଃତାଲା ଆମର ଜନ୍ମଦାତା ଏବଂ ସୃଷ୍ଟିକର୍ତ୍ତା ଅଟନ୍ତି । ସେ ହିଁ ଭଲ ଭାବରେ ଜାଣନ୍ତି ଯେ, ଆମକୁ କେଉଁ ବସ୍ତୁର ଆବଶ୍ୟକତା ରହିଛି ଏବଂ କେଉଁ ବସ୍ତୁର ଆବଶ୍ୟକତା ନାହିଁ । କାରଣ ସ୍ରଷ୍ଟା ନିଜ ସୃଷ୍ଟି ସଂକ୍ରାନ୍ତରେ ଯେଭଳି ଜ୍ଞାନ ରଖନ୍ତି ତାହା ଆଉ କେହି ରଖି ନଥାଏ। ସୁତରାଂ ଏହା ଆମର ସୃଷ୍ଟିକର୍ତ୍ତାଙ୍କ ଆଦେଶ ଅଟେ । ସେ ଆମର ମେଶନାରୀ (ଯାନ୍ତ୍ରିକ) ସୂକ୍ଷ୍ମତା ସହିତ ଅବଗତ ଅଟନ୍ତି । ସେ ଚାହାନ୍ତି ଯେ, ମୁସଲମାନମାନେ ରୋଜା ରଖନ୍ତୁ ଏବଂ ପ୍ରତ୍ୟେକ ପ୍ରକାରର ଆଧ୍ୟାତ୍ମିକ ଏବଂ ଶାରୀରୀକ ଦୁର୍ବଳତା ଜନିତ ତ୍ରୁଟି ଏବଂ ବିପତ୍ତି ଠାରୁ ସୁରକ୍ଷିତ ରୁହନ୍ତୁ । ନମାଜ ଏବଂ ରୋଜାକୁ ଅଣ ଧର୍ମାବଲମ୍ବୀମାନେ ମଧ୍ୟ ଗର୍ବ ଦୃଷ୍ଟିରେ ଦେଖି ଥାଆନ୍ତି । ତେଣୁ ଆମେମାନେ ଯଦି ନମାଜ ଓ ରୋଜାର ଉତ୍କୃଷ୍ଟତା ଏବଂ ଉପାଦେୟତାର ସ୍ୱୀକାରକାରୀ ନାହୁଁ ତେବେ ଆମ ଉପରେ ଧିକ୍କାର ଅଟେ । ବିନା କୌଣସି ଧର୍ମ ବୈଧାନିକ ବିବଶତା ବ୍ୟତୀରେକ ରୋଜା ପରିତ୍ୟାଗ କରିବା ମହାପାପ ଅଟେ । ମନୁଷ୍ୟ ଯଦି ଗୋଟିଏ ଓଷା ବି ବିନା କୌଣସି ଧର୍ମ ବୈଧାନିକ ବିବଶତା ବ୍ୟତୀରେକ ଛାଡ଼ିଦିଏ ତେବେ ସେ ଏହାର କ୍ଷତି ଭରଣା ସମଗ୍ର ଜୀବନ ପର୍ଯ୍ୟନ୍ତ କରିପାରିବ ନାହିଁ । ରସୁଲୁଲ୍ଲାଃ ସ.ଅ କୁହନ୍ତି:

"مَنْ اَفْطَرَ يَوْمًا مِنْ شَهْرِ رَمَضَانَ مِنْ غَيْرِ رُخْصَةٍ وَلَا مَرَضٍ فَلَا يَقْضِيْهِ صِيَامُ الدَّهْرِ كُلِّهِ وَلَوْ صَامَ الدَّهْرَ"

**ଅନୁବାଦ:** ଅର୍ଥାତ୍ ଯେଉଁ ବ୍ୟକ୍ତି ବିନା କୌଣସି କାରଣରେ ରମ୍‌ଜାନ ମାସର ଗୋଟିଏ ରୋଜା ପରିତ୍ୟାଗ କରିଦିଏ ତେବେ ସେହି ବ୍ୟକ୍ତି ପରେ ଯଦି ଜୀବନ ସାରା ସେହି ରୋଜା ବଦଳରେ ରୋଜା ରଖେ ତେବେ ମଧ୍ୟ ଏହାର ପ୍ରତ୍ୟୁପକାର ସମ୍ପାଦନ ବା ପୈଠ କରିପାରିବ ନାହିଁ । ସେହି ତ୍ରୁଟିର କ୍ଷତି ଭରଣା ହୋଇ ପାରିବ ନାହିଁ ।

ଅଲ୍ଲାଃତାଲାଙ୍କ ଆଦେଶାବଳୀର ଆଜ୍ଞାପାଳନରେ କେବଳ କିଛି ଘଣ୍ଟା ଖାଦ୍ୟ ପେୟ ସେବନ ନକରିବା ଏବଂ ଏହି କଷ୍ଟ ସହ୍ୟ କରିବା କୌଣସି ବଡ଼ କଥା ନୁହେଁ। ବରଂ ଅଲ୍ଲାଃତାଲାଙ୍କ ଅବଜ୍ଞା କରିବାରେ ପେଟକୁ ଯାଉଥିବା ଖାଦ୍ୟପଦାର୍ଥ ଏବଂ ଜଳ କିଛି ଫଳପ୍ରଦ ସାବ୍ୟସ୍ତ ହୋଇପାରିବ ନାହିଁ । ଏହିପରି ବ୍ୟକ୍ତିର ସାଧାରଣ ଦିନ ପରି ଖାଦ୍ୟ ଖାଇବା ମଧ୍ୟ ଅଲ୍ଲାଃତାଲାଙ୍କର ଅବଜ୍ଞାକାରୀ ରୂପେ ବିବେଚିତ ହେବ । କାରଣ ଯେଉଁ ବ୍ୟକ୍ତି ଗୋଟିଏ ମାସ ଅବଜ୍ଞା ପ୍ରଦର୍ଶନ କଲା ସେ ଅନ୍ୟ ଦିନମାନଙ୍କରେ ମଧ୍ୟ ଅବଜ୍ଞାକାରୀ ବୋଲି ବିବେଚିତ ହେବ । ସେହିପରି ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ଆଜ୍ଞାବହତ୍ୱରେ ରୋଜା ରଖିଥାଏ, ତେବେ ସେହି ବ୍ୟକ୍ତିର ସଂପୂର୍ଣ୍ଣ ବର୍ଷ ଖାଦ୍ୟ ପେୟ ଅଲ୍ଲାଃତାଲାଙ୍କ ଆଜ୍ଞାବହତ୍ୱ ଏବଂ **(ଅବଶିଷ୍ଟାଂଶ..ପୃ-16ରେ)**

ତକରିର୍ ଜଲସା ସାଲାନା କାଦିଆନ୍ 2023 ମସିହା

## ସୟେଦିନା ହ. ମସିହ୍ ମଉଦ୍ ଅ.ସଙ୍କ ମର୍ଯ୍ୟାଦା ପବିତ୍ର କୁରଆନ୍ କରୀମ୍ ପ୍ରକାଶରେ ।

(ସମ୍ମାନନୀୟ ହାଫିଜ୍ ମଖଦୁମ୍ ଶରୀଫ୍ ସାହେବ, କାଏମ୍ ମକାମ୍ (ସ୍ଥାନାପନ୍ନ) ଅତିରିକ୍ତ ନାଜିରେ ଆଲା ଜୁନୁବୀ ହିନ୍ଦ୍)

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ۔

اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔

وَقَالَ الرَّسُوْلُ يٰرَبِّ اِنَّ قَوْمِى اتَّخَذُوْا هٰذَا الْقُرْاٰنَ مَهْجُوْرًا **(ଅଲ୍ ଫୁର୍କାନ୍: 31)**

ଅନୁବାଦ: "ଏବଂ ରସୁଲ୍ କହିବ ହେ ଆମର ପାଳନକର୍ତ୍ତା ! ଆମ୍ଭ ସଂପ୍ରଦାୟ ତ' ଉକ୍ତ କୁରଆନ୍‌କୁ ସଂପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଦେଇଅଛି ।"

مسلمانوں پہ تب ادبار آیا
کہ جب تعلیم قرآن کو بھلا دیا

**(ଦୁର୍ରେ ସମିନ୍)**

ବିନୀତର ଭାଷଣର ବିଷୟ ବସ୍ତୁ ହେଉଛି **"ସରିତ୍ ହ. ମସିହ୍ ମଉଦ୍ ଅ.ସଙ୍କ ମର୍ଯ୍ୟାଦା ପବିତ୍ର କୁରଆନ୍ କରୀମ୍‌ର ପ୍ରକାଶରେ"** ।

ସମ୍ମାନିତ ଶ୍ରୋତାଗଣ ! ସୟେଦିନା ହ. ମୁହମ୍ମଦ୍ ମୁସ୍ତଫା ସ.ଅ ଶେଷ ଯୁଗରେ ପ୍ରତିଶୃତ ମସିହ୍ ଓ ଅଙ୍ଗୀକୃତ ମେହଦୀ ଅ.ସଙ୍କ ଆଗମନର ସୂଚନା ପ୍ରଦାନ କରିଥିଲେ । ମସିହ୍ ଅ.ସଙ୍କ ଆବିର୍ଭୂତ ହେବାର ସବୁଠୁ ପ୍ରମୁଖ ଉଦ୍ଦେଶ୍ୟ ହେଉଛି ପବିତ୍ର କୁରଆନ୍ କରୀମ୍‌ର ମାହାତ୍ମ୍ୟ ଓ ଶ୍ରେଷ୍ଠତା, ପୂର୍ଣ୍ଣତ୍ୱତା ଏବଂ ତାହାର ମର୍ଯ୍ୟାଦା ତଥା ସତ୍ୟତା ପରିପ୍ରକାଶ ଥିଲା । ସୁତରାଂ ଯେତେବେଳେ ସୁରତୁଲ୍ ଜୁମାର ଆୟତ୍ وَّاٰخَرِيْنَ مِنْهُمْ لَمَّا يَلْحَقُوْا بِهِمْ ଅବତୀର୍ଣ୍ଣ ହେଲା ସେତେବେଳେ ସାହାବାମାନେ କହିଲେ, ହେ ଅଲ୍ଲାଙ୍କ ବାର୍ତ୍ତାବହ ! ଏହି ଲୋକମାନେ କିଏ ହେବେ ଯେଉଁମାନଙ୍କୁ ଆପଣ ସ.ଅ ପୁନଃ ଆୟତ୍ ପାଠ କରି ଶୁଣାଇବେ, ସେମାନଙ୍କୁ ପବିତ୍ର କରିବେ ଏବଂ ଗ୍ରନ୍ଥର ତତ୍ତ୍ୱ ଶିକ୍ଷା ପ୍ରଦାନ କରିବେ । ତେବେ ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କିହଲେ, ଯେତେବେଳେ ବିଶ୍ୱାସ ସୁରଇୟାହ୍ (କୃତିକା) ତାରକାକୁ ଉଠିଯିବ ସେତେବେଳେ ଫାର୍ସି ଜାତିରୁ ଜଣେ ବ୍ୟକ୍ତି ସେହି ବିଶ୍ୱାସକୁ ପୁନଃ ଭୂପୃଷ୍ଠରେ ଆଣି ସ୍ଥାପିତ କରିଦେବ । କେତେକ ବର୍ଣ୍ଣନାରେ ଜ୍ଞାନ କିମ୍ବା ପବିତ୍ର କୁରଆନ୍ ପରିତ୍ୟକ୍ତ ହେବାର ଚର୍ଚ୍ଚା ମଧ୍ୟ ରହିଛି । ସେହି ପବିତ୍ର କୁରଆନ୍ କରୀମ୍‌ର ମର୍ଯ୍ୟାଦା ଏବଂ ଶ୍ରେଷ୍ଠତ୍ୱତାକୁ ମସିହ୍ ମଉଦ୍ ଅ.ସ ପୁନଃ ଲୋକମାନଙ୍କର ହୃଦୟରେ ଆସନ୍ନିତ କରିବାର ଆବଶ୍ୟକତା ଥିଲା ।

ସମ୍ମାନିତ ଶ୍ରୋତାଗଣ ! ବିଶ୍ୱାସ ନିଶ୍ଚିହ୍ନ ହେବା ଏବଂ ପରିତ୍ୟକ୍ତ ପବିତ୍ର କୁରଆନ୍ କରୀମର ମର୍ଯ୍ୟାଦାକୁ ପୁନଃ ସ୍ଥାପନ କରିବା ନିମନ୍ତେ ଅଲ୍ଲାଃତାଲା କାଦିଆନ୍‌ର ସେହି ଅଜ୍ଞାତ ବସ୍ତିରେ ହ. ମିର୍ଜା ଗୁଲାମ୍ ଅହେମଦ କାଦିଆନୀ ମସିହ୍ ମଉଦ୍ ଅ.ସଙ୍କୁ ପ୍ରେରଣ କଲେ । ଆପଣ ଅ.ସ ଏହି ଘୋଷଣା କଲେ ଯେ, ଅଲ୍ଲାଃତାଲା ନିଜର ପ୍ରତିଶୃତି ଅନୁଯାୟୀ, اِنَّا نَحْنُ نَزَّلْنَا الذِّكْرَ وَاِنَّا لَهٗ لَحٰفِظُوْنَ **(ଅଲ୍ ହଜର୍: 10)**
**ଅନୁବାଦ:** ଅର୍ଥାତ୍ ବାସ୍ତବରେ ଆମ୍ଭେ ହିଁ ଏକ ଉପଦେଶ ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍‌କୁ ଅବତୀର୍ଣ୍ଣ କରିଅଛୁ ଏବଂ ଆମ୍ଭେ ହିଁ ନିଶ୍ଚୟ ଏହାର ସଂରକ୍ଷଣ କରିବୁ ।

**(ମଲ୍‌ଫୁଜାତ୍, ଭାଗ-1, ପୃ-433)**

اِک بڑی مدت سے دیں کو کفر تھا کھا رہا
اب یقیں سمجھو کہ آئے کفر کو کھانے کے دن

ସମ୍ମାନିତ ଶ୍ରୋତାଗଣ ! ଯୁଗର ଦୁର୍ଦ୍ଦଶାବସ୍ଥାର ନକ୍ସା ଅଙ୍କ କରି ଆପଣ ଅ.ସ କୁହନ୍ତି: "ବାସ୍ତବରେ ଉକ୍ତ ଯୁଗ ଏପରି ଯୁଗ ଅଟେ ଯାହାକି ସ୍ୱତଃସ୍ତୃତଃ ଏହା ଆଶା କରୁଛି ଯେ, ପବିତ୍ର କୁରଆନ୍ କରୀମ୍ ମଧ୍ୟରେ ଯେଉଁ ତତ୍ତ୍ୱଜ୍ଞାନ ଲୁକ୍କାୟିତ ହୋଇ ଆସୁଛି ସେହି ଲୁକ୍କାୟିତ ବ୍ରହ୍ମଜ୍ଞାନ ଏବଂ ତତ୍ତ୍ୱମୂଳକ ସମସ୍ତ ଗୂଢ଼ ରହସ୍ୟକୁ ପରିପ୍ରକାଶିତ ଏବଂ ଉଦଘାଟିତ କରିଦେଉ..... ଅତଏବ୍ ନିଃସନ୍ଦେହ ରୂପେ ଜାଣ ଯେ, ସେହି ଦ୍ୱାରଟି ଉନ୍ମୁକ୍ତ କରାଯାଇଅଛି ଏବଂ ଅଲ୍ଲାଃତାଲା ଏହି ଇଚ୍ଛା ପ୍ରକାଶ କରିଛନ୍ତି ଯେ, ପବିତ୍ର କୁରଆନ୍ କରୀମର୍ ଗୁପ୍ତ ବୈଚିତ୍ର୍ୟତା ଏହି ସଂସାରର ଅହଂକାରୀ ଦାର୍ଶନିକମାନଙ୍କ ସମ୍ମୁଖରେ ପ୍ରକାଶିତ କରୁ । ବର୍ତ୍ତମାନ ଅର୍ଦ୍ଧ ମୁଲ୍ଲା (ଅଳ୍ପ ବିଦ୍ୟାର ଅଧିକାରୀ) ଇସଲାମ୍ ଧର୍ମର ଶତ୍ରୁ ଏହି ଅଭିଳାଷାକୁ ସମ୍ଭାଳି ପାରିବେ ନାହିଁ । ସେମାନେ ଯଦି ନିଜର କୁକୃତ୍ୟରୁ ଅଟକିବେ (ବରିତ ଓ କ୍ଷାନ୍ତ ହେବେ) ନାହିଁ ତାହାହେଲେ ସେମାନଙ୍କର ବିନାଶ ଅବଶ୍ୟାମ୍ଭୀ ଏବଂ ପ୍ରଭୁଙ୍କ ପ୍ରକୋପର ଚାପୁଡ଼ା ଏପରି ସେମାନଙ୍କ ଗାଲରେ ବାଜିବ ଯେ, ସେମାନେ ଧୂଳିସାତ୍ ହୋଇଯିବେ । ସେହି ଅବୋଧ ଏବଂ ଅବୁଝାମାନଙ୍କୁ ସଂପ୍ରତିକ ଅବସ୍ଥା ଉପରେ ଆଦୌ ନଜର ନାହିଁ । ସେମାନେ ଏହା ଚାହାନ୍ତି ଯେ, ପବିତ୍ର କୁରଆନ୍ କରୀମ୍, ଦୁର୍ବଳ, ଶକ୍ତିହୀନ, ତୁଚ୍ଛ ପରି ଦୃଶ୍ୟମାନ ହେଉ । କିନ୍ତୁ ସେମାନେ ବର୍ତ୍ତମାନ ଯୁଦ୍ଧରେ ବାହାରୁଥିବା ସାହାସୀ ବୀରଙ୍କ ପରି ବାହାରିଛନ୍ତି । ହଁ ସେହି ପ୍ରତିଶୃତ ମସିହ୍ ଜଣେ ସିଂହ ପରି ଯୁଦ୍ଧଭୂମିରେ ଅବତୀର୍ଣ୍ଣ ହେବ ଏବଂ ସଂସାରର ସମସ୍ତ ଦାର୍ଶନିକମାନଙ୍କୁ ଗ୍ରାସ କରି ନିଜେ ଜୟଯୁକ୍ତ ହେବ ଓ لِيُظْهِرَهٗ عَلَى الدِّيْنِ كُلِّهٖ ର ଭବିଷ୍ୟତବାଣୀକୁ ସଂପୂର୍ଣ୍ଣ କରିଦେବ ଏବଂ وَلَيُمَكِّنَنَّ لَهُمْ دِيْنَهُمُ କୁ ଆଧାତ୍ମିକ ରୂପେ ଚୂଡ଼ାନ୍ତ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇଦେବ.......ବର୍ତ୍ତମାନ ସେହି ଇବ୍‌ନେ ମରିୟମ୍ ଯାହାର ଆଧାତ୍ମିକ ପିତା ଭୂପୃଷ୍ଠରେ ପ୍ରକୃତ ଶିକ୍ଷକ ବ୍ୟତତୀ ଅନ୍ୟ କେହି ବି ନାହିଁ ଯେ, ସେ ଏହି କାରଣରୁ ଆଦମ୍ ଅ.ସଙ୍କ ସହିତ ସାମଞ୍ଜସ୍ୟତା ରଖିଥାଆନ୍ତି । ସେହି ପ୍ରତିଶୃତ ମସିହ୍ ଅନେକ ନିଧି ପବିତ୍ର କୁରଆନ୍ କରୀମ୍ ଲୋକମାନଙ୍କ ମଧ୍ୟରେ ବାଣ୍ଟିବ । ଏପର୍ଯ୍ୟନ୍ତକି ଲୋକମାନେ ଏହାକୁ ସ୍ୱୀକାର ଅର୍ଥାତ୍ ଗ୍ରହଣ କରି କରି ଥକିଯିବେ ଏବଂ ସେମାନେ لَا يَقْبَلُهُ اَحَدٌ ର ଚରିତାର୍ଥ ହୋଇଯିବେ ଓ ପ୍ରତ୍ୟେକ ସ୍ୱଭାବ ନିଜର ପାତ୍ର ଅର୍ଥାତ୍ ସାମର୍ଥ୍ୟାନୁଯାୟୀ ପୂର୍ଣ୍ଣ ହୋଇଯିବ ।"

**(ଇଜାଲା ଔହାମ୍, ରୁହାନୀ ଖଜାଏନ୍, ଭାଗ-3, ପୃ-464-467)**

نورِ فرقاں ہے جو سے نور سے اجلی نکلا
پاک وہ جس سے یہ انوار کا دریا نکلا

ସମ୍ମାନିତ ଶ୍ରୋତାଗଣ ! ପୁଣ୍ୟଶ୍ଳୋକ ସୟେଦିନା ହ. ମସିହ୍ ମଉଦ୍ ଅ.ସଙ୍କ ଉକ୍ତ ଆଲେଖ୍ୟରୁ ସ୍ପଷ୍ଟ ହେଉଛି ଯେ, ଶେଷ ଯୁଗରେ ମସିହ୍ ମଉଦ୍ ଅ.ସଙ୍କ ମାଧ୍ୟମରେ ପବିତ୍ର କୁରଆନ୍ କରୀମ୍‌ର ମର୍ଯ୍ୟାଦା ଦ୍ୱିବିଧ ରୂପେ ପ୍ରକାଶିତ ହେବ । **ପ୍ରଥମତଃ-** لِيُظْهِرَهٗ عَلَى الدِّيْنِ كُلِّهٖ ଅନୁଯାୟୀ ପ୍ରକାଶ୍ୟ ରୂପେ ସମସ୍ତ ଧର୍ମ ଉପରେ ପବିତ୍ର କୁରଆନ୍ କରୀମ୍‌ର ସତ୍ୟତା ଏବଂ ଗୂଢ଼ ରହସ୍ୟ, ଜ୍ଞାନ ତଥା ପରିଚୟର ନିଧି ପ୍ରକାଶିତ କରି ସମସ୍ତ ଧର୍ମ ଉପରେ ପବିତ୍ର କୁରଆନ୍ କରୀମ୍‌ର ସତ୍ୟତା, ଶ୍ରେଷ୍ଠତା ଏବଂ ମର୍ଯ୍ୟାଦା ଜନିତ ମହତ୍ତ୍ୱକୁ ପ୍ରତିପାଦିତ କରାଯିବ ଏବଂ ଇସଲାମ୍ ଧର୍ମକୁ ବିଜୟ ପ୍ରଦାନ କରାଯିବ ଏବଂ ଅନ୍ୟ ପକ୍ଷେ ଆଭ୍ୟନ୍ତରୀଣ ରୂପେ وَلَيُمَكِّنَنَّ لَهُمْ دِيْنَهُمُ ଅନୁଯାୟୀ ମୁହମ୍ମଦୀୟ ସଂପ୍ରଦାୟରେ ଅଲ୍ଲାଃତାଲା ଏବଂ ଇସ୍‌ଲାମ୍ ଧର୍ମର ମୌଳିକ ଆସ୍ଥା ଏବଂ ବିଶ୍ୱାସ ସୃଷ୍ଟି ହେବାକୁ ଥିବା ସଂଶୟ ଓ ସନ୍ଦେହକୁ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ମାଧ୍ୟମରେ ଦୂରୀଭୂତ କରି କୁସଂସ୍କାର ଜନିତ ଆସ୍ଥା ଏବଂ ନୂତନ ଆହୃତ ରୀତିର ମୂଳୋତ୍ପାଟନ କରି ପବିତ୍ର କୁରଆନ୍ କରୀମ୍‌ର ମର୍ଯ୍ୟାଦାକୁ ସ୍ଥାପନ କରାଯିବ ଓ ଇସ୍‌ଲାମ୍ ଧର୍ମକୁ ଦୃଢ଼ତ୍ୱ ପ୍ରଦାନ କରାଯିବ ।

ସମ୍ମାନିତ ଶ୍ରୋତମଣ୍ଡଳୀ ! ପବିତ୍ର କୁରଆନ୍ କରୀମ୍‌ର ମର୍ଯ୍ୟାଦା ଏବଂ ସତ୍ୟତାକୁ ସମସ୍ତ ଧର୍ମ ଉପରେ ପରିପ୍ରକାଶିତ କରିବା ନିମନ୍ତେ ଅଲ୍ଲାଃତାଲା ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ ଅ.ସଙ୍କୁ ନିଜ ତରଫରୁ ପବିତ୍ର କୁରଆନ୍ କରୀମ୍‌ର ବିଶେଷ ଜ୍ଞାନ ଏବଂ ବୋଧ ପ୍ରଦାନ କଲେ ଏବଂ ଆପଣ ଅ.ସଙ୍କର ଅଲ୍ଲାଃତାଲା ସଂସ୍କାର କରିଥିଲେ ।

ପୁଣ୍ୟଶ୍ଳୋକ ସୟେଦିନା ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୁଁ ସେହି ସତ୍ତାଙ୍କର ଶପଥ କରି କହୁଛି ଯାହାଙ୍କ ହସ୍ତରେ ମୋର ପ୍ରାଣବାୟୁ ରହିଛି ! ସେହି ଈଶ୍ୱର ମୋ ଉପରେ ନିଜର କୃପା ଦୃଷ୍ଟି ପକାଇଲେ ଏବଂ ମୋତେ ସ୍ୱୀକାର କଲେ, ମୋ ଉପରେ ଉପକାର କଲେ, ମୋର ସଂସ୍କାର କଲେ, ସେ ନିଜ ପକ୍ଷରୁ ମୋତେ ବୌଦ୍ଧିକତା ପ୍ରଦାନ କଲେ ଯାହାକି ସତ୍‌ବୁଦ୍ଧି ଥିଲା ଏବଂ ଏଭଳି ସଦ୍‌ବୁଦ୍ଧି ଯାହାକି କୁଟୀଳ ନୁହେଁ ଏବଂ କେତେ ଆଲୋକ ରହିଛି ଯାହାକି ସେ ମୋ ମନରେ ସୃଷ୍ଟି କଲେ ଏବଂ ମୋତେ ପବିତ୍ର କୁରଆନ୍ କରୀମ୍‌ର ପରିଚୟ ପ୍ରଦାନ କଲେ । ଯାହାକି ମୋ ବ୍ୟତୀତ ଅନ୍ୟ କାହାରିକୁ ପ୍ରଦାନ କରାଯାଇ ନାହିଁ ଏବଂ ତହିଁରୁ ମୁଁ ତାହା ପ୍ରାପ୍ତ କଲି ଯାହା ମୋର ବିରୋଧୀମାନେ ସତତଚେଷ୍ଟା ସତ୍ତ୍ୱେ ମଧ୍ୟ ପ୍ରାପ୍ତ କରିପାରିଲେ ନାହିଁ । ମୁଁ ପବିତ୍ର କୁରଆନ୍ କରୀମ୍‌କୁ ବୁଝିବାରେ ସେହି ଶୀର୍ଷ ସ୍ତର ପର୍ଯ୍ୟନ୍ତ ପହଞ୍ଚିଗଲି ସେପର୍ଯ୍ୟନ୍ତ ଅନେକ ଲୋକମାନଙ୍କର ବୁଦ୍ଧି ପହଞ୍ଚିବାକୁ ଅକ୍ଷମ ତଥା ବଞ୍ଚିତ ଅଟେ ।" **(ହମାମତୁଲ୍ ବୁଶ୍ରା, ରୁହାନୀ ଖଜାଏନ୍ ଭାଗ-7, ପୃ-284)**

ସେହିପରି ଆପଣ ଅ.ସ କୁହନ୍ତି: ଏହା ତ' କେବଳ ଅଲ୍ଲାଃତାଲାଙ୍କର କୃପା ଅଟେ ଏବଂ ଏହା ତାହାଙ୍କ ଦ୍ୱାରା ପ୍ରଦତ୍ତ କରୁଣା ଅଟେ । କାରଣ ସେ ଏହା ଚାହୁଁଛନ୍ତି ଯେ, ମୋ ପରି ଜଣେ ବିନୀତ ଓ ଅଧମ ବ୍ୟକ୍ତିର ହସ୍ତ ଦ୍ୱାରା ତାହାଙ୍କ ଧର୍ମର ଯଶ ବୃଦ୍ଧି ପାଉ । ଏକଦା ମୁଁ ସେହି ଆପତ୍ତି ଏବଂ ଆକ୍ରମଣକୁ ଗଣିଥିଲି ଯାହାକି ଇସ୍‌ଲାମ୍ ଧର୍ମ ଉପରେ ବିରୋଧୀମାନେ କରିଛନ୍ତି ତେବେ ସେହି ଆକ୍ରମଣ ଏବଂ ଆପତ୍ତିର ସଂଖ୍ୟା ହାରାହାରି 3000 ହୋଇଥିଲା । ମୁଁ ଭାବୁଛି ଯେ, ବର୍ତ୍ତମାନ ତ' ଆହୁରି ସଂଖ୍ୟା ବୃଦ୍ଧି ପାଇଥିବ । କେହି ଏହା ନ ମନେକରିନେଉ ଯେ, ଇସ୍‌ଲାମ୍ ଧର୍ମର ମୂଳଦୁଆ ଏପରି ଦୁର୍ବଳ ପ୍ରସଙ୍ଗ ଉପରେ ତିଷ୍ଠି ରହିଛି ଯେ, ଏହା ଉପରେ 3000 ଆପତ୍ତି ହୋଇପାରିବ । ନା ଏପରି କଦାପି ନୁହେଁ । ଆହି ଆପତ୍ତିଗୁଡ଼ିକ ତ' ଏପରି ଅଟନ୍ତି ଯେ, ତାହା ଅଦୂରଦର୍ଶିତା ବା ମୂର୍ଖମାନଙ୍କ ଦୃଷ୍ଟିରେ ଆପତ୍ତି ଅଟନ୍ତି । କିନ୍ତୁ ମୁଁ ତୁମକୁ ସତ ସତ କହୁଛି କି ମୁଁ ସେହି ଆପତ୍ତିଗୁଡ଼ିକୁ ଯେଉଁଠି ଗଣିଛି ସେଠାରେ ଏହା ମଧ୍ୟ ବିଚାର କରିଛି ଯେ, ସେହି ଆପତ୍ତିର ମୂଳରେ ପ୍ରକୃତରେ ଅସଂଖ୍ୟ ଅଭୂତ ସତ୍ୟତା ବିଦ୍ୟମାନ ରହିଛି ଯାହାକି ଅଣଦେଖା କରିବା ହେତୁ ଆପତ୍ତିକର୍ତ୍ତାଙ୍କୁ ଦେଖାଦଉ (ଜଣାପଡୁ) ନାହିଁ । ବାସ୍ତବରେ ଏହା ଈଶ୍ୱରଙ୍କର ତତ୍ତ୍ୱଦର୍ଶିତା ଅଟେ ଯେ, ଯେଉଁଠି ଅନ୍ଧ ଆପତ୍ତିକର୍ତ୍ତା ଆସି ଅଟକି ଯାଇଛି । ସେହିଠାରେ ସତ୍ୟତା ଏବଂ ପରିଚୟର ଗୂଢ଼ ନିଧି ଗୁପ୍ତ ରଖାଯାଇଛି ଏବଂ ଅଲ୍ଲାଃତାଲା ମୋତେ ପ୍ରେରଣ କରିଛନ୍ତି ଯେ, ମୁଁ ସେହି ପୋତି ହୋଇଥିବା ନିଧିକୁ ସଂସାରାବାସୀଙ୍କ ଆଗରେ ପରିପ୍ରକାଶିତ କରିଦେବି ଏବଂ ଅପବିତ୍ର ଆପତ୍ତିଗୁଡ଼ିକର କାଦୁଅ ଯାହାକି ଉଜ୍ଜ୍ୱଳ ମାଣିକ୍ୟ ଉପରେ ଲେପନ କରିଦିଆଯାଇଛି । (ଅର୍ଥାତ ପବିତ୍ର କୁରଆନ୍

କରୀମ୍ ଉପରେ) ସେହି କାଦୁଅରୁ ସେମାନଙ୍କୁ ପରିଷ୍କାର ଓ ପବିତ୍ର କରିଦେବି। ଅଲ୍ଲାଃତାଲାଙ୍କର ସ୍ୱାଭିମାନ ସେତେବେଳେ ଅତ୍ୟନ୍ତ ଉତ୍ସାହରେ ଏବଂ ଚରମ ସୀମାରେ ରହିଛି ଯେ, ପବିତ୍ର କୁରଆନ୍ କରୀମ୍ର ସମ୍ମାନ ତଥା ପ୍ରତିଷ୍ଠାକୁ ପ୍ରତ୍ୟେକ ପିଶାଚ ପ୍ରବୃତ୍ତି ଶତ୍ରୁର ଆପତ୍ତିର କଳଙ୍କ ଏବଂ ତ୍ରୁଟିରୁ ପବିତ୍ର ଏବଂ ପରିଷ୍କାର କରୁ।

**(ମଲ୍‌ଫୁଜାତ୍, ଭାଗ-1, ପୃ-38)**

وہ خزائن جو ہزاروں سال سے مدفون تھے
اب میں دیتا ہوں اگر کوئی ملے امیدوار

ଆପଣ ଅ.ସ କୁହନ୍ତି: ଅଲ୍ଲାଃତାଲା ମୋରି ହସ୍ତରୁ ଓ ମୋରି ମାଧ୍ୟମରେ ଇସ୍‌ଲାମ୍ ଧର୍ମର ସତ୍ୟତା ଏବଂ ସମସ୍ତ ବିରୋଧୀ ଧର୍ମର ଅସତ୍ୟ ହେବା ପ୍ରମାଣିତ କରି ଦେଖାଇଦେବେ...... ମୋ ହସ୍ତରୁ ଆକାଶୀୟ ନିଦର୍ଶନ ପ୍ରକାଶିତ ହେଉଅଛି ଏବଂ ମୋର କଲମ ଦ୍ୱାରା ପବିତ୍ର କୁରଆନୀୟ ସତ୍ୟତା ଏବଂ ବ୍ରହ୍ମଜ୍ଞାନ, ପରିଚୟ ତଥା ତତ୍ତ୍ୱ ଦୀପ୍ତିମନ୍ତ ହେଉଅଛି ।

**(ତ୍ରିୟାକୁଲ୍ କୁଲୁବ୍, ରୁହାନୀ ଖଜାଏନ୍, ଭାଗ-15, ପୃ-265-268)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଅଲ୍ଲାଃତାଲା ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ସୁଲତାନୁଲ୍ କଲମ୍ (ଲେଖନୀ ସମ୍ରାଟ୍) ଏବଂ ଆପଣ ଅ.ସଙ୍କ କଲମକୁ ଜୁଲଫିକାର୍ (ହ. ଅଲୀ ର.ଅଙ୍କ ଖଡ଼୍‌ଗ, ଆଁହଜରତ ସ.ଅ ହ. ଅଲୀ ର.ଅଙ୍କୁ ବଦର୍ ଯୁଦ୍ଧ ଦିନ ପ୍ରଦାନ କରିଥିଲେ) ସମ୍ବୋଧିତ କରି ସମ୍ମାନିତ କରିଛନ୍ତି । ଆପଣ ଅ.ସ 90ଟି ପୁସ୍ତକ ରଚନା କରିଥିଲେ ଯାହାକି ରୁହାନୀ ଖଜାଏନ୍ ନାମରେ ସେଟ୍ ଆକାରରେ ଉପଲବ୍ଧ ରହିଛି । ଆପଣ ଅ.ସଙ୍କ ଦ୍ୱାରା 300 ବିଜ୍ଞାପନ ତିନୋଟି ଭାଗରେ ପ୍ରକାଶିତ ହୋଇଅଛି । ମଲ୍‌ଫୁଜାତର 10ଟି ଭାଗ ରହିଛି । ଜ୍ଞାନ ଓ ପରିଚୟ ସମ୍ବଳିତ 700 ମକ୍ତୁବାତ୍ (ଲିଖିତ ପତ୍ର) 5ଟି ଖଣ୍ଡରେ ପ୍ରକାଶିତ ହୋଇଯାଇଛି। ଉର୍ଦ୍ଦୁ କବିତାବଳୀ, ଫାର୍ସି କବିତାବଳୀ, ଆରବୀ କବିତାବଳୀ ଏବଂ ଆପଣ ଦ୍ୱାରା ବର୍ଣ୍ଣିତ ହୋଇଥିବା ତଫସିରୁଲ୍ କୁରଆନ୍ ପୃଥକ୍ ପୃଥକ୍ ଭାବରେ ପ୍ରକାଶିତ ହୋଇଛି । ଆପଣ ଅ.ସ ନିଜର ସେହି ଲେଖନୀ ମଧ୍ୟରେ, ଗଦ୍ୟ ଓ ପଦ୍ୟରେ ପବିତ୍ର କୁରଆନ୍ କରୀମ୍ର ସର୍ବୋଚ୍ଚ ଏବଂ ଶୀର୍ଷ ମର୍ଯ୍ୟାଦା ଏବଂ ତାହାର ଅତ୍ୟନ୍ତ ବଳିଷ୍ଠ ମର୍ଯ୍ୟାଦାକୁ ସଂସାର ସମ୍ମୁଖରେ ପ୍ରକାଶିତ କରିଛନ୍ତି । ଏହାର ସୁନ୍ଦର ଏବଂ ଅନନ୍ୟ ଦୃଷ୍ଟାନ୍ତ ସହିତ ଅବଗତ କରାଇ ଏକ ଜଗତକୁ ଆସକ୍ତ ଏବଂ ଆକର୍ଷିତ କରିଦେଇଛନ୍ତି ଏବଂ ପବିତ୍ର କୁରଆନ୍ କରୀମ୍ର ଅସଂଖ୍ୟ ସତ୍ୟତା, ଗୂଢ଼ ରହସ୍ୟ, ଜ୍ଞାନ ଏବଂ ପରିଚୟରୁ ପରଦା ହଟାଇ ପବିତ୍ର କୁରଆନ୍ କରୀମ୍ର ମାର୍ଗଦର୍ଶନର ଆଲୋକ ଏବଂ ଉପକାରକୁ ସଂସାରବାସୀଙ୍କ ପାଇଁ ସାଧାରଣ କରିଦେଲେ ଏବଂ ସର୍ବାଧିକ ଆପଣ ଅ.ସ ଓ ବରାହିନେ ଅହେମଦିୟା ଅନୁଯାୟୀ ସାବ୍ୟସ୍ତ କରିଛନ୍ତି ଯେ, ଭୂପୃଷ୍ଠ ଉପରେ ପବିତ୍ର କୁରଆନ୍ କରୀମ ହିଁ ସେହି ଆନ୍ତର୍ଜାତିକ ଧର୍ମବିଧାନ ବୋଲାଇବାର ଅଧିକାର ହେବ । ଯାହାର କଲ୍ୟାଣ ସର୍ବକାଳୀନ ଅଟେ, ଏହା ପ୍ରତ୍ୟେକ ଯୁଗ ଏବଂ ତା'ର ଆବଶ୍ୟକତାକୁ ପୂରଣକାରୀ ଗ୍ରନ୍ଥ ଅଟେ ।

ସମ୍ମାନିତ ଶ୍ରୋତାମଣ୍ଡଳ ! ବିନୀତ ବର୍ତ୍ତମାନ ସମୟକୁ ଦୃଷ୍ଟିରେ ରଖି ଆପଣ ଅ.ସଙ୍କର ମହାନ ଏବଂ ବଳିଷ୍ଠ ପୁସ୍ତକ ମଧ୍ୟରୁ କେବଳ କେତୋଟି ଘଟଣାର ଚର୍ଚ୍ଚା କରିଦେବାକୁ ଚାହୁଁଛି ।

ହ. ମସିହ୍ ମଉଦ୍ ଅ.ସଙ୍କୁ ପ୍ରାରମ୍ଭିକ କୈଶୋରାବସ୍ଥାରେ ତନ୍ଦ୍ରାବସ୍ଥା ମାଧ୍ୟମରେ ଏହା ସୂଚନା ପ୍ରଦାନ କରାଗଲା ଯେ, କୁତ୍‌ବି ନାମକ ଏକ ପୁସ୍ତକ ଲେଖିବା ଆପଣଙ୍କ ପାଇଁ ନିୟତିକୃତ ହୋଇଛି ଏବଂ କୁତବି ଶବ୍ଦରେ ଏହି ତତ୍ତ୍ୱ ରହିଛି ଯେ, ଏହା ନିଜର ବଳିଷ୍ଠ ପ୍ରମାଣ ଏବଂ ବଳିଷ୍ଠ ଅବିଚଳିତ ପ୍ରାମାଣ୍ୟ ଯୋଗୁଁ ଧ୍ରୁବୀୟ ତାରକା ପରି ଦିଗ୍‌ବଳୟରେ ଉଦିତ ହେବ । ପୁନଶ୍ଚ ସମଗ୍ର ସଂସାରବାସୀଙ୍କୁ ସତ୍ୟ ଧର୍ମ ଆଡ଼କୁ ମାର୍ଗଦର୍ଶନ କରିବାର କାରଣ ସାଜିବ । ହୁଜୁର ଅ.ସଙ୍କର ଏହି ସ୍ୱପ୍ନ ବରାହିନେ ଅହେମଦିୟାର ପ୍ରକାଶନ ଆକାରରେ ପୂର୍ଣ୍ଣ ହୋଇଥିଲା । ଉକ୍ତ ପୁସ୍ତକ ଏକ ନୂତନ ଜ୍ଞାନର ଭିତ୍ତି ସ୍ଥାପନ କରିଥିଲା ଏବଂ ହ. ମସିହ୍ ମଉଦ୍ ଅ.ସଙ୍କର 7 ଦର୍ଜନ ପୁସ୍ତକର ଅଗ୍ରଲେଖ ବା ପ୍ରାକ୍‌କଥନ ସାବ୍ୟସ୍ତ ହୋଇଥିଲା । ଆପଣ ଅ.ସ ସେହି ଜାଜ୍ୱଲ୍ୟମାନ ତଥା ବଳିଷ୍ଠ ପୁସ୍ତକ ବରାହିନେ ଅହେମଦିୟାରେ ସମସ୍ତ ଧର୍ମର ଧର୍ମନେତାମାନଙ୍କୁ, ଦାର୍ଶନିକମାନଙ୍କୁ ଚ୍ୟାଲେଞ୍ଜ ଦେଲେ ଯେ, ପବିତ୍ର କୁରଆନ୍ କରୀମର ସତ୍ୟତା ଏବଂ ଆଁହଜରତ ସ.ଅଙ୍କ ସତ୍ୟତାର ସପକ୍ଷରେ ଯେଉଁ 300 ଦୃଢ଼ ବୌଦ୍ଧିକ ଭିତ୍ତିକ ପ୍ରମାଣ ପବିତ୍ର କୁରଆନ୍ କରୀମ୍ର କାଢ଼ି ଉପସ୍ଥାପିତ କରାଯାଇଛି ଯଦି କୌଣସି ଅଣମୁସଲମାନ ବ୍ୟକ୍ତି ନିଜ ଧର୍ମର ଆସ୍ଥା ଓ ବିଶ୍ୱାସର ସତ୍ୟତା ସପକ୍ଷରେ ନିଜର ଐଶୀବାଣୀ ସମ୍ବଳିତ ଗ୍ରନ୍ଥ ମଧ୍ୟରୁ ପ୍ରମାଣ କରି ଦେଖାଇ ଦିଏ କିମ୍ବା ଯଦି ସଂଖ୍ୟାରେ ପବିତ୍ର କୁରଆନ୍ ସମକକ୍ଷ ଉପସ୍ଥାପିତ କରି ନପାରେ ତେବେ ତନ୍ମଧ୍ୟରୁ ଅର୍ଦ୍ଧ କିମ୍ବା ତୃତୀୟାଂଶ, ଚତୁର୍ଥାଂଶ କିମ୍ବା ପଞ୍ଚମାଂଶ ନିଜର ଐଶୀବାଣୀ ସମ୍ବଳିତ ଗ୍ରନ୍ଥରୁ କାଢ଼ି ଦେଖାଇଦିଏ ତେବେ ସମୟ ଅପଚୟ ନକରି ନିଜର 10000 ଟଙ୍କାର ସମ୍ପତ୍ତି ତା' ନାଁରେ କରିଦିଆଯିବ । ଆପଣ ଅ.ସ କୁହନ୍ତି: "ବାସ୍ତବରେ ଉକ୍ତ ପୁସ୍ତକ ସତ୍ୟାନ୍ୱେଷୀମାନଙ୍କୁ ଏକ ଶୁଭ ସମାଚାର ପ୍ରଦାନ କରୁଅଛି ଏବଂ ଇସ୍‌ଲାମ୍ ଧର୍ମର ଅବଜ୍ଞାକାରୀମାନଙ୍କ ଉପରେ ସତ୍ୟକୁ ସିଦ୍ଧ କରୁଛି । ଏହାର ପ୍ରମାଣ ସେମାନେ ପ୍ରଳୟ ଦିବସ ପର୍ଯ୍ୟନ୍ତ ଦେବାକୁ ଅସମର୍ଥ ଓ ସକ୍ଷମ ହେବେ ନାହିଁ । ସେହି କାରଣରୁ ଏଥିସହିତ 10000 ଅର୍ଥରାଶି ବିଶିଷ୍ଟ ଏକ ପୁରସ୍କାର ରାଶିର ବିଜ୍ଞାପନ ମଧ୍ୟ ସାମିଲ୍ କରାଗଲା । କାରଣ ପ୍ରତ୍ୟେକ ଅବଜ୍ଞାକାରୀ ଏବଂ ପ୍ରତ୍ୟାଖ୍ୟାନକାରୀ, ଇସ୍‌ଲାମ୍ ଧର୍ମ ଶତ୍ରୁ ଯେକି ଇସ୍‌ଲାମ୍ ଧର୍ମର ସତ୍ୟତାକୁ ଅସ୍ୱୀକାର କରେ ତା' ନିକଟରେ ସତ୍ୟ ସିଦ୍ଧ ହୋଇଗଲା ଏବଂ କୁଧାରଣା ଏବଂ ମିଥ୍ୟା ଓ ତ୍ରୁଟିପୂର୍ଣ୍ଣ ଆସ୍ଥା ତଥା ବିଶ୍ୱାସ ଉପରେ ଗର୍ବିତ, ମୁଗ୍ଧ, ଆସକ୍ତ ହୋଇ ନଯାଉ ।"

**(ବରାହିନେ ଅହମଦିୟା, ରୁହାନୀ ଖଜାଏନ୍, ଭାଗ-1, ପୃ-83)**

آزمائش کیلئے کوئی نہ آیا ہر چند
ہر مخالف کو مقابل پہ بلایا ہم نے

ସମ୍ମାନିତ ଶ୍ରୋତାମଣ୍ଡଳୀ ! ହ. ମସିହ୍ ମଉଦ୍ ଅ.ସଙ୍କ ମର୍ଯ୍ୟାଦା ପବିତ୍ର କୁରଆନ୍ କରୀମ୍ର ଏକ ଭବ୍ୟ କୃତିତ୍ୱ, ସଂସାର ଜଗତ ପାଇଁ ସ୍ୱତଃସ୍ଫୁତଃ ଯଶୋମୂଳକ ଲେଖନୀ "ଇସ୍‌ଲାମୀ ଉସୁଲ୍ କି ଫଲସଫି" ଅଟେ । ଏହା ଆଜି ମଧ୍ୟ ପୁଣ୍ୟ ସ୍ୱଭାବର ଅଧିକାରୀ ଏବଂ ନ୍ୟାୟପ୍ରିୟ ବ୍ୟକ୍ତିଙ୍କ ଉପରେ ନିଜର ମାୟା ପ୍ରସାରିତ କରୁଅଛି । ଏହାର ମର୍ଯ୍ୟାଦା ସଂକ୍ରାନ୍ତରେ ଆପଣ ଅ.ସ ଉଲ୍ଲେଖ କରନ୍ତି: "ଜଲ୍‌ସା ଆଜମେ ମଜାହିବ୍ ଯାହାକି ଲାହୋର ଟାଉନ୍ ହଲରେ 1986 ମସିହା ଡିସେମ୍ବର ମାସ 26,27,28ରେ ଆନୁଷ୍ଠିତ ହେବ । ତହିଁରେ ଏହି ବିନୀତର ଏକ ବିଷୟବସ୍ତୁ ପବିତ୍ର କୁରଆନ୍ କରୀମ୍ର ଚମତ୍କାର ସଂପର୍କରେ ପାଠ କରାଯିବ । ଏହା ହେଉଛି ସେହି ବିଷୟବସ୍ତୁ ଯାହା ମାନବିକ ଶକ୍ତି ଏବଂ ସାମର୍ଥ୍ୟ ଠାରୁ ବହିର୍ଭୂତ ଅଟେ । ଏହା ଐଶୀ ନିଦର୍ଶନ ମଧ୍ୟରୁ ଅନ୍ୟତମ ନିଦର୍ଶ ଅଟେ । ଉକ୍ତ ପୁସ୍ତକଟି ବିଶେଷ ସାହାଯ୍ୟ ଓ ସମର୍ଥନ ଦ୍ୱାରା ଲଖାଯାଇଅଛି । ତହିଁରେ ପବିତ୍ର କୁରଆନ୍ କରୀମ୍ର ସେହି ସତ୍ୟତା, ପରିଚୟ, ତତ୍ତ୍ୱ ଉଲ୍ଲିଖିତ ରହିଛି ଯଦ୍ଦ୍ୱାରିକି ସତ୍ୟ ସୂର୍ଯ୍ୟ ପରି ଆଲୋକିତ ହଇ ଉଠିବ । ଅର୍ଥାତ୍ ପ୍ରଭୁଙ୍କ ବାଣୀ ଏବଂ ସମସ୍ତ ଜଗତର ପାଳନ କର୍ତ୍ତାଙ୍କର ଉକ୍ତ ପୁସ୍ତକଟି ଅଟେ । ଯେଉଁ ବ୍ୟକ୍ତି ଉକ୍ତ ବିଷୟବସ୍ତୁକୁ ପ୍ରାରମ୍ଭରୁ ଶେଷ ଯାଏଁ ପାଞ୍ଚଟି ପ୍ରଶ୍ନୋତ୍ତର ଆକାରରେ ଶୁଣିବ ମୁଁ ଏହି ବିଶ୍ୱାସ ରଖୁଛି ଯେ, ସେହି ବ୍ୟକ୍ତି ମଧ୍ୟରେ ଏକ ନୂତନ ବିଶ୍ୱାସ ସୃଷ୍ଟି ହେବ, ଏକ ନୂତନ ଆଲୋକ ତହିଁରେ ଆଲୋକିତ ହୋଇ ଉଠିବ । ପ୍ରଭୁଙ୍କର ପବିତ୍ର ବାଣୀର ଏକ ସଂପୂର୍ଣ୍ଣ ବ୍ୟାଖ୍ୟା ତା' ହାତ ମୁଠାକୁ ଚାଲି ଆସିବ.........ଅଲ୍ଲାଃତାଲା ମୋତେ ଐଶୀବାଣୀ ଦ୍ୱାରା ସୂଚିତ କରିଛନ୍ତି ଯେ, ଏ ହେଉଛି ସେହି ବିଷୟବସ୍ତୁ ଯାହା ସମସ୍ତ ବିଷୟବସ୍ତୁ ଉପରେ ବିଜୟ ଲାଭ ପାଇବ। ତହିଁରେ ସତ୍ୟତା ଓ ବ୍ରହ୍ମଜ୍ଞାନ, ତତ୍ତ୍ୱ ଏବଂ ପରିଚୟର ସେହି ଆଲୋକ ରହିଛି ଯାହା ଅନ୍ୟ ଜାତି ମଧ୍ୟରେ ଅତି କଷ୍ଟରେ ବିଦ୍ୟମାନ ଥିବ। ଏହାକୁ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଶୁଣି ଲଜ୍ଜିତ ହୋଇଯିବେ ଏବଂ ସେମାନେ କଦାପି ନିଜ ଧର୍ମଗ୍ରନ୍ଥରୁ ଏହି ଚମତ୍କାର ଦେଖାଇବାକୁ ସକ୍ଷମ ତଥା ସମର୍ଥ ହୋଇପାରିବେ ନାହିଁ । କାରଣ ପ୍ରଭୁ ଏହି ଇଚ୍ଛା ପ୍ରକାଶ କରିଛନ୍ତି ଯେ, ଆଜି ସେହି ପବିତ୍ର ଗ୍ରନ୍ଥ (କୁରଆନ୍)ର ପ୍ରକାଶ ଏବଂ ଦର୍ଶନ ଉଦ୍ଭାସିତ ଓ ପ୍ରକାଶିତ ହେଉ । ତତ୍‌ସଂକ୍ରାନ୍ତରେ ମୁଁ ସ୍ୱପ୍ନରେ ଦେଖିଛି ଯେ, ମୋ ଗୃହ ମଧ୍ୟରୁ ଏକ ଉଜ୍ଜ୍ୱଳ ଆଲୋକ ଉପରକୁ ଉଠି ଚତୁର୍ଦ୍ଦିଗରେ ବ୍ୟାପୀଗଲା । ମୋ ହସ୍ତ ମଧ୍ୟ ସେହି ରଶ୍ମୀର ଆଲୋକ ପଡ଼ିଲା ଏବଂ ମୋର ହସ୍ତ ମଧ୍ୟ ଆଲୋକିତ ହୋଇଗଲା । ସେତେବେଳେ ଜଣେ ବ୍ୟକ୍ତି ଯେକି ମୋ ନିକଟରେ ଛିଡ଼ା ହୋଇଥିଲା ସେ ଉଚ୍ଚ ସ୍ୱରରେ କହିଲା, ଅଲ୍ଲାଃହୁ ଅକ୍‌ବର ଖରିବତ୍ ଖୈବର୍ ।"

ଏହି ସ୍ୱପ୍ନର ଅର୍ଥ ଏହିକିଯେ, ସେହି ସ୍ଥାନରୁ ଯଥାର୍ଥ ମୋର ହୃଦୟ ଅଟେ । ଯାହାକି ଅବତୀର୍ଣ୍ଣ ସ୍ଥଳୀ ଏବଂ ଆଲୋକର ଆବାଗମନ ବା ପ୍ରବିଷ୍ଟ ହେବାରୁ ଯଥାର୍ଥ ଏହିକି ଯେ, ପବିତ୍ର କୁରଆନ୍ କରୀମ୍ର ସେହି ଆଲୋକମୟ ପରିଚୟ ଏବଂ ତତ୍ତ୍ୱ ଅଟେ, ସେହିପରି ଖୈବରରୁ ଯଥାର୍ଥ ସମସ୍ତ କୁଧର୍ମ ଅଟନ୍ତି ଯହିଁରେ ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା) ଏବଂ ଅସତ୍ୟର ମିଶ୍ରିତ ଅବସ୍ଥାକୁ ବୁଝାଏ । ମନୁଷ୍ୟକୁ ଈଶ୍ୱରଙ୍କ ସ୍ଥାନ ଦେଇ ଦିଆଯାଇଛି କିମ୍ବା ଈଶ୍ୱରଙ୍କ ଗୁଣାବଳୀକୁ ନିଜ ସ୍ଥାନରୁ ସଂପୂର୍ଣ୍ଣ ରୂପେ ହଟାଇ ଦିଆଯାଇଛି । ସୁତରାଂ ମୋତେ ଏହା କୁହାଯାଇଛି ଯେ, ଉକ୍ତ ବିଷୟବସ୍ତୁ ଭଲ ଭାବରେ ପ୍ରସାରିତ ହେବା ପରେ ଅସତ୍ୟ ଧର୍ମମାନଙ୍କର ଅସତ୍ୟ ଖୋଲିଯିବ ଏବଂ ଯେପର୍ଯ୍ୟନ୍ତ ପବିତ୍ର କୁରଆନ୍ କରୀମ୍ ନିଜର ପରିକ୍ରମା ସଂପୂର୍ଣ୍ଣ କରିନେଇ ନାହିଁ ସେପର୍ଯ୍ୟନ୍ତ ପବିତ୍ର କୁରଆନ୍ କରଆନୀୟ ସତ୍ୟତା ଦିନକୁ ଦିନ ଭୂପୃଷ୍ଠରେ ବ୍ୟାପୀ ଚାଲିବ । ପୁନଶ୍ଚ ମୁଁ ଉକ୍ତ ତନ୍ଦ୍ରାବସ୍ଥାଥା ଜନିତ ସ୍ୱପ୍ନରୁ ଐଶୀବାଣୀ ଆଡ଼କୁ ଦିଗ ପରିବର୍ତ୍ତନ କଲି ଏବଂ ଅଲ୍ଲାଃତାଲା ମୋ ଉପରେ ଏହି ଐଶୀବାଣୀ ଅବତୀର୍ଣ୍ଣ କଲେ ଯେ, اِنَّ اللّٰہَ مَعَکَ اِنَّ اللّٰہَ یَقُوْمُ اَیْنَمَا قُمْتَ ଅର୍ଥାତ୍ ତୁମେ ଯେଉଁଠି ଛିଡ଼ା ହୋଇଛ ଅଲ୍ଲାଃତାଲା ତୁମ ସହିତ ସେଇଠି ଛିଡ଼ା ହୋଇଛନ୍ତି । ଏହି ସମର୍ଥନ ଈଶ୍ୱରଙ୍କ ସକାଶେ ଇସ୍ତିଆରା (ରୂପକ ଅର୍ଥ) ଅଟେ । **(ତ୍ରିୟାକୁଲ୍ କୁଲୁବ୍, ରୁହାନୀ ଖଜାଏନ୍, ଭାଗ-15, ପୃ226-227, ମଜ୍‌ମୁଆ ଇସ୍ତିହାର୍, ଭାଗ-1, ପୃ-614-615)**

ସମ୍ମାନିତ ଶ୍ରୋତାଗଣ ! ଇସ୍‌ଲାମୀ ଉସୁଲ୍ କି ଫିଲାସ୍‌ଫିର ଏହି ବିଷୟବସ୍ତୁ ନିଃସନ୍ଦେହ ରୂପେ ପବିତ୍ର କୁରଆନ୍ କରୀମ୍ର ସତ୍ୟତା, ପରିଚୟ, ଜ୍ଞାନ ଓ ତତ୍ତ୍ୱର ଅଦୃଷ୍ଟାନ୍ତନୀୟ, ଅନନ୍ୟ, ଅନବଦ୍ୟ ଏବଂ ସ୍ପର୍ଶହୀନ ବ୍ୟାଖ୍ୟା ଅଟେ । ପୁଣ୍ୟଶ୍ଳୋକ

ହ. ମସିହ ମଉଦ୍ ଅ.ସଙ୍କ ମର୍ଯ୍ୟାଦା ପବିତ୍ର କୁରଆନ୍ କରୀମ୍‌ର ଜିଜ୍ଞାସା, ଚିନ୍ତା ଚେତନାର ପରିପ୍ରକାଶ ମଧ୍ୟରୁ ଏକ ମାଇଲ୍ ଖୁଣ୍ଟ ପରି ଅଟେ ।

ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କ ଐଶୀ ସମର୍ଥନମୂଳକ ବିଷୟବସ୍ତୁ କେବଳ ସ୍ଥାନୀୟ ରୂପରେ ନୁହେଁ ବରଂ ସମଗ୍ର ଭାରତ ବର୍ଷ ଓ ସମସ୍ତ ସଂସାର ଜଗତର ବିଦ୍ୱାନ ମନୀଷୀମାନଙ୍କ ମଧ୍ୟରେ ଏପରି ଭୟ ଏବଂ କମ୍ପନ ସଞ୍ଚାର କଲା ଯେ, କେବଳ ମହାନ୍ ଚିନ୍ତନକାରୀମାନେ ଏହାର ଭୂୟସୀ ପ୍ରଶଂସା ଏବଂ ବୈଶିଷ୍ଟ୍ୟତା ବର୍ଣ୍ଣନା କରିବାରେ ପ୍ରଶଂସକ ପାଲଟିଗଲେ ତାହା ନୁହେଁ ବରଂ ସେହି ଯୁଗର ସମ୍ବାଦପତ୍ର ମାନଙ୍କରେ ଉକ୍ତ ବିଷୟବସ୍ତୁର ମର୍ଯ୍ୟାଦା ସଂପର୍କରେ ସ୍ୱୀକାରୋକ୍ତି ପ୍ରକାଶ କରି ଖୋଲମଖୋଲା ଏହା ପ୍ରକାଶ କଲେ ଯେ, ଉକ୍ତ ବିଷୟବସ୍ତୁ ସମସ୍ତ ବିଷୟବସ୍ତୁ ତୁଳନାରେ ବିଜୟ ଲାଭ କଲା । ସୁତରାଂ ଜଣେ ସମ୍ବାଦପତ୍ର ଉଲ୍ଲେଖ କଲା ଯେ, "ମିର୍ଜା ସାହେବ କାଲି ଯେଉଁ ପ୍ରଶ୍ନୋତ୍ତର (ଯେପରି ଉଚିତ୍ ଥିଲା) ପବିତ୍ର କୁରଆନ୍ କରୀମ୍‌ରୁ ପ୍ରଦାନ କଲେ ଏବଂ ସମସ୍ତ ବଡ଼ ବଡ଼ ନୀତି ନିୟମ, ଆଦର୍ଶ ଏବଂ ଇସଲାମ୍ ଧର୍ମର ଶାଖାଗୁଡ଼ିକୁ ବୌଦ୍ଧିକ ପ୍ରମାଣ ମାଧ୍ୟମରେ ଏବଂ ଅତି ଦାର୍ଶନିକପୂର୍ଣ୍ଣ ପ୍ରାମାଣ୍ୟର ସହିତ ସୁସଜ୍ଜିତ ଓ ଶୃଙ୍ଗାରିତ କରିଛନ୍ତି ।"**(ଅଖବାର୍ ଚୌଧୱିଁ ସଦି, ରାୱଲପିଣ୍ଡି, ବମୁତାବିକ୍ 1 ଫେବୃୟାରୀ 1897 ମସିହା, ରୁହାନୀ ଖଜାଏନ୍, ଭାଗ-10,ତାଆରୁଫେ କୁତୁବରୁ ଉଦ୍ଧୃତ)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ପାଦ୍ରୀ ଇମାଦୁଦ୍ଦୀନ୍ "ଜୈନୁଲ୍ ଅକୱାଲ୍" ନାମକ ଏକ ପୁସ୍ତକ ରଚନା କରି ପବିତ୍ର କୁରଆନ୍ କରୀମ୍ ଉପରେ ଆକ୍ରମଣ କଲା । ହ.ମସିହ୍ ମଉଦ୍ ଅ.ସ ତା'ର ଉତ୍ତରରେ '**ନୁରୁଲ୍ ହକ୍**' ପୁସ୍ତକ ରଚନା କଲେ । ତହିଁରେ ଆପଣ ଅ.ସ ପବିତ୍ର କୁରଆନ୍ କରୀମ୍‌ର ପରିଚୟ ଏବଂ ସତ୍ୟାତାକୁ ଉଦ୍‌ଘାଟିତ କଲେ । ଏହି ପ୍ରକାରର ଗୋଟିଏ ଦୁଇଟି ଉଦାହରଣ ନୁହେଁ ବରଂ ଅସଂଖ୍ୟ ଉଦାହରଣ ଆପଣ ଅ.ସଙ୍କ ପୁସ୍ତକରେ ଦେଖିବାକୁ ମିଳେ । ଆପଣ ଅ.ସ ପ୍ରତ୍ୟେକ ଧର୍ମାବଲମ୍ବୀଙ୍କୁ ଆମନ୍ତ୍ରିତ କଲେ ଯେ, ନିଜ ଧର୍ମର ଐଶୀବାଣୀ ସମ୍ବଳିତ ହେବା ନିଜ ଧର୍ମର ଦାବି, ପ୍ରମାଣ୍ୟ ନିଜର ଐଶୀବାଣୀ ଗ୍ରନ୍ଥରୁ ସିଦ୍ଧ କରନ୍ତୁ । ଏହି ମୌଳିକ ନୀତିକୁ ତଥା ସ୍ତରକୁ ଆପଣ ଅ.ସ ବିତର୍କ ଏବଂ ଶାସ୍ତ୍ରାର୍ଥ ଏବଂ ଲେଖନୀମାନଙ୍କ ମଧ୍ୟରେ ଓ ଭାଷଣମାନଙ୍କରେ ଭଲ ଭାବରେ ବ୍ୟବାହାର କରି ପବିତ୍ର କୁଆନ୍ କରୀମ୍‌ର ମର୍ଯ୍ୟାଦା ଏବଂ ଶ୍ରେଷ୍ଠତାକୁ ଦ୍ୱିଗୁଣିତ କରିଛନ୍ତି । କାରଣ ପବିତ୍ର କୁରଆନ୍ କରୀମ୍ ନିଜର ପବିତ୍ର ଏବଂ ପୂର୍ଣ୍ଣ ଶିକ୍ଷା ଦୃଷ୍ଟିରୁ ସମସ୍ତ ଆକାଶୀୟ ଧର୍ମଗ୍ରନ୍ଥ ମଧ୍ୟରେ ଅନନ୍ୟ ଓ ଅଦ୍ୱୀତୀୟର ଅଧିକାରୀ ଅଟେ ।

جمال و حسن قرآں نورِ جان ہر مسلمان ہے
قمر ہے چاند اوروں کا ہمارا چاند قرآں ہے
نظیر اسکی نہیں جمتی نظر میں فکر کر دیکھا
بھلا کیونکر نہ ہو یکتا کلامِ پاک رحماں ہے
بہار جاوِداں پیدا ہے اسکی ہر عبادت میں
نہ وہ خوبی چمن میں ہے نہ اُس سا کوئی بستاں ہے

ସମ୍ମାନିତ ଶ୍ରୋତାମଣ୍ଡଳୀ ! ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ଯେଉଁଠି ଅଣଧର୍ମାବଲମ୍ବୀମାନଙ୍କ ବିପକ୍ଷରେ ପବିତ୍ର କୁରଆନ୍ କରୀମ୍‌ର ମର୍ଯ୍ୟାଦାକୁ ସାବ୍ୟସ୍ତ କରିଛନ୍ତି ସେଠାରେ ଆଭ୍ୟନ୍ତରୀଣ ରୂପେ ମୁହମ୍ମଦୀୟ ସଂପ୍ରଦାୟରେ ପବିତ୍ର କୁରଆନ୍ କରୀମ୍ ଆଡ଼କୁ ଇଙ୍ଗିତ କରୁଥିବା କୁବିଶ୍ୱାସ ଏବଂ କୁଚିନ୍ତାଧାରାକୁ ଦୂରୀଭୂତ କରି ପବିତ୍ର କୁରଆନ୍ କରୀମ୍‌ର ପବିତ୍ରତାକୁ ଅକ୍ଷୁର୍ଣ୍ଣ ଏବଂ ପୁନଃ ସ୍ଥାପନ କରିଛନ୍ତି । ମୁସଲମାନମାନଙ୍କ ମଧ୍ୟରେ ଏହି କୁଆସ୍ଥା ବା କପଟବିଶ୍ୱାସ ରହିଯାଇଥିଲା ଯେ, ଅଲ୍ଲାଃତାଲାଙ୍କର ବିଶିଷ୍ଟ ଗୁଣାବଳୀ ତକଲ୍ଲୁମ୍ (ବାର୍ତ୍ତାଳାପକାରୀ) ବର୍ତ୍ତମାନ ସମାପ୍ତ ହୋଇଯାଇଛି । ପୂର୍ବ କାଳରେ ସେ କଥା କହୁଥିଲେ ବର୍ତ୍ତମାନ ସେ କଥା କହୁ ନାହାନ୍ତି । ଦୁଆ ଗ୍ରହଣକାରୀ ଈଶ୍ୱରଙ୍କ ଉପରୁ ମୁସଲମାନମାନଙ୍କର ବିଶ୍ୱାସ ଉଠି ଯାଇଥିଲା ଏବଂ ଐଶୀବାଣୀ ତଥା ଆକାଶବାଣୀର ଲୋକମାନେ ପ୍ରତ୍ୟାଖ୍ୟାନକାରୀ ହୋଇଯାଇଥିଲେ । ସର୍ ସୟେଦ୍ ଅହେମଦ ଖାଁଙ୍କ ପରି ବରିଷ୍ଠ ବିଦ୍ୱାନ୍ ଦ୍ୱାରା ଦାର୍ଶନିକତାର ପ୍ରତ୍ୟାଖ୍ୟାନକାରୀ ହୋଇଯାଇଥିଲେ ।

ସମ୍ମାନିତ ଶ୍ରୋତାମଣ୍ଡଳୀ ! ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନର ପ୍ରକୃତ ଅଭିପ୍ରାୟ ଏବଂ ଆପଣ ଅ.ସଙ୍କର ସର୍ବ ବୃହତ୍ ଚମତ୍କାର ଏହା ହିଁ ଯେ, ଆପଣ ଅ.ସ ଚିରଞ୍ଜିବ, ଦୁଆ ଗ୍ରହଣକାରୀ ଈଶ୍ୱରଙ୍କୁ ଉପସ୍ଥାପିତ କଲେ ଏବଂ ଆପଣ ଅ.ସଙ୍କ ଅସ୍ତିତ୍ୱ ମାଧ୍ୟମରେ ଜୀବନ୍ତ ଈଶ୍ୱରଙ୍କର ଅଧ୍ୟାତ୍ମଜ୍ୟୋତି ବା ପ୍ରକାଶ ପ୍ରକାଶିତ ହେଲା । ଆପଣ ଅ.ସ ହିଁ ଏହା ପ୍ରମାଣିତ କରି ଦେଖାଇଦେଲେ ଯେ, ପବିତ୍ର କୁରଆନ୍ କରୀମ୍‌ର ସତ୍ୟତାକୁ ଅନୁକରଣ କରିବା ଦ୍ୱାରା ଜୀବନ୍ତ ଈଶ୍ୱର ପ୍ରାପ୍ତ ହୁଅନ୍ତି ଏବଂ ପ୍ରଭୁଙ୍କର ସ୍ୱାଦିଷ୍ଟ କଥୋପକଥନ ବାଣୀ ଏବଂ ସମ୍ବୋଧନର ସମ୍ମାନ ପ୍ରାପ୍ତ ହୋଇଥାଏ । ଆପଣ ଅ.ସ କୁହନ୍ତି: "ପବିତ୍ର କୁରଆନ୍ କରୀମ୍ ନିଜର ଆଧ୍ୟାତ୍ମିକ ବିଶେଷତା ଏବଂ ନିଜର ବ୍ୟକ୍ତିଗତ ଆଲୋକ ଦ୍ୱାରା ସତ୍ୟାନୁଗାମୀମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଥାଏ ଏବଂ ବ୍ୟକ୍ତିର ହୃଦୟକୁ ଆଲୋକିତ କରିଥାଏ । ପୁନଶ୍ଚ ବଡ଼ ବଡ଼ ନିଦର୍ଶନ ଦେଖାଇ ପ୍ରଭୁଙ୍କ ସହିତ ଏପରି ଦୃଢ ସଂପର୍କ ସ୍ଥାପନ କରିଦେଇଥାଏ ଯେ, ଯଦି ସେହି ସଂପର୍କକୁ ଖଣ୍ଡ ବିଖଣ୍ଡିତକାରୀ ଖଡ଼୍‌ଗ ବି ଖଣ୍ଡ ବିଖଣ୍ଡ କରିବାକୁ ଉଦ୍ୟମ କରେ ତେବେ ମଧ ତାହା ଭାଙ୍ଗି (ଖଣ୍ଡିତ ହୋଇ) ନଥାଏ। ପ୍ରଭୁ ହୃଦୟର ଚକ୍ଷୁକୁ ଖୋଲି ଦିଅନ୍ତି ଏବଂ ପାପର କଳୁଷମୟ ଝରଣାକୁ ବନ୍ଦ କରିଦେଇ ଥାଆନ୍ତି । ପ୍ରଭୁଙ୍କର ସ୍ୱାଦିଷ୍ଟ କଥୋପକଥନ ଜନିତ ସମ୍ବୋଧନ ଦ୍ୱାରା ସମ୍ମାନିତ ହୋଇ ଆଦୃଷ୍ଟ ବିଷୟକ ଜ୍ଞାନ ପ୍ରଭୁ ପ୍ରଦାନ କରନ୍ତି ଓ ଦୁଆ ସ୍ୱୀକାର କରିବା ସଂକ୍ରାନ୍ତରେ ନିଜର ବାଣୀ ମାଧ୍ୟମରେ ସୂଚନା ପ୍ରଦାନ କରି ଥାଆନ୍ତି । ତେଣୁ ପ୍ରତ୍ୟେକ ସେହି ବ୍ୟକ୍ତି ଯିଏ ଏହି ଦୁଆକାରୀ ବ୍ୟକ୍ତି ସହିତ ମୁକାବିଲା କରେ ଯେକି ପବିତ୍ର କୁରଆନ୍ କରୀମ୍‌ର ପ୍ରକୃତ ଅନୁକରଣକାରୀ ଅଟେ ପ୍ରଭୁ ନିଜର ଭୟଙ୍କର ନିଦର୍ଶନ ସହିତ ତା' ଉପରେ ପ୍ରକାଶ କରିଦେଇ ଥାଆନ୍ତି ଯେ, ସେ ସେହି ଭକ୍ତ ସହିତ ଅଛନ୍ତି ଯିଏ ତାହାଙ୍କ (ପ୍ରଭୁଙ୍କ) ବାଣୀର ଅନୁକରଣ କରିଥାଏ ।"

**(ଚଶମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଭାଗ-23, ପୃ-305)**

ସେହିପରି ଆପଣ ଅ.ସ କୁହନ୍ତି: "ଶ୍ରୋତାମଣ୍ଡଳୀକୁ ଏହି ଆଶ୍ୱାସନା ଦେଉଛି ଯେ, ସେହି ଈଶ୍ୱର ଯାହାଙ୍କୁ ପ୍ରାପ୍ତ କରିବାରେ ମନୁଷ୍ୟର ମୋକ୍ଷ ପ୍ରାପ୍ତି ଏବଂ ଚିରକାଳ ସୁଖ ନିହିତ ରହିଥାଏ ତାହା ପବିତ୍ର କୁରଆନ୍ କରୀମ୍‌ର ଅନୁକରଣ ବ୍ୟତୀରେକ କଦାପି ପ୍ରାପ୍ତ ହଇପାରିବ ନାହିଁ........ନିଃସନ୍ଦେହ ରୂପେ ଏହା ବୁଝିନିଅ ଯେ, ବିନା ଚକ୍ଷୁରେ ଯେପରି କୌଣସି ବସ୍ତୁ ଦେଖିବା ସମ୍ଭପର ନୁହେଁ କିମ୍ବା ବିନା କର୍ଣ୍ଣ ଦ୍ୱାରା କୌଣସି ଶବ୍ଦ ଶୁଣିବା ସମ୍ଭପର ନୁହେଁ ଅବା ବିନା ତୁଣ୍ଡ ଦ୍ୱାରା କୌଣସି ବ୍ୟକ୍ତି କଥା କହିପାରିବ ନାହିଁ । ଠିକ୍ ସେହପରି ଏହା ମଧ ସମ୍ଭବପର ନୁହେଁ ଯେ, ପବିତ୍ର କୁରଆନ୍ କରୀମ୍ ବ୍ୟତୀରେକ ସେହି ପ୍ରିୟ ଈଶ୍ୱରଙ୍କ ମୁଖ ସଂଦର୍ଶନ କରାଯାଇପାରିବ । ମୁଁ ଯୁବକ ଥିଲି ବର୍ତ୍ତମାନ ବୃଦ୍ଧ ହେଲି । କିନ୍ତୁ ମୁଁ ଏପରି କୌଣସି ବ୍ୟକ୍ତି ଦେଖି ନାହିଁ ଯେ, ସେ ପବିତ୍ର କୁରଆନ୍ କରୀମ୍ ବ୍ୟତୀତ ସେହି ପବିତ୍ର ଝରଣାର ସେହି ମୁକ୍ତ ପରିଚୟର ପିଆଲା ପାନ କରିଥିବ ।" **(ଇସ୍‌ଲାମୀ ଉସୁଲ୍ କି ଫିଲାସ୍‌ଫି, ରୁହାନୀ ଖଜାଏନ୍, ଭାଗ-10, ପୃ-442)**

قُرآں خدا نما ہے خدا کا کلام ہے
بے اسکے معرفت کا چمن ناتمام ہے
سب جہاں چھان چکے ساری دکانیں دیکھیں
مئے عرفاں کا یہی ایک شیشہ نکلا
حق کی توحید کا مرجھا ہی چلا تھا پودا
ناگہاں غیب سے یہ چشمہ اصفیٰ نکلا

ସମ୍ମାନିତ ଶ୍ରୋତମଣ୍ଡଳୀ ! ମୁସଲମାନମାନଙ୍କ ମଧ୍ୟରେ ପବିତ୍ର କୁରଆନର ଏକ ଭ୍ରାନ୍ତ ଧାରଣା ବା ଭ୍ରାନ୍ତ ବିଶ୍ୱାସ ସୃଷ୍ଟି ହୋଇଥିଲା । ସୁତରାଂ ଅଲ୍ଲାମା ମୁହମ୍ମଦ୍ ବିନ୍ ହିଜମ୍ ମୁସଲମାନମାଙ୍କର ଆସ୍ଥା ସଂକ୍ରାନ୍ତରେ ଏହିପରି ବର୍ଣ୍ଣନା କରିଛନ୍ତି: "ପବିତ୍ର କୁରଆନ୍ କରୀମ୍‌ରେ ମନ୍‌ସୁଖ୍ (ରଦ୍ଦ ବା ନିରସ୍ତ) ଆୟତ୍‌ର ଏହି ଅର୍ଥ ରହିଛି ଯେ, ପବିତ୍ର କୁରଆନ୍ କରୀମ୍‌ରେ ଏକ ଆୟତ୍ ଉଲ୍ଲିଖିତ ହୋଇଯାଇଛି କିନ୍ତୁ ତାହା କାର୍ଯ୍ୟାନୁସରଣ ଯୋଗ୍ୟ ନୁହେଁ । ତା'ର କେବଳ ତିଲାଓତ୍ କରିବା ଉଚିତ୍ । ଏହା ଉପରେ କାର୍ଯ୍ୟାନୁସରଣ କରିବାର ଆଦେଶ ନାହିଁ । କାରଣ ମନ୍‌ସୁଖ୍ (ରଦ୍ଦ) ହେବା ଯୋଗୁଁ ତା'ର ଆଦେଶ ରଦ୍ଦ ହୋଇଗଲା ।" **(ନାସିଖ୍ ମନ୍‌ସୁଖ୍, ପୃ-146)**

ହ. ଶାହ୍ ୱଲିଉଲ୍ଲାଃ ମୁହଦ୍ଦିସ୍ ଦେହେଲୱୀ ର.ଅ ପାଞ୍ଚଟି ଆୟାତ୍, ଅଲ୍ଲାମା ସୁୟୁତୱୀ 20 ଏବଂ ଅନ୍ୟ ବିଦ୍ୱାନ୍‌ମାନେ ନାସିଖ୍ ମନ୍‌ସୁଖର ଆୟତ୍ ସଂଖ୍ୟା 500 ବୋଲି ଦର୍ଶାଇଛନ୍ତି । ଏହା ଦ୍ୱାରା ଅନ୍ୟ କୁରଆନୀୟ ଆୟତ୍‌ର ବିଶ୍ୱସନୀୟତା ମଧ ରହିଲା ନାହିଁ । ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ଅତ୍ୟନ୍ତ କଠୋରତାପୂର୍ବକ ଏହି ଭ୍ରାନ୍ତ ବିଶ୍ୱାସକୁ ରଦ୍ଦ ସାବ୍ୟସ୍ତ କରି ପବିତ୍ର କୁରଆନ୍ କରୀମ୍‌ର ମର୍ଯ୍ୟାଦାକୁ ପୁନଃ ସ୍ଥାପନ କରିଛନ୍ତି । ଆପଣ ଅ.ସ କୁହନ୍ତି: " ମୁଁ ଦୃଢବିଶ୍ୱାସର ସହିତ ଉକ୍ତ କଥା ଉପରେ ବିଶ୍ୱାସ ରଖୁଛି ଯେ, ପବିତ୍ର କୁରଆନ୍ କରୀମ୍ ଆକାଶୀୟ ଚୂଡ଼ାନ୍ତ ପୁସ୍ତକ ଅଟେ । ପବିତ୍ର କୁରଆନ୍ କରୀମର ବିନ୍ଦୁଟିଏ, ତା'ର ଧର୍ମବିଧାନ, କରଣୀୟ ସୀମା ଓ ଆଦେଶାବଳୀ ଠାରୁ ଅଧିକ ହୋଇପାରିବ ନାହିଁ ଓ ନା ହିଁ ନ୍ୟୁନ ହୋଇ ପାରିବ ! ବର୍ତ୍ତମାନ ଅଲ୍ଲାଃତାଲାଙ୍କ ତରଫରୁ ଏପରି କୌଣସି ଧର୍ମଗ୍ରନ୍ଥ ବା ଏପରି ଆକାଶବାଣୀ ସଂପନ୍ନ ଗ୍ରନ୍ଥ ଏହି ମର୍ତ୍ତ୍ୟମଣ୍ଡଳରେ ନାହିଁ ଯାହା ପବିତ୍ର କୁରଆନ୍‌ରେ ସଂଶୋଧନ କିମ୍ବା ରଦ୍ଦ ଏବଂ ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀକୁ ପରିବର୍ତ୍ତନ କରିପାରିବ । ଯଦି କୌଣସି ବ୍ୟକ୍ତି ଏହିପରି ଚିନ୍ତାଧାରା ପୋଷଣ କରେ ତେବେ ସେ ଆମ ନିକଟରେ ବିଶ୍ୱାସକାରୀଙ୍କ ଜମାଅତ୍ ଠାରୁ ବହିର୍ଭୂତ ଏବଂ ବିଧର୍ମୀ ଏବଂ ଅବଜ୍ଞକାରୀ ଅଟେ ।"

**(ଇଜାଲା ଔହାମ୍, ରୁହାନୀ ଖଜାଏନ୍, ଭାଗ-3, ପୃ-169)**

ସମ୍ମାନିତ ଶ୍ରୋତମଣ୍ଡଳୀ ! ଏହ୍‌ଲେ ହଦିସ୍‌ଙ୍କ ପକ୍ଷରୁ ପବିତ୍ର କୁରଆନ୍ କରୀମ୍‌ର ପ୍ରାଧାନ୍ୟତାର ଉପଦ୍ରବ ପବିତ୍ର କୁରଆନ୍‌ର ମର୍ଯ୍ୟାଦାକୁ ନ୍ୟୁନ ଓ କ୍ଷୁର୍ଣ୍ଣକାରୀର କାରଣ ସାଜୁଥିଲା । ସେହି ଦୃଷ୍ଟିରୁ ମଧ ଆପଣ ଅ.ସ ପବିତ୍ର କୁରଆନ୍ କରୀମ୍‌ର ମର୍ଯ୍ୟାଦା ପ୍ରକାଶିତ କରିଥିଲେ । ଆପଣ ଅ.ସ କୁହନ୍ତି: "ମୁସଲମାନମାନଙ୍କ ମଧ୍ୟରେ ପବିତ୍ର କୁରଆନ୍ କରୀମ୍‌ର ମର୍ଯ୍ୟାଦା ଆଉ ବାକି ରହିଲା ନାହିଁ । ଶିୟାମାନେ ସେମାନଙ୍କର ଆଏମ୍ମା (ଇମାମ୍‌ର ବହୁ ବଚନ ଅର୍ଥାତ୍ ଧର୍ମାଧକ୍ଷମାନେ)ମାନଙ୍କର କଥନକୁ ପ୍ରାଧାନ୍ୟ ଦେଉଥିଲେ ଏବଂ ଅନ୍ୟ ଗୋଷ୍ଠୀମାନେ ହଦିସ୍‌ର ଧାରଣା

ଜନିତ ପ୍ରସଙ୍ଗ ଏବଂ ପରମ୍ପରାକୁ ପବିତ୍ର କୁରଆନ୍ କରୀମ୍ ଉପରେ ବିଚାରକ ବୋଲି ଦର୍ଶାଉଛନ୍ତି ।" **(ମଲ୍‌ଫୁଜାତ୍, ଭାଗ-2, ପୃ-222)**

ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ନିଜର ଏକ ସ୍ୱପ୍ନର ଚର୍ଚ୍ଚା କରି କୁହନ୍ତି: "ଆଜି ରାତ୍ରରେ ମୁଁ ଦେଖିଲି ଯେ, ଏକ ଫଳନ୍ତି ବୃକ୍ଷ ଅତ୍ୟନ୍ତ ସୁନ୍ଦର ଓ ସୁଗଠିତ ଫଳ ଦ୍ୱାରା ଲଦି ହୋଇଛି ଏବଂ କେତେକ ଜମାଅତ୍ ଆଡ଼ମ୍ବର ଏବଂ ତୀବ୍ରତାପୂର୍ଣ୍ଣ ଏକ ବୁଟିକୁ ସେହି ବୃକ୍ଷ ଉପରେ ଚଢ଼ାଇବାକୁ ଚାହୁଁଛନ୍ତି ଯାହାର ମୂଳ ନାହିଁ । ବରଂ ବୃକ୍ଷ ଉପରେ ମଡ଼ାଇ ରଖିଛନ୍ତି । ସେହି (ଜଡ଼ି)ବୁଟି ଲତା ପରି ଅଟେ ଏବଂ ଧୀରରେ ଧୀରେ ସେହି ବୁଟି ଉକ୍ତ ବୃକ୍ଷ ଉପରେ ମାଡ଼ିଯାଉଛି ସେତିକି ସେତିକି ତାହା ଉକ୍ତ ବୃକ୍ଷର ଫଳକୁ କ୍ଷତି ପହଞ୍ଚାଉଛି ଏବଂ ଏହି ସୁନ୍ଦର ବୃକ୍ଷରେ ଏକ ଖଜୱାହତ୍ (ବିକୃତ) ଏବଂ ଅସୁନ୍ଦର ମୁଖ ସୃଷ୍ଟି ହେଉଛି ଏବଂ ବୃକ୍ଷରୁ ଯେଉଁ ଫଳର ଆଶା କରାଯାଉଛି ତାହା ଅବକ୍ଷୟ ହେବାର ଯଥେଷ୍ଟ ଆଶଙ୍କା ରହିଛି ତାହା ନୁହେଁ । ବରଂ କେତେକ ଫଳ କ୍ଷୟ ମଧ୍ୟ ହୋଇସାରିଛି । ମୋ ହୃଦୟ ଉକ୍ତ କଥାକୁ ଦେଖି ଅତ୍ୟନ୍ତ ବିଚଳିତ ହେଲା ଏବଂ ଦ୍ରବୀଭୂତ ହୋଇଗଲା ଏବଂ ମୁଁ ଜଣେ ବ୍ୟକ୍ତିକୁ ଯେକି ପୁଣ୍ୟବାନ ଓ ସଦାଚାରୀ ବ୍ୟକ୍ତି ରୂପରେ ଛିଡ଼ା ହୋଇଥିଲା ପଚାରିଲି ଯେ, ଭାଇ ! ଏଇଟା କେଉଁ ବୃକ୍ଷ କି, ଏବଂ ଏଇଟା କେଉଁ (ଜଡ଼ି)ବୁଟି ଅଟେ ? ଏହି ଲତା ସୁନ୍ଦର ବୃକ୍ଷକୁ କବଳିତ କରି ରଖିଛି । ତେବେ ସେ ମୋତେ କହିଲା, ଉକ୍ତ ବୃକ୍ଷ ହେଉଛି ପବିତ୍ର କୁରଆନ୍ କରୀମ୍ ଯାହାକି ଈଶ୍ୱରଙ୍କ ବାଣୀ ଅଟେ। ସେହି ବୁଟି ହେଉଛି ଆହାଦିସ ଏବଂ କଥନ ଇତ୍ୟାଦି ଯାହାକି ପବିତ୍ର କୁରଆନ୍ କରୀମ୍‌ର ବିରୋଧୀ ଅଟନ୍ତି କିମ୍ବା ବିରୋଧୀ ବୋଲି ବିବେଚିତ କରାଯାଏ । ସେହି ଲତାର ଆଧିକ୍ୟତା ଉକ୍ତ ବୃକ୍ଷକୁ ଚାପଗ୍ରସ୍ତ କରିପକାଇଛି (ଘୋଡ଼ାଇ ଦେଇଛି) ଏବଂ ବୃକ୍ଷକୁ କ୍ଷତି ପହଞ୍ଚାଉଛି । ସୁତରାଂ ସେତେବେଳେ ମୋର ଚକ୍ଷୁ ଫିଟିଗଲା।"
**(ରିଭ୍ୟୁ ବର୍ ମୁବାହିସା, ବଟାଲୱୀ ୱ ଚକଡ଼ାଲୱୀ, ରୁହାନୀ ଖଜାଏନ୍, ରୁହାନୀ ଖଜାଏନ୍, ଭାଗ-19, ପୃ-212ର ବି.ଦ୍ର)**

باغ مرجھایا ہوا تھا گر گئے تھے سب
میں خدا کا فضل لایا پھر ہوئے پیدا ثمار

ସମ୍ମାନିତ ଶ୍ରୋତାମଣ୍ଡଳୀ ! ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ଏହି ଐଶୀବାଣୀ ହୋଇଥିଲା, يَا يَحْيَ خُذِ الْكِتَابَ بِقُوَّةٍ وَالْخَيْرُ كُلُّهُ فِي الْقُرْآنِ ଏବଂ କହିଲେ ଯେ, ଉକ୍ତ ଐଶୀବାଣୀରେ ଆମ୍ଭକୁ ହ. ୟହ୍ୟା ଅ.ସଙ୍କ ସହିତ ସାମଞ୍ଜସ୍ୟ ବୋଲି ଦର୍ଶାଯାଇଛି । କାରଣ ହ. ୟହ୍ୟା ଅ.ସଙ୍କୁ ଇହୁଦୀଙ୍କ ସେହି ଜାତିମାନଙ୍କ ସହିତ ମୁକାବିଲା କରିବାକୁ ପଡ଼ିଥିଲା ଏବଂ ସେମାନେ ତୌରାତ୍‌କୁ ପରିତ୍ୟାଗ କରି ବସିଥିଲେ ଏବଂ ସେମାନେ ହଦିସ୍‌କୁ ଭଲ ପାଉଥିଲେ ଏବଂ ହଦିସ୍ ପ୍ରତି ସେମାନେ ମନ୍ତ୍ରମୁଗ୍ଧ ହେଉଥିଲେ । ପ୍ରତ୍ୟେକ କଥାରେ ହଦିସ୍‌କୁ ଉପସ୍ଥାପିତ କରୁଥିଲେ । ଠିକ୍ ସେହିପରି ସାଂପ୍ରତିକ କାଳରେ ଆମର (ହ. ମସିହ୍ ମଉଦ୍ ଅ.ସଙ୍କର) ମୁକାବିଲା ଏହଲେ ହଦିସଙ୍କ ସହିତ ହେଲା । ଆମ୍ଭେ ପବିତ୍ର କୁରଆନ୍ କରୀମ୍ ଉପସ୍ଥାପିତ କରୁଛୁ ଏବଂ ସେମାନେ ହଦିସ୍ ଉପସ୍ଥାପିତ କରୁଛନ୍ତି ।
**(ମଲ୍‌ଫୁଜାତ୍, ଭାଗ-2, ପୃ-203)**

ଆପଣ ଅ.ସ କୁହନ୍ତି: "ପବିତ୍ର କୁରଆନ୍ କରୀମ୍ ପ୍ରତ୍ୟେକ ଦୃଷ୍ଟିରୁ ଆହାଦିସ ତୁଳନାରେ ପ୍ରାଧାନ୍ୟ ଅଟେ ଏବଂ ଆହାଦିସ୍‌ର ସଠିକତା ଏବଂ ସତ୍ୟତାକୁ ଯାଞ୍ଚ କରିବା ବା ତନଖିବା ନିମନ୍ତେ ସେହି କଷଟି ହେଉଛି ପବିତ୍ର କୁରଆନ୍ କରୀମ୍। ଅଲ୍ଲାଃତାଲା ମୋତେ ପବିତ୍ର କୁରଆନ୍ କରୀମ୍‌ର ପ୍ରକାଶନ କରିବା ନିମନ୍ତେ ନିଯୁକ୍ତ କରିଛନ୍ତି । କାରଣ ମୁଁ ସଠିକ୍ ଭାବରେ ପବିତ୍ର କୁରଆନ୍ କରୀମ୍‌ର ଅଭିପ୍ରାୟ ଲୋକମାନଙ୍କ ସମ୍ମୁଖରେ ପ୍ରକାଶ କରିଦେବି ।"
**(ଅଲହକ୍ ମୁବାହିସା, ଲୁଧିୟାନା, ରୁହାନୀ ଖଜାଏନ୍, ଭାଗ-4, ପୃ-30)**

ଆପଣ ଅ.ସ କୁହନ୍ତି: ବର୍ତ୍ତମାନ ଅଲ୍ଲାଃତାଲା ଏହି ଇଚ୍ଛା ପ୍ରକାଶ କରିଛନ୍ତି ଯେ, ସେ ପବିତ୍ର କୁରଆନ୍ କରୀମ୍‌ର ସଠିକ୍ ଅର୍ଥ ପରିପ୍ରକାଶିତ କରନ୍ତୁ । ଅଲ୍ଲାଃତାଲା ମୋତେ ଏଇଥିପାଇଁ ନିଯୁକ୍ତ କରିଛନ୍ତି ଏବଂ ମୁଁ ତାହାଙ୍କ ଐଶୀବାଣୀ ଓ ଶୂନ୍ୟବାଣୀରୁ ପବିତ୍ର କୁରଆନ୍ କରୀମ୍‌କୁ ବୁଝୁଛି । **(ମଲ୍‌ଫୁଜାତ୍, ଭାଗ-2. ପୃ-450)**

ସେହିପରି ଆପଣ ଅ.ସ କହିଲେ: "ମୋର ମର୍ଯ୍ୟାଦା ଏକ ସାଧାରଣ ମୌଲବୀର ମର୍ଯ୍ୟାଦା ପରି ନୁହେଁ । ବରଂ ମୋର ମର୍ଯ୍ୟାଦା ସୁନନେ ଅମ୍ବିୟା (ଅବତାରମାନଙ୍କ ପରମ୍ପରା ଅର୍ଥାତ୍ ମର୍ଯ୍ୟାଦି ପରି) ଅଟେ । ମୋତେ ଆକାଶୀୟ ବ୍ୟକ୍ତି ବୋଲି ସ୍ୱୀକାର କର । ପୁନଶ୍ଚ ଏହି ସମସ୍ତ କଳହ ଏବଂ ସମସ୍ତ ଉପଦ୍ରବ ଯାହାକି ମୁସଲମାନମାନଙ୍କ ମଧ୍ୟରେ ଦେଖାଦେଇଛି ତାହା ତୁରନ୍ତ ସମାଧାନ ହୋଇପାରିବ । ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ତରଫରୁ ନିଯୁକ୍ତ ହୋଇ ନ୍ୟାୟବାଦୀ ଓ ନିର୍ଣ୍ଣୟକାରୀ ହୋଇ ଆସିଛି ସେ ପବିତ୍ର କୁରଆନ୍ କରୀମ୍‌ର ଯେଉଁ ଅର୍ଥ କରିବ ତାହା ହିଁ ସଠିକ୍ ହେବ ଏବଂ ସେ ଯେଉଁ ହଦିସ୍‌କୁ ସଠିକ୍ ବୋଲି ବିବେଚିତ କରିବ ତାହା ସଠିକ୍ ହେବ ।"
**(ମଲ୍‌ଫୁଜାତ୍, ଭାଗ-1, ପୃ-399)**

ତୁମମାନଙ୍କ ନିମନ୍ତେ ଏକ ଆବଶ୍ୟକୀୟ ଶିକ୍ଷା ଏହା ଯେ, ପବିତ୍ର କୁରଆନ୍ କରୀମ୍‌କୁ ପରିତ୍ୟକ୍ତ ବସ୍ତୁ ପରି ପରିତ୍ୟାଗ କରିଦିଅ ନାହିଁ । କାରଣ ତୁମର ଜୀବନ ତହିଁରେ ହିଁ ଅନ୍ତର୍ନିହିତ ରହିଛି । ଯେଉଁ ଲୋକମାନେ ପବିତ୍ର କୁରଆନ୍ କରୀମ୍‌କୁ ସମ୍ମାନ ଜଣାଇବେ ସେମାନେ ଆକାଶଲୋକରେ ସମ୍ମାନିତ ହେବେ । ଯେଉଁ ଲୋକମାନେ ପ୍ରତ୍ୟେକ ହଦିସ୍ ଓ ପ୍ରତ୍ୟେକ କଥନ ଉପରେ ପବିତ୍ର କୁରଆନ୍ କରୀମ୍‌କୁ ପ୍ରାଧାନ୍ୟ ଦେବେ ସେମାନଙ୍କୁ ଆକାଶଲୋକରେ ପ୍ରାଧାନ୍ୟ ଦିଆଯିବ। ମାନବ ଜାତି ନିମନ୍ତେ ଭୂପୃଷ୍ଠରେ ବର୍ତ୍ତମାନ ପବିତ୍ର କୁରଆନ୍ ବ୍ୟତୀତ କୌଣସି ଗ୍ରନ୍ଥ ନାହିଁ ।
**(କିଶ୍‌ତି ନୁହ୍, ରୁହାନୀ ଖଜାଏନ୍, ଭାଗ-19, ପୃ-15)**

ମୁଁ ପବିତ୍ର କୁରଆନ୍ କରୀମ୍‌ର ଶବ୍ଦରେ ଯେତେବେଳେ ଚିନ୍ତା କଲି ସେତେବେଳେ ମୋ ଉପରେ ଏହା ଉଦଘାଟିତ ହେଲା ଯେ, ଏହି ପବିତ୍ର ଏବଂ କଲ୍ୟାଣମୂଳକ ଶବ୍ଦରେ ଏକ ବଳିଷ୍ଠ ଓ ଜ୍ୱଳନ୍ତ ଭବିଷ୍ୟତବାଣୀ ନିହିତ ରହିଛି । ତାହା ଏହିକିଯେ, ଉକ୍ତ ଗ୍ରନ୍ଥ ପଠାଯୋଗ୍ୟ ଗ୍ରନ୍ଥ ଅଟେ ଏବଂ ଭବିଷ୍ୟତରେ ଉକ୍ତ ଗ୍ରନ୍ଥ ହିଁ ସର୍ବାଧିକ ରୂପେ ପାଠନୀୟ ଗ୍ରନ୍ଥ ରୂପେ ବିବେଚିତ ହେବ । ଅପରପକ୍ଷେ ଅନ୍ୟ ଗ୍ରନ୍ଥକୁ ମଧ୍ୟ ତାହା ସହିତ ସାମିଲ୍ କରାଯିବ । ସେତେବେଳେ ଇସ୍‌ଲାମ୍ ଧର୍ମର ସମ୍ମାନ ରକ୍ଷା କରିବା ନିମନ୍ତେ ଓ ମିଥ୍ୟାର ପରିସମାପ୍ତି କରିବା ନିମନ୍ତେ ଏହି ଏକମାତ୍ର ଗ୍ରନ୍ଥ ପଠନୀୟ ଅଟେ ଏବଂ ଅନ୍ୟ ପୁସ୍ତକ ପରିତ୍ୟାଗଯୋଗ୍ୟ ହେବ । ଫୁର୍କାନ୍‌ର ଏହି ଅର୍ଥ ମଧ୍ୟ ରହିଛି ଯେ, ଉକ୍ତ ଗ୍ରନ୍ଥ ହିଁ ସତ୍ୟ ଓ ଅସତ୍ୟ ମଧ୍ୟ ପାର୍ଥକ୍ୟ ତଥା ପ୍ରଭେଦକାରୀ ହେବ ଅନ୍ୟ କୌଣସି ହଦିସ୍ ଏହି ମର୍ଯ୍ୟାଦା ଓ ସମ୍ମାନର ଅଧିକାରୀ ହେବ ନାହିଁ......ବର୍ତ୍ତମାନ ସମସ୍ତ ଗ୍ରନ୍ଥମାନଙ୍କୁ ପରିତ୍ୟାଗ କରିଦିଅ ଏବଂ ଦିବାରାତ୍ର ଅଲ୍ଲାଃତାଲାଙ୍କ ଗ୍ରନ୍ଥ ଅର୍ଥାତ୍ ପବିତ୍ କୁରଆନ୍ କରୀମ୍‌କୁ ହିଁ ପାଠ କର ।
(ମଲ୍‌ଫୁଜାତ୍, ଭାଗ-1, ପୃ-386)

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଯାହାକି ପବିତ୍ର କୁରଆନ୍ କରୀମ୍‌ର ସମ୍ମାନକୁ ହାନୀ ଏବଂ ସମ୍ମାନକୁ କ୍ଷୁର୍ଣ୍ଣର କାରଣ ହେଉଥିଲା ତାହା ଜିହାଦ୍‌ର ଭ୍ରମାତ୍ମକ ଦୃଷ୍ଟିକୋଣ ଥିଲା । ଅଣଧର୍ମାବଲମ୍ବୀମାନଙ୍କୁ ବାଧ୍ୟ କରାଇ ଇସ୍‌ଲାମ୍ ଧର୍ମରେ ପ୍ରବିଷ୍ଟ କରାଯାଇପାରିବ ଏବଂ ଜିହାଦ୍‌ରୁ ଯଥାର୍ଥ କେବଳ ଜିହାଦ୍ ବିସ୍ ସୈଫ୍ ଅଟେ । ମୁସଲମାନମାନଙ୍କ ମଧ୍ୟରେ ରକ୍ତ କ୍ଷରଣକାରୀ ମେହଦୀ ସଂପର୍କରେ ଚିନ୍ତାଧାରା ଦେଖିବାକୁ ମିଳୁଥିଲା । ଆପଣ ଅ.ସ ପବିତ୍ର କୁରଆନ୍ କରୀମ୍ ଅନୁଯାୟୀ ଜିହାଦ୍‌ର ସଠିକ୍ ବ୍ୟାଖ୍ୟା ଓ ବାସ୍ତବତା ବର୍ଣ୍ଣନା କଲେ । କାରଣ ଜିହାଦ୍ କହିଲେ ନିଜ ଆତ୍ମା ସହିତ ଯୁଦ୍ଧକୁ ବୁଝାଏ ଏବଂ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷାର ପ୍ରକାଶନ ଓ ସେହି ଶିକ୍ଷାର ପ୍ରଥାକୁ (ନିୟମିତ ପାଠ କରିବା) ଜିହାଦେ କବିର୍ (ବୃହତ୍ ଜିହାଦ୍) ସହିତ ତୁଳନା କରାଯାଇଛି ।

ସେହିପରି ଆପଣ ଅ.ସ ମସିହ୍ ଅ.ସଙ୍କ ଜୀବିତର ଆସ୍ଥା ପବିତ୍ର କୁରଆନ୍ କରୀମର 30ଗୋଟି ଆୟତରୁ ଖଣ୍ଡନ ଏବଂ ସାବ୍ୟସ୍ତ କରି ଇସ୍‌ଲାମ୍ ଧର୍ମକୁ ପୁନଃ ନବଜୀବନ ପ୍ରଦାନ କଲେ ଓ ପବିତ୍ର କୁରଆନ୍ କରୀମ୍‌ର ମର୍ଯ୍ୟାଦାକୁ ଦ୍ୱିଗୁଣିତ କଲେ । ଆପଣ ଅ.ସ ନିଜର କବିତାରେ କୁହନ୍ତି:

مارتا ہے اسکو قرآن سر بسر
اسکے مر جانے کی دیتا ہے خبر
وہ نہیں باہر رہا اموات سے
ہو گیا ثابت یہ تیس آیات سے

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ଖୈରେ ଉମ୍ମତ୍ (ଉତ୍କୃଷ୍ଟ ଏବଂ ଉତ୍ତମ ସଂପ୍ରଦାୟ)କୁ ସମସ୍ତ ଆଧ୍ୟାତ୍ମିକ ପୁରସ୍କାରର ଶୁଭ ସମାଚାର ପ୍ରଦାନ କରିଛନ୍ତି । କିନ୍ତୁ ଅବୋଧ ଏବଂ ଅପରିଣାମଦର୍ଶୀ ମୁସଲମାନ ଖାତମୁନ୍ ନବୀୟିନ୍‌ର ଅଯୌକ୍ତିକ ବ୍ୟାଖ୍ୟା କରି ପ୍ରତ୍ୟେକ ପ୍ରକାରର ଅବତାରର ଦ୍ୱାରକୁ ରୁଦ୍ଧ ବୋଲି ମନେକରିନେଲେ । ଆପଣ ଅ.ସ ଆୟତ୍ ଖାତମୁନ୍ ନବୀୟିନର ପ୍ରକୃତ ପରିଚୟ ଏବଂ ଅବବୋଧ ଉପସ୍ଥାପିତ କରି କହିଲେ, ଖାତମ୍‌ର ଅର୍ଥ ମୋହୋର ଅଟେ । ଆଁହଜରତ ସ.ଅଙ୍କୁ ପୂର୍ଣ୍ଣ ଯଶ ତଥା ବଦାନ୍ୟ ନିମନ୍ତେ ମୋହୋର ପ୍ରଦାନ କରାଯାଇଅଛି । ବର୍ତ୍ତମାନ ଅବତାରତ୍ୱର ପୁରସ୍କାରରୁ କେବଳ ସେହି ବ୍ୟକ୍ତିକୁ ପୁରସ୍କୃତ କରାଯାଇପାରିବ ଯିଏ ମୁହମ୍ମଦ ସ.ଅଙ୍କ ମୋହୋର ନିଜ ସହିତ ରଖିଥିବ । ହ. ମୁହମ୍ମଦ ସ.ଅଙ୍କ ମୋହୋର ନିଜ ପାଖରେ ରଖିଥିବ ଏବଂ ଆପଣ ସ.ଅଙ୍କ ସହିତ ନିଜକୁ ସଂଶ୍ଲୀଷ୍ଟ କରୁଥିବ ।

ଆପଣ ଅ.ସ କୁହନ୍ତି: " ପବିତ୍ର କୁରଆନ୍ କରୀମ୍ ଗୋଟିଏ ସପ୍ତାହ ମଧ୍ୟରେ ବ୍ୟକ୍ତିକୁ ପବିତ୍ର କରିପାରିବ । ଯଦି ବ୍ୟକ୍ତି ପବିତ୍ର କୁରଆନ୍ କରୀମ୍‌ର ବାହ୍ୟତଃ ଅର୍ଥକୁ ଉପେକ୍ଷା ବା ବିମୁଖତା ପ୍ରଦର୍ଶନ ନକରେ ତେବେ ପବିତ୍ର କୁରଆନ୍ କରୀମ୍ ବ୍ୟକ୍ତିକୁ ସପ୍ତାହ ମଧ୍ୟରେ ପବିତ୍ର କରିପାରିବ । ତୁମେମାମନେ ଯଦି ପବିତ୍ର କୁରଆନ୍ କରୀମ୍ ଠାରୁ ପଳାୟନ ନକର ତାହାହେଲେ ପବିତ୍ର କୁରଆନ୍ କରୀମ୍ ତୁମମାନଙ୍କୁ ଅବତାରମାନଙ୍କ ପରି ଗଢି ତୋଳି ପାରିବ । ପବିତ୍ର କୁରଆନ୍ କରୀମ୍ ବ୍ୟତୀତ ଅନ୍ୟ କୌଣସି ଧର୍ମଗ୍ରନ୍ଥ ନିଜର ପାଠକାରୀଙ୍କୁ ଏହି ଦୁଆ ଶିକ୍ଷା ଦେଇ ନାହିଁ ଯେ, اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ **(ଅଲ୍ ବକରାହ୍: 06)** ଅର୍ଥାତ୍ ଆମମାନଙ୍କୁ ସରଳ ମାର୍ଗରେ ପରିଚାଳିତ କରାଅ । ସେମାନଙ୍କ ମାର୍ଗରେ ଯେଉଁମାନଙ୍କୁ (ଅବତାର, ସତ୍ୟବାଦୀ, ଶହୀଦ୍) ତୁମ୍ଭେ ପୁରସ୍କୃତ କରିଅଛ।

ଅତଏବ୍ ତୁମେମାନେ ନିଜର ସାହାସକୁ ବୃଦ୍ଧ କରିନିଅ ଏବଂ ପବିତ୍ର କୁରଆନ୍ କରୀମ୍‌ର ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କର ନାହିଁ । କାରଣ ପବିତ୍ର କୁରଆନ୍ କରୀମ୍ ତୁମମାନଙ୍କୁ ସେହି ପୁରସ୍କାର ପ୍ରଦାନ କରିବାକୁ ଚାହୁଁଛି ଯାହାକି ପୂର୍ବ ବ୍ୟକ୍ତିମାନଙ୍କୁ ପ୍ରାପ୍ତ ହୋଇଥିଲା ।" **(କିଶ୍‌ତି ନୁହ୍, ରୁହାନୀ ଖଜାଏନ୍, ଭାଗ-19, ପୃ-27)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ର ମର୍ଯ୍ୟାଦାକୁ ସ୍ଥାପନ କରିବା ନିମନ୍ତେ ହ. ମସିହ୍ ମଉଦ ଅ.ସଙ୍କୁ ଏକ ସମ୍ମାନପୂର୍ବକ ନିଦର୍ଶନ ଅର୍ଥାତ ତଫ୍‌ସିରେ କୁରଆନ୍ ମଧ୍ୟ ପ୍ରଦାନ କଲେ । ଆପଣ ଅ.ସଙ୍କ ସମସ୍ତ ପୁସ୍ତକ ସଂକଳନ ତଫ୍‌ସିର୍‌ର ଏକ ଅନନ୍ୟ ଉଦାହରଣ ଅଟେ । ତଥାପି ଆପଣ ଅ.ସ ପାର୍ଥକ୍ୟ ସ୍ୱରୂପ ପବିତ୍ର କୁରଆନ୍‌ର ବ୍ୟାଖ୍ୟା ଏବଂ ଆରବୀ ଭାଷାରେ କେତେକ ପୁସ୍ତକ କେବଳ ପବିତ୍ର କୁରଆନ୍ କରୀମ୍‌ର ବ୍ୟାଖ୍ୟା ନିମନ୍ତେ ରଚନା କରିଥିଲେ ଏବଂ ବିରୋଧୀମାନଙ୍କୁ ଏହାର ବିପକ୍ଷରେ ତଫ୍‌ସିର୍ (ବ୍ୟଖ୍ୟା) ଲେଖିବା ନିମନ୍ତେ ଆହ୍ୱାନ୍ ମଧ୍ୟ ଦେଲେ । କିନ୍ତୁ କୌଣସି ବ୍ୟକ୍ତି ଆପଣ ଅ.ସଙ୍କ ବିପକ୍ଷରେ ତଫ୍‌ସିର୍ ଲେଖିବା ପାଇଁ ଦୁଃସାହସ କଲା ନାହିଁ । ପୀର୍ ମେହେର୍ ଅଲା ଶାହ୍ ଗୋଲଡ଼ୱୀକୁ ତଫ୍‌ସିର୍ ଲେଖିବାର ଆହ୍ୱାନ (ଚ୍ୟାଲେଞ୍ଜ) ଦେଇ ଆପଣ ଅ.ସ ଏଜାଜୁଲ୍ ମସିହ୍ ନାମକ ପୁସ୍ତକ ଅତ୍ୟନ୍ତ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଭାଷାଗତ ଶୈଳୀ ଆରବୀ ଭଷାରେ ସୁରାଃ ଫାତିହାର ବ୍ୟାଖ୍ୟା ପ୍ରକାଶିତ କଲେ । ଉକ୍ତ ପୁସ୍ତକ ସଂପର୍କରେ ଆପଣ ଅ.ସଙ୍କୁ ଏହି ଐଶୀବାଣୀ ହେଲା ଯେ,

مَنْ قَامَا لِلْجَوَابِ وَتَنَمَّرَ
فَسَوْفَ يَرَىٰ اَنَّهُ تَنَدَّمَ وَتَذَمَّرَ

ଅର୍ଥାତ୍ ଯେଉଁ ବ୍ୟକ୍ତି କ୍ରୋଧାନ୍ୱିତ ହୋଇ ଉକ୍ତ ପୁସ୍ତକର ଉତ୍ତର ଲେଖିବା ନିମନ୍ତେ ପ୍ରସ୍ତୁତ ହେବ ସେ ଖୁବଶୀଘ୍ର ଦେଖିନେବ ଯେ, ସେ ଲଜ୍ଜିତ ହେବ ଏବଂ ଉତ୍‌କଣ୍ଠିତପୂର୍ବକ ତା'ର ଅବସାନ ଘଟିବ । ଅଲ୍ଲାଃତାଲାଙ୍କ ଐଶୀବାଣୀ ଅନୁଯାୟୀ ପୀର୍ ମେହେର ଅଲୀ ଶାହ୍‌କୁ ଉକ୍ତ ତଫ୍‌ସିର୍ ବିପକ୍ଷରେ ଗୋଟିଏ ତଫ୍‌ସିର୍ ମଧ୍ୟ ଲେଖିବା ପାଇଁ ସାହାସ ହେଲା ନାହିଁ । ପରିଶେଷରେ ସେ ଅନୁତପ୍ତ, ଲଜ୍ଜିତ, ଉତ୍କଣ୍ଠିତପୂର୍ବକ ପରାଜୟର ମୁଖ ଦେଖିବାକୁ ପଡ଼ିଥିଲା । ଉକ୍ତ ପୁସ୍ତକର ଆଳଂକାରିକତା ଏବଂ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଭାଷାଗତ ଶୈଳୀର ସୁପ୍ରକଟ (ଖୋଲମ ଖୋଲା) ପ୍ରଶଂସା ଆରବ୍ୟ ଦେଶର ଖବର କାଗଜ ମଧ୍ୟ କରିଛି । ଆପଣ ଅ.ସ କୁହନ୍ତି: "ମୋତେ ପବିତ୍ର କୁରଆନ୍ କରୀମ୍‌ର ଚମତ୍କାରର ପ୍ରତିବିମ୍ବ, ଆରବ୍ୟ ଆଳଂକାରିକ ଏବଂ ବର୍ଣ୍ଣନାତ୍ମକ ଭାଷାଗତ ଶୈଳୀର ନିଦର୍ଶନ ଦିଆଯାଇଛି । କୌଣସି ବ୍ୟକ୍ତି ଏହାର ମୁକାବିଲା କରିପାରିବ ନାହିଁ।"

**(ଜରୁରତୁଲ୍ ଇମାମ୍, ରୁହାନୀ ଖଜାଏନ୍, ଭାଗ-13, ପୃ-496)**

ସେହିପରି ଆପଣ ଅ.ସ କୁହନ୍ତି: "ମୁଁ ଅନେକ ଥର କହିଛି ଯେ, ମୋର ବିରୋଧୀମାନେ ଗୋଟିଏ ସୁରାଃର ବ୍ୟାଖ୍ୟା କରନ୍ତୁ ଏବଂ ମୁଁ ମଧ୍ୟ ଗୋଟିଏ ସୁରାଃର ବ୍ୟାଖ୍ୟା କରିବି । ପୁନଶ୍ଚ ମୁକାବିଲା କରିନିଆଯାଉ । କିନ୍ତୁ କେହି ବି ସାହାସ ଦେଖାଇଲେ ନାହିଁ । ମୁହମ୍ମଦ ହୁସୈନ୍ ଆଦି ବିଦ୍ୱାନ୍ ବ୍ୟକ୍ତିମାନେ ଏହା କହିଦେଲେ ଯେ, ମିର୍ଜା ସାହେବଙ୍କୁ ଆରବୀ ଭାଷାରେ ବଚନ ଏବଂ ଲିଙ୍ଗ ବିଷୟରେ କିଛି ଜଣା ନାହିଁ । ଯେତେବେଳେ ତା' ସମ୍ମୁଖରେ ଆପଣ ଅ.ସଙ୍କ ପୁସ୍ତକ ଉପସ୍ଥାପିତ କରାଗଲା ସେତେବେଳେ ସେ ଭୀରୁ ଏବଂ ଅଧମ ତଥା ତୁଚ୍ଛ କହି ଆଳ କରି ଉପେକ୍ଷା କରିଦେଲା ଯେ, ଉକ୍ତ ଆରବୀ ତ' ଆଳୁ ପରି କଞ୍ଚା ଅଟେ। କିନ୍ତୁ ତା'କୁ ଏହି ସାମର୍ଥ୍ୟ ପ୍ରାପ୍ତ ହୋଇ ପାରିଲା ନାହିଁ ଯେ, ସେ ଗୋଟିଏ ପୃଷ୍ଠା ପ୍ରସ୍ତୁତ କରି ଉପସ୍ଥାପିତ କରିଦେବ ଏବଂ ଦେଖାଇ ଦେଇଥାଆନ୍ତା ଯେ, ହେଇ ଏ ହେଉଛି ଆରବୀ ଭାଷା ମୁଁ ଲେଖିଛି । ସୁତରାଂ ଆପଣ ଅ.ସ କୁହନ୍ତି: ଅତଃ ଏହା ହେଉଛି ନିଦର୍ଶନ ଯାହାକି ବିଶେଷ ରୂପେ ମୋର ସତ୍ୟତା ନିମନ୍ତେ ମୋତେ ପ୍ରାପ୍ତ ହୋଇଛି।" **(ମଲ୍‌ଫୁଜାତ୍, ଭାଗ-1, ପୃ-183)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ବିଗତ ବ୍ୟାଖ୍ୟାକାରମାନେ ପବିତ୍ର କୁରଆନ୍ କରୀମ୍‌ରେ ବର୍ଣ୍ଣିତ ହୋଇଥିବା ଅବତାରମାନଙ୍କର ଏବଂ ଜାତିର ଘଟଣାବଳୀକୁ କେବଳ ଗଳ୍ପ ରୂପେ ବର୍ଣ୍ଣନା କରୁଥିଲେ । ସେମାନେ କେତେକ ଆୟତ୍‌ମାନଙ୍କର ଏପରି ବ୍ୟାଖ୍ୟା କରୁଥିଲେ ଯଦ୍ଦ୍ୱାରାକି ଅବତାରମାନଙ୍କର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେଉଥିଲା। ହ. ମସିହ୍ ମଉଦ୍ ଅ.ସ ପବିତ୍ର କୁରଆନ୍ କରୀମ୍‌ରେ ବର୍ଣ୍ଣିତ ଅବତାରମାନଙ୍କର ଘଟଣାବଳୀକୁ ଶୈକ୍ଷିକ ଏବଂ ଦାର୍ଶନିକପୂର୍ଣ୍ଣ ଭବିଷ୍ୟବାଣୀର ରୂପ ପ୍ରଦାନ କରି ପବିତ୍ର କୁରାଆନ୍ କରୀମ୍‌ର ମର୍ଯ୍ୟାଦା ଏବଂ ପରିଚୟକୁ ପ୍ରକାଶିତ କରିଛନ୍ତି ଓ ଅବତାରମାନଙ୍କର ସମ୍ମାନକୁ ବଜାୟ ରଖିଛନ୍ତି ।

ଆପଣ ଅ.ସ କୁହନ୍ତି: "ପବିତ୍ର କୁରଆନ୍ କୀରମ୍‌ର ଯେଭଳି ଗଳ୍ପ ଏବଂ ଘଟଣାବଳୀ ରହିଛି ତାହା ବାସ୍ତବରେ ଗଳ୍ପ ନୁହନ୍ତି ବରଂ ତାହା ଗୋଟିଏ ଗୋଟିଏ ଭବିଷ୍ୟବାଣୀ ଅଟନ୍ତି ଏବଂ ତାହା ଘଟଣାବଳୀ ଆକାରରେ ଉଲ୍ଲିଖିତ କରାଯାଇଛି। ହଁ ତୌରାତ୍‌ରେ ତ' କେବଳ ଗଳ୍ପ ଦେଖିବାକୁ ମିଳିଥାଏ । କିନ୍ତୁ ପବିତ୍ର କୁରଆନ୍ କରୀମ୍ ପ୍ରତ୍ୟେକ ଗଳ୍ପକୁ ରସୁଲ୍ କରୀମ୍ ସ.ଅଙ୍କ ସକାଶେ ଏବଂ ଇସ୍‌ଲାମ୍ ଧର୍ମ ସକାଶେ ଏକ ଏକ ଭବିଷ୍ୟବାଣୀ ବୋଲି ବିବେଚିତ କରିଛି । ଏହି ଘଟଣାବଳୀ ତଥା ଗଳ୍ପସାଗରର ଭବିଷ୍ୟବାଣୀ ମଧ୍ୟ ଅତ୍ୟନ୍ତ ପୂର୍ଣ୍ଣତ୍ୱତାର ସହିତ ପୂର୍ଣ୍ଣ ହୋଇଛି।"**(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଭାଗ-23, ପୃ-271)**

ସେହିପରି ଆପଣ ଅ.ସ କୁହନ୍ତି: "ପବିତ୍ର କୁରଆନ୍ କରୀମ୍ ନିଜର ସମସ୍ତ ଶିକ୍ଷାକୁ ଜ୍ଞାନ ଆକରରେ ଏବଂ ଦାର୍ଶନିକପୂର୍ଣ୍ଣ ଢଙ୍ଗରେ ଉପସ୍ଥାପିତ କରୁଛି....... ଅତଏବ୍ ଏକଥା ସ୍ମରଣ ରଖିବା ଉଚିତ୍ ଯେ, ପବିତ୍ର କୁରଆନ୍ କରୀମ୍ ପୂର୍ବ ଧର୍ମଗ୍ରନ୍ଥମାନଙ୍କ ଉପରେ ଏବଂ ଅବତାରମାନଙ୍କ ଉପରେ ଉପକାର କରିଛି । ଅର୍ଥାତ୍ ସେହି ଧର୍ମଗ୍ରନ୍ଥମାନଙ୍କରେ ଯେଉଁ ଶିକ୍ଷା କାହାଣୀ ଆକାରରେ ବର୍ଣ୍ଣିତ ହୋଇଥିଲା ତାହାକୁ ପବିତ୍ର କୁରଆନ୍ ଶୈକ୍ଷିକ ରୂପ ପ୍ରଦାନ କରିଦେଇଛି । ମୁଁ ସତ ସତ କହୁଛି ! ଯେପର୍ଯ୍ୟନ୍ତ ଜଣେ ବ୍ୟକ୍ତି ପବିତ୍ର କୁରଆନ୍ କରୀମ୍ ପାଠ କରିନେଇ ନାହିଁ ସେପର୍ଯ୍ୟନ୍ତ କୌଣସି ବ୍ୟକ୍ତି ସେହି କାହାଣୀ ଏବଂ ଗଳ୍ପରୁ ମୁକ୍ତି ପ୍ରାପ୍ତ କରିପାରିବ ନାହିଁ । ଅତଏବ୍ ପବିତ୍ର କୁରଆନ୍ କରୀମ୍‌କୁ ବହୁଳ ରୂପେ ପାଠ କର। କିନ୍ତୁ ଏହାକୁ ଗଳ୍ପ ମନେକରି ପାଠ କର ନାହିଁ । ବରଂ ଏହାକୁ ଦର୍ଶନ ମନେକରି ପାଠ କରିବା ଉଚିତ୍ ।" **(ମଲ୍‌ଫୁଜାତ୍, ଭାଗ-2, ପୃ-113)**

ସମ୍ମାନିତ ଶ୍ରୋତାମଣ୍ଡଳୀ ! ପୁଣ୍ୟଶ୍ଳୋକ ହ. ମସିହ୍ ମୁଉଦ୍ ଅ.ସ ପବିତ୍ର କୁରଆନ୍ କରୀମ୍‌ରେ ବିଦ୍ୟମାନ ଥିବା ଏକ ମହାନ ଶୈକ୍ଷିକ ଚମତ୍କାର ଯାହାକି ପବିତ୍ର କୁରଆନ୍ କରୀମର ମର୍ଯ୍ୟାଦାକୁ ଦ୍ୱିଗୁଣିତ କରିଦେଇଥାଏ । ତାହା ହେଲା ଷଡ଼ ଶାରୀରୀକ, ଆଧ୍ୟାତ୍ମିକ ସ୍ତର ସଂକ୍ରାନ୍ତରେ ଗବେଷଣା କରି କୁହନ୍ତି: " ପୃଥିବୀରେ ଯେତେ ସଂଖ୍ୟକ ଆକାଶୀୟ ଗ୍ରନ୍ଥ ରହିଛି ଯେଉଁମାନେ ନିଜକୁ ଆକାଶୀୟ ଗ୍ରନ୍ଥ ବୋଲି ବୋଲାଉଛନ୍ତି କିମ୍ବା ଯେଉଁ ବୈଦ୍ୟମାନେ ଆତ୍ମା ଏବଂ ଈଶ୍ୱରଙ୍କ ସଂକ୍ରାନ୍ତରେ ଲେଖନୀ ଚାଳନା କରିଛନ୍ତି, ଯେଉଁ ବ୍ୟକ୍ତିମାନେ ସନ୍ଥମାନଙ୍କ ପନ୍ଥାନୁଯାୟୀ ପରିଚୟମୂଳକ ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି । ସେହି ବ୍ୟକ୍ତିମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତିଙ୍କର ମସ୍ତିଷ୍କ ଏହି ପ୍ରସଙ୍ଗ ଆଡ଼କୁ ଆଗେଇଯାଇ ନାହିଁ ଯେ, ଉକ୍ତ ମୁକାବିଲା ଶାରୀରୀକ ଓ ଆଧ୍ୟାତାମିକ ଅସ୍ତିତ୍ୱକୁ ଦର୍ଶନ କରାଇଥାଏ । ଯଦି କୌଣସି ବ୍ୟକ୍ତି ମୋର ଉକ୍ତ ଦାବିକୁ ପ୍ରତ୍ୟାଖ୍ୟାନ କରେ ଏବଂ ସେ ଏହା ମନେକରେ ଯେ, ଉକ୍ତ ମୁକାବିଲା ଆଧ୍ୟାତ୍ମିକ ଏବଂ ଶାରୀରୀକ ଅନ୍ୟ ବ୍ୟକ୍ତି ମଧ୍ୟ ଉପସ୍ଥାପିତ କରିଛି । ସେହି ବ୍ୟକ୍ତି ପକ୍ଷେ ଏହା ଅନିର୍ବାର୍ଯ୍ୟ ଯେ, ସେହି ଶୈକ୍ଷିକ ଚମତ୍କାର ଦୃଷ୍ଟାନ୍ତ ଅନ୍ୟ କୌଣସି ଗ୍ରନ୍ଥରୁ ଉପସ୍ଥାପିତ କରି ଦେଖାଇ ଦେଉ । ମୁଁ ତ' ତୌରାତ୍ ଏବଂ ଇଞ୍ଜିଲ୍ ଏବଂ ହିନ୍ଦୁମାନଙ୍କର ବେଦକୁ ମଧ୍ୟ ଅବଲୋକନ କରିଛି। କିନ୍ତୁ ମୁଁ ସତ ସତ କହୁଛି ଯେ, ଏହି ପ୍ରକାରର ଶୈକ୍ଷିକ ଚମତ୍କାର ମୁଁ ପବିତ୍ର କୁରଆନ୍ କରୀମ୍ ବ୍ୟତୀତ ଅନ୍ୟ କୌଣସି ଗ୍ରନ୍ଥରେ ଦେଖିବାକୁ ପାଇ ନାହିଁ ।"

**(ତଫ୍‌ସିର୍ ହ. ମସିହ୍ ମଉଦ୍ ଅ.ସ, ଭାଗ-6)**

یا الٰہی تیرا فرقاں ہے کہ اِک علم ہے
جو ضروری تھا وہ سب اُس میں مہیا نکلا
کس سے اُس نور کی ممکن ہو جہاں میں تشبیہ
وہ تو ہر بات میں ہر وصف میں یکتا نکلا

ସମ୍ମାନିତ ଶ୍ରୋତାମଣ୍ଡଳୀ ! ପରିଶେଷରେ ମୁଁ ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍‌ଙ୍କର ଏକ ଆଲେଖ୍ୟ ଉପସ୍ଥାପିତ କରି ନିଜର ବକ୍ତବ୍ୟକୁ ଶେଷ କରୁଛି । ହୁଜୁର ଅନ୍‌ୱର୍ ଅ.ବ ବର୍ଣ୍ଣନା କରନ୍ତି: "ଆଜି ପ୍ରତ୍ୟେକ ଅହେମଦିଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ସେମାନେ ଈଶ୍ୱରଙ୍କର ଏହି ମହାନ ଗ୍ରନ୍ଥ ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍‌ର ତିଲାୱତ (ଆବୃତ୍ତି)ର କର୍ତ୍ତବ୍ୟ ସମ୍ପାଦନ କରନ୍ତୁ । ନିଜକୁ ବଞ୍ଚାଇବା ସହିତ ସଂସାରକୁ ମଧ୍ୟ ବଞ୍ଚାନ୍ତୁ । ଯେଉଁ ଲୋକମାନଙ୍କର ଇସ୍‌ଲାମ୍ ଧର୍ମ ଆଡ଼କୁ ଧ୍ୟାନ ଆକର୍ଷିତ ହୋଇଛି କିନ୍ତୁ ସେମାନେ ଅହେମଦି ହୋଇ ନାହାନ୍ତି ତନ୍ମଧ୍ୟରୁ ଅନେକ ବ୍ୟକ୍ତିମାନେ ପ୍ରକୃତ ଇସଲାମ୍ ଧର୍ମ ଏବଂ ସତ୍ୟାନ୍ୱେଷଣରେ ଅହେମଦିୟତ୍‌ର କୋଳକୁ ଆସିବେ **ଇନ୍‌ଶାଅଲ୍ଲାଃ** । ଏଥିପାଇ ପ୍ରତ୍ୟେକ ଅହେମଦିକୁ ନିଜେ ପ୍ରସ୍ତୁତ କରିବା ଉଚିତ୍। ଆଜି ଯେତେବେଳେ ଇସ୍‌ଲାମ୍ ବିରୋଧୀ ଶକ୍ତି ପ୍ରତ୍ୟେକ ପ୍ରକାରର ଅସାଧୁ ଉପାୟ ଅବଲମ୍ବନ କରୁଛନ୍ତି । ବାଯ୍ୟ ଓ ଅଶ୍ଳୀଳତାର ଏକ ଝଡ଼ ସୃଷ୍ଟି କରି ରଖିଛି। ତେବେ ଆମମାନଙ୍କର କାର୍ଯ୍ୟ ଓ ଦାୟିତ୍ୱ ଯେ, ଆମେମାନେ ପୂର୍ବାପେକ୍ଷା ଅଧିକ ଈଶ୍ୱରଙ୍କ ବାଣୀକୁ ପାଠ କରିବା ଉଚିତ୍ । ପବିତ୍ର କୁରଆନ୍ କରୀମ୍‌କୁ ବୁଝିବା, ଏହା ଉପରେ ଚିନ୍ତନ କରିବା, ବିଚାର କରିବା ଏବଂ ଧ୍ୟାନ ଦେବା ଇତ୍ୟାଦି କାର୍ଯ୍ୟାନୁସରଣ କରିବା ଉଚିତ୍ । ପୂର୍ବାପେକ୍ଷା ଅଧିକ ଉକ୍ତ ଗ୍ରନ୍ଥର ଅବତୀର୍ଣ୍ଣକାରୀ ଈଶ୍ୱରଙ୍କ ସମ୍ମୁଖରେ ଆନତ ହେବା ଉଚିତ୍ । କାରଣ ଆମେମାନେ ସେହି କଲ୍ୟାଣର ଅଧିକାରୀ ହୋଇ ପାରିବୁ ଯାହାକି ଉକ୍ତ ଗ୍ରନ୍ଥରେ ଲୁକ୍କାୟିତ ହୋଇ ରହିଛି । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।"

**(ଖୁତ୍‌ବା ଜୁମା, ପ୍ରାମାଣ୍ୟ, ଅଖ୍‌ବାର୍ ବଦର୍, 1 ମେ, 2008 ମସିହା)**

قرآں کو یاد رکھنا پاک اعتقاد رکھنا
فکرِ معاد رکھنا پاس اپنے زاد رکھنا
اکسیر ہے پیارے صدق و سداد رکھنا
یہ روز کر مبارک سبحان من یرانی
آمین برحمتك یا ارحم الرحمین
وآخر دعوانا عن الحمد للہ رب العلمین

☆ ☆ ☆

## ଖୁଲାସା ଖୁତବା ଜୁମା (୨୪-୦୩-୨୦୨୩)

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ هُوَ الَّذِي بَعَثَ فِي الْأُمِّيِّينَ رَسُولًا مِنْهُمْ يَتْلُو عَلَيْهِمْ آيَاتِهِ وَيُزَكِّيهِمْ وَيُعَلِّمُهُمُ الْكِتَابَ وَالْحِكْمَةَ وَإِنْ كَانُوا مِنْ قَبْلُ لَفِي ضَلَالٍ مُبِينٍ۔ وَآخَرِينَ مِنْهُمْ لَمَّا يَلْحَقُوا بِهِمْ وَهُوَ الْعَزِيزُ الْحَكِيمُ۔ ଆୟାତ୍ର ତିଲାୱତ୍ କରି ଅନୁବାଦ ଉପସ୍ଥାପନ କଲେ;- "ସେ (ଅଲ୍ଲାଃ) ହିଁ ନିରକ୍ଷର ସଂପ୍ରଦାୟ ପ୍ରତି ତାହାରି ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ରସୁଲ୍ ଭାବରେ ପ୍ରେରଣ କରିଛନ୍ତି । ସେ (ଅବତାର) ନିରକ୍ଷର ହେବା ସତ୍ତ୍ୱେ ସେମାନଙ୍କୁ ଅଲ୍ଲାଃତାଲାଙ୍କ ଆଦେଶାବଳୀକୁ ପାଠ କରି ଶୁଣାଉଛନ୍ତି ଓ ସେମାନଙ୍କୁ ପବିତ୍ର କରାଉଛନ୍ତି, ସେମାନଙ୍କୁ (ଧର୍ମ) ଗ୍ରନ୍ଥ ଓ ତତ୍ତ୍ୱଶିକ୍ଷା ଦେଉଛନ୍ତି । ଅଥଚ ସେମାନେ ଏଥିପୂର୍ବରୁ ସ୍ପଷ୍ଟ ବିଭ୍ରାନ୍ତ ମଧ୍ୟରେ (ପତିତ) ଥିଲେ ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସଂପ୍ରଦାୟରେ ମଧ୍ୟ ସେ ତାହାଙ୍କୁ ପ୍ରେରଣ କରିବେ ଯେଉଁମାନେ ଅଦ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରି ନାହାନ୍ତି ଏବଂ ସେ ହିଁ ପରାକ୍ରମ ଓ ତତ୍ତ୍ୱଜ୍ଞ ।"

୨୩ ମାର୍ଚ୍ଚର ଦିନ ଜମାଅତ୍ ଅହେମଦିରେ ୟୌମେ ମସିହ୍ ମଉଦ୍ (ପ୍ରତିଶ୍ରୁତ ମସିହ୍ ଦିବସ) ରୂପେ ପାଳନ କରାଯାଏ । ଆମେମାନେ ସୌଭାଗ୍ୟଶାଳୀ ଯେ, ଆମେମାନେ ଅଲ୍ଲାଃତାଲାଙ୍କର ସେହି ପ୍ରତିଶ୍ରୁତି ଓ ଆଁହଜରତ ସ.ଅଙ୍କର ଭବିଷ୍ୟବାଣୀ ଅନୁଯାୟୀ ଯୁଗାବତାର ତଥା ଧର୍ମାଧ୍ୟକ୍ଷ, ପ୍ରତିଶ୍ରୁତ ମସିହ୍ ଓ ମାର୍ଗଦର୍ଶୀଙ୍କୁ ସ୍ୱୀକାର କରିବାକୁ ସାମର୍ଥ୍ୟ ଲାଭ କରିଛେ । ୨୩ ମାର୍ଚ୍ଚ ୧୮୮୯ ମସିହାରେ ଆପଣ ଅ.ସ ଲୁଧିୟାନାରେ ବୈଅତ୍ ଗ୍ରହଣ କରି ନୈଷ୍ଠିକ ବ୍ୟକ୍ତିଙ୍କର ଏକ ଜମାଅତ୍ ସ୍ଥାପନ କଲେ । ଉପରୋକ୍ତ ସୁରତୁଲ୍ ଜୁମାର ଯେଉଁ ଆୟତ୍ର ମୁଁ ଅନୁବାଦ କରିଛି, ତହିଁରେ ଆଁହଜରତ ସ.ଅଙ୍କ ସତ୍ୟବାଦୀ ଦାସଙ୍କ ଆଗମନ ତଥା ତାହାଙ୍କ ମାଧ୍ୟମରେ ଏକ (ସଂପ୍ରଦାୟ) ଜମାଅତ୍ ସ୍ଥାପନର ଶୁଭ ସୂଚନା ପ୍ରଦାନ କରାଯାଇଛି । ଏତଦ୍‌ଭିନ୍ନ ଅନ୍ୟ ଆୟତ୍‌ଗୁଡ଼ିକରେ ଏବଂ ଆହାଦିସ୍‌ରେ ମଧ୍ୟ ଏହାର ସୂଚନା ପ୍ରଦାନ କରାଯାଇଛି । ବର୍ତ୍ତମାନ ମୁଁ ଉପରୋକ୍ତ ଆୟାତ୍ର ବ୍ୟାଖ୍ୟା ଓ ଆଗାମନକାରୀ ପ୍ରତିଶ୍ରୁତ ମସିହ୍ ମଉଦ୍ ଅ.ସଙ୍କ କାଳରେ ଯେଉଁ ବିଭିନ୍ନ ନିଦର୍ଶନ ବର୍ଣ୍ଣିତ ହୋଇଛି ତାହାର ସବିଶେଷ ବିବରଣୀ ହ. ମସିହ୍ ମଉଦ୍ ଅ.ସଙ୍କ ନିଜ ଭାଷାରେ ଉଲ୍ଲେଖିତ ରହିଛି ତାହା ଏଠାରେ ମୁଁ ବର୍ଣ୍ଣନା କରିବି । ସେହିପରି ଆପଣ ଅ.ସ ଯେଉଁ ଦାବି କରିଥିଲେ ତାହାର ସଂକ୍ଷିପ୍ତ ଚର୍ଚ୍ଚା ମଧ୍ୟ ମୁଁ ଆପଣ ଅ.ସଙ୍କ ଭାଷାରେ ପ୍ରଦାନ କରିବି ।

ଉପରୋକ୍ତ ଆୟାତ୍ର ବ୍ୟାଖ୍ୟା କରି ଆପଣ ଅ.ସ କୁହନ୍ତି: ଉପରୋକ୍ତ ଆୟାତ୍ର ନିଷ୍କର୍ଷ ଏହିକି ଯେ, ପରମେଶ୍ୱର ହେଉଛନ୍ତି ସେହି ଈଶ୍ୱର ଯିଏ ଏଭଳି ଏକ ସନ୍ଧିକ୍ଷଣ ମୁହୂର୍ତ୍ତରେ ନିଜର ଅବତାରଙ୍କୁ ପ୍ରେରଣ କଲେ ଯେ, ଲୋକମାନେ ସଂପୂର୍ଣ୍ଣ ରୂପେ ଜ୍ଞାନ ଓ ବ୍ରହ୍ମଜ୍ଞାନ ଶୂନ୍ୟ ହୋଇଯାଇଥିଲେ । ବ୍ରହ୍ମଜ୍ଞାନମୂଳକ ଜ୍ଞାନ ଓ ଧର୍ମଭିତ୍ତିକ ଜ୍ଞାନ ଯାହା ଦ୍ୱାରା ଆତ୍ମା ସଂପୂର୍ଣ୍ଣ ତଥା ସିଦ୍ଧିଲାଭ କରିଥାଏ ଏବଂ ମନୁଷ୍ୟର ଆତ୍ମା ନିଜର ଚରମ ସୀମା ଅର୍ଥାତ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ଯେଉଁ ମାଧ୍ୟମ ରହିଥିଲା ତାହାକୁ ମନୁଷ୍ୟ ପାସୋରି ବସିଥିଲା ଏବଂ ଏହି ବ୍ରହ୍ମଜ୍ଞାନ ସମ୍ପନ୍ନ ଜ୍ଞାନ ଏବଂ ଧର୍ମଭିତ୍ତିକ ଜ୍ଞାନ ଭୂପୃଷ୍ଠରୁ ନିଶ୍ଚିହ୍ନ ହୋଇ ଯାଇଥିଲା । ଠିକ୍ ସେହିଭଳି ସନ୍ଧିକ୍ଷଣ ମୁହୂର୍ତ୍ତରେ ଅଲ୍ଲାଃତାଲା ନିଜର ଲେଖାପଢା ଜାଣି ନଥିବା ଅବତାରଙ୍କୁ ପ୍ରେରଣ କଲେ ଏବଂ ସେହି ଅବତାର ଲୋକମାନଙ୍କର ଅତ୍ମାକୁ ପବିତ୍ର କରିଥିଲେ ଏବଂ ଧର୍ମଭିତ୍ତିକ ଜ୍ଞାନ ଏବଂ ବ୍ରହ୍ମଜ୍ଞାନ ମାଧ୍ୟମରେ ସେମାନଙ୍କୁ ସତ୍‌ପଥ ପ୍ରତି ମାର୍ଗଦର୍ଶନ କରାଇଥିଲେ । ଅର୍ଥାତ୍ ନିଦର୍ଶନ ଓ ଚମତ୍କାର ମାଧ୍ୟରେ ସେମାନଙ୍କର ବିଶ୍ୱାସର ଯେଉଁ ସ୍ତର ରହିଥିଲା ତାହାକୁ ପୂର୍ଣ୍ଣ ବିଶ୍ୱାସରେ ପରିଣତ କରିଥିଲେ । ଆପଣ ଅ.ସ ପୁନଶ୍ଚ କହିଲେ, ଆଉ ଏକ ଗୋଷ୍ଠୀ ରହିଛି ଯେକି ଶେଷ ଯୁଗରେ ଆବିର୍ଭୂତ ହେବ, ସେହି ସମୟରେ ମଧ୍ୟ ଲୋକମାନେ ନାନା ଅନ୍ଧକାର, କୁସଂସ୍କାର, କୁପ୍ରଥା ତଥା ଅନ୍ଧବିଶ୍ୱାସରେ ବୁଡ଼ି ରହିଥିବେ । ଠିକ୍ ସେତିକିବେଳେ ପ୍ରଭୁ ସେହି ମାର୍ଗଚ୍ୟୁତ ଲୋକ ଅର୍ଥାତ ସାହାବାମାନଙ୍କ ପରି ବିଶ୍ୱାସ ରଖୁଥିବା ବ୍ୟକ୍ତିମାନଙ୍କ ମାର୍ଗଦର୍ଶନ ସକାଶେ ସେମାନଙ୍କୁ ଛିଡ଼ା କରିବେ । ଏପର୍ଯ୍ୟନ୍ତକି ସେହି ଗୋଷ୍ଠୀର ନିଷ୍ଠାପରତା ଓ ବିଶ୍ୱାସ ମଧ୍ୟ ସାହାବାମାନଙ୍କର ନିଷ୍ଠାପରତା ଓ ବିଶ୍ୱାସ ପରି ଅଟଳ ହୋଇଯିବ । ସଠିକ୍ ହଦିସ୍‌ରେ ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅ ଉକ୍ତ ହଦିସ୍ ବର୍ଣ୍ଣନା କରିବା ସମୟରେ ହ. ସଲ୍‌ମାନ୍ ଫାର୍ସିଙ୍କ କାନ୍ଧରେ ନିଜର ପବିତ୍ର ହସ୍ତ ରଖି କହିଲେ, لَوْ كَانَ الْإِيمَانُ مُعَلَّقًا بِالثُّرَيَّا لَنَالَهُ رَجُلٌ مِنْ فَارِسَ ସେହି ଯୁଗ ସମ୍ବନ୍ଧରେ କୁହାଗଲା ଯେ, ପବିତ୍ର କୁରଆନ୍ ଆକାଶକୁ ଉଠିଯିବ (ଅର୍ଥାତ ଲୋକମାନେ ପବିତ୍ର କୁରଆନ୍ ଉପରେ କାର୍ଯ୍ୟାନୁସରଣ କରିବେ ନାହିଁ) । ଅତଏବ୍ ଏହା ହେଉଛି ସେହି ଯୁଗ ଯେଉଁ ଯୁଗକୁ ମସିହ୍ ମଉଦ୍ ଯୁଗ ଭାବରେ ଅଭିହିତ କରାଯାଇଛି । ହ. ମସିହ୍ ମଉଦ୍ ଅ.ସ ହେଉଛନ୍ତି ସେହି ଫାରସିଉଲ୍ ଅସଲ୍ (ଫାର୍ସି ବଂଶୋଦ୍ଭବ ବ୍ୟକ୍ତି) ଯାହାଙ୍କ ନାମ ମସିହ୍ ମଉଦ୍ (ପ୍ରତିଶ୍ରୁତ ମସିହ୍) ଅଟେ ।

ଆପଣ ଅ.ସ କହିଲେ, ପୂର୍ବୋକ୍ତ କୁରଆନୀୟ ଆୟାତ୍ର ଅର୍ଥ ଏହିପରି ଯେ, ସଂପୂର୍ଣ୍ଣ ମାର୍ଗଭ୍ରଷ୍ଟ ପରେ ମାର୍ଗଦର୍ଶନ ଓ ବ୍ରହ୍ମଜ୍ଞାନ ପ୍ରାପ୍ତକାରୀ ଏବଂ ଆଁହଜରତ ସ.ଅଙ୍କ ଚମତ୍କାର ତଥା କଲ୍ୟାଣକୁ ଅବଲୋକନକାରୀଙ୍କର ଦୁଇଟି ଗୋଷ୍ଠୀ ରହିଛି । **ପ୍ରଥମତଃ** ସାହାବା ଓ **ଦ୍ୱିତୀୟତଃ** ଅନ୍ୟ ଏକ ଗୋଷ୍ଠୀ ଯେକି ସାହାବାମାନଙ୍କ ସଦୃଶ ଅଟନ୍ତି । ସେମାନେ ହେଉଛନ୍ତି ମସିହ୍ ମଉଦଙ୍କ ଗୋଷ୍ଠୀ ଅଟନ୍ତି । କାରଣ ଉକ୍ତ ଗୋଷ୍ଠୀ ମଧ୍ୟ ଆଁହଜରତ ସ.ଅଙ୍କ ଚମତ୍କାରକୁ ଅବଲୋକନ କରିବେ । ଆଜିକାଲି ତାହା ହିଁ ଘଟିଲା । ସୁତରାଂ ଦୀର୍ଘ ୧୩୦୦ ବର୍ଷ ପରେ ଆଁହଜରତ ସ.ଅଙ୍କ ଚମତ୍କାରର ଦ୍ୱାରା ଉନ୍ମୁକ୍ତ ହୋଇଯାଇଛି ଏବଂ ଲୋକମାନେ ସ୍ୱଚକ୍ଷୁରେ ଅବଲୋକନ କରିନେଲେ ଯେ, ସୂର୍ଯ୍ୟଗ୍ରହଣ ଓ ଚନ୍ଦ୍ରପରାଗ ରମ୍‌ଜାନ୍ ମାସରେ ଦାରେ କୁତ୍‌ନୀ ହଦିସ୍ ଅନୁଯାୟୀ ତଥା ଫତାୱା ଇବ୍‌ନେ ହଜର୍ ଅନୁଯାୟୀ ପ୍ରାଦୁର୍ଭୂତ ହେଲା । ପୁନଶ୍ଚ ଜୁସ୍ସିନ୍‌ନୈନ୍ ତାରକା ମଧ୍ୟ ମେହଦୀ ଓ ମସିହ୍ ମଉଦ୍‌ଙ୍କ କାଳରେ ଉଦିତ ହେବ ବୋଲି ହଦିସ୍‌ମାନଙ୍କରେ ବର୍ଣ୍ଣିତ ହୋଇଥିଲା । ଏହି ମହାଜାଗତିକ ଦୃଶ୍ୟକୁ ହଜାର ହଜାର ଲୋକମାନେ ସ୍ୱଚକ୍ଷୁରେ ଅବଲୋକନ କରିଥିଲେ । ଠିକ୍ ସେହିପରି ଜାଭା ଦ୍ୱୀପପୁଞ୍ଜରେ ଥିବା ଜ୍ୱାଳାମୁଖୀର ଅଗ୍ନୀ ମଧ୍ୟ ହଜାର ବର୍ଷ ପରେ ପୁନଃ ସକ୍ରିୟ ହେବାର ଦୃଶ୍ୟକୁ ହଜାର ହଜାର ଲୋକମାନେ ଅବଲୋକନ କରିଥିଲେ । ଠିକ୍ ସେହିପରି ପ୍ଲେଗ୍ ରୋଗ ମଧ୍ୟ ଚତୁର୍ଦିଗରେ ବ୍ୟାପୀ ଥିଲା ଏବଂ ଲୋକମାନଙ୍କୁ ହଜ୍ କରିବାରୁ ବାରଣ କରାଯିବା ମଧ୍ୟ ସମସ୍ତେ ସ୍ୱଚକ୍ଷୁରେ ଅବଲୋକନ କରିନେଲେ । ଦେଶରେ ରେଳପଥ ପ୍ରସ୍ତୁତ ହେବା ଏବଂ ଓଟ ପରିତ୍ୟକ୍ତ ହେବା ଆଦି ସମସ୍ତ ଘଟଣା ତଥା ନିଦର୍ଶନ ଆଁହଜରତ ସ.ଅଙ୍କ ଦ୍ୱାରା କରାଯାଇଥିବା ସେହି ଭବିଷ୍ୟତବାଣୀ ଥିଲା ଯେଉଁ ଭବିଷ୍ୟତବାଣୀଗୁଡ଼ିକୁ ସାହାବାମାନେ ଯେପରି ଭାବରେ ଅବଲୋକନ କିରଥିଲେ ଠିକ୍ ସେହିପରି ସାଂପ୍ରତିକ ଯୁଗରେ ମଧ୍ୟ ସେହିସବୁ ଚମତ୍କାର ଏବଂ ନିଦର୍ଶନ ଆଦି ପୂର୍ଣ୍ଣ ହେଉଥିବାର ଅବଲୋକିତ ହେଲା । ଅତଃ ଅଲ୍ଲାଃତାଲା ଏହି ଶେଷ ଯୁଗର ଗୋଷ୍ଠୀକୁ مِنْهُمْ ଶବ୍ଦରେ ସମ୍ବୋଧିତ କଲେ । କାରଣ ଏହା ଯେପରି ପ୍ରତିଭାତ ତଥା ସ୍ପଷ୍ଟ ହୋଇଯାଉ ଯେ ଚମତ୍କାରକୁ ଅବଲୋକନ ଓ ଔଚକ୍ୟ ନିରୀକ୍ଷଣ କରିବାରେ ଉକ୍ତ ଗୋଷ୍ଠୀଟି ମଧ୍ୟ ସାହାବାମାନଙ୍କ ପରି ଅଟେ । ଥରେ ଚିନ୍ତା କରି ଦେଖ ଯେ, ୧୩୦୦ ବର୍ଷରେ ଏହିଭଳି ଯୁଗ ଅବତାରତ୍ୱ ମାର୍ଗ ଅନୁଯାୟୀ କେଉଁ ବ୍ୟକ୍ତି ପ୍ରାପ୍ତ କରିଛି ?

ଅନେକ କାରଣରୁ ଆମର ଜମାଅତ୍‌କୁ ସାହାବାମାନଙ୍କସହିତ ସାମଞ୍ଜସ୍ୟତା ରହିଛି । ତାହା ଏହିପରି ଯେ, ଆମର ଜମାଅତ୍ ପ୍ରଭୁଙ୍କର ନିଦର୍ଶନଗୁଡ଼ିକୁ ସଦ୍ୟତମ ସମର୍ଥନ ମାଧ୍ୟମରେ ପୂର୍ଣ୍ଣ ବିଶ୍ୱାସ ବୋଲି ମନେକରେ ଯେପରି ସାହାବାମାନେ ମନେକରୁଥିଲେ । ଯେପରି ଆଁହଜରତ ସ.ଅଙ୍କ କାଳରେ ସାହାବାମାନେ ପ୍ରଭୁଙ୍କ ମାର୍ଗରେ ଲୋକମାନଙ୍କ ନିକଟରୁ ଗାଳିଗୁଲଚ, ପରିହାସ, ଅପମାନଜନକ ଭାଷା ଓ ସଂପର୍କୀୟଙ୍କ ସହିତ ସଂପର୍କ ଛିନ୍ନ କରିବା ଆଦି ଦାରୁଣ ଦୁଃଖ ଯନ୍ତ୍ରଣା ସହ୍ୟ କରୁଥିଲେ ଆମେମାନେ ମଧ୍ୟ ଠିକ୍ ସେହିପରି ଲୋକମାନଙ୍କ ଠାରୁ ଗାଳିଗୁଲଚ, ଉପହାସ, ଅପମାନଜନକ ଭାଷା ଓ ସଂପର୍କୀୟଙ୍କ ଠାରୁ ସଂପର୍କ ଛିନ୍ନ ହେବା ଆଦି ଦାରୁଣ ଦୁଃଖ ଯନ୍ତ୍ରଣା ସହ୍ୟ କରୁଛେ । ଯେପରି ସାହାବାମାନେ ପ୍ରଭୁଙ୍କର ଆକାଶୀୟ ନିଦର୍ଶନ ଏବଂ ଆକାଶୀୟ ସାହାଯ୍ୟ ଓ ସହାନୁଭୂତି ମାଧ୍ୟମରେ ପବିତ୍ର ଜୀବନ ପ୍ରାପ୍ତ କିରଥିଲେ ଠିକ୍ ସେହିପରି ଆମେମାନେ ମଧ୍ୟ ପ୍ରଭୁଙ୍କର ସେହି ଆକାଶୀୟ ନିଦର୍ଶନ, ସାହାଯ୍ୟ, ସାହାନୁଭୂତି ଓ କୃପାକୁ ପ୍ରାପ୍ତ କରୁଅଛୁ । ଯେପରି ସାହାବାମାନେ ନମାଜ୍ ଓ ସିଜ୍‌ଦାରେ କାନ୍ଦି କାନ୍ଦି ନିଜର ସିଜ୍‌ଦା ସ୍ଥଳୀକୁ ଲୁହରେ ଭିଜାଇ ଦେଉଥିଲେ ଠିକ୍ ସେହିପରି ଆମମାନଙ୍କ ମଧ୍ୟରୁ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ନମାଜ୍‌ରେ ଓ ସିଜ୍‌ଦା ସ୍ଥଳୀରେ ଅଶ୍ରୁ ଝରାନ୍ତି ଏବଂ ନିଜର ଲୁହ ଦ୍ୱାରା ସିଜ୍‌ଦା ସ୍ଥଳୀକୁ ଭିଜାଇ ଦିଅନ୍ତି । ସାହାବାମାନଙ୍କ ମଧ୍ୟରୁ ଏପରି ଅନେକ ବ୍ୟକ୍ତି ରହିଥିଲେ ଯେଉଁମାନେ ଐଶୀବାଣୀ ଦ୍ୱାରା ସମ୍ମାନିତ ହୋଇଥିଲେ । ଠିକ୍ ସେହିପରି ଆମମାନଙ୍କ ମଧ୍ୟରୁ ଅନେକ ଏପରି ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କ ଉପରେ ଐଶୀବାଣୀ ଅବତୀର୍ଣ୍ଣ ହୋଇଥାଏ ଏବଂ ସେମାନେ ଏହି ପୁରସ୍କାର ଦ୍ୱାରା ସମ୍ମାନିତ ହୋଇଛନ୍ତି । ଯେପରି ଜମାଅତ୍ ଅହେମଦିୟା ସାହାବାମାନଙ୍କ ସହିତ ସାମଞ୍ଜସ୍ୟତା ରଖିଥାଏ ଠିକ୍ ସେହିପରି ସେହି ବ୍ୟକ୍ତି ଯେକି ଉକ୍ତ ଜମାଅତ୍‌ର ଧର୍ମାଧ୍ୟକ୍ଷ ସେ ମଧ୍ୟ ଆଁହଜରତ ସ.ଅଙ୍କ ସହିତ ସାମଞ୍ଜସ୍ୟତା ରଖନ୍ତି । ଯେପରିକି ଆଁହଜରତ ସ.ଅ ସ୍ୱୟଂ ପ୍ରତିଶ୍ରୁତ ମେହ୍‌ଦୀର ବିଶେଷତା ସଂପର୍କରେ ଏହା ବର୍ଣ୍ଣନା କରିଥିଲେ ଯେ, ସେ ଆଁହଜରତ ସ.ଅଙ୍କ ସହିତ ସାମଞ୍ଜସ୍ୟତା ରଖିବ । ଅର୍ଥାତ୍ ପ୍ରତିଶ୍ରୁତ ମସିହ୍‌ଙ୍କ ଅସ୍ତିତ୍ୱରେ ଆଁହଜରତ ସ.ଅଙ୍କ ସହିତ ଦୁଇଟି ସାମଞ୍ଜସ୍ୟତା ଦୃଶ୍ୟମାନ ହେବ ଯଥା- ୧-ଆଁହଜରତ ସ.ଅଙ୍କ ସହିତ ସାଦୃଶ୍ୟତା ଏବଂ ସାମଞ୍ଜସ୍ୟତା ହେତୁ ସେ ମସିହ୍ ମଉଦ୍ ରୂପେ ଆଖ୍ୟାୟିତ ହେବ । ୨- ଆଁହଜରତ ସ.ଅଙ୍କ ସହିତ ସାମଞ୍ଜସ୍ୟତା ହେତୁ ସେ ମେହ୍‌ଦୀ (ମାର୍ଗଦର୍ଶକ ବ୍ୟକ୍ତି) ରୂପେ ବିବେଚିତ ହେବ ।

ହ. ମସିହ୍ ମଉଦ୍ ଅ.ସ ନିଜର ଦାବି ସଂପର୍କରେ କୁହନ୍ତି, ଅଲ୍ଲାଃତାଲା ଯେତେବେଳେ ସାଂପ୍ରତିକ ଯୁଗର ଶୋଚନୀୟ ଅବସ୍ଥା ଓ ସଂସାରରେ ପରିବ୍ୟାପ୍ତ ନାନା ପ୍ରକାରର ପାପର ଅଭିବୃଦ୍ଧି ଓ ଅବଜ୍ଞାର ପରିବେଶ ସରଗରମ ଥିବାର ଅବଲୋକନ କରି ମୋତେ ସତ୍ୟର ପ୍ରଚାର ତଥା ଧର୍ମର ପୁନରୁତ୍ଥାନ ନିମନ୍ତେ ପ୍ରେରଣ କଲେ । ଏହି ଯୁଗଟି ଏହିପରି ଥିଲା ଯେ, ଲୋକମାନେ ତ୍ରୟୋଦଶ ଶତାବ୍ଦୀକୁ ବିଦାୟ ଜଣାଇ ଚତୁର୍ଦ୍ଦଶ ଶତାବ୍ଦୀର ଶୀର୍ଷରେ ପହଞ୍ଚି ଯାଇଥିଲେ । ଠିକ୍ ସେତିକିବେଳେ ମୁଁ (ଏହି ଅଧମ) ଉକ୍ତ ନିର୍ଦ୍ଦେଶର ଆଜ୍ଞାପାଳନପୂର୍ବକ ସାଧାରଣ ଲୋକମାନଙ୍କ ମଧ୍ୟରେ ନିଜର ଲେଖନୀ, ବିଜ୍ଞପ୍ତି ଓ ଭାଷଣ ମାଧ୍ୟରେ ଏହି ଡାକ ଦେବା ଆରମ୍ଭ କଲି ଯେ, ଉକ୍ତ ଶତାବ୍ଦୀର ଶୀର୍ଷରେ ଧର୍ମର ଯେଉଁ ପୁନରୁଦ୍ଧାରକାରୀ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 07-21 MARCH 2024 Issue No -10-12

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଆବିର୍ଭୂତ ହେବାର ଥିଲା ସେହି ଆଗମନକାରୀ ସୁଧାରକ ହେଉଛି ମୁଁ । ତେଣୁ ଧରାପୃଷ୍ଠରୁ ଯେଉଁ ବିଶ୍ୱାସ ନିଶ୍ଚିହ୍ନ ହୋଇଯାଇଛି ମୁଁ ତାହାକୁ ପୁନଃ ସ୍ଥାପନ କରିଦେବି ।

ଯଦି କୌଣସି ବ୍ୟକ୍ତି ଏହି ପ୍ରଶ୍ନ କରେ ଯେ, ଏକଥାର କ'ଣ ପ୍ରମାଣ ରହିଛି ଯେ, ଆଗମନକାରୀ ମସିହ୍ ହେଉଛନ୍ତି ଆପଣ ? ତତ୍‌ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି, ଉକ୍ତ ପ୍ରଶ୍ନର ଉତ୍ତର ଏହକି ଯେ, ଯେଉଁ ଯୁଗ, ଯେଉଁ ଦେଶ ତଥା ଯେଉଁ ନଗରରେ ମସିହ୍ ମଉଦ୍ ଆବିର୍ଭୂତ ହେବାର ପବିତ୍ର କୁରଆନ ଶରୀଫ୍ ଏବଂ ଆହଦିସ୍‌ରୁ ପ୍ରମାଣିତ ହୁଏ ଏବଂ ଯେଉଁ ବିଶିଷ୍ଟ ବିଶେଷତାକୁ ମସିହ୍‌ଙ୍କ ଅସ୍ତିତ୍ୱର ଅଭିପ୍ରାୟ ବୋଲି ବିବେଚନା କରାଯାଇଛି, ଯେଉଁ ଭୂପୃଷ୍ଠୀୟ ଓ ଆକାଶୀୟ ଘଟଣାବଳୀକୁ ତଥା ମହାଜାଗତିକ ନିଦର୍ଶନକୁ ମସିହ୍ ମଉଦଙ୍କ ଆବିର୍ଭୂତ ହେବାର ଚିହ୍ନ ଏବଂ ପ୍ରତୀକ ବୋଲି ଦର୍ଶାଯାଇଛି, ଯେଉଁ ଜ୍ଞାନ ଓ ବ୍ରହ୍ମଜ୍ଞାନକୁ ମସିହ୍ ମଉଦ୍‌ଙ୍କ ବିଶେଷତା ରୂପେ ଦର୍ଶାଯାଇଛି ସେହି ସମସ୍ତ ପ୍ରସଙ୍ଗ ଓ ଲକ୍ଷଣ ଅଲ୍ଲାଃତାଲା ମୋ ଠାରେ, ମୋ କାଳରେ ଓ ମୋ ପ୍ରଦେଶରେ ଏକତ୍ରିତ କରିଦେଇଛନ୍ତି । ହ. ମସିହ୍ ମଉଦ୍ ଅ.ସ ନିଜ ସଂପ୍ରଦାୟର ଉନ୍ନତି ସଂକ୍ରାନ୍ତରେ କୁହନ୍ତି, ଆଜି ଠାରୁ ୩୦ ବର୍ଷ ପୂର୍ବେ "**ବରାହିନେ ଅହେମଦିୟା**"ରେ ଏହି ଐଶୀବାଣୀ ଉଲ୍ଲେଖ ରହିଛି ଯେ, ଲୋକମାନେ ଉକ୍ତ ସଂପ୍ରଦାୟକୁ ନିଶ୍ଚିହ୍ନ କରିଦେବା ସକାଶେ ଆପ୍ରାଣ ଉଦ୍ୟମ କରିବେ ଏବଂ ପ୍ରତ୍ୟେକ ଯୋଜନାକୁ କାର୍ଯ୍ୟକାରୀ କରିବେ ଓ ସକଳ ସାମର୍ଥ୍ୟକୁ ବିନିଯୋଗ କରିବେ । କିନ୍ତୁ ପ୍ରଭୁ ଉକ୍ତ ସଂପ୍ରଦାୟର ସର୍ବଦା ସମର୍ଥନ କରିବେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଜି ମଧ୍ୟ ଉକ୍ତ ସଂପ୍ରଦାୟଟି ନିରବଚ୍ଛିନ୍ନ ଭାବରେ ଜାରି ରହିଛି । ହ. ମସିହ୍ ମଉଦ୍ ଅ.ସ "**ବରାହିନେ ଅହେମଦିୟା**"ରେ କହିଥିଲେ, ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଝରଣା ତୁମ୍ଭ ତୁଣ୍ଡରୁ ହିଁ କ୍ଷରିତ କରିଦିଆଗଲା । ଉକ୍ତ ନିଦର୍ଶନର ପ୍ରମାଣ ଆପଣ ଅ.ସଙ୍କ ଦ୍ୱାରା ଲିଖିତ ପୁସ୍ତକ ଅଟେ । ଆପଣ ଅ.ସ ଉଚ୍ଚ ଲଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଶୈଳୀ ଆରବୀ ଭାଷାରେ ଅନେକ ପୁସ୍ତକମାନ ରଚନା କଲେ ଏବଂ ତାହାକୁ ପ୍ରକାଶିତ କରିବା ସଙ୍ଗେସଙ୍ଗେ ହଜାର ହଜାର ଟଙ୍କା ପୁରସ୍କାର ରାଶିର ଘୋଷଣା କରି ସେହି ପୁସ୍ତକ ସମ୍ବନ୍ଧରେ ବିଜ୍ଞପ୍ତି ମଧ୍ୟ ପ୍ରକାଶିତ କଲେ । କିନ୍ତୁ କୌଣସି ପ୍ରତିଦ୍ୱନ୍ଦ୍ୱୀ ଆପଣ ଅ.ସଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱୀତା କରିବାକୁ ଆସିଲା ନାହିଁ ।

ଦୁଆ ଗ୍ରହଣୀୟ ହେବାର ନିଦର୍ଶନ ପ୍ରସଙ୍ଗରେ ହ. ମସିହ୍ ମଉଦ୍ ଅ.ସ ଦକ୍ଷିଣ ଭାରତର ହାଇଦ୍ରାବାଦ ପ୍ରଦେଶର ଅବ୍‌ଦୁର୍ ରହେମାନ ସାହେବଙ୍କ ସୁପୁତ୍ର ଅବ୍‌ଦୁଲ୍ କରୀମ୍ ନାମକ ଜଣେ ବିଦ୍ୟାର୍ଥୀର ଉଦାହରଣ ଦେଇ କହିଲେ, ଅବ୍‌ଦୁଲ୍ କରୀମ୍ ନାମକ ଜଣେ ଛାତ୍ର କାଦିୟାନ୍‌କୁ ଶିକ୍ଷା ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ଆସିଥିଲେ ଏବଂ ତାଙ୍କୁ ଏକ ପାଗଳ କୁକୁର କାମୁଡ଼ି ଦେଇଥିଲା । ଯଥା ସମ୍ଭବ ଚିକିତ୍ସା ଓ ଉପଚାର କରିବା ସତ୍ତ୍ୱେ ଯେତେବେଳେ ଚିକିତ୍ସକମାନେ ବିଫଳ ଏବଂ ନିରାଶ ହୋଇ କହିଲେ ଯେ, ଅବ୍‌ଦୁଲ୍ କରୀମ୍ ଆଉ ଅଧିକ ଦିନ ବିଞ୍ଚିବେ ନାହିଁ ସେତେବେଳେ ଆପଣ ଅ.ସ ଅଲ୍ଲାଃତାଲାଙ୍କ ନିକଟରେ ଅତ୍ୟନ୍ତ ଆକୁଳ ନିବେଦନମୂଳକ ପ୍ରାର୍ଥନା କଲେ। ଇତ୍ୟବସରରେ ଆପଣ ଅ.ସଙ୍କର ଦୁଆ ସ୍ୱୀକୃତ ମଧ୍ୟ ହେଲା । ସୁତରାଂ କିଛି ସମୟ ମଧ୍ୟରେ ହିଁ ଉକ୍ତ ଛାତ୍ରଟିର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଦେଖା ଦେବାକୁ ଆରମ୍ଭ ହୋଇଗଲା ଏବଂ କିଛି ଦିନ ମଧ୍ୟରେ ଉକ୍ତ ଛାତ୍ର ଜଣକ ସଂପୂର୍ଣ୍ଣ ରୂପେ ସୁସ୍ଥ ହୋଇଗଲା ।

ହୁଜୁର ଅନୱର୍ ଅ.ବ ଅଲ୍ଲାଃତାଲାଙ୍କର ସମର୍ଥନମୂଳକ ନିଦର୍ଶନର ଚର୍ଚ୍ଚା କରି ଡ. ଆଲେକ୍‌ଜାଣ୍ଡାର ଡୋଇ, ଗୁଲାମ୍ ଦସ୍ତଗିର୍ କୁସୁରି, ଚିରାଗ୍ ଦିନ ଜମ୍ମୁନୀ ଆଦିଙ୍କର ଉଦାହରଣ ମଧ୍ୟ ଉପସ୍ଥାପିତ କଲେ । ହୁଜୁର ଅନୱର୍ ଅ.ବ କହିଲେ, ଆଜି ମୁସଲମାନମାନେ ଯଦି ଉକ୍ତ ବାସ୍ତବତାକୁ ହୃଦୟଙ୍ଗମ କରି ନିଅନ୍ତେ ଯେ, ଆଗମନକାରୀ ଯେଉଁ ମସିହ୍ ଓ ମେହ୍‌ଦୀ ଥିଲା ସେ ବର୍ତ୍ତମାନ ଆସି ଯାଇଛନ୍ତି ଏବଂ ପ୍ରକୃତ ପକ୍ଷେ ସେ ହିଁ ଆଁହଜରତ ସ.ଅଙ୍କ ପ୍ରକୃତ ଦାସ ଅଟନ୍ତି । ତାହାଙ୍କର ବୈଅତ୍ କରିବା ଆଁହଜରତ ସ.ଅଙ୍କ ଆଦେଶକୁ ପାଳନ କରିବା ପରି ଅଟେ । ଏପରି କରିବା ଫଳରେ ମୁସଲମାନମାନେ ସଂସାରରେ ନିଜର ଶ୍ରେଷ୍ଠତାକୁ ପୁନଃ ସ୍ଥାପିତ କରିନେବେ । ଅନ୍ୟଥା ମୁସଲମାନମାନଙ୍କର ଏହିଭଳି ଦୟନୀୟ ଓ ଶୋଚନୀୟ ଅବସ୍ଥା ରହିବ ।

ହୁଜୁର ଅନୱର୍ ଅ.ବ କହିଲେ, ରମ୍‌ଜାନ୍ ମାସରେ ଅହେମଦିମାନେ ଯେଉଁଠି ନିଜ ନିମନ୍ତେ ପ୍ରାର୍ଥନା କରନ୍ତୁ, ଜମାଅତ୍ ବିରୁଦ୍ଧରେ ଦେଖା ଦେଉଥିବା ପ୍ରତ୍ୟେକ ପ୍ରକାରର ଉପଦ୍ରବ ଠାରୁ ସୁରକ୍ଷିତ ରହିବା ପାଇଁ ମଧ୍ୟ ପ୍ରାର୍ଥନା କରନ୍ତୁ, ସେଠାରେ ଅହେମଦିମାନଙ୍କୁ ସମଗ୍ର ମୁସଲମାନ ସଂପ୍ରଦାୟ ସକାଶେ ମଧ୍ୟ ପ୍ରାର୍ଥନା କରିବା ଉଚିତ । ଅଲ୍ଲାଃତାଲା ସେମାନଙ୍କର ଆଖି ଫିଟାଇ ଦିଅନ୍ତୁ ଏବଂ ସେମାନଙ୍କୁ ଅନ୍ଧକାରରୁ ମୁକ୍ତି ପ୍ରଦାନ କରନ୍ତୁ । ସେମାନେ ଏହି କଥାକୁ ବୁଝି ନିଅନ୍ତୁ ଯେ, ଅବତାରତ୍ୱର ପରିସମାପ୍ତିକୁ ପ୍ରକୃତ ରୂପେ ଯଦି କୌଣସି ବ୍ୟକ୍ତି ବୁଝିଛନ୍ତି ତେବେ ସେହି ଯୁଗପୁରୁଷ ହେଉଛନ୍ତି ହ. ମିର୍ଜା ଗୁଲାମ୍ ଅହେମଦ କାଦିୟାନୀ ଅ.ସ ମସିହ୍ ମଉଦ୍ ଓ ମେହଦୀ ମାହୁଦ୍ ଅ.ସ ଏବଂ ଆପଣ ଅ.ସଙ୍କ ଜମାଅତ୍ ହିଁ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପାକିସ୍ତାନର ଅହେମଦିମାନଙ୍କୁ ବିଶେଷ ରୂପେ ନିଜ ଦେଶ ପାଇଁ ଦୁଆ କରିବା ଉଚିତ ଏବଂ ଜମାଆତ୍‌ର ସଦସ୍ୟବୃନ୍ଦଙ୍କୁ ପାକିସ୍ତାନର ଅହେମଦିମାନଙ୍କ ପାଇଁ ବିଶେଷ ରୂପେ ଦୁଆ କରିବା ଉଚିତ । ଅଲ୍ଲାଃତାଲା ଉପଦ୍ରବକାରୀ ଓ ମନ୍ଦ ଉଦ୍ଦେଶ୍ୟକାରୀ, ସ୍ୱାର୍ଥପର ରାଜନେତା ଓ ମୌଲବୀମାନଙ୍କ ଠାରୁ ଦେଶକୁ ସୁରକ୍ଷିତ ରଖନ୍ତୁ । ସେହିପରି ସେଠିକାର ଅନ୍ୟ ମୁସଲମାନମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ । ବୁର୍କିନାଫାସୋର ଅହେମିଦମାନଙ୍କ ପାଇଁ ମଧ୍ୟ ପ୍ରାର୍ଥନା କରନ୍ତୁ । ସେହିପରି ବାଂଲାଦେଶର ଅହେମଦିମାନଙ୍କ ପାଇଁ ମଧ୍ୟ ବିଶେଷ ରୂପେ ପ୍ରାର୍ଥନା କରନ୍ତୁ । ସେଠାରେ ମଧ୍ୟ ପ୍ରତ୍ୟେକ ଶୁକ୍ରବାର ଦିନ ବିପଦର ଆଶଙ୍କା ଘନୀଭୂତ ହେଉଅଛି । ଅଲ୍ଲାଃତାଲା ସେମାନଙ୍କୁ ପ୍ରତ୍ୟେକ ବିପଦ୍ ଓ ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ । ପୃଥିବୀ ବ୍ୟାପୀ ସମଗ୍ର ଅହେମଦିମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦିକୁ ସମସ୍ତ ପ୍ରକାରର ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ । ପ୍ରତ୍ୟେକ ଅହେମଦିକୁ ଅବିଚଳତା ପ୍ରଦାନ କରି ବିଶ୍ୱାସରେ ଅଭିବୃଦ୍ଧି କରନ୍ତୁ ।

ସମଗ୍ର ପୃଥିବୀ ଆଜି ବିନାଶର ମୁହାଣରେ ଛିଡ଼ା ହୋଇଛି । ତେଣୁ ପୃଥିବୀକୁ ଧ୍ୱଂସ ମୁହାଣରୁ ରକ୍ଷା ପାଇବା ପାଇଁ ମଧ୍ୟ ଦୁଆ କରନ୍ତୁ । ପୃଥିବୀବାସୀ ପ୍ରତ୍ୟକ୍ଷ ଯୁଦ୍ଧ ଆଡ଼କୁ ଗତିଶୀଳ । ବିନାଶ ଏଇଥି ପାଇଁ ଆସିଥାଏ ଯେ, ମନୁଷ୍ୟ ଚାରିତ୍ରିକ ମନ୍ଦତା, ଚାରିତ୍ରିକ ସ୍ଖଳନର ଚରମ ସୀମାରେ ପହଞ୍ଚି ଯାଇଛି ଏବଂ ଏହି ଲୋକମାନେ ଯେଉଁଭଳି ଭାବରେ ପ୍ରଭୁଙ୍କ ଠାରୁ ଦୂରେଇ ଯାଉଛନ୍ତି ସେମାନେ ଅଲ୍ଲାଃତାଲାଙ୍କର କ୍ରୋଧକୁ ଆହୁରି ଅଭିବୃଦ୍ଧିକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇ ନଯାଆନ୍ତୁ । ଫଳତଃ ପ୍ରଭୁଙ୍କ କୋପ ଏବଂ ତାହାଙ୍କ ଶାସ୍ତି ସେମାନଙ୍କ ଉପରେ ଅବତୀର୍ଣ୍ଣ ନହୋଇ ଯାଉ। ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦିକୁ ଉକ୍ତ ମନ୍ଦ ପରିଣତି ଠାରୁ ସୁରକ୍ଷିତ ରଖନ୍ତୁ । ଅହେମଦିମାନଙ୍କୁ ନିଜର କର୍ତ୍ତବ୍ୟ ଓ ଅଧିକାର ସମ୍ପାଦନ କରିବାକୁ ଅଲ୍ଲାଃତାଲା ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ପ୍ରତ୍ୟେକ ପ୍ରକାରର ବିପତ୍ତି ଠାରୁ ସୁରକ୍ଷିତ ରହି ନିଜକୁ ଓ ଅନ୍ୟ ବ୍ୟକ୍ତିଙ୍କୁ ମଧ୍ୟ ନିଜର ଆଶ୍ରୟକୁ ନେଇ ଆସନ୍ତୁ । ଆମିନ୍ । ଖୁତ୍‌ବା ଶେଷରେ ହୁଜୁର ଅନୱର୍ ଅ.ବ ଅଲ୍ ଫଜଲ୍ ଇଣ୍ଟର୍‌ନ୍ୟାସ୍‌ନଲ୍‌ର ଦୈନିକ ପ୍ରକାଶିତ ହେବାର ଘୋଷଣା କଲେ । ସେହିପରି ଉକ୍ତ ପତ୍ରିକାକୁ ପଢିବା ଏବଂ କ୍ରୟ କରିବା ପ୍ରତି ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଆହ୍ୱାନ ଜଣାଇ ଅଲ୍‌ଫଜଲ୍‌ରେ ନିଜର ପ୍ରବନ୍ଧ ଓ ଆଲେଖ୍ୟ ଲେଖୁଥିବା ପ୍ରାବନ୍ଧିକମାନଙ୍କ ନିମନ୍ତେ ପ୍ରାର୍ଥନାମୂଳକ ଆଶୀର୍ବଚନ ମାଧ୍ୟମରେ ସେମାନଙ୍କୁ ହୁଜୁର ଅନୱର ଅ.ବ ପୁରସ୍କୃତ କଲେ ।

କୌଣସି ଦୋଷ ଦୁର୍ବଳତା ନାହିଁ ଯାହାକି ମୋ ଠାରେ ବିଦ୍ୟାମନ ନାହିଁ । କିନ୍ତୁ ଏହି ସମସ୍ତ କଥା ବ୍ୟତୀତ ସମସ୍ତ ସଂସାରର ଦୋଷ ଦୁର୍ବଳତା ମୋ ଠାରେ ବିଦ୍ୟମାନ ରହିଛି ଏବଂ ପ୍ରତ୍ୟେକ ପ୍ରକାରର ଅନ୍ୟାୟ, ଅତ୍ୟାଚାର ମୋ ଆତ୍ମାରେ ଭର୍ତ୍ତି ହୋଇ ରହିଛି ଓ ଅନେକ ଲୋକମାନଙ୍କର ଧନକୁ ମୁଁ ଅନ୍ୟାୟ ଓ ଅନୀତି ଉପାୟର ହଡ଼ପ କରିନେଇଛି । ଅନେକ ଲୋକମାନଙ୍କୁ (ଯେଉଁମାନେ ଦେବସୁଲଭ ପବିତ୍ର ଥିଲେ) ମୁଁ ଗାଳିଗୁଲଚ କରିଛି, ପବିତ୍ରବାନ୍ ବ୍ୟକ୍ତିମାନଙ୍କୁ ମୁଁ ଗାଳି ଦେଇଛି, ପ୍ରତ୍ୟେକ ପ୍ରକାରର କୁକର୍ମ ତଥା ଠକାମୀରେ ମୁଁ ସର୍ବାଧିକ ଭାବରେ ଲିପ୍ତ ତେବେ ପୁନଶ୍ଚ ତହିଁରେ କେଉଁ ଭେଦ ରହିଛି ଯେ, ପାପ ଓ ପାପୀ, ସନ୍ତକ ହନନକାରୀ ଓ ମିଥ୍ୟାବାଦୀ ତ' ମୁଁ ଥିଲି ହିଁ କିନ୍ତୁ ମୋ ବିପକ୍ଷରେ ପ୍ରତ୍ୟେକ ଦେବଦୂତ ସୁଲଭ ବ୍ୟକ୍ତିର ଜୀବନୀ ଯେତେବେଳେ ସାମ୍ନାକୁ ଆସିଲା ସେତେବେଳେ ସେହି ପୁଣ୍ୟବାନ୍ ସଦାଚାରୀ ବ୍ୟକ୍ତିମାନେ ହିଁ ମୃତ୍ୟୁବରଣ କଲେ। ଯେଉଁମାନେ ମୋ ସହିତ ମୁବାହିଲା କଲେ ସେ ମୃତ୍ୟୁବରଣ କଲେ ଏବଂ ସର୍ବସ୍ୱାନ୍ତ ହେଲେ । ଯିଏ ମୋ ଉପରେ ଅଭିଶାପ ପକାଇଲା ତା'ରି ଅଭିଶାପ ତା' ଉପରେ ହିଁ ପଡ଼ିଲା । ଯେଉଁ ବ୍ୟକ୍ତି ମୋ ବିପକ୍ଷରେ ନ୍ୟାୟାଳରେ କୌଣସି ମକଦ୍ଦମା ଦାଏର୍ କଲା ସେ ହିଁ ପରାଜିତ ହେଲା। ମୁଁ ତ' ସବୁ କ୍ଷେତ୍ରରେ ଦାୟି ଓ ଦୋଷୀ, ମୋ ଠାରେ ସମସ୍ତ ଦୁର୍ଗୁଣ ରହିଛି । କିନ୍ତୁ ମୋ ବିପକ୍ଷରେ ଯିଏବି ଆସିଲା ଅଲ୍ଲାଃତାଲା ତାକୁ ସମାପ୍ତ କରିଦେଲେ ଏବଂ ମୋତେ ବିଜୟ ବିମଣ୍ଡିତ କଲେ । ମୋ ଉପରେ ଏହି ଆରୋପଗୁଡ଼ିକ ଲାଗିଲା ତାହା କେଡ଼େ ବିଚିତ୍ର ଓ ଅଦ୍ଭୁତ ପ୍ରକାରର ?

ହ. ମସିହ୍ ମଉଦ୍ ଅ.ସ ଉକ୍ତ ପୁସ୍ତକରେ ଅନେକ ଉଦାହରଣ ଉପସ୍ଥାପିତ କରିଛନ୍ତି । ଯଦି କୌଣସି ବ୍ୟକ୍ତି ଏହାକୁ ପାଠ କରେ ତେବେ ତାହାକୁ ଅସଂଖ୍ୟ ପ୍ରସଙ୍ଗ ବା କଥା ଦେଖାଯିବ ।

☆ ☆ ☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan